R.N.I. REGN. No. 65000/96 POSTAL REGN. No. OR/BN-32/12-14

ଉନତ୍ରିଂଶ ବର୍ଷ
ସଂଖ୍ୟା : ୨୬୧
ତିଥି : ତୃତୀୟା
୨୮ ଜୁନ୍ ୨୦୨୫, ଶନିବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA


# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 261
28 June 2025, Saturday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

# ବଡଦାଣ୍ଡରେ ଅଟକିଲା ତିନି ରଥ





ପୁରୀ, ୨୭।୬ (ସବ୍ୟୁ) : ମହାପ୍ରଭୁଙ୍କର ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ଆଜି ଅନୁଷ୍ଠିତ ହୋଇଛି । ତେବେ ଆଜି କୌଣସି ରଥ ଶରଧାବାଲିରେ ପହଞ୍ଚି ପାରିନାହିଁ । ବଡଦାଣ୍ଡରେ ପ୍ରାୟ ୩ ରଥ ରହିଛନ୍ତି । କର୍ଡନ ଭିତରେ ଅସଂଖ୍ୟ ଭକ୍ତଙ୍କ ଭିଡ଼ ଯୋଗୁଁ ରଥ ଟଣାରେ ଅହେତୁକ ବିଳମ୍ବ ଓ ବିଭ୍ରାଟ ଦେଖିବାକୁ ମିଳିଛି । ରାତ୍ର ୭ ଟା ୪୫ ମିନିଟରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନନ୍ଦିଘୋଷ ରଥ ଟଣା ହୋଇ ଥିଲା । ପରମ୍ପରା ଅନୁଯାୟୀ ମାତ୍ର କିଛିବାଟ ନନ୍ଦିଘୋଷଣ ଟଣା ହୋଇ ବନ୍ଦ ରହିଛି । ଆସନ୍ତାକାଲି ସକାଳ ୯.୩୦ରେ ପୁଣି ରଥଟଣା ଆରମ୍ଭ ହେବବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି । ଚଳିତ ରଥଯାତ୍ରାରେ ମଧ୍ୟ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଛି ।

ସୂର୍ଯ୍ୟାସ୍ତ ପରେ ରଥ ଟଣା ହୁଏ ନାହିଁ । ଯାହା ପରମ୍ପରା ଓ ଶାସ୍ତ୍ର ବିରୋଧ ଅଟେ । କିନ୍ତୁ ଚଳିତବର୍ଷ ରଥ ଟଣା ରାତ୍ରିରେ ହୋଇଛି । ଯାହା ଶାସ୍ତ୍ର ବିରୋଧୀ ଅଟେ । ସେହିପରି ନୀତି କାନ୍ତିରେ ଆଜି ବିଳମ୍ବ ହୋଇଛି । ଯାହାକୁ ନେଇ ଭକ୍ତଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଯାହା ଜିଲ୍ଲା ପ୍ରଶାସନ, ଶ୍ରୀମନ୍ଦିର ପ୍ରଶାସନ ବିଫଳତା ଓ ଅପାରଗତାକୁ ପଦାରେ ପକାଇଛି । ପ୍ରଶାସନ ଅଧିକାରୀ ଓ ସେବାୟତଙ୍କ ସମନ୍ୱୟ ଅଭାରୁ ଆଜି ରଥ ଯାତ୍ରା ବିଭ୍ରାଟ ହୋଇଛି ।

ପବିତ୍ର ଆଷାଢ଼ ମାସ ଶୁକ୍ଳ ପକ୍ଷ ଦ୍ୱିତୀୟା ତିଥିରେ ଶ୍ରୀକ୍ଷେତ୍ରରେ ଆଜି ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ବିଶ୍ୱ ପ୍ରସିଦ୍ଧ ରଥ ଯାତ୍ରା ଅନୁଷ୍ଠିତ ହୋଇଛି । ମହାନ ଆନନ୍ଦ, ଉଲ୍ଲାସ ଉଦ୍ଦୀପନା, ଆଧ୍ୟାତ୍ମିକ ଓ ଭକ୍ତିମୟ ପରିବେଶ ମଧ୍ୟରେ ଶ୍ରୀକ୍ଷେତ୍ରରେ ଆଜି ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଶ୍ରୀ ଗୁଣ୍ଡିଚା ଯାତ୍ରା ଅନୁଷ୍ଠିତ ହୋଇଛି । ମହାପ୍ରଭୁ ଜଗନ୍ନାଥ ବଡ ଭାଇ ବଳଭଦ୍ର, ସାନ ଭଉଣୀ ଦେବୀ ସୁଭଦ୍ରାଙ୍କୁ ଧରି ତିନି ରଥରେ ଗୁଣ୍ଡିଚା ମନ୍ଦିର ଅଭିମୁଖେ ନବଦିନାତ୍ମକ ଶ୍ରୀ ଗୁଣ୍ଡିଚା ଯାତ୍ରା କରିଛନ୍ତି । ତେବେ ଅପରାହ୍ନ ୪ ଟା ୧୦ ମିନିଟରେ ରଥ ଟଣା ଆରମ୍ଭ ହୋଇ ଥିଲେ ମଧ୍ୟ କୌଣସି ଗୋଟିଏ ରଥ ସଂଧ୍ୟା ସୁଦ୍ଧା ଗୁଣ୍ଡିଚା ମନ୍ଦିର ନିକଟରେ ଲାଗି ପାରି ନ ଥିବା ଜଣା ପଡ଼ିଛି । ସିଂହ ଦ୍ୱାର ଠାରୁ ବଳଗଣ୍ଡି ଛକ ନିକଟରେ ତିନି ରଥ ଅଟକି ରହି ଥିବା ଜଣା ପଡ଼ିଛି । ବାଡ ଠାକୁର ବଳଭଦ୍ରଙ୍କ ତାଳଧ୍ୱଜ ରଥ ବଳଗଣ୍ଡି ଛକ ନିକଟରେ ଅଟକି ଥିବା ବେଳେ ମା ଦେବୀ ସୁଭଦ୍ରାଙ୍କ ଦର୍ପ ଦଳନ ରଥ ମାର୍କେଟ ଛକ ନିକଟରେ ଅଟକି ରହିଛି । ସେହିପରି ( ୯ ପୃଷ୍ଠାରେ)

- ଶରଧାବାଲିରେ ପହଞ୍ଚି ପାରିଲାନି ୩ ରଥ
- ଆଜି ସକାଳ ୯.୩୦ରେ ପୁଣି ରଥ ଟଣା
- ରଥଯାତ୍ରାରେ ଲକ୍ଷାଧିକ ଭକ୍ତଙ୍କ ସମାଗମ
- ବଳଗଣ୍ଡି ଛକରେ ତାଳଧ୍ୱଜ
- ମାର୍କେଟ ଛକ ନିକଟରେ ଦର୍ପଦଳନ
- ବଗୋଡ଼ିଆ ଧର୍ମଶାଳା ନିକଟରେ ନନ୍ଦିଘୋଷ
- ରାତ୍ରୀ ୭.୪୫ରେ ଜଗନ୍ନାଥଙ୍କ ରଥଟଣା
- ସନ୍ଧ୍ୟା ୬.୧୦ରେ ଦର୍ପଦଳନ ରଥଟଣା ଆରମ୍ଭ
- କର୍ଡନ ଭିତରେ ଅଧିକ ଲୋକ ନେଇ ଉଠିଲା ପ୍ରଶ୍ନ

## ୩୦ରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି

ଭୁବନେଶ୍ୱର, ୨୭।୬ (ସବ୍ୟୁ) : ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଗାମୀ ଜୁନ୍ ୩୦ ତାରିଖ, ସୋମବାର ଦିନ ସକାଳ ୧୦.୩୦ ଘଟିକାରୁ ୟୁନିଟ-୨, ଅଶୋକ ନଗର, ଭୁବନେଶ୍ୱରସ୍ଥିତ ପୂର୍ବତନ ସରକାରୀ ପ୍ରାଥମିକ ବିଦ୍ୟାଳୟ (କ୍ୟାପିଟାଲ ନର୍ସରୀ ନିକଟସ୍ଥ) ଠାରେ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିବେ । ଏହି ଅଭିଯୋଗ ଶୁଣାଣି ପାଇଁ ଅନଲାଇନ ପଞ୍ଜୀକରଣ ଜୁନ୍ ୨୭ ତାରିଖ ଠାରୁ ଆରମ୍ଭ ହୋଇ ସର୍ବାଧିକ ୧୦୦୦ ଜଣ ପଞ୍ଜୀକରଣ କରାଯିବା ପର୍ଯ୍ୟନ୍ତ ଖୋଲା ରହିବ । ଏଥି ନିମନ୍ତେ, ଆଗ୍ରହୀ ଜନସାଧାରଣ ଜନଶୁଣାଣି ପୋର୍ଟାଲ ଅଥବା ଜନଶୁଣାଣି ମୋବାଇଲ ଆପ୍ଲିକେଶନ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିବା ପାଇଁ ପଞ୍ଜୀକରଣକରିପାରିବେ । ଜନସାଧାରଣ (୯ ପୃଷ୍ଠାରେ)

## ଆତଙ୍କବାଦ ପ୍ରସଙ୍ଗ ନଥିବାରୁ ଏସ୍‌ସିଓ ବିବୃତ୍ତିରେ ସ୍ୱାକ୍ଷର କଲାନି ଭାରତ



ନୂଆଦିଲ୍ଲୀ, ୨୭।୬ : ସାଂଘାଇ ସହଯୋଗ ସଂଗଠନ (ଏସ୍‌ସିଓ)ରେ ଭାରତ କାହିଁକି ମିଳିତ ବିବୃତ୍ତିରେ ସ୍ୱାକ୍ଷର କଲାନି ତା'ର କାରଣ ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର କହିଛନ୍ତି । ଜୟଶଙ୍କର କହିଛନ୍ତି ଯେ ଏସ୍‌ସିଓରେ ଥିବା ଗୋଟିଏ ଦେଶ ଚାହିଁଲା ଯେ ଆତଙ୍କବାଦ ଏହି ଯୁଗ୍ମ ବିବୃତ୍ତିରେ ସ୍ଥାନ ନପାଉ । କିନ୍ତୁ ଏହି ସଂଗଠନଟି ଆତଙ୍କବାଦ ବିରୋଧରେ ଲଢ଼ିବା ପାଇଁ ସୃଷ୍ଟି କରାଯାଇଥିଲା । ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଆତଙ୍କବାଦ ବିରୋଧରେ ଲଢ଼ିବା । ଏଥିଲାଗି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଏହାକୁ ଗ୍ରହଣ କରିବାକୁ ଅନିଚ୍ଛା ପ୍ରକାଶ କଲେ ।

ଜୟଶଙ୍କର କୌଣସି ଦେଶର ନାମ ନେଇନାହାନ୍ତି କିମ୍ବା ଆତଙ୍କବାଦ ସମ୍ପର୍କରେ କିଛି କହିନାହାନ୍ତି । ସେ କେବଳ କହିଛନ୍ତି ଯେ କିଏ ସେହି ଦେଶ ଆପଣମାନେ ଚିନ୍ତାକରି ଜାଣିପାରିବେ । ଭାରତ ସମେତ ଏସ୍‌ସିଓରେ କାଜିଗସ୍ତାନ, ଚୀନ୍, କାରଗିଜସ୍ତାନ, ପାକିସ୍ତାନ, ଋଷ୍, ତାଜିଗସ୍ତାନ, ଉଜବେଗସ୍ତାନ, ଇରାନ ଓ ବେଲାରୁଷ୍ ଅଛନ୍ତି । ୨୦୧୭ରେ ଭାରତ ଏସ୍‌ସିଓରେ ସଦସ୍ୟ ହୋଇଥିଲା । ଏସ୍‌ସିଓକୁ ମିଳିତ ଭାବେ ପରିଚାଳନା କରାଯାଏ । ରାଜନାଥ ସିଂହ ସ୍ପଷ୍ଟ କହିଥିଲେ ଯେ ଏହି ବିବୃତ୍ତିରେ ଆତଙ୍କବାଦ ବିଷୟ ଉଲ୍ଲେଖ ନାହିଁ । ତେଣୁ ସେ ସ୍ୱାକ୍ଷର କରିବେ ନାହିଁ । ଏପ୍ରିଲ ୨୨ରେ ପହଲଗାମ୍ ଆକ୍ରମଣ ପରେ ଆତଙ୍କବାଦ ଏବେ ବଡ ପ୍ରସଙ୍ଗ ହୋଇଛି । ପହଲଗାମରେ ଆତଙ୍କବାଦୀମାନେ ୨୬ ନିରୀହ ଲୋକଙ୍କୁ ହତ୍ୟା କରିଥିଲେ । ମିଳିତ ବିବୃତ୍ତିରେ ଏହି ଆକ୍ରମଣକୁ ବାଦ୍ ଦିଆଯାଇଥିଲା । ଏହା ପରିବର୍ତ୍ତେ ବେଲୁଚିସ୍ତାନ ଲିବରେସନ୍ ଆର୍ମି ପକ୍ଷରୁ ମାର୍ଚ୍ଚ ୧୧ରେ ଜାଫର ଏକ୍ସପ୍ରେସକୁ ଅପହରଣ କରିନେବା ଘଟଣା ସ୍ଥାନୀତ ହୋଇଥିଲା । ତେବେ ରାଜନାଥଙ୍କର ଏହି ପ୍ରତିବାଦ ପରେ ଏସ୍‌ସିଓରେ ହୋଇଥିବା ପ୍ରତିରକ୍ଷା ମନ୍ତ୍ରୀଙ୍କ ବୈଠକର ଏକ ମିଳିତ ବିବୃତ୍ତି ପ୍ରକାଶ ପାଇନଥିଲା । ପାକିସ୍ତାନ ପକ୍ଷରୁ ବେଲୁଚିସ୍ତାନ ଘଟଣାକୁ ସ୍ଥାନୀତ କରିବା ପାଇଁ ଚାପ ପକାଯାଇଥିଲା । ଏହାଛଡା ପାକିସ୍ତାନ ଭାରତକୁ ଦୋଷାରୋପ କରିବାକୁ ମଧ୍ୟ ଚେଷ୍ଟା କରାଯାଇଥିଲା । ଚୀନରେ ରାଜନାଥ କହିଥିଲେ ଯେ ଯେଉଁମାନେ ଆତଙ୍କବାଦକୁ ପ୍ରୋତ୍ସାହନ ଦେଉଛନ୍ତି, ସଂଗଠିତ କରୁଛନ୍ତି, ଆର୍ଥିକ ସହାୟତା ଦେଉଛନ୍ତି ଓ ପ୍ରାୟୋଜିତ କରୁଛନ୍ତି ସେମାନଙ୍କୁ ଉତ୍ତରଦାୟୀ କରାଯାଉ । ଏହାଛଡା ପାକିସ୍ତାନ ଆତଙ୍କବାଦୀ ଗୋଷ୍ଠୀକୁ ସମର୍ଥନ କରୁଥିବା ସେ କହିଥିଲେ । ସେ ଉଲ୍ଲେଖ କରିଥିଲେ ଯେ କେତେକ ଦେଶ ସୀମାପାର ଆତଙ୍କବାଦକୁ ଏକ ନୀତି ଭଳି ବ୍ୟବହାର କରି ଆତଙ୍କବାଦୀମାନଙ୍କୁ ( ୯ ପୃଷ୍ଠାରେ)

## ରଥ ଟାଣିଲେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୨୭।୬ (ସବ୍ୟୁ) : ବିଶ୍ୱ ପ୍ରସିଦ୍ଧା ରଥଯାତ୍ରାରେ ରାଜ୍ୟପାଳ ହରିବାବୁ କମ୍ଭମପାଟି ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ସାମିଲ ହୋଇଥିଲେ । ଶ୍ରୀଜୀଉମାନଙ୍କର ପହଣ୍ଡିବିଜେ ଠାରୁ ଆରମ୍ଭ କରି ରଥଟଣା ପର୍ଯ୍ୟନ୍ତ ସବୁଥିରେ ସେମାନଙ୍କୁ ଦେଖିବାକୁ ମିଳିଥିଲା । ବଳଭଦ୍ରଙ୍କ ତାଳଧ୍ୱଜ ରଥ ସହ ନନ୍ଦିଘୋଷ ରଥକୁ ମଧ୍ୟ ଉଭୟେ ଟାଣିଛନ୍ତି । ମହାପ୍ରଭୁଙ୍କର ଆଶିଷ ଲୋଡି ରାଜ୍ୟବାସୀଙ୍କ ମଙ୍ଗଳକାମନା କରିଛନ୍ତି ।

### ଗଣଦୁଷ୍କର୍ମର ଶିକାର ଛାତ୍ରୀଙ୍କ କୋହଭରା ବୟାନ

## ପାଦ ଧରିଥିଲି, ଛାଡିଲେ ନାହିଁ



ନୂଆଦିଲ୍ଲୀ, ୨୭।୬ : କୋଲକାତାରେ ଜଣେ ଆଇନ ଛାତ୍ରୀ ଗଣଦୁଷ୍କର୍ମର ଶୀକାର ହୋଇଥିବା ଘଟଣା ସାମ୍ନାକୁ ଆସିଛି । ୨୪ ବର୍ଷର ଏହି ଛାତ୍ରୀ ଜଣକ ଅଭିଯୋଗରେ ଦର୍ଶାଇଛନ୍ତି ଯେ ମୁଁ ସେମାନଙ୍କ ପାଦତଳେ ପଡିଥିଲି, ମାତ୍ର ସେମାନେ ମୋତେ ଛାଡି ନଥିଲେ । ସାଉଥ୍ କାଲକାଟା ଲ' କଲେଜର ଏହି ଛାତ୍ରୀଜଣଙ୍କ ଅଭିଯୋଗ ଅନୁଯାୟୀ ମୁଖ୍ୟ ଅଭିଯୁକ୍ତ ମନୋଜିତ୍ ମିଶ୍ରାଙ୍କ ବାହାଘର ପ୍ରସ୍ତାବକୁ ସେ ଖାରଜ କରିବା ପରେ ତାଙ୍କ ସହ ଏଭଳି ଘଟଣା ଘଟିଥିଲା ।

ଛାତ୍ରୀ ଜଣକ ଅଭିଯୋଗ କରିଛନ୍ତି ଯେ ତେବେ ଏହି ଘଟଣାଟି ଜୁନ୍ ୨୫ ରାତି ୭.୩୦ ରୁ ୮.୫୦ ମିନିଟ୍ ମଧ୍ୟରେ ଘଟିଥିଲା । ତେବେ ଏହି ଘଟଣାରେ କସବା ପୋଲିସ ୩ ଜଣଙ୍କୁ ଗିରଫ କରିଛି । ଅଭିଯୁକ୍ତମାନେ ହେଲେ ମନୋଜିତ୍ ମିଶ୍ର, ଜୈଫ୍ ଅହମ୍ମଦ ଓ ପ୍ରମିତ ମୁଖୋପାଧ୍ୟାୟ । ୩ ଅଭିଯୁକ୍ତଙ୍କ ମଧ୍ୟରେ ଜଣେ ଟିଏମ୍‌ସି ନେତା ଥିବା କୁହାଯାଉଛି । ଛାତ୍ରୀଙ୍କ ଅଭିଯୋଗ ଅନୁଯାୟୀ ତାର ପୁରୁଷ ବନ୍ଧୁଙ୍କୁ ଧମକ ଦେଇଥିଲେ । ତାଙ୍କ ଅଭିଭାବକଙ୍କ ନାମରେ ମିଛ ମାମଲା କରିବେ ବୋଲି ମଧ୍ୟ ଧମକ ଦେଇଛନ୍ତି । ଅଭିଯୁକ୍ତ ମିଶ୍ରାଙ୍କୁ ତୃଣମୂଳ କଂଗ୍ରେସ ଛାତ୍ର ପରିଷଦର ସାଧାରଣ ସମ୍ପାଦକ

### ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୩ ଗିରଫ

ବୋଲି କୁହାଯାଉଛି । ତେବେ ତୃଣମୂଳ କଂଗ୍ରେସ ଏହାକୁ ଖଣ୍ଡନ କରିଛି । ଅଭିଯୁକ୍ତଙ୍କ ସହ ଟିଏମ୍‌ସିର ସମ୍ପର୍କ ନାହିଁ ବୋଲି କହିଛି । ପୀଡିତା ଛାତ୍ରୀଙ୍କ ଅଭିଯୋଗ ଅନୁଯାୟୀ ୩ ଅଭିଯୁକ୍ତ ତାଙ୍କସହ ଜବରଦସ୍ତି (୯ ପୃଷ୍ଠାରେ)

### ଓଡ଼ିଶା ରେଳ ଭିତ୍ତିଭୂମିର ୧୧ ବର୍ଷ

## ବିକାଶକୁ ନେଇ ପ୍ରଧାନମନ୍ତ୍ରୀଙ୍କ ଆଲୋକପାତ



ଭୁବନେଶ୍ୱର, ୨୭।୬ (ସବ୍ୟୁ) : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗତ ୧୧ ବର୍ଷ ମଧ୍ୟରେ ଓଡ଼ିଶାର ରେଳ ଭିତ୍ତିଭୂମିର ବିକାଶ ଉପରେ ଆଜି ଆଲୋକପାତ କରିଛନ୍ତି । ସେ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଏକ ସ୍ତମ୍ଭ ସମ୍ପର୍କରେ ଉଲ୍ଲେଖ କରି ଭାରତୀୟ ରେଳ ଯାତ୍ରା କିପରି ସହଜ ହୋଇଛି ତାହାର ଅବତାରଣା କରିଛନ୍ତି । ବିଶେଷକରି ପବିତ୍ର ଶ୍ରୀ ଜଗନ୍ନାଥଙ୍କ ଧାମ ପୁରୀକୁ ଆସୁଥିବା ତୀର୍ଥଯାତ୍ରୀଙ୍କ ପାଇଁ ଯାତ୍ରାକୁ ସହଜ କରାଯାଇଛି ।

ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟର ଏକ୍ସ ହ୍ୟାଣ୍ଡେଲରେ ପୋଷ୍ଟ କରି ପ୍ରଧାନମନ୍ତ୍ରୀ ଲେଖିଛନ୍ତି । ଓଡ଼ିଶାର ରେଳ ଭିତ୍ତିଭୂମିର ବିକାଶ ପାଇଁ ଗତ ୧୧ ବର୍ଷ ବାସ୍ତବରେ ଐତିହାସିକ । ଭାରତୀୟ ରେଳ ଯାତ୍ରା କିପରି ସହଜ ହୋଇଛି, ବିଶେଷକରି ରଥଯାତ୍ରା ଦେଖିବା ପାଇଁ ମହାପ୍ରଭୁଙ୍କ ଧାମ ପବିତ୍ର ନଗରୀ ଜଗନ୍ନାଥ ପୁରୀକୁ ଆସୁଥିବା ତୀର୍ଥଯାତ୍ରୀମାନଙ୍କ ଲାଗି ଏହାକୁ କିପରି ସୁଗମ କରାଯାଇଛି । ଏହା ପୂର୍ବରୁ ରେଳମନ୍ତ୍ରୀ ଅଶ୍ୱନୀ ବୈଷ୍ଣବ ବିଭିନ୍ନ ଗଣମାଧ୍ୟମରେ ଏକ ନିବନ୍ଧ ଲେଖିଥିଲେ । ପ୍ରଧାନମନ୍ତ୍ରୀ ମଧ୍ୟ ସେ ବିଷୟକୁ ତାଙ୍କ ସୋସିଆଲ ମିଡିଆରେ ଉଲ୍ଲେଖ କରିଛନ୍ତି । ରେଳ ଭିତ୍ତିଭୂମିର ବିକାଶ ଯୋଗୁ ଓଡ଼ିଶାରେ ରେଳ ଯାତ୍ରା କିଭଳି ସହଜ ହୋଇପାରିଛି ତାହା ମଧ୍ୟ ଦର୍ଶାଇଛନ୍ତି ।

# ଭାରତର ବିଭିନ୍ନ ସ୍ଥାନରେ ରଥଯାତ୍ରା

**ଶ୍ରୀମନ୍ଦିର ଲୀଳା ଓ ଯାତ୍ରାର ସ୍ଥାନ । ଲୀଳା ପାଇଁ ଯାତ୍ରା ଓ ଯାତ୍ରା ପାଇଁ ଲୀଳା ଏଠାରେ ଅନୁଷ୍ଠିତ ହୁଏ । ବହୁବିଧ ଲୀଳା ରଚନା କରିବା ଅବତାରଗୁଡ଼ିକର ମୂଳ ଲକ୍ଷ୍ୟ । ପୁରୁଷୋତ୍ତମ ଶ୍ରୀଜଗନ୍ନାଥ ଯୁଗ ଯୁଗ ଧରି ଓଡ଼ିଆ ଜାତିର ଜାତୀୟ ଚିନ୍ତା, ଚେତନା ଓ ସଂସ୍କୃତିର ଆଦି ଉତ୍ସ ରୂପେ ବହୁଧା ବର୍ଣ୍ଣିତ । ଭାରତର ନାନା ଧର୍ମ ଦର୍ଶନ, ମତବାଦ ମଧ୍ୟରେ ଶ୍ରୀଜଗନ୍ନାଥ ଜାତୀୟ ଦେବତା ରୂପେ ପ୍ରତିଷ୍ଠିତ । ଏହି ପରିପ୍ରେକ୍ଷୀରେ ପୁରୀ ଠାରେ ପ୍ରତିବର୍ଷ ଅନୁଷ୍ଠିତ ହେଉଥିବା ରଥଯାତ୍ରାର ଖ୍ୟାତି ସାରା ବିଶ୍ୱରେ ସୁବିଦିତ । ହେଲେ ପୁରୀକୁ ଛାଡ଼ିଦେଲେ ଦେଶର ବିଭିନ୍ନ ପ୍ରାନ୍ତରେ ଖୁବ ହର୍ଷ ଉଲ୍ଲାସ ସହକାରେ ରଥଯାତ୍ରା ପାଳିତ ହୋଇଥାଏ ।**



ବିଶେଷକରି ପୂର୍ବ ଭାରତରେ ଶ୍ରୀଜଗନ୍ନାଥ ମନ୍ଦିର ବହୁ ପ୍ରାଚୀନ କାଳରୁ ବିପୁଳ ପରିମାଣରେ ନିର୍ମିତ ହୋଇ ଜଗନ୍ନାଥ ଉପାସନାର ବ୍ୟାପ୍ତି କ୍ଷେତ୍ରରେ ବଳିଷ୍ଠ ଭୂମିକା ଗ୍ରହଣ କରିଆସିଅଛି। ଦେଶରେ ପୁରୀ ପରେ ପଶ୍ଚିମବଙ୍ଗରେ ଶ୍ରୀରାମପୁର ରଥଯାତ୍ରା ଦ୍ୱିତୀୟ ସ୍ଥାନରେ ରହିଥିବାବେଳେ ପଶ୍ଚିମବଙ୍ଗର ସବୁଠାରୁ ବଡ଼ ରଥଯାତ୍ରା । ଶ୍ରୀରାମପୁରର ମହେଶ ଅଞ୍ଚଳରେ ପାଳିତ ଏହି ରଥଯାତ୍ରା ୧୩୯୬ରୁ ହର୍ଷ ଉଲ୍ଲାସ ସହକାରେ ପାଳିତ ହେଉଛି । ସେହିପରି ବଙ୍ଗଳାର ମେଦିନୀପୁର, କେସିୟାଡ଼ିଗଡ଼, ମହିଷାଦାଳ, ବାଙ୍କୁଡ଼ା, ବିଷ୍ଣୁପୁର, ମହେଶ, ତ୍ରିବେଣୀ ଘାଟ, କୋଲକାତା ନିକଟରେ ଗଙ୍ଗାନଦୀ କୂଳରେ ଥିବା ଜଗନ୍ନାଥଘାଟ, ଜଗନ୍ନାଥପଡ଼ା, ଜଗଦଲପୁର, ରଥତାଲା, ଚେଙ୍ଗଇଲର, ବିରଳାପୁର ଓ ଚାପଦନୀ ଠାରେ ଅନୁଷ୍ଠିତ ହେଉଥିବାବେଳେ ଗୁଜୁରାଟର ଅହମଦାବାଦର ରଥଯାତ୍ରା ଶହେ ବର୍ଷରୁ ଉର୍ଦ୍ଧ୍ୱ କାଳ ଧରି ପାଳିତ ହୋଇଆସୁଛି ।

ଗୁଜୁରାଟରେ ବସବାସ କରୁଥିବା ଓଡ଼ିଆ ଧାର୍ମିକ ଭାବନାକୁ ଦୃଷ୍ଟିରେ ରଖି ଗୁଜୁରାଟ ସରକାର ରଥଯାତ୍ରାକୁ ଅଧିକ ପରିବ୍ୟାପ୍ତ କରି ପର୍ଯ୍ୟଟକଙ୍କ ପାଇଁ ଅନ୍ୟତମ ଆକର୍ଷଣରେ ପରିଣତ କରିଛନ୍ତି । ଗୁଜୁରାଟରେ ପୁରୀ ତୁଳନାରେ ଛୋଟ ରଥ ନିର୍ମିତ ହୋଉଥିଲେ ମଧ୍ୟ ଏଠାକାର ରଥଯାତ୍ରାର ସ୍ୱାତନ୍ତ୍ର୍ୟ ରହିଛି । ଗୁଜୁରାଟ ଭାବାନଗର, ଇଦୋଦରା, ଗାନ୍ଧି ନଗର, ସୁରଟ ଓ ପୋରବନ୍ଦରରେ ରଥଯାତ୍ରା ବେଶ ଧୁମଧାମରେ ପାଳିତ ହେଉଛି ।



ମଧ୍ୟପ୍ରଦେଶର ବସ୍ତର, ରାୟଗଡ଼ା ରାଜନନ୍ଦ ଖାଁ, ରାଜିମ, ରତ୍ନପୁର, ଦେଁଏସାଗଡ଼, ଜଗନ୍ନାଥପୁର, ମଲାର, ପୁସଭରଗାଁ, ଦନ୍ତେବାଡ଼ା, ବୁଧଧାରୀ, ଡୁଙ୍ଗରଗଡ଼, ଫୁଲଝର, ବିଳାସପୁର, ମହାନଦୀ ଓ ଜଙ୍କନଦୀର ସଙ୍ଗମସ୍ଥଳ ପ୍ରଭୃତି ଠାରେ ରହିଥିବା ଜଗନ୍ନାଥ ମନ୍ଦିରରେ ବିଶ୍ୱ ପ୍ରସିଦ୍ଧ ଘୋଷଯାତ୍ରା ଅନୁକ୍ରମେ ଛୋଟ ଛୋଟ ରଥରେ ଶ୍ରୀଜୀଉଙ୍କ ଏହି ପବିତ୍ର ରଥଯାତ୍ରା ଅନୁଷ୍ଠିତ ହୋଇଥାଏ । ବିହାରର ଇନ୍ଦ୍ରଦ୍ୟୁମ୍ନ ଗଡ଼, ଚକ୍ରଧରପୁର, ସଣ୍ଣୁଆଁ, ଭାଲୁରୁଙ୍ଗି, ଗାନ୍ଧୀଟେଲା, ଧଳଭୂମି, ଟାଟା, ରେରୁଆ, ନାଗଫେଣୀ ଓ ରାଞ୍ଚିରେ ରଥଯାତ୍ରା ଅନୁଷ୍ଠିତ ହୋଇଥାଏ । ୧୬୯୧ ତତ୍କାଳୀନ ରାଜାଙ୍କ ଦ୍ୱାରା ଏହି ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ହୋଇଥିବାବେଳେ ୧୯୯୨ରେ ଏହାର ପୁନର୍ନିର୍ମାଣ କରାଯାଇ ପୂଜାର୍ଚ୍ଚନା କରାଯାଉଛି । ତେବେ ଏଠିକାର ରଥଯାତ୍ରା ସମୟରେ ସ୍ଥାନୀୟ ଆଦିବାସୀ ଓ ଓଡ଼ିଆଙ୍କ ଦ୍ୱାରା ଜଗନ୍ନାଥଙ୍କ ରଥଯାତ୍ରା ବେଶ ଧୁମଧାମରେ ପାଳିତ ହୁଏ । ପାହାଡ଼ ଉପରେ ମନ୍ଦିରରେ ଶ୍ରୀଜୀଉଙ୍କ ଦର୍ଶନ ନିମନ୍ତେ ପାହାଚ ବ୍ୟବସ୍ଥା ରହିବା ସହ ପାହାଡ଼ରେ ଗାଡ଼ିରେ ଚଢ଼ିବା ପାଇଁ ବ୍ୟବସ୍ଥା ରହିଛି । ସେହିପରି ଆସାମର ମିଶନୀ ଠାରେ ଥିବା ଜଗନ୍ନାଥଙ୍କ ମନ୍ଦିରରେ ରଥଯାତ୍ରା ଅନୁଷ୍ଠିତ ହୋଇଥାଏ । ତେବେ ମଣିପୁରର ରଥଯାତ୍ରା ସମ୍ପୂର୍ଣ୍ଣ ରୂପେ ସ୍ୱତନ୍ତ୍ର ।

ମଣିପୁର ରଥଯାତ୍ରାକୁ ସେଠାକାର ଅଞ୍ଚଳବାସୀ କାଞ୍ଛିଙ୍ଗବା ନାମରେ ନାମିତ କରିଛନ୍ତି । ସେଠାକାର ହିନ୍ଦୁଙ୍କ ପାଇଁ ଏହା ଏକ ପ୍ରମୁଖ ପାର୍ବଣ । ମଣିପୁର ପରି ପାହାଡ଼ ଘେରା ଉପତ୍ୟକା ଅଞ୍ଚଳରେ ରଥଯାତ୍ରା ପ୍ରଥମେ ୧୮୩୨ ଖ୍ରୀଷ୍ଟାବ୍ଦରେ ମହାରାଜା ଗମ୍ଭୀର ସିଂହଙ୍କ ଅମଳରେ ଆରମ୍ଭ ହୋଇଥିଲା । ପରବର୍ତ୍ତୀ ସମୟରେ ଏହି ପର୍ବ ଅଞ୍ଚଳବାସୀଙ୍କ ପାଇଁ ଅଧିକ ଲୋକପ୍ରିୟ ହୋଇଥିଲା । ସେଠାକାର ଶ୍ରଦ୍ଧାଳୁ ଜଗନ୍ନାଥଙ୍କୁ ଜଗବନ୍ଧୁ ନାମରେ ସମ୍ବୋଧିତ କରିଥାଆନ୍ତି । ପ୍ରତିବର୍ଷ ଜଗନ୍ନାଥ ଏହି ଅଞ୍ଚଳବାସୀଙ୍କ ସହାୟତାରେ ୨୦ ଫୁଟ ରଥରେ ୬ଟି ଲୁହା ଚକ ବିଶିଷ୍ଟ ରଥରେ ବିଜେ ହୁଅନ୍ତି ।

ସେହିପରି ବେଙ୍ଗାଲୁରୁର ୨୦୧୫ରୁ ରଥାଯାତ୍ରା ପାଳିତ ହେଉଛି । ବେଙ୍ଗାଲୁରୁରେ ବସବାସ କରୁଥିବା ୧୫ ହଜାରରୁ ଉର୍ଦ୍ଧ୍ୱ ଓଡ଼ିଆ ଓ ଶ୍ରୀଜଗନ୍ନାଥ ମନ୍ଦିର ଟ୍ରଷ୍ଟ ପକ୍ଷରୁ ଏହି ରଥଯାତ୍ରା ପାଳିତ ହୋଇଥାଏ । ଦେଶରେ ରାଜଧାନୀ ଦିଲ୍ଲୀର ହାଉଜ ଖାସ ଅଞ୍ଚଳରେ ରହିଛି ଶ୍ରୀଜଗନ୍ନାଥ ମନ୍ଦିର । ସେଠାରେ ପ୍ରତିବର୍ଷ ବେଶ ଧୁମଧାମରେ ରଥଯାତ୍ରା ପାଳିତ ହୋଇଥାଏ । ଶ୍ରୀଜଗନ୍ନାଥ ମନ୍ଦିର କର୍ତ୍ତୃପକ୍ଷ ଓ ଓଡ଼ିଶା କଳା ଓ ସଂସ୍କୃତି କେନ୍ଦ୍ର ପକ୍ଷରୁ ଏହି ରଥଯାତ୍ରା ପାଳନ କରାଯାଏ । ରାଜ୍ୟ କଳା ସଂସ୍କୃତି ବିଭାଗ ପକ୍ଷରୁ ରଥଯାତ୍ରା ପାଳନ କରାଯାଏ । ରାଜ୍ୟ କଳା ସଂସ୍କୃତି ବିଭାଗ ପକ୍ଷରୁ ରଥଯାତ୍ରା ଅବସରରେ ଓଡ଼ିଶୀ ନୃତ୍ୟ ଓ ଓଡ଼ିଆ କଳାର ପ୍ରଚାର ପ୍ରସାର କରାଯାଏ । ଦିଲ୍ଲୀରେ ବସବାସ କରୁଥିବା ଓଡ଼ିଆଙ୍କ ସମେତ ଦିଲ୍ଲୀବାସୀ ଉକ୍ତ ଦିନ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବା ସହ ରଥ ଟାଣିଥାନ୍ତି । ସେହିପରି ଚେନ୍ନଇର ରେଡ୍ଡି କୁପମ ରୋଡ଼ରେ ୨୦୦୧ରେ ଶ୍ରୀଜଗନ୍ନାଥ ମନ୍ଦିର ନିର୍ମାଣ କରାଯାଇ ପ୍ରତିବର୍ଷ ରଥଯାତ୍ରା ବେଶ ଆଡ଼ମ୍ବର ସହକାରେ ପାଳିତ ହୋଇଥାଏ । ଓଡ଼ିଶା ମନ୍ଦିର ନିର୍ମାଣ ଶୈଳୀରେ ଏହି ମନ୍ଦିର କରାଯାଇଛି। ତେବେ ଏଠାକାର ରଥ ସମ୍ପୂର୍ଣ୍ଣ ଭାବରେ ଷ୍ଟିଲରେ ନିର୍ମିତ । ଷ୍ଟିଲ ନିର୍ମିତ ରଥ ଉପରେ କାଠ ଓ ରଙ୍ଗ ବେରଙ୍ଗ ଲୁଗାରେ ସଜା ଯାଇଥାଏ । ଏହା ବ୍ୟତୀତ ମନ୍ଦିରର ଚତୁଃପାର୍ଶ୍ୱରେ ଥିବା ପଟ୍ଟଚିତ୍ର ଦକ୍ଷିଣ ଭାରତର ମନ୍ଦିରଠାରୁ ଭିନ୍ନ ରହିଛି ।

ହାଇଦ୍ରାବାଦ ବାରା ହିଲ ରୋଡ଼ସ୍ଥିତ ଓଡ଼ିଆଙ୍କ ଦ୍ୱାରା ପ୍ରତିଷ୍ଠିତ ଶ୍ରୀଜଗନ୍ନାଥ ମନ୍ଦିରରେ ପ୍ରତିବର୍ଷ ରଥଯାତ୍ରା ପାଳିତ ହୋଇଥାଏ । ୨୦୦୯ରେ ପ୍ରତିଷ୍ଠିତ ଏହି ମନ୍ଦିର ପରିସରରେ ରଥଯାତ୍ରା ଅବସରରେ ହଜାର ହଜାର ଭକ୍ତ ରୁଣ୍ଡ ହୋଇଥାନ୍ତି । ବାଲି ପଥରରେ ନିର୍ମିତ ଏହି ମନ୍ଦିରର ଉପର ଭାଗ ବେଶ ଆକର୍ଷଣୀୟ । ୬୦ଟି କୋଣରେ ବିଭିନ୍ନ ମନ୍ଦିରର ୭୦ ଫୁଟ ଉଚ୍ଚ ଚୂଡ଼ା ମନ୍ଦିରର ବିଶେଷତ୍ୱ ।

**ପ୍ରଫେସର ଡାକ୍ତର ସମ୍ରାଟ କର,**
**ମୋ : ୯୧୩୨୪୩୩୩୩୩**

## ଇତିହାସ

୧୭୪୮– ଆମ୍ଷ୍ଟର୍ଡମ୍‌ରେ ଦୁଇଜଣଙ୍କ ଫାଶିକୁ ବିରୋଧ କରି ହୋଇଥିବା ଦଙ୍ଗାରେ ୨୦୦ରୁ ଉର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ହୋଇଥିଲା ।

୧୮୨୦– ଟମାଟୋରେ ବିଷ ନାହିଁ ବୋଲି ପ୍ରମାଣ କରାଗଲା ।

୧୮୭୩– ଜୀବବିଜ୍ଞାନୀ ଆଲେକ୍ସ କାର୍ଲଙ୍କ ଜନ୍ମ ।

୧୯୨୧– ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ପି.ଭି. ନରସିଂହ ରାଓଙ୍କର ଜନ୍ମ ।

୧୯୨୬– ମର୍ସିଡିଜ୍ ଭେଞ୍ଜ୍‌ର ଜନ୍ମ ।

୧୯୫୨– ଦକ୍ଷିଣ ଆଫ୍ରିକା ନେତା ନେଲସନ ମାଣ୍ଡେଲାଙ୍କୁ ପ୍ରଥମ ଥର ପାଇଁ ଜେଲ୍‌ରେ ଭର୍ତ୍ତି କରାଗଲା ।

୧୯୭୬– ଆମେରିକୀୟ ଏୟାର୍‌ଫୋର୍ସ ଏକାଡେମୀରେ ପ୍ରଥମ ମହିଳାଙ୍କୁ ପ୍ରବେଶ କରାଗଲା ।

୨୦୦୭– ଆପଲ୍‌ର ପ୍ରଥମ ସ୍ମାର୍ଟଫୋନ୍ ବଜାରକୁ ଆସିଲା ।

୨୦୧୨– ଭାରତର ପ୍ରସିଦ୍ଧ ସାହିତ୍ୟିକ ତଥା ଔପନ୍ୟାସିକ ଅମର ଗୋସ୍ୱାମୀଙ୍କ ପରଲୋକ ।

## ହାଇପୋଥାଇରୋଡିଜିମ୍



ଏହା ଏକ ପ୍ରକାରର ସମସ୍ୟା ଯେଉଁଥିରେ ଆମ ଶରୀରରେ ଥାଇରଡ ହର୍ମୋନର ମାତ୍ରା କମିଥାଏ । ଏହି କାରଣରୁ ଆମର ମେଟାବଲିଜିମ୍ ପ୍ରୋସେସ୍ ସ୍ଲୋ ହେବାରେ ଲାଗିଥାଏ । ଏହି ସମସ୍ୟା କାରଣରୁ ଆମର ପୂରା ଶରୀର ପ୍ରଭାବିତ ହୋଇଥାଏ । ଯେତେବେଳେ ଆମ ଶରୀରରେ ଥାଇରଏଡ୍ ଲେବଲ୍ ଅଧିକ ମାତ୍ରାରେ କମ ହୋଇଯାଏ ସେତେବେଳେ ଏକ ପ୍ରକାର ସମସ୍ୟା ମାଇକ୍ସେଡେମା ଦେଖିବାକୁ ମିଳିଥାଏ । ତେବେ ମାଇକ୍ସେଡେମା ଏକ ଗୁରୁତର ସମସ୍ୟା ଅଟେ ଯାହାକୁ ତୁରନ୍ତ ଚିକିତ୍ସାର ଆବଶ୍ୟକତା ରହିଛି । ଏହି ସମସ୍ୟା ହେଲେ ଆପଣଙ୍କ ଶରୀରରେ ତାପମାତ୍ରା ଅଧିକ ରହିବ । ଆନିମିଆ ରୋଗର ଲକ୍ଷଣ ମଧ୍ୟ ଦେଖିବାକୁ ମିଳିବ । କେତେକ କ୍ଷେତ୍ରରେ ହୃଦଘାତ ହେବାର ମଧ୍ୟ ସମ୍ଭାବନା ରହିଛି । ତେଣୁ ଯଦି ଏଭଳି କିଛି ଲକ୍ଷଣ ଦେଖୁଛନ୍ତି, ତେବେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ । ହାଇପୋଥାଇରୋଡିଜିମ୍ ସମସ୍ୟା ଯେ କୌଣସି ବି ବୟସରେ ଦେଖିବାକୁ ମିଳିଥାଏ । ତେବେ ଏହା ବିଶେଷ କରି ୬୦ ବର୍ଷରୁ ଅଧିକ ମହିଳାଙ୍କ ନିକଟରେ ଦେଖିବାକୁ ମିଳିଥାଏ । ଏହି ସମସ୍ୟା ହେବାର ଅନେକ କାରଣ ରହିଥାଏ, ତେଣୁ ଏହାର ଲକ୍ଷଣକୁ ଚିହ୍ନି ଚିକିତ୍ସା କରାଇପାରିଲେ ଏହା ଭଲ ହୋଇଥାଏ ।

## କାବୁଲିଚଣା ମସଲା



**ସାମଗ୍ରୀ–** କାବୁଲିଚଣା, ନଡିଆ କୋରା, ଧନିଆ, ଗୋଲମରିଚ, ଲବଙ୍ଗ, ଜିରା, ଶୁଖିଲାଲଙ୍କା, ଘିଅ, ହେଙ୍ଗୁ, ହଳଦୀ, ଲୁଣ, ମାଟି ପାତ୍ର ।

**ପ୍ରଣାଳୀ–** ପ୍ରଥମେ ଲୁଣ ହଳଦି ଦେଇ କାବୁଲି ଚଣାକୁ ସିଝାଇ ନିଅନ୍ତୁ । ଏହାପରେ ଗୋଲମରିଚ, ଲବଙ୍ଗ, ଜିରା, ଧନିଆ, ଶୁଖିଲା ଲଙ୍କା, ନଡିଆ କୋରାକୁ ବାଟି ଏକ ମିଶ୍ରଣ ପ୍ରସ୍ତୁତ କରନ୍ତୁ । ବର୍ତ୍ତମାନ ଏକ ମାଟିପାତ୍ରରେ ସିଝା ବୁଟକୁ ଅଳ୍ପ ପାଣି ଦେଇ ବସାନ୍ତୁ । ପାଣି ଫୁଟିବା ପରେ ଏଥିରେ ବଟା ମସଲା ସହ ଲୁଣ ପକାଇ ଘୋଡାଇ ଦିଅନ୍ତୁ । ଭଲକରି ମସଲା ଓ ବୁଟ ସିଝିବ। ପରେ ଏଥିରେ ଛୁଙ୍କ ଦିଆଯିବ। ଛୁଙ୍କ ପାଇଁ ଅଲଗା ଏକ ପାତ୍ରରେ ଘିଅରେ ପଞ୍ଚ ଫୁଟଣ ଓ ହେଙ୍ଗୁ ପକାନ୍ତୁ । ଏହି ଛୁଙ୍କ ଏବଂ ନଡିଆ କୋରା ପକାଇ ପ୍ରସ୍ତୁତ କାବୁଲି ତରକାରୀରେ ପକାଇ ପ୍ରସ୍ତୁତ କରନ୍ତୁ କାବୁଲି ଚଣ ମସଲା । ଏହାର ସ୍ୱାଦ ମନ୍ଦିରରେ ପ୍ରସ୍ତୁତ ତରକାରୀ ଭଳି ହୋଇଥାଏ ।

## ସୋସିଆଲ କୋଟ୍ସ



"ଜୀବନରେ ଅନେକ ଷ୍ଟ୍ରଗଲ କରିଛି । ଦୁଇବେଳା ଖାଇବା ପାଇଁ ମଧ୍ୟ ମୁଁ ସଂଘର୍ଷ କରିଛି । ବହୁ କଷ୍ଟ ଓ ପରିଶ୍ରମ କରି ଏଠାରେ ପହଞ୍ଚିଛି ।

**ମନୋଜ ତିୱାରୀ, ଅଭିନେତା**



"ରାମ କପୁରଙ୍କର ଏଭଳି ମନ୍ତବ୍ୟ ତାଙ୍କ ମାନସିକ ଅସ୍ଥିରତାର ସଙ୍କେତ ଦେଉଛି । ମହିଳାଙ୍କୁ ସମ୍ମାନ ଦେବା ନିତାନ୍ତ ଆବଶ୍ୟକ ।

**ସୁଧାଂଶୁ ପାଣ୍ଡେ, ଅଭିନେତା**




"ଆମେ କେବେଠାରୁ ଅଲଗା ହୋଇ ସାରନ୍ତୁଣି, ହେଲେ ଅଜୟ ଓ ମୋର କୌଣସି ଗୁଣ ମିଶେ ନାହିଁ । ଆମେ ଦୁଇଟି ଭିନ୍ନ ମଣିଷ ସେଥିପାଇଁ ଆଜି ପର୍ଯ୍ୟନ୍ତ ଏକାଠି ରହିଛୁ ।

**କାଜୋଲ, ଅଭିନେତ୍ରୀ**

## ସେଣ୍ଟେଡ୍ ଯୋଗ

ଆଜିକାଲିର ବ୍ୟସ୍ତ ବହୁଳ ଜୀବନରେ ନିଜ ପାଇଁ କିଛି ସମୟ ନିଜ ପାଇଁ କାଢିବା ବେଶ୍ କଷ୍ଟଦାୟକ । ତେବେ ଯୋଗକୁ ସବୁବେଳେ ମେଣ୍ଟାଲ ହେଲ୍‌ଥର ଏକ ଭଲ ବିକଳ୍ପ ଭାବେ ଗଣା ଯାଇଥାଏ । ଶାରୀରିକ ସହିତ ମାନସିକ ଶାନ୍ତି ପାଇଁ ଯୋଗର ସହାୟତା ନିଆଯାଇଥାଏ । ତେବେ ଯୋଗର ବିଭିନ୍ନ ପ୍ରକାର ରହିଛି, ଯାହାର ସହାୟତା ନେଇ ଲୋକମାନେ ଅନେକ ଲାଭ ପାଇଥାଆନ୍ତି । ସେହିଭଳି ଏକ ପ୍ରକାର ହେଲା ସେଣ୍ଟେଡ୍ ଯୋଗ । ଏହି ଯୋଗର ଅନ୍ୟନାମ ଅରୋମା ଥେରାପି ମଧ୍ୟ । ଏହି ଥେରାପିରେ ଯୋଗ ଏବଂ ବାସ୍ନାକୁ ଏକାଠି କରାଯାଇ ସ୍ୱାସ୍ଥ୍ୟର ଉନ୍ନତି ପାଇଁ କାର୍ଯ୍ୟ କରାଯାଇଥାଏ । ଏହି ଯୋଗ ଆମର ମୁଡକୁ ଠିକ୍ କରିବା ପାଇଁ ବିଶେଷଭାବେ ସହାୟକ ହୋଇଥାଏ । ଏହି ଯୋଗରେ ବିଭିନ୍ନ ଭଲ ସେଣ୍ଟେଡ୍ କ୍ୟାଣ୍ଡେଲ୍ କିମ୍ବା କିଛି ଅରୋମେଟିକ୍ ଅଏଲ୍‌କୁ ବ୍ୟବହାର କରାଯାଇଥାଏ । ଏହି ତେଲକୁ ନିଜ ଶରୀରରେ ଲଗାଇ ଯୋଗ କରିବା ଦ୍ୱାରା ସେହି ବାସ୍ନାର ପ୍ରଭାବ ଆମ ଶରୀରରେ ଉପରେ ପଡିଥାଏ । ଅରୋମାଟିକ୍ ଥେରାପିର ପ୍ରଭାବ ଆମର ଇମୋସନ୍,ମୁଡ, ମେମୋରି ଉପରେ ପଡିଥାଏ । ବିଭିନ୍ନ ବାସ୍ନା ରହିଛି ଯାହା ଆମର ଶରୀରରେ ଭିନ୍ନଭିନ୍ନ ପ୍ରଭାବ ପକାଇଥାଏ । କିଛି ବାସ୍ନା ଆମକୁ ରିଲାକ୍ସ କରୁଥିବା ବେଳେ କିଛି ଆମ ମୁଡକୁ ଠିକ୍ କରିଥାଏ । ତେବେ ଏହା କରିବା ପୂର୍ବରୁ ଏକ୍ସପର୍ଟଙ୍କ ମତନେଇ ପାରିବେ ।



## ଅଙ୍କିତାଙ୍କ ଖୁସି ଖବର

ନିକଟରେ ଲାଫ୍ଟର ଶେଫ୍–୨ର ପ୍ରୋମୋ ଭିଡିଓ ରିଲିଜ୍ ହୋଇଛି । ଯେଉଁଥିରେ ଅଙ୍କିତା ଲୋଖଣ୍ଡେଙ୍କ ବିଷୟରେ ଏକ ଖବର ଜଣା ପଡିଛି । ତେବେ ଏହି ଖବରଟି ତାଙ୍କ ଫ୍ୟାନ୍‌ଙ୍କୁ ଖୁବ ପସନ୍ଦ ଆସିଛି । ସୂଚନା ଅନୁସାରେ ଅଙ୍କିତା ଗର୍ଭବତୀ ଅଛନ୍ତି, ଏକଥା ନିଜେ ଅଙ୍କିତା କହୁଥିବା ଏହି ଭିଡିଓରେ ଦେଖିବାକୁ ମିଳିଛି । ତାଙ୍କୁ କୌଣସି କାରଣରୁ ଶୋରେ ଦୌଡିବାକୁ କୁହାଯାଉଛି ହେଲେ ସେ ମନା କରୁଛନ୍ତି କାରଣ ସେ ଗର୍ଭବତୀ ଅଛନ୍ତି ବୋଲି କହୁଛନ୍ତି । ପ୍ରୋମୋଟି ରିଲିଜ୍ ହେବାପରେ ଖୁବ ଭାଇରାଲ ହେବାରେ ଲାଗିଛି । ଫ୍ୟାନ୍‌ମାନେ ଅଙ୍କିତାଙ୍କ ପାଇଁ ଖୁବ ଖୁସି ହେବା ସହିତ ଶୁଭେଚ୍ଛା ଜଣାଇବାରେ ଲାଗିଛନ୍ତି । ତେବେ ଏନେଇ ସେ କୌଣସି ଔପଚାରିକ ଘୋଷଣା କରି ନାହାନ୍ତି ।



# ଶ୍ରୀକ୍ଷେତ୍ରରେ ଘୋଷଯାତ୍ରା























ପୁରୀ ଗୋବର୍ଦ୍ଧନ ପୀଠ ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜଗତଗୁରୁ ଶଙ୍କରାଚାର୍ଯ୍ୟ ଙ୍କ ଆଶୀର୍ବାଦ ଗ୍ରହଣ କରୁଛନ୍ତି ।



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରଥଯାତ୍ରା ଅବସର ରେ ସିଂହଦ୍ୱାର ଠାରେ ଓଡ଼ିଶା ପୋଲିସ୍ ର କରୁଣା ଅନୁଷ୍ଠାନ ଆନୁକୂଲ୍ୟରେ ଆୟୋଜିତ ଟଙ୍କତୋରାଣି ବଣ୍ଟନ କେନ୍ଦ୍ରକୁ ଉଦ୍‌ଘାଟନ କରି ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କୁ ଟଙ୍କ ତୋରାଣି ବଣ୍ଟନ କରୁଛନ୍ତି ।



ପବିତ୍ର ଶ୍ରୀଗୁଣ୍ଡିଚା ଯାତ୍ରା ଅବସର ରେ ରାଜ୍ୟପାଳ ଡ ହରି ବାବୁ କମ୍ଭମ ପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସିଂହଦ୍ୱାର ଠାରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ପ୍ରକାଶିତ ରଥ ଯାତ୍ରା ସ୍ୱତନ୍ତ୍ର ସଂଖ୍ୟା ଉତ୍କଳ ପ୍ରସଙ୍ଗ ଉନ୍ମୋଚନ କରୁଛନ୍ତି ।

# ଶ୍ରୀଗୁଣ୍ଡିଚା ଯାତ୍ରାରେ ଶ୍ରୀଜଗନ୍ନାଥ ମନ୍ଦିର ସ୍ୱତ୍ୱଲିପି ପ୍ରକାଶିତ

ଭୁବନେଶ୍ୱର (ସବ୍ୟୁ): ପବିତ୍ର ଘୋଷଯାତ୍ରା ଅବସରରେ ପୁରୀ ସିଂହଦ୍ୱାର ଠାରେ ୯୦୫ ପୃଷ୍ଠା ବିଶିଷ୍ଟ ଶ୍ରୀଜଗନ୍ନାଥ ମନ୍ଦିର ସତ୍ୱଲିପି ଗ୍ରନ୍ଥକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉନ୍ମୋଚନ କରିଛନ୍ତି। ଓଡ଼ିଶାର ବରିଷ୍ଠ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡ. ଭାସ୍କର ମିଶ୍ର ଓ ରାଜ୍ୟ ଆଡଭୋକେଟ ଜେନେରାଲ ପିତାମ୍ବର ଆଚାର୍ଯ୍ୟଙ୍କ ଦ୍ୱାରା ଯୁଗ୍ମ ସଙ୍କଳିତ ଏହି ଉପାଦେୟ ଶ୍ରୀଜଗନ୍ନାଥ ମନ୍ଦିର ସତ୍ୱଲିପିକୁ ରାଜ୍ୟ ସରକାର ଗତ ୬୯ ବର୍ଷ ତଳେ ଓଡ଼ିଶା ଗେଜେଟରେ ୪ ଖଣ୍ଡରେ



ପ୍ରକାଶ କରିଥିଲେ । ଆଜିକୁ ଦୀର୍ଘ ୫୦ବର୍ଷ ଧରି ଏହି ଗ୍ରନ୍ଥ ଦୁଷ୍ପ୍ରାପ୍ୟ ହୋଇଥିଲା। ଯୁଗ୍ମ ସଂକଳକ ଡ. ମିଶ୍ର, ଆଡଭୋକେଟ ଜେନେରାଲ ଶ୍ରୀ ଆଚାର୍ଯ୍ୟ ଦୀର୍ଘ ୧ବର୍ଷ ଧରି ଏହାର ସଂକଳନ ଏବଂ ସଂପାଦକ କାର୍ଯ୍ୟରେ ନିୟୋଜିତ। ପୁସ୍ତକ ପ୍ରକାଶନ ସଂସ୍ଥା ବିଦ୍ୟାପୁରୀ ଉକ୍ତ ଗ୍ରନ୍ଥକୁ ପ୍ରକାଶ କରିଛନ୍ତି। ଏହି ଦିବ୍ୟ ଉନ୍ମୋଚନ ଉତ୍ସବରେ ରାଜ୍ୟପାଳ ହରିବାବୁ କମ୍ଭମପାଟି, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର ସଂସ୍କୃତିମନ୍ତ୍ରୀ ଗଜେନ୍ଦ୍ର ଶେଖାୱତ୍, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ପ୍ରଭାତୀ ପରିଡା, ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ପୁରୀ ସାଂସଦ ଡାକ୍ତର ସମ୍ବିତ ପାତ୍ର ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଅତିଥିଭାବେ ଉପସ୍ଥିତ ଥିଲେ । ଶ୍ରୀଜଗନ୍ନାଥ ମହାପ୍ରଭୁ ପହଣ୍ଡି ବିଜେରେ ଚାରମାଳ ଉପରେ ବିରାଜମାନ କରୁଥିବା ସମୟରେ ଅତିଥି ବୃନ୍ଦ ରଥ କର୍ଡନ ମଧ୍ୟରେ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କ ଉପସ୍ଥିତିରେ ଉପରୋକ୍ତ ଗ୍ରନ୍ଥକୁ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ସମର୍ପଣ ପୂର୍ବକ ଉନ୍ମୋଚନ କରିଥିଲେ । ପ୍ରକାଶକ ଜୀବନାନନ୍ଦ ମିଶ୍ର ଉତ୍ସବରେ ଉପସ୍ଥିତ ଥିଲେ ।

# ରଥଯାତ୍ରାରେ ସାମ୍ବାଦିକଙ୍କୁ ପୋଲିସର ମାଡ ଘଟଣା, ବିଜେଡିର ନିନ୍ଦା

ଭୁବନେଶ୍ୱର, (ସବ୍ୟୁ): ପବିତ୍ର ରଥଯାତ୍ରାରେ ରାଜ୍ୟ ସରକାର କାର୍ଯ୍ୟରତ ସାମ୍ବାଦିକମାନଙ୍କୁ ପୁରୀ ନିମନ୍ତ୍ରଣ କରି ପୋଲିସ ଦ୍ୱାରା ଆକ୍ରମଣ ଘଟଣାକୁ ବିଜେଡି ଦୃଢ଼ ନିନ୍ଦା କରୁଛି । ଆଜି ଏକ ପ୍ରେସ ବିବୃତ୍ତିରେ ଦଳର ଗଣମାଧ୍ୟମ ସଂଯୋଜକ ତଥା ମୁଖପାତ୍ର ଡ. ଲେନିନ୍ ମହାନ୍ତି କହିଛନ୍ତି ଯେ, ରାଜ୍ୟ ସରକାରଙ୍କ ସୂଚନା ଓ ଲୋକ ସଂପର୍କ ବିଭାଗ, କାର୍ଯ୍ୟରତ ସ୍ୱୀକୃତିପ୍ରାପ୍ତ ସାମ୍ବାଦିକମାନଙ୍କୁ ଭୁବନେଶ୍ୱରର ଜୟଦେବ ଭବନ ନିକଟରୁ ଏକ ସ୍ୱତନ୍ତ୍ର ବସ୍ରେ ପୁରୀ ନେଇଥିଲେ । ସେଠାରେ ପହଞ୍ଚିଲା ପରେ କର୍ଡନ ପାସ୍ ଓ ପରିଚୟପତ୍ର ଦେଖାଇଲେ ମଧ୍ୟ ପୋଲିସ ସେମାନଙ୍କୁ ଖବର ସଂଗ୍ରହ କରିବାକୁ ଦେଇନଥିଲା । ଓଲଟି ପୋଲିସର ଦୁର୍ବ୍ୟବହାର ଓ ମାଡରେ ଅନେକ ବରିଷ୍ଠ ସାମ୍ବାଦିକ ଗୁରୁତର ଆହତ ହୋଇଥିଲେ । ବରିଷ୍ଠ ସାମ୍ବାଦିକ ରମେଶ ମହାନ୍ତି ଗୁରୁତର ଆହତ ହୋଇଥିଲା ବେଳେ, ପ୍ରଭୁ କଲ୍ୟାଣ ମହାପାତ୍ର, ପ୍ରଦ୍ୟୁମ୍ନ କୁମାର ମହାନ୍ତି, ସନତ ମିଶ୍ର ଓ ହରପ୍ରସାଦ ଦାସଙ୍କ ଛାତିରେ ଆଘାତ ଲାଗିଥିଲା । ମହିଳା ସାମ୍ବାଦିକା ବିଜୟିତା ତ୍ରିପାଠୀଙ୍କ ହାତରେ ବଡ କ୍ଷତ ହୋଇ ସେ ମେଡିକାଲରେ ଭର୍ତ୍ତି ହୋଇଛନ୍ତି । ଏମାନଙ୍କ ଛଡା ବହୁ ସାମ୍ବାଦିକ ମଧ୍ୟ ପୋଲିସ ମାଡରେ ଆହତ ହୋଇ ନିଜ ଦାୟିତ୍ୱ ସମ୍ପାଦନ କରିପାରିନାହାଁନ୍ତି । ଶ୍ରୀ ମହାନ୍ତି ଆହୁରି ମଧ୍ୟ କହିଛନ୍ତି ଯେ, ପ୍ରତ୍ୟେକ ବର୍ଷ ସୂଚନା ଓ ଲୋକ ସଂପର୍କ ବିଭାଗ ପକ୍ଷରୁ ପବିତ୍ର ରଥଯାତ୍ରାର ଖବର ପ୍ରସାରଣ ପାଇଁ ସ୍ୱତନ୍ତ୍ର ବନ୍ଦୋବସ୍ତ କରାଯାଏ । କିନ୍ତୁ ଚଳିତ ବର୍ଷ ରାଜ୍ୟ ସରକାରଙ୍କ ଅପାରଗତା ଲାଗି ଶ୍ରୀକ୍ଷେତ୍ରରେ ସାମ୍ବାଦିକମାନେ ପୋଲିସ ଠାରୁ ମାଡ ଖାଇଲେ । ଗଣତନ୍ତ୍ରର ୪ର୍ଥ ସ୍ତମ୍ଭ ଉପରେ ଏଭଳି ପୋଲିସର ଅମାନବୀୟ ଆଚରଣକୁ ବିଜେଡି ଦୃଢ଼ ନିନ୍ଦା କରୁଛି । ମୁଖ୍ୟମନ୍ତ୍ରୀ ଏଥିରେ ହସ୍ତକ୍ଷେପ କରି ପବିତ୍ର ରଥଯାତ୍ରାରେ ବିଭ୍ରାଟ ପାଇଁ ଦାୟୀ ଅଧିକାରୀମାନଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ।

# ରଥଯାତ୍ରାରେ ଅଘଟଣ, ପୁଲିସ ଆକ୍ରମଣରେ ସାମ୍ବାଦିକ ଆହତ

## କର୍ଡନ ପାସ୍ ଥାଇ ବି ଛାଡିଲାନି ପୁଲିସ

ଭୁବନେଶ୍ୱର (ସବ୍ୟୁ) : ରଥଯାତ୍ରାରେ ଅଘଟଣ। ରାଜ୍ୟ ସରକାର ସ୍ୱୀକୃତିପ୍ରାପ୍ତ ଓ କାର୍ଯ୍ୟରତ ସାମ୍ବାଦିକମାନଙ୍କୁ ରଥଯାତ୍ରା ଖବର ସଂଗ୍ରହ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିଥିବା ବେଳେ ପୁଲିସ ଆକ୍ରମଣରେ ୭ରୁ ଉର୍ଦ୍ଧ୍ୱ ଗୁରୁତର ଆହାତ ହୋଇଛନ୍ତି । ଜଣେ ମହିଳା ସାମ୍ବାଦିକାଙ୍କ ହାତରେ ୨୦ ଷ୍ଟିଜ ପଡିଛି । ଏହି ଘଟଣା ପ୍ରଥମ ଥର ଘଟିଥିବା ବେଳେ ଏହାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଓ ଲୋକସମ୍ପର୍କ ବିଭାଗ ସାମ୍ବାଦିକମାନଙ୍କ ପାଇଁ ଶ୍ରୀଗୁଣ୍ଡିଚା ଯାତ୍ରା ଦେଖିବାକୁ ସ୍ୱତନ୍ତ୍ର ବ୍ୟବସ୍ଥା କରିଥିଲେ । ସକାଳ ୮ଟା ରୁ ଭୁବନେଶ୍ୱର ଜୟଦେବ ଭବନ ନିକଟରୁ ଓଟିଡିସି ବସରେ ୫୨ ଜଣ ସାମ୍ବାଦିକ ବାହାରିଥିଲେ । ପୁରୀରେ ପୂର୍ବାହ୍ନ ୧୦ ଟାରେ ପହଞ୍ଚିଥିଲେ । ସେମାନଙ୍କ ପାଇଁ କର୍ଡନ ପାସ ବ୍ୟବସ୍ଥା କରାଯାଇଥିଲା ଓ ସମସ୍ତ ସାମ୍ବାଦିକମାନେ ମୋଚି ସାହି ଦେଇ ଶ୍ରୀ ମନ୍ଦିର ସିଂହଦ୍ୱାର ସମ୍ମୁଖରେ ପହଁଞ୍ଚିଲେ । ହେଲେ ସେମାନଙ୍କୁ ପୁଲିସ ବ୍ୟାରିକେଡରେ ଛାଡି ନଥିଲା । ସାମ୍ବାଦିକମାନେ ପୁଲିସକୁ କର୍ଡନ



ପାସ ସହିତ ନିଜର ସାମ୍ବାଦିକ ପରିଚୟ ପତ୍ର ବି ଦେଖାଇଥିଲେ । କିନ୍ତୁ ପୁଲିସ ସାମ୍ବାଦିକଙ୍କୁ ଦୁର୍ବ୍ୟବହାର କରିବା ସହିତ ଆକ୍ରମଣ କରିଥିଲେ । ଘଟଣା ସ୍ଥଳରେ ସାମ୍ବାଦିକଙ୍କୁ ଠେଲାପେଲାରେ ୭ ଜଣ ଗୁରୁତର ଆହତ ହୋଇଥିଲେ । ବରିଷ୍ଠ ସାମ୍ବାଦିକ ରମେଶ ମହାନ୍ତି ତଳେ ପଡି ଯିବା ଯୋଗୁଁ ଲୋକମାନେ ଦଳାଚକଟା କରିଦେଥିଲେ ସେହିପରି ଆଉ ଜଣେ ସାମ୍ବାଦିକ ପ୍ରଭୁ କଲ୍ୟାଣ ମହାପାତ୍ର ଆହତ ହୋଇଥିବା ବେଳେ ପ୍ରଦ୍ୟୁମ୍ନ କୁମାର ମହାନ୍ତି, ସନତ ମିଶ୍ର ଓ ହର ପ୍ରସାଦ ଦାସଙ୍କ ଛାତିରେ ଆଘାତ ଲାଗିଥିଲା । ତଥାପି ପୋଲିସର ଆକ୍ରମଣ ଥମି ନଥିଲା। ମହିଳା ସାମ୍ବାଦିକା ବିଜୟିତା ତ୍ରିପାଠୀଙ୍କୁ ପୋଲିସ ଏତେ ଜୋରରେ ଠେଲି ଦେଇଥିଲା ଯେ ତାଙ୍କ ହାତରେ ବଡ କ୍ଷତ ସୃଷ୍ଟି ହୋଇଛି । ସଙ୍ଗେ ସଙ୍ଗେ ତାଙ୍କୁ କ୍ୟାମ୍ପ ହସ୍ପିଟାଲ ଭର୍ତ୍ତି କରାଯାଇଥିଲା । ସେଠାରେ ତାଙ୍କ ହାତରେ ୨୦ ଷ୍ଟିଜ ପଡିଥିଲା । ଗିରିଧାରୀ ଲାଲ ଷଡଙ୍ଗୀ ଗୋଡରେ ଆଘାତ ହୋଇଛି । ଏ ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ହସ୍ତକ୍ଷେପ କରିବା ସହିତ ସିସି କ୍ୟାମେରା ଯାଞ୍ଚ କରି ଦୋଷୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି ।

### ରଥଯାତ୍ରାରେ ସାମ୍ବାଦିକଙ୍କୁ ପୋଲିସ ଦୁର୍ବ୍ୟବହାରକୁ ଭକ୍ତଙ୍କ ନିନ୍ଦା

ଭୁବନେଶ୍ୱର (ସବ୍ୟୁ): ରଥଯାତ୍ରାରେ ରାଜ୍ୟ ସରକାର ସ୍ୱୀକୃତିପ୍ରାପ୍ତ ଓ କାର୍ଯ୍ୟରତ ସାମ୍ବାଦିକମାନଙ୍କୁ ରଥଯାତ୍ରା ଖବର ସଂଗ୍ରହ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିଥିବା ବେଳେ ପୁଲିସ ଆକ୍ରମଣରେ ୭ରୁ ଉର୍ଦ୍ଧ୍ୱ ଗୁରୁତର ଆହତ ହୋଇଛନ୍ତି । ଜଣେ ମହିଳା ସାମ୍ବାଦିକ ହାତରେ ୨୦ ଷ୍ଟିଜ ପଡିଛି । ଏପରି ଘଟଣାକୁ ପିସିସି ସଭାପତି ଭକ୍ତ ଚରଣ ଦାସ ନିନ୍ଦା କରିଛନ୍ତି। ଏ ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ହସ୍ତକ୍ଷେପ କରିବା ସହିତ ସିସି କ୍ୟାମେରା ଯାଞ୍ଚ କରି ଦୋଷୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଦାବି କରିଛନ୍ତି।

## ଶ୍ରୀକ୍ଷେତ୍ରରେ ରଥାରୂଢ଼ ମହାପ୍ରଭୁଙ୍କ ଦର୍ଶନ

# ପ୍ରଭୁ ଜଗତର ରକ୍ଷାକର୍ତ୍ତା, ତାଙ୍କର ଲୀଳା ଅପାର : ଧର୍ମେନ୍ଦ୍ର

ଭୁବନେଶ୍ୱର (ସବ୍ୟୁ): ଶ୍ରୀକ୍ଷେତ୍ର ପୁରୀରେ ପବିତ୍ର ରଥଯାତ୍ରାରେ ସାମିଲ ହୋଇ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭକ୍ତମାନଙ୍କ ସହ ରଥାରୁଢ଼ ଚତୁର୍ଦ୍ଧାମୂରତିଙ୍କ ଦର୍ଶନ କରିଛନ୍ତି । ପବିତ୍ର ରଥଯାତ୍ରାର ଶୁଭେଚ୍ଛା ଜଣାଇବା ସହ ଶ୍ରୀ ପ୍ରଧାନ କହିଛନ୍ତି ଯେ ରଥଯାତ୍ରା ସମସ୍ତଙ୍କ ପାଇଁ ଏକ ପବିତ୍ର ଦିନ । ମହାପ୍ରଭୁ ଶ୍ରୀଜଗନ୍ନାଥ ଜଗତର ରକ୍ଷାକର୍ତ୍ତା । ତାଙ୍କର ଲୀଳା ଅପାର । ଜାତି, ଧର୍ମ, ବର୍ଣ୍ଣ, ବିଶ୍ୱାସ ନିର୍ବିଶେଷରେ ସେ ସମସ୍ତଙ୍କର ନାଥ । ଆଜି ବଡ଼ଦାଣ୍ଡରେ ରଥାରୂଢ ଚକାନୟନ, ବଡ ଭାଇ ବଳଭଦ୍ର, ଦେବୀ ସୁଭଦ୍ରା ଓ ଚକ୍ରରାଜ ସୁଦର୍ଶନଙ୍କୁ ଦର୍ଶନ କରିବା ମୋର ସୌଭାଗ୍ୟ । ସବୁ ଭକ୍ତମାନେ ଆନନ୍ଦ ଓ ଉତ୍ସାହର ସହ ଆଧାତ୍ମିକ ବାତାବରଣରେ ରଥ ଭିଡ଼ିଛନ୍ତି । ମହାପ୍ରଭୁଙ୍କ ଆଶୀର୍ବାଦରୁ ଚଳିତବର୍ଷ ରଥଯାତ୍ରା ବ୍ୟବସ୍ଥିତ ହୋଇଛି । ଏହି ବ୍ୟବସ୍ଥା ପାଇଁ



ଶ୍ରୀ ପ୍ରଧାନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ପୁରୀ ଜିଲ୍ଲା ପ୍ରଶାସନ, ଶ୍ରୀମନ୍ଦିର ପ୍ରଶାସନକୁ ଧନ୍ୟବାଦ ଜଣାଇଛନ୍ତି ।

ରଥଯାତ୍ରା ଅବସରରେ ଶ୍ରୀ ପ୍ରଧାନ ଓଡ଼ିଶାର ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏବଂ କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱାତଙ୍କ ସହ 'ଶ୍ରୀଜଗନ୍ନାଥ ମନ୍ଦିର ସତ୍ୱଲିପି' ଓ ଉତ୍କଳ ପ୍ରସଙ୍ଗର ରଥଯାତ୍ରା ବିଶେଷାଙ୍କ ପତ୍ରିକା ଉନ୍ମୋଚନ କରିଥିଲେ । ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ଦିଗରେ ଏହା ସ୍ୱାଗତଯୋଗ୍ୟ ପଦକ୍ଷେପ କହିବା ସହ ଏହି ଉପାଦେୟ ସତ୍ୱଲିପି ଓ ପତ୍ରିକାର ବିପୁଳ ପାଠକୀୟ ଆଦୃତି ଲାଭ କରିଛନ୍ତି ଶ୍ରୀ ପ୍ରଧାନ । ଏହା ପୂର୍ବରୁ ଶ୍ରୀ ପ୍ରଧାନ ପୁରୀ ଗୋବର୍ଦ୍ଧନ ପୀଠ ପରିଦର୍ଶନ କରିବା ସହ ଶଙ୍କରାଚାର୍ଯ୍ୟ ଜଗଦଗୁରୁ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ମହାରାଜା ଏବଂ ଜଗଦଗୁରୁ ପରମପୂଜ୍ୟ ରାମାନନ୍ଦାଚାର୍ଯ୍ୟ ସ୍ୱାମୀ ରାମଭଦ୍ରାଚାର୍ଯ୍ୟଙ୍କ ଆଶୀର୍ବାଦ ନେଇଥିଲେ । ବଡଦାଣ୍ଡରେ ବିଶ୍ୱ ହିନ୍ଦୁ ପରିଷଦ ସେବା ବିଭାଗ ତରଫରୁ ଆୟୋଜିତ ଅନ୍ନଦାନ ସେବାରେ ସାମିଲ ହୋଇ ଶ୍ରୀ ପ୍ରଧାନ ଭକ୍ତମାନଙ୍କୁ ପ୍ରସାଦ ବିତରଣ କରିଥିଲେ । ପୁରୀରେ ରଥଯାତ୍ରାକୁ ଶୃଙ୍ଖଳିତ କରିବା ସହ ଭିଡକୁ ନିୟନ୍ତ୍ରଣ କରିବା ପାଇଁ ଓଡ଼ିଶା ପୋଲିସ ପକ୍ଷରୁ ହୋଇଥିବା "ଇଣ୍ଟିଗ୍ରେଟେଡ୍ କମାଣ୍ଡ ଆଣ୍ଡ କଣ୍ଟ୍ରୋଲ ସେଣ୍ଟର" ପରିଦର୍ଶନ କରିବା ସହ ରଥଯାତ୍ରାରେ ପ୍ରଥମ ଥର ପାଇଁ ଡ୍ରୋନ୍ ଓ ଅନ୍ୟାନ୍ୟ ଟେକ୍ନୋଲୋଜି ମନିଟରିଂ ଦିଗରେ ଓଡ଼ିଶା ପୋଲିସର ବ୍ୟବସ୍ଥାକୁ ପ୍ରଶଂସା କରିଥିଲେ ।

# ଭିଏସ୍ଏସ୍ ନଗରରେ ରଥଯାତ୍ରା

ଭୁବନେଶ୍ୱର (ସବ୍ୟୁ): ବୀର ସୁରେନ୍ଦ୍ର ସାଏ ନଗରରେ ଶ୍ରୀ ଶ୍ରୀ ଭୁବନେଶ୍ୱରୀ ମନ୍ଦିର ପରିଚାଳନା ସମିତି ପକ୍ଷରୁ ୧୮ ତମ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି । ପ୍ରଭୁ ଜଗନ୍ନାଥ ବଡ ଭାଇ ବଳରାମ ଓ ଭଉଣୀ ସୁଭଦ୍ରାଙ୍କ ସହିତ ସୁସଜ୍ଜିତ ରଥରେ ଡି.ଏଲ. କଲୋନୀ ସ୍ଥିତ ଭୁବନେଶ୍ୱରୀ ମନ୍ଦିରରୁ ଯାତ୍ରା ଆରମ୍ଭ ହୋଇ ସନ୍ଧ୍ୟା ପୁର୍ବରୁ ଆଡପ ମଣ୍ଡପ ନିକଟରେ ପହଞ୍ଚିଥିଲେ। ଆଜିର ଯାତ୍ରାରେ ଅନୁଷ୍ଠାନର ସଭାପତି ଡ. ଜୟନ୍ତ ପରିଡା ରାଜା ବେଶ ଧାରଣକରି ଛେରା ପହଁରା କରିଥିବା ବେଳେ ସାଧାରଣ ସମ୍ପାଦକ ପ୍ରତାପ କୁମାର ନନ୍ଦ ପହଣ୍ଡି ବିଜେ କରାଇଥିଲେ। ବିଧାୟକ ସୁଶାନ୍ତ କୁମାର ରାଉତ, ପୁର୍ବତନ ବିଧାୟକ ପ୍ରୀୟଦର୍ଶୀ ମିଶ୍ର ଅତିଥି ଭାବେ ଯୋଗ ଦେଇଥିଲେ ଓ ଭି ଏସ୍ ଏସ୍ ନଗର ଉନ୍ନୟନ ପରିଷଦର ସାଧାରଣ ସମ୍ପାଦକ ଦିଲ୍ଲୀପ ଦାଶଶର୍ମା ଉପସ୍ଥିତ ଥିଲେ। ଭି ଏସ୍ ଏସ୍ ନଗର ଯୁବକ ସଂଘ, ସ୍ମୃତି ପରିଷଦ ଓ ହାଟ କମିଟି ପକ୍ଷରୁ ଭକ୍ତ ମାନଙ୍କ ପାଇଁ ପଣା ଓ ମିଠା ବିତରଣ କରାଯାଇଥିଲା। ମନ୍ଦିର ପରିଚାଳନା ସମିତିର ଉପ-ସଭାପତି ପ୍ରଶାନ୍ତ ଷଡଙ୍ଗୀ, କୋଷାଧ୍ୟକ୍ଷ ନିତ୍ୟରଞ୍ଜନ ନନ୍ଦ, ଯୁଗ୍ମ-ସମ୍ପାଦକ ନିଶିଥ ରଞ୍ଜନ ନନ୍ଦ, ଧରଣିଧର ରାଉତ, ରବି ନାରାୟଣ ରାୟ, ପ୍ରକାଶ କୁମାର ଦାସ, ଅସିମ ଦାଦା, ନବକିଶୋର ବେଉରା, ସନ୍ତୋଷ କୁମାର ଶତପଥୀ, ଖିରୋଦ କୁମାର ସାହୁ, ସନ୍ତୋଷ କୁମାର କୁଣ୍ଡୁ, ପୁରଞ୍ଜନ ପାଢ଼ୀ, ରବିନ୍ଦ୍ର କୁମାର ପାଲ, ମୋହନ ଚରଣ ବେହେରା, ମନୋଜ ପଟ୍ଟନାୟକ, ରାଖାଲ ମହାନ୍ତି, ଅସିମ ସିଂହ୍ନା, ଉତ୍କଳ କୁମାର ପାଣିଗ୍ରାହୀ ଓ ଉମାକାନ୍ତ ରାୟଗୁରୁ ସହିତ ବହୁ ସଦସ୍ୟ ଓ ସ୍ୱେଚ୍ଛାସେବକ ରଥଯାତ୍ରାରେ ସହଯୋଗ କରିଥିଲେ।

# ଶ୍ରୀବାଣୀକ୍ଷେତ୍ରରେ ଘୋଷଯାତ୍ରା

ଭୁବନେଶ୍ୱର, (ସବ୍ୟୁ) : ପ୍ରତିବର୍ଷ ପରି କିସ୍ ଶ୍ରୀବାଣୀ କ୍ଷେତ୍ରରେ ବିଶ୍ୱ ପ୍ରସିଦ୍ଧ ଘୋଷଯାତ୍ରା ମହାସମାରୋହରେ ସଂପନ୍ନ ହୋଇଯାଇଛି। ଶୁକ୍ରବାର ପୂର୍ବାହ୍ନରେ ମଙ୍ଗଳ ଆରତି, ମଇଲମ, ତଡ଼ପଲାଗି, ରୋଷ ହୋମ, ଅବକାଶ, ସୂର୍ଯ୍ୟପୂଜା ଓ ରଥ ପ୍ରତିଷ୍ଠା ଆଦି ନୀତିକାନ୍ତି ନିର୍ଦ୍ଧାରିତ ନୀତି ନିର୍ଘଣ୍ଟ ଅନୁସାରେ ସଂପନ୍ନ ହେବା ପରେ କିଟ୍ ମନ୍ଦିର ଟ୍ରଷ୍ଟ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଦ୍ୱାରା ଅପରାହ୍ନ ୩ଟାରେ ଛେରା ପହଁରା ନୀତି ସଂପନ୍ନ ହୋଇଥିଲା। ଅପରାହ୍ନ ୪ଟା ସମୟରେ ଭକ୍ତମାନେ ପ୍ରଭୁ ବଳଭଦ୍ର, ଦେବୀ ସୁଭଦ୍ରା ଓ ମହାପ୍ରଭୁ ଜଗନ୍ନାଥଙ୍କ ରଥକୁ ନବନିର୍ମିତ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ଟାଣିଥିଲେ। ଘଣ୍ଟଘଣ୍ଟା, ମୃଦଙ୍ଗ, ଖୋଳ କରତାଳ ନିନାଦ ସହ ଜୟ ଜଗନ୍ନାଥ ଧ୍ୱନୀରେ ରଥଦାଣ୍ଡ ପ୍ରକମ୍ପିତ ହୋଇଥିଲା। ଶ୍ରୀବାଣୀକ୍ଷେତ୍ର ରଥ ଯାତ୍ରାର ଏକ ବିଶେଷତ୍ୱ ହେଉଛି ଏଠାରେ ଦେବୀ ସୁଭଦ୍ରାଙ୍କ ରଥକୁ ମହିଳାମାନେ



ଟାଣିଥାନ୍ତି। ପାଗ ଅନୁକୂଳ ଥିବାରୁ ଘୋଷଯାତ୍ରା ଦେଖିବା ଲାଗି ସ୍ଥାନୀୟ ଅଞ୍ଚଳରୁ ୫୦ହଜାରରୁ ଉର୍ଦ୍ଧ୍ୱ ଭକ୍ତ ସମାଗମ ହୋଇଥିଲା। ସୁସଜ୍ଜିତ ନନ୍ଦିଘୋଷ, ତାଳଧ୍ୱଜ ଓ ଦେବଦଳନ ରଥକୁ ଟାଣିବା ସହ ଭକ୍ତମାନେ ଦୈବୀକୃପା ଲାଭ କରିଥିଲେ। ସୂଚନାଯୋଗ୍ୟ, ପୁରୀ ଜଗନ୍ନାଥ ମନ୍ଦିରର ପରମ୍ପରାକୁ ଆଧାର କରି କିସ୍ ଶ୍ରୀବାଣୀ କ୍ଷେତ୍ରରେ ମହାପ୍ରଭୁଙ୍କ ସମସ୍ତ ନୀତି ଅନୁସାରେ ପୂଜା ହୋଇଥାଏ। ରଥଯାତ୍ରାରେ ମଧ୍ୟ ପୁରୀ ରଥଯାତ୍ରାର ସମସ୍ତ ନିୟମକୁ ଅନୁସରଣ କରାଯାଇ ଏଠାରେ ଆୟୋଜନ କରାଯାଇଥାଏ। ରଥ ନିର୍ମାଣ ପାଇଁ ପୁରୀରୁ ସ୍ୱତନ୍ତ୍ର ବିନ୍ଧାଣୀ, ମହାରଣା ଓ ଚିତ୍ରକର ନିଯୁକ୍ତ ହୋଇଥାନ୍ତି। ଶ୍ରୀବାଣୀ କ୍ଷେତ୍ରର ଶ୍ରୀଜଗନ୍ନାଥ ମନ୍ଦିର ନିର୍ମାଣଠାରୁ ଆରମ୍ଭ କରି ଏଠାରେ ସମସ୍ତ ପୂଜାର୍ଚ୍ଚନା ଓ ରଥଯାତ୍ରା ପୁରୀ ଗଜପତି ମହାରାଜ ଶ୍ରୀଦିବ୍ୟସିଂହଦେବଙ୍କ ପରାମର୍ଶ ଅନୁସାରେ ସଂପନ୍ନ କରାଯାଇଥାଏ। ଶ୍ରୀକ୍ଷେତ୍ର ଘୋଷଯାତ୍ରାର ଅବିକଳ ଢ଼ାଞ୍ଚାରେ ଏଠାରେ ମଧ୍ୟ ମହାପ୍ରଭୁ ଜଗନ୍ନାଥ ପ୍ରଭୁ ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ପାଇଁ ଯଥାକ୍ରମେ ୧୬, ୧୪ ଓ ୧୨ଚକ ବିଶିଷ୍ଟ ତିନୋଟି ରଥ ନିର୍ମାଣ କରାଯାଇଥାଏ। ନବଦିନ ବ୍ୟାପୀ ପ୍ରତିସନ୍ଧ୍ୟାରେ ମହାପ୍ରଭୁଙ୍କ ନିକଟରେ ଭଜନ ସମାରୋହ ଅନୁଷ୍ଠିତ ହେବା ସହ ମୀନାବଜାରର ବ୍ୟବସ୍ଥା କରାଯାଇଛି। ଏହି ନଅ ଦିନ ଶ୍ରୀ ଜୀଉଙ୍କ ଦର୍ଶନ ପାଇଁ ଗୁଣ୍ଡିଚା ମନ୍ଦିରରେ ଆଖପାଖ ଅଞ୍ଚଳରୁ ଭକ୍ତଙ୍କ ଗହଳି ଲାଗି ରହିଥାଏ।

# ଓଳସିଂହ ପତିତପାବନ ଦେବଙ୍କ ରଥଯାତ୍ରା

ନିରାକାରପୁର, (ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ଜଂକିଆ ଥାନା ଅନ୍ତର୍ଗତ ଓଳସିଂହ ଗ୍ରାମସ୍ଥ ଶ୍ରୀ ଶ୍ରୀ ପତିତପାବନ ଦେବଙ୍କ ରଥଯାତ୍ରା ବଡ ଉତ୍ସାହର ସହିତ ଅନୁଷ୍ଠିତ ହୋଇଯାଇଛି । ଠାକୁରଙ୍କ ପହଣ୍ଡି ବିଜେ ପରେ ସମାଜସେବୀ ଦେବରାଜ ବାରିସଲ ଛେରା ପହଁରା କାର୍ଯ୍ୟ ସମ୍ପନ୍ନ କରୁଥିଲେ । ପରେ ରଥାରୂଢ଼ ପତିପାବନ ଗ୍ରାମ ପରିକ୍ରମା କରି ଗୁଣ୍ଡିଚା ମନ୍ଦିର ଅଭିମୁଖେ ଯାଇଥିଲେ । ଏହି ସମୟରେ ଅଞ୍ଚଳ ହଜାର ହଜାର ଭକ୍ତ ସମାଗମ ହୋଇଥିଲା । ଏକ ଭକ୍ତିମୟ ପରିବେଶ ମଧ୍ୟରେ ଭକ୍ତ ମାନେ ରଥକୁ ଟାଣି ଥିଲେ । ବେଦଚାର୍ଯ୍ୟ ପଣ୍ଡିତ ବ୍ରଜବନ୍ଧୁ ତ୍ରିପାଠୀ ଦେବନୀତି ଓ ପୂଜାର୍ଚ୍ଚନା କାର୍ଯ୍ୟ ସମ୍ପାଦନ କରିଥିଲେ । ଉକ୍ତ ଯାତ୍ରାକୁ ଗ୍ରାମର ରଥ ଯାତ୍ରା କମିଟି ସଭ୍ୟ ଓ ଗ୍ରାମବାସୀ ଯୋଗ ଦେଇ ପରିଚାଳନା କରିଥିଲେ । ପୋଲିସ ପ୍ରଶାସନ ଶାନ୍ତି ଶୃଙ୍ଖଳା ରକ୍ଷା କରିବାକୁ ସହଯୋଗ କରିଥିଲେ । ସେହିପରି ନିରାକାରପୁର ଜଗନ୍ନାଥ ମନ୍ଦିର ରେ ମଧ୍ୟ ରଥ ଯାତ୍ରା ଅନୁଷ୍ଠିତ ହୋଇଯାଇଛି ।

## ରୌପ୍ୟନଗରୀରେ ଗଡ଼ିଲା ୩ରଥ

# ଚାନ୍ଦିନୀଚୌକ, ଦୋଲମୁଣ୍ଡାଇ, ରାଣୀହାଟ, ଯୋବ୍ରାରେ ଶାନ୍ତିଶୃଙ୍ଖଳାର ସହିତ ଯାତ୍ରା ସମ୍ପନ୍ନ

କଟକ, (ସବ୍ୟୁ): ରଥ ଟାଣିବାକୁ ଭକ୍ତଙ୍କ ଭିଡ଼ । ସହରରେ ବର୍ଷା ଯଦିଓ ଝିପି ଝିପି ହେଉଥିଲା, ତଥାପି ମଝିରେ ମଝିରେ ଛାଡି ଯାଉଥିଲା । ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ବିଶ୍ୱନିୟନ୍ତାଙ୍କ ଦୁର୍ଲ୍ଲଭ ଦର୍ଶନ ପାଇଁ ଚାହିଁ ରହିଥିଲେ । ଶଙ୍ଖ ଓ ଘଣ୍ଟର ଧ୍ୱନୀରେ କମ୍ପିଉଠୁଥିଲା ଚଉଦିଗ । କୋଳାହଳରେ ଫାଟି ପଡୁଥିଲା ରୌପ୍ୟନଗରୀ । ମୁଖ୍ୟତଃ ଚାନ୍ଦିନୀଚୌକ, ଦୋଲମୁଣ୍ଡାଇ, ରାଣୀହାଟ ଓ ଯୋବ୍ରାଠାରେ ଭୋର ସମୟରୁ ଶ୍ରୀବିଗ୍ରହମାନଙ୍କ କେତେକ ଗୁପ୍ତ ନୀତି ଯଥା ବାହୁଟକଣ୍ଟି, ସେନାପଟା, ଶୁକ୍ଳ ସଜ ନୀତି କରାଯାଇଥିଲା । ଠାକୁରମାନଙ୍କର ମଙ୍ଗଳ ଆଳତି, ମଇଲମ, ଅବକାଶ, ରୋଷ ହୋମ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା ପରେ ସକାଳ ଧୂପ ପୂଜା କରାଯାଇଥିଲା । ଏହା ପରେ ପ୍ରଥମେ ଶ୍ରୀସୁଦର୍ଶନ, ଶ୍ରୀବଳଭଦ୍ର, ସୁଭଦ୍ରା ମା' ଏବଂ ଶ୍ରୀଜଗନ୍ନାଥ ଧାଡ଼ି ପହଣ୍ଡିରେ ବିଜେ ହୋଇଥିଲେ । ଶହ ଶହ ଭକ୍ତ ଏହି ୩ଟି ସ୍ଥାନରେ ଏକତ୍ରିତ ହୋଇ ୩ରଥକୁ ଟାଣି ଟାଣି ମାଉସୀ ମା' ମନ୍ଦିରକୁ



ନେଇଯାଇଥିଲେ ।

ଚାନ୍ଦିନୀଚୌକ ଜଗନ୍ନାଥ ମନ୍ଦିରରେ ସକାଳ ୯ଟାରେ ୩ ଠାକୁରଙ୍କ ଧାଡି-ପହଣ୍ଡି, ଦିନ୧୨ଟାରେ ଛେରା ପହଁରା ଓ ଦିନ୨ଟାରେ ରଥଟଣା କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ଏହି ଅବସରରେ ଏକ ସମ୍ବର୍ଦ୍ଧନା ସଭା ସିଂହଦ୍ୱାର ସମ୍ମୁଖସ୍ଥ 'ସାଲବେଗ ମଞ୍ଚ'ରେ ଆୟୋଜନ କରାଯାଇଥିଲା । ଏଥିରେ ସମିତିର କାର୍ଯ୍ୟକାରୀ ସଭାପତି ଭିକାରୀ ଦାସ ଅଧ୍ୟକ୍ଷତା କରିଥିଲେ । କଟକ ମହାନଗର ପୂଜା କମିଟି ସମ୍ପାଦକ ତଥା ପୂର୍ବତନ ବିଧାୟକ ପ୍ରଭାତକୁମାର ତ୍ରିପାଠୀ, ମହାନଗର ନିଗମ ମେୟର ସୁବାସ ସିଂହ, ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋଷ, କଟକ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ, ଡିସିପି ଋଷିକେଶ ଦ୍ୟାନଦେଓ ଖିଲାରୀ, ଏଡିସିପି ଦେବଦତ୍ତ କର, ଓଡିଶା ହାଇକୋର୍ଟ ବାର ଆସୋସିଏସନ ସଭାପତି ମନୋଜ ମିଶ୍ର, ସମ୍ପାଦକ ଅଭିଜିତ ପଟ୍ଟନାୟକ, ମହାନଗର ଶାନ୍ତି କମିଟି ସଭାପତି ଦେବେନ୍ଦ୍ରନାଥ ସାହୁ, କାର୍ଯ୍ୟକାରୀ ସଭାପତି ପ୍ରଦୀପ ସିହ୍ନା ଓ ନୃସିଂହ ଚୌଧୁରୀ, ସଂଗଠନ ସମ୍ପାଦକ ଦେବାଶିଷ ରାୟ, ବିଜେଡି ନେତା ମଧୁସୂଦନ ସାହୁ, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଭବାନୀଶଙ୍କର ଭୂୟାଁ ପ୍ରମୁଖଙ୍କୁ ସମିତି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା ।

ଦୋଲମୁଣ୍ଡାଇରେ ଶାନ୍ତିଶୃଙ୍ଖଳାର ସହିତ ରଥଟଣା କାର୍ଯ୍ୟ ସମାପନ ହୋଇଛି ।

## ମନ୍ଦିରରୁ ଚୋରି : ୩ ଗିରଫ

# ଦେଢ ଭରି ସୁନା ଅଳଙ୍କାର ଓ ଟଙ୍କା ଜବତ

କଟକ, (ସବ୍ୟୁ): ଜଣେ ବ୍ୟକ୍ତିଙ୍କ ଘରେ ଥିବା ମନ୍ଦିରରୁ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଚୋରି ହେବା ଘଟଣାରେ ମାଲଗୋଦାମ ଥାନା ପୁଲିସ ୩ ଜଣଙ୍କୁ ଗିରଫ କରିଛି । ଅଭିଯୁକ୍ତମାନେ ହେଲେ ରାଣୀହାଟ ମାଳିସାହିରେ ଭଡା ରହୁଥିବା ସାଲେପୁର ତିଳଦା ଜପକୁଦର କିଟ୍ଟୁ ଓରଫ ଅମରେଶ ମହାପାତ୍ର(୩୫), ସାଲେପୁର ଶିଶୁଆର ବିଜୟ ଓରଫ ଦୈତାରୀ ସାମଲ(୫୨) ଓ ବାଦାମବାଡି ନୂଆ ଏଲଆଇସି କଲୋନୀରେ ରହୁଥିବା ସୁରଜ ସାହା(୩୦) । ଏମାନଙ୍କ ପାଖରୁ ସାଢେ ୧୭ ଗ୍ରାମର ସୁନା ଖଣ୍ଡ, ହଳେ ସୁନାର ଚୁଡି ଓ ୪୦ ହଜାର ଟଙ୍କା ନଗଦ ଜବତ କରାଯାଇଛି । ଆଜି ୩ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି । କଲେଜଛକ ମାନବିଳାଶ ଲେନରେ ସନ୍ତୋଷ କୁମାର ସାହୁ ସପରିବାର ରୁହନ୍ତି । ସେ ତାଙ୍କ ଘରର



ଉପର ମହଲାରେ ଏକ ମନ୍ଦିର ନିର୍ମାଣ କରିଛନ୍ତି । ସେଠାରେ ସବୁ ପୂଜାପାଠ ନୀତିକାନ୍ତି ଅନୁସାରେ ହୋଇଥାଏ । ନିୟମିତ ଜଣେ ପୂଜାରୀ ଆସି ପୂଜା କରନ୍ତି । ଉକ୍ତ ମନ୍ଦିରର ବୁଝାସୁଝା କରିବା ପାଇଁ ଶ୍ରୀ ସାହୁ କିଟ୍ଟୁ ଓରଫ ଅମରେଶ ମହାପାତ୍ରଙ୍କୁ ରଖିଛନ୍ତି । ଗତ ୨୧ ତାରିଖ ବିଳମ୍ବିତ ରାତିରେ କେହି ମନ୍ଦିର ଭିତରୁ ସମସ୍ତ ସୁନା ଅଳଙ୍କାର ଚୋରାଇ ନେଇଥିଲା । ପରଦିନ ଶ୍ରୀ ସାହୁ ଏହା ଜାଣି ଥାନାରେ ଏତଲା ଦେଇଥିଲେ । ପ୍ରାୟ ୫୦ ଭରିର ଅଳଙ୍କାର ଚୋରି ହୋଇଥିବା ନେଇ ସେ ଏତଲାରେ ଦର୍ଶାଇଥିଲେ । ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ସିସିଟିଭି ଫୁଟେଜ ଓ ପଚରାଉଚରା ପରେ ପୁଲିସକୁ ସୂଚନା ମିଳିଲାକି ଏହି ଚୋରି ପଛରେ ଖୋଦ ମନ୍ଦିର ଦାୟିତ୍ୱରେ ଥିବା କର୍ମଚାରୀ ଅମରେଶର ହାତ ରହିଛି । ତାକୁ ଧରି ପଚରାଉଚରା କରିବାରୁ ସେ ସବୁ କଥା ସ୍ୱିକାର କରିଥିଲା । ତେବେ ସେ ଚୋରି କରିଥିବା ଅଳଙ୍କାରକୁ ରାଣୀହାଟର ଅଳଙ୍କାର କାରିଗର ଦୈତାରୀ ସାମଲ ଓ ନିମଚୌଡିରେ କାମ କରୁଥିବା ଅଳଙ୍କାର କାରିଗର ସୁରଜ ସାହାକୁ ବିକ୍ରି କରିଥିବା ଜଣାଇଥିଲା । ସେଠାରେ ଚଢଉ କରି ପୁଲିସ ତରଳା ଯାଇଥିବା ସାଢେ ୧୭ ଗ୍ରାମ ଓଜନର ସୁନା ଖଣ୍ଡ ଓ ହଳେ ସୁନା ଚୁଡି ସହ ଅଭିଯୁକ୍ତ ଅମରେଶ ଠାରୁ ୪୦ ହଜାର ଜବତ କରିଛି ।

## ଦ୍ୱିତୀୟ ଶ୍ରୀକ୍ଷେତ୍ରରେ ରଥାରୁଢ ହେଲେ ତିନି ଠାକୁର

# ଆଜି ଠାରୁ ଆରମ୍ଭ ହେବ ୨ଦିନିଆ ରଥଟଣା



ବାରିପଦା, (ସବ୍ୟୁ) : ଦ୍ୱିତୀୟ ଶ୍ରୀକ୍ଷେତ୍ର ଭାବେ ଖ୍ୟାତ ବାରିପଦାରେ ଶ୍ରୀଶ୍ରୀ ହରିବଳଦେବ ଜୀଉଙ୍କ ରଥଯାତ୍ରା ଆରମ୍ଭ ହୋଇଯାଇଛି । ଶୁକ୍ରବାର ସକାଳୁ ମହାପ୍ରଭୁମାନଙ୍କର ମଙ୍ଗଳଆରତୀ, ମହାସ୍ନାନ ଓ ଅବକାଶ ନୀତି ପରେ ରଥକଳସ ପ୍ରତିଷ୍ଠା ହୋଇଥିଲା । ତତ୍‌ପରେ ପ୍ରଥମେ ମହାପ୍ରଭୁ ଜଗନ୍ନାଥଙ୍କ ନନ୍ଦିଘୋଷ ରଥର ପୂଜାନୀତି ତାପରେ ମହାପ୍ରଭୁ ବଳଭଦ୍ରଙ୍କ ରଥ ତାଳଧ୍ୱଜ ଓ ଶେଷରେ ଦେବୀଶୁଭଦ୍ରା ଓ ସୁଦର୍ଶନ ଠାକୁରଙ୍କ ରଥ ଦର୍ପଦଳନ ପ୍ରତିଷ୍ଠା ଓ ପୂଜାନୀତି ସମ୍ପାଦିତ ହୋଇଥିଲା । ଏହାପରେ ଗ୍ରାମଦେବୀ ମାଅମ୍ବିକାଙ୍କ ଠାରୁ ଦେବୀଙ୍କ ଖଡଗ ସହ ଆଜ୍ଞାମାଳ ନେଇ ସମସ୍ତ ରଥକୁ ତିନିଥର ପ୍ରଦକ୍ଷଣ କରିଥିଲେ । ଶେଷରେ ମାଅମ୍ବିକାଙ୍କ ପୂଜକ ଓ ଦେହୁରୀଙ୍କ ତତ୍ତ୍ୱାବଧାନରେ ପ୍ରଭୁବଳଭଦ୍ରଙ୍କ ରଥ ସମ୍ମୁଖରେ ପୂଜାନୀତି ଶେଷ ହୋଇଥିଲା । ମଧ୍ୟାହ୍ନରେ ସମସ୍ତ ଠାନୀତି ପରେ ଠାକୁରଙ୍କ ପହଡ ଓ ପୁନର୍ବାର ପହଡଭଙ୍ଗା ଆରତୀ ପରେ ଆରିସାପିଠା ଓ ଛେନାପୁଡ ଲାଗିଥିଲା । ପରେ ପରେ ଆରମ୍ଭ ହୋଇଥିଲା ଠାକୁରଙ୍କ ପହଣ୍ଡିନୀତି । ମୟୂରଭଞ୍ଜ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ ତିନୋଟି ରଥରେ ଛେରାପହଁରା କରିଥିଲେ । ଶଙ୍ଖ, ଘଣ୍ଟ, କାହାଳୀ ଓ ହରିବୋଲ ଧ୍ୱନୀ ମଧ୍ୟରେ ତୁଳସୀ ଫୁଲଟାହିଆରେ ସଜ୍ଜିତ କରି ଗୋଟିପହଣ୍ଡି କରାଯାଇଥିଲା । ପ୍ରଥମେ ବଳରାମ, ପରେ ପରେ ସୁଦର୍ଶନଙ୍କ ସହିତ ଦେବୀଶୁଭଦ୍ରା ଓ ସବାଶେଷରେ ଶ୍ରୀଜଗନ୍ନାଥଙ୍କୁ ନାଟମନ୍ଦିରରୁ ବିଜେ କରି ରଥାରୁଢ କରାଯାଇଥିଲା । ଏହାପରେ ସନ୍ଧ୍ୟାରେ ରଥାରୁଢ ତିନିଠାକୁର ରୂପାବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ । ଶ୍ରୀକ୍ଷେତ୍ର ପୁରୀ ରଥଯାତ୍ରାଠାରୁ ବାରିପଦା ରଥଯାତ୍ରା ଟିକେ ନିଆରା । ଏଠାରେ ପହଣ୍ଡିବିଜେ ନୀତି ପରେ ଦୁଇଦିନ ଧରି ରଥଟଣାର ପରମ୍ପରା ରହିଛି । ପ୍ରଥମଦିନରେ ପ୍ରଥମେ ବଳଭଦ୍ରଙ୍କ ରଥକୁ ଗୁଣ୍ଡିଚା ବା ମାଉସୀମାମନ୍ଦିରକୁ ନିଆଯାଇଥାଏ । ଦେବୀଶୁଭଦ୍ରାଙ୍କ ରଥକୁ କେବଳ ମହିଳାମାନେ ଟାଣିଥାନ୍ତି । ପ୍ରଥମଦିନରେ ଦେବୀଶୁଭଦ୍ରାଙ୍କ ରଥ ବଡଦାଣ୍ଡ ସ୍ଥିତ ଟାଉନଥାନା ପର୍ଯ୍ୟନ୍ତ ଓ ଦ୍ୱିତୀୟଦିନରେ ଥାନାଠାରୁ ଶ୍ରୀଗୁଣ୍ଡିଚା ମନ୍ଦିରକୁ ଗଡିଥାନ୍ତି । ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ଶ୍ରୀମନ୍ଦିର ନିକଟରୁ ଟଣାଯାଇ ମାଉସୀମାମନ୍ଦିରରେ ପହଞ୍ଚିଥାଏ । ସେଠାରେ ପହଞ୍ଚିବା ପରେ ଜଗନ୍ନାଥଙ୍କ ରଥ ଉପରେ ପ୍ରସିଦ୍ଧ ଗୁଡଲଡୁ ଭକ୍ତଙ୍କ ଉପରକୁ ଫିଙ୍ଗା ଯାଇଥାଏ । ଏହି ଲଡୁ ପାଇବାପାଇଁ ଭକ୍ତମାନେ ଭାବବିହ୍ୱଳ ହୋଇଥାନ୍ତି । ଅପରପକ୍ଷରେ ପ୍ରସିଦ୍ଧ ରଥଯାତ୍ରା ପାଇଁ ବାରିପଦା ସହର ଉତ୍ସବମୁଖର ହୋଇଛି, ବଡଦାଣ୍ଡ ଆଲୋକ ମାଳାରେ ଝଲସୁଛି ଓ ବାହାରୁ ଆସିଥିବା ବିଭିନ୍ନ ଷ୍ଟୋଲ, ଦୋକାନ, ଦୋଳି ଆଦିର ଆଗମନରେ ସହରସାରା ଗହଳି ଚହଳି ଲାଗିରହିଛି । ରଥଯାତ୍ରା ସମୟରେ ଲକ୍ଷାଧିକ ଲୋକଙ୍କ ସମାଗମକୁ ଦୃଷ୍ଟିରେ ରଖି ଜିଲ୍ଲା ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି ।

## ୩ ଚୋରି ମୋବାଇଲ ଜବତ ଜଣେ ଗିରଫ

ବ୍ରହ୍ମପୁର, (ସବ୍ୟୁ): ସରକାରୀ ରେଳବାଇ ପୋଲିସ ଜଣେ ଚୋରଙ୍କୁ ଗିରଫ କରିଛି। ସେ ହେଲେ ଗୋଶାଣିନୁଆଗାଁ ଥାନା ଅନ୍ତର୍ଗତ ଲାଞ୍ଜିପଲି ଡ଼ିପ ସାହିର ସମୀର ବିଷୋୟୀ ଓରଫ ବାବୁ (୨୦) ପୋଲିସ ତାଙ୍କ ନିକଟରୁ ତିନୋଟି ମୋବାଇଲ ଜବତ କରିଛି। ଉକ୍ତ ମୋବାଇଲ ଗୁଡିକ ସେ ଟ୍ରେନରେ ଚଳାଚଳ କରୁଥିବା ଯାତ୍ରୀ ଓ ଷ୍ଟେସନରେ ବିଶ୍ରାମ ନେଉଥିବା ଯାତ୍ରୀଙ୍କ ନିକଟରୁ ଚୋରି କରିଥିବା ଜେରା ବେଳେ ପୋଲିସ ନିକଟରେ ସ୍ୱୀକାର କରିଛନ୍ତି। ପୋଲିସ ମାମଲା ନଂ୯୬/୨୫ରେ ତାଙ୍କୁ କୋର୍ଟ ଚାଲାଣ କରିଛି। ଘଟଣାରୁ ପ୍ରକାଶ ଯେ, ପ୍ଲାଟଫର୍ମ-୧ ଶେଷମୁଣ୍ଡରେ ଜଣେ ଯୁବକ ସନ୍ଦେହ ଜନକ ଭାବେ ଛିଡା ହୋଇଥିବା ବେଳେ ରେଳସୁରକ୍ଷା ବଳ ପେଟ୍ରୋଲିଂ ଟିମ ତାଙ୍କୁ ଅଟକାଇବାକୁ ଚେଷ୍ଟା କରିଥିଲେ। ହେଲେ ସେ କୌଶଳକ୍ରମେ ଖସି ପଳାଇଥିଲେ। ଟିମ ତାଙ୍କୁ ପିଛା କରି ୪ନଂ ପ୍ଲାଟଫର୍ମରେ କାବୁ କରିଥିଲେ। ତାଙ୍କୁ ପଚରାଉଚରା କରିବା ସହ ତାଙ୍କ ପକେଟରୁ ତିନୋଟି ମୋବାଇଲ ଜବତ କରିଥିଲା। ଯାଞ୍ଚ ବେଳେ ଉକ୍ତ ମୋବାଇଲ ଗୁଡିକ ତାଙ୍କର ହୋଇନଥିବା ବେଳେ ସେ ବିଭିନ୍ନ ଯତ୍ରୀଙ୍କ ଚୋରି କରିଥିବା କହିଥିଲେ। ପୋଲିସ ଘଟଣାର ତଦନ୍ତ ଜାରି ରଖିଛି ।

## ମହାନଦୀବିହାରରେ ଶ୍ରୀଗୁଣ୍ଡିଚା ମହୋତ୍ସବ ଉଦ୍‌ଘାଟିତ



କଟକ, (ସ୍ୱପ୍ର): ପବିତ୍ର ରଥଯାତ୍ରା ଅବସରରେ ଶ୍ରୀଗୁଣ୍ଡିଚା ମହୋତ୍ସବ କମିଟି ତରଫରୁ ପବିତ୍ର ଘୋଷଯାତ୍ରା ଅବସରରେ ୪୭ନଂ ୱାର୍ଡ ଅନ୍ତର୍ଗତ ମହାନଦୀବିହାର ସ୍ଥିତ ମଙ୍ଗଳାମନ୍ଦିର ଛକରେ ଶ୍ରୀଗୁଣ୍ଡିଚା ମହୋତ୍ସବ-୨୦୨୫ ଶୁକ୍ରବାର ଉଦଘାଟିତ ହୋଇଯାଇଛି। ଏହି ମହୋତ୍ସବର ଅଭ୍ୟର୍ଥନା କମିଟିର ଅଧ୍ୟକ୍ଷ ଡ଼ଃ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଏବଂ ଆବାହକ ସଞ୍ଜୟ ଜେନାଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ଉଦଘାଟକ ଭାବେ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଓ ସାହେବ ସିନ୍ଦେ ଯୋଗ ଦେଇଥିବାବେଳେ ମୁଖ୍ୟ ଅତିଥି ସିଏମସି ମେୟର ସୁବାସ ସିଂହ, ସମ୍ମାନିତ ଅତିଥି ୱାର୍ଡ କର୍ପୋରେଟର ଇଂ ସୁବ୍ରତ ଘଡାଇ ପ୍ରମୁଖ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବଟିକୁ ଉଦଘାଟନ କରିଥିଲେ । ଏହି ମହୋତ୍ସବଟି ଚଳିତ ୨୭ରୁ ଆରମ୍ଭ ହୋଇ ୮ ଦିନ ବ୍ୟାପୀ ଅନୁଷ୍ଠିତ ହେବ । ପରେ ମଞ୍ଚାସୀନ ଅତିଥିମାନଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ମହୋତ୍ସବରେ ଜଗନ୍ନାଥ ସଂସ୍କୃତି ଓ ରଥଯାତ୍ରା ବିଶେଷାଙ୍କ କଥାମୃତ ଏବଂ ଭଜନାମୃତ ଆଦି କାର୍ଯ୍ୟକ୍ରମ କରାଯିବା ସହ ଓଡ଼ିଶାର ସୁନାମଧନ୍ୟ ପ୍ରବଚକ ଓ ସଂଗୀତଜ୍ଞମାନେ କଥାମୃତ ପରିବେଷଣ କରିବେ । ଏହି ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ମୁରବୀ ରବୀନ୍ଦ୍ର ପ୍ରସାଦ ମହାନ୍ତି, ରମାକାନ୍ତ ଲେଙ୍କା, ହିମାଂଶୁ ଷଡ଼ଙ୍ଗୀ, ଚତୁର୍ଭୁଜ ମହାପାତ୍ର, ପ୍ରହ୍ଲାଦ ନନ୍ଦଙ୍କ ସମେତ ବହୁ ସଂଖ୍ୟାରେ ଭକ୍ତବୃନ୍ଦ ଏକତ୍ରିତ ହୋଇ ଜଗନ୍ନାଥଙ୍କ ଭାବରସ ଭଜନକୁ ଶ୍ରବଣ କରିଥିଲେ ।

## ଚଞ୍ଚକତା କରି ୬୭ ଲକ୍ଷ ଠକେଇ ମହିଳା ସମେତ ୨ ଗିରଫ, ୨ ଫେରାର

ବ୍ରହ୍ମପୁର, (ସବ୍ୟୁ): ଚଞ୍ଚକତା କରି ପଦ୍ମନଗରରେ ରହୁଥିବା ମିଳନ କୁମାର ସାହୁ ୬୭ ଲକ୍ଷ ଟଙ୍କା ୪ ଜଣିଆ ଗ୍ୟାଙ୍ଗ ଠକେଇ କରିଛନ୍ତି। ଏନେଇ ଅଭିଯୋଗ ପରେ ଟାଉନ ଥାନା ପୋଲିସ ତଦନ୍ତ କରି ଗାନ୍ଧୀନଗର ସ୍ୱେକ୍ସମ କଲୋନୀର ରିତା ଦଳାଇ (୭୦) ଓ ବଡବଜାର ଶାନ୍ତିନଗର ୧ମ ଲାଇନର ସଞ୍ଜୀବ ରତନ(୪୨)ଙ୍କୁ ଗିରଫ କରିଛି। ପୋଲିସ ଅଭିଯୁକ୍ତଙ୍କ ନିକଟରୁ ଉକ୍ତ ପ୍ଲଟ କିଣାବିକା ବେଳର ଇ-ଷ୍ଟାମ ସ୍ଲିପ୍, ଅସଲି ସେଲ ଡିଡ୍, ପଟ୍ଟା, ଟ୍ରେସ ମ୍ୟାପ, ଇ-ରେଜିଷ୍ଟ୍ରେସନ ସ୍ଲିପ ଜବତ କରିଛି । ସୂଚନାଥାଉ କି ପୂର୍ବରୁ ମଧ ଜମି ଜାଲିଆତି ମାମଲାରେ ଉକ୍ତ ଅଭିଯୁକ୍ତ ରିତା ଦଳେଇ ଗିରଫ ହୋଇ ଜେଲ ଯାଇଥିଲେ। ମାମଲା ନଂ ୨୫୮/୨୫ ରେ ସେମାନଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେହିପରି ଏହି ଠକେଇରେ ସଂପୃକ୍ତ ଥିବା ମାଷ୍ଟେରମାଇଣ୍ଡ ତଥା ଗିରଫ ମହିଳାଙ୍କ ସ୍ୱାମୀ ଜଳନ୍ଧର ଦଳାଇ ଓ ତାଙ୍କ ସହଯୋଗୀ ମନୋଜ କୁମାର ଫେରାର ରହିଥିବା ବେଳେ ସେମାନଙ୍କୁ ଖୁବଶୀଘ୍ର ଗିରଫ କରିବା ବୋଲି ବ୍ରହ୍ମପୁର ଏସପି ଡା. ସର୍ବଣା ବିବେକ ଏମ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ବଡବଜାର ଥାନା ଅନ୍ତର୍ଗତ ପୋଲିସ କଲୋନୀ ପଦ୍ମନଗରରେ ରହୁଥିବା ମିଳନ କିଛି ମାସ ତଳେ ବ୍ରହ୍ମପୁର ତହସିଲ ଅନ୍ତର୍ଗତ ନିଳକଣ୍ଠନଗର ମୌଜାର ଖାତା ନଂ ୧୭୪/୨୮୦ ଓ ପ୍ଲଟ ନଂ ୨୯୨ରେ ଥିବା ୦.୦୪୨ ଏକର ବିଶିଷ୍ଟ ଏକ ପ୍ଲଟ କିଣିଥିଲେ। ଗାନ୍ଧୀନଗରୀ ସ୍ୱେକ୍ସମ କଲୋନୀର ଜଳନ୍ଦର ଦଳେଇ ତାଙ୍କୁ ଏହି ପ୍ଲଟଟି ବିକ୍ରି କରିଥିବା ବେଳେ ଏହା ବାବାଦକୁ ମୋଟ ୬୭ ଲକ୍ଷ ଟଙ୍କା ନେଇଥିଲେ । ଏହି ପ୍ଲଟ କିଣାବିକା ବେଳେ ଜଳନ୍ଦରଙ୍କ ସ୍ତ୍ରୀ ରିତା ଓ ୨ ଜଣ ମଧ୍ୟସ୍ଥି ଯଥା ସଞ୍ଜୀବ ଓ ମନୋଜ କୁମାର ସାମିଲ ହୋଇଥିଲେ। ଜମିର ମାଲିକ ଜଳନ୍ଦର ସମେତ ଉପରୋକ୍ତ ୩ ଅଭିଯୁକ୍ତ ବ୍ରହ୍ମପୁର ଉପନିବନ୍ଧକଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ରହି ମିଳନଙ୍କ ନାମରେ ପ୍ଲଟ ପଞ୍ଜିକରଣ କରାଇଥିଲେ। ଏପରିକି କିଛି ଦିନ ପରେ ମିଳନଙ୍କ ନାମରେ ସେଲ ଡିଡ୍ ଓ ଉକ୍ତ ପ୍ଲଟର ଅସଲି ପଟ୍ଟା ମଧ୍ୟ ଆସିଥିଲା। ହେଲେ ଗତ କିଛି ଦିନ ତଳେ ମିଳନ ଉକ୍ତ ପ୍ଲଟରେ ନିର୍ମାଣ କାର୍ଯ୍ୟ ପାଇଁ ଯିବାବେଳେ ସେଠାରେ ସେଭଳି କୌଣସି ପ୍ଲଟ ନଥିବା ଜଣାପଡିଥିଲା । ଠକେଇର ଶିକାର ହୋଇ ସବୁଆଡୁ ନିରାଶ ହେବା ପରେ ମିଳନ ଥାନାରେ ଅଭିଯୋଗ କରିଥିଲେ।

## ରଥଯାତ୍ରା ସୁପରିଚାଳନା ନେଇ ବାରିପଦା ପୌରପାଳିକା ପ୍ରସ୍ତୁତି ଜିଲ୍ଲାପ୍ରଶାସନକୁ ୬ଲକ୍ଷ ଟଙ୍କା ଅନୁଦାନ ରାଶି ପ୍ରଦାନ

ବାରିପଦା, (ସବ୍ୟୁ) : ଦ୍ୱିତୀୟ ଶ୍ରୀକ୍ଷେତ୍ର ଭାବେ ପରିଚିତ ବାରିପଦା ରଥଯାତ୍ରାକୁ ସୁପରିଚାଳନା କରିବା ପାଇଁ ବାରିପଦା ପୌରପାଳିକା ପକ୍ଷରୁ ଅଣ୍ଟା ଭିଡାଯାଇଛି। ପ୍ରତିଦିନ ବାରିପଦା ପୌରାଞ୍ଚଳରେ ୩୪୨ରୁ ଉର୍ଦ୍ଧ ସଫେଇ ଶ୍ରମିକଙ୍କ ଦ୍ୱାରା ସଫେଇ କାର୍ଯ୍ୟ କରାଯାଉଛି। ଏହାସହିତ ଅଧିକ ଆବଶ୍ୟକ ସଂଖ୍ୟାକ ସଫେଇ ଶ୍ରମିକଙ୍କ ଦ୍ୱାରା ପ୍ରତିଦିନ କୃଷ୍ଣଚନ୍ଦ୍ର ଗୋଲେଇ ଠାରୁ ଅମ୍ବିକା ମନ୍ଦିର ଓ ଅମ୍ବିକା ମନ୍ଦିର ଠାରୁ ଦୋଳିପଡିଆ ପର୍ଯ୍ୟନ୍ତ ରାସ୍ତା ଏବଂ ଡ୍ରେନ୍ ସଫେଇ କରାଯାଉଛି। ଏହାସହିତ ବଡଦାଣ୍ଡକୁ ସଂଯୋଗ କରୁଥିବା ରାସ୍ତା ଓ ଡ୍ରେନ୍ ଗୁଡିକୁ ମଧ ସଫେଇ କରାଯାଉଛି। ବଡଦାଣ୍ଡକୁ ରାତ୍ରୀକାଳୀନ ସଫେଇ ପାଇଁ ୧୦ଜଣ ସଫେଇ ଶ୍ରମିକ, ଦୁଇଟି ଟ୍ରାକ୍ଟର ଏବଂ ମେସିନ୍ ଚାଳିତ ସଫେଇ ଯାନ ନିୟୋଜିତ ରହିଛନ୍ତି। ରଥଯାତ୍ରା ସମୟରେ ସଂକ୍ରମଣ ରୋକିବା ପାଇଁ ବଡଦାଣ୍ଡ ଓ ବାରିପଦା ପୌରାଞ୍ଚଳରେ ପ୍ରତିଦିନ ଯଥେଷ୍ଟ ପରିମାଣର ବ୍ଲିଚିଂ ପାଉଡର ପକାଯାଉଛି। ସହରରେ ୨୦ରୁ ଉର୍ଦ୍ଧ୍ୱ ପରିଶ୍ରାଗାର ଥିଲେ ସୁଦ୍ଧା ବଡଦାଣ୍ଡ ଖାଲି ସ୍ଥାନରେ ୪ଟି ଅସ୍ଥାୟୀ ପରିଶ୍ରାଗାର ସ୍ଥାପନ କରାଯାଇଛି। ରଥଟଣା ସମୟରେ ପ୍ରତ୍ୟେକ ରଥ ପାଇଁ ଏଲସିଭି ଟ୍ରାଇ ସାଇକେଲ ସହ ୨୦ଜଣ ସଫେଇ କର୍ମଚାରୀ ନିୟୋଜିତ କରାଯାଇ ବଡଦାଣ୍ଡକୁ ସଫେଇ କରାଯିବ। ରଥଯାତ୍ରା ସମୟରେ ଦିନକୁ ଦୁଇଥର ଅର୍ଥାତ୍ ସକାଳେ ଓ ରାତ୍ରୀ ସମୟରେ ଏଲସିଭି ଗାଡି ଦ୍ୱାରା ସମସ୍ତ ଦୋକାନୀଙ୍କ ଠାରୁ ଅଳିଆ ଆବର୍ଜନା ସଂଗ୍ରହ କରାଯିବ। ଏନେଇ ସ୍ୱଚ୍ଛ ସାଥିମାନଙ୍କ ଦ୍ୱାରା ସମସ୍ତ ଦୋକାନୀ ମାନଙ୍କୁ ସଚେତନ କରାଯାଉଛି। ବଡଦାଣ୍ଡ ତଥା ଏହାକୁ ସଂଯୋଗ କରୁଥିବା ମୁଖ୍ୟରାସ୍ତା ସମେତ ପୋଲିସ୍ ଲାଇନ୍ ଓ ତକତପୁରରେ ହେଉଥିବା ରଥ ଉପଲକ୍ଷେ ମଧ ସଂପୃକ୍ତ ଅଞ୍ଚଳରେ ପୋର୍ଟ ହୋଲ ମରାମତି କରାଯାଇଛି। ରଥଯାତ୍ରା ସମୟରେ ଯାତ୍ରୀ ମାନଙ୍କ ନିମନ୍ତେ ସ୍ୱାସ୍ଥ୍ୟ ଶିବିରର ଆୟୋଜନ କରାଯିବା ସଂକ୍ରମଣରୁ ଜନସାଧାରଣଙ୍କୁ ସୁରକ୍ଷିତ ରଖିବା ପାଇଁ ବିଶୁଦ୍ଧ ପାନୀୟ ଜଳ ଯୋଗାଇବାକୁ ସ୍ୱାସ୍ଥ୍ୟ ଶିବିର ଓ ଜଗନ୍ନାଥ ମନ୍ଦିର ନିକଟରେ ଗୋଟିଏ ଲେଖାଏଁ ଜଳଛତ୍ରର ପୌରପାଳିକା ପକ୍ଷରୁ ବ୍ୟବସ୍ଥା କରାଯାଇଛି। ଏହାସହିତ ଅନ୍ୟାନ୍ୟ ସଂସ୍ଥା ମାନଙ୍କ ତରଫରୁ ପ୍ରାୟ ୧୫ରୁ ଉର୍ଦ୍ଧ୍ୱ ଜଳଛତ୍ରର ଆୟୋଜନ କରାଯିବ। ବଡଦାଣ୍ଡ ଓ ଏହାର ପାର୍ଶ୍ୱ ବର୍ତ୍ତୀ ଅଞ୍ଚଳରେ ବେଆଇନ ଅବରୋଧ ଗୁଡିକୁ ଜିଲ୍ଲା ପ୍ରଶାସନ ଓ ପୋଲିସ ପ୍ରଶାସନ ସହାୟତାରେ ଉଚ୍ଛେଦ କରାଯାଇଛି। ଏହାସହିତ ବାରିପଦା ପୌରାଞ୍ଚଳରେ ଥିବା ମୁଖ୍ୟ ରାସ୍ତା ଗୁଡିକ ଦୁଇ ପାର୍ଶ୍ୱରେ ଜବରଦଖଲ ଉଚ୍ଛେଦ କରାଯାଇଛି। ରଥଯାତ୍ରା ସମୟରେ ପ୍ରତ୍ୟେକ ୱାର୍ଡରେ ଓ ମୁଖ୍ୟ ରାସ୍ତା ଗୁଡ଼ିକରେ ଆବଶ୍ୟକତା ଅନୁଯାୟୀ ଆଲୋକୀକରଣ ବ୍ୟବସ୍ଥା କରାଯାଇଛି। ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ବଡଦାଣ୍ଡରେ ଜିଲ୍ଲାପ୍ରଶାସନ ତରଫରୁ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ ସକାଶେ ବାରିପଦା ପୌରପାଳିକା ପକ୍ଷରୁ ମଞ୍ଚ, ଆଲୋକ ଓ ସାଉଣ୍ଡର ବ୍ୟବସ୍ଥା କରାଯାଇଛି। ରଥଯାତ୍ରାକୁ ଆକର୍ଷଣୀୟ କରିବା ପାଇଁ ଜଗନ୍ନାଥ ମନ୍ଦିର ଠାରୁ ରାଧାମୋହନ ମନ୍ଦିର ପର୍ଯ୍ୟନ୍ତ ବଡଦାଣ୍ଡକୁ ପୌରପରିଷଦ ତରଫରୁ ଝୋଟି ଓ ଚାରୁକଳା କାର୍ଯ୍ୟ କରାଯାଇଛି। ଜନସମାଗମକୁ ଦୃଷ୍ଟିରେ ରଖି ବଡଦାଣ୍ଡ ତଥା ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଅସ୍ଥାୟୀ ଭାବେ ୪୦ଟି ସିସିଟିଭି କ୍ୟାମେରା ପୌରପରିଷଦ ତରଫରୁ ଲଗାଯାଇଛି। ରଥ ପାଇଁ କନା ମଧ ପୌରପାଳିକା ତରଫରୁ ଯୋଗାଇ ଦିଆଯିବ। ଚଳିତ ବର୍ଷ ରଥଯାତ୍ରାକୁ ଆହୁରି ସରସ ସୁନ୍ଦର କରିବା ପାଇଁ ପୌରପାଳିକା ପକ୍ଷରୁ ୬ଲକ୍ଷ ଟଙ୍କା ବାରିପଦା ପୌରପାଳିକା ତରଫରୁ ବାରିପଦା ଦେବୋତ୍ତର ବିଭାଗଙ୍କୁ ଅନୁଦାନ ରୂପେ ପ୍ରଦାନ କରାଯାଇଛି। ପ୍ରତି ଫାଷ୍ଟଫୁଡ୍ ଓ ଚାଟ୍, ଗୁପଚୁପ୍ ଆଦି ଅସ୍ଥାୟୀ ଖାଦ୍ୟ ଦୋକାନୀଙ୍କୁ ରଥଯାତ୍ରା ସମୟରେ ପତ୍ର ପ୍ଲେଟ୍ ଓ ପତ୍ର ଦୋନାରେ ଖାଦ୍ୟ ପରିବେଷଣ କରିବାରେ ଗୁରୁତ୍ୱ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ହଇଜା ଓ ଡାଇରିଆ ପରି ସଂକ୍ରମଣ ବ୍ୟାପିବାକୁ ରୋକିବା ପାଇଁ ପୌରପାଳିକା ପକ୍ଷରୁ ଗୁରୁତ୍ୱ ଦିଆଯାଇଛି। ବିଭିନ୍ନ ହୋଟେଲ, ରେଷ୍ଟୁରାଣ୍ଟ ଏବଂ ଫାଷ୍ଟଫୁଡ୍ ଦୋକାନ ଗୁଡିକରେ ଖାଦ୍ୟର ମାନ ଯାଞ୍ଚ କରାଯାଉଛି। ପ୍ରତିଟି ବ୍ୟବସ୍ଥାର ତଦାରଖ କାର୍ଯ୍ୟ କିପରି ହେଉଛି ସେନେଇ ନଗରପାଳ କୃଷ୍ଣାନନ୍ଦ ମହାନ୍ତି ନିଜେ ଅନୁଧ୍ୟାନ କରିଛନ୍ତି। ନଗରପାଳଙ୍କ ପୌରହିତରେ ଉପନଗରପାଳ, କାର୍ଯ୍ୟ ନିର୍ବାହୀ ଅଧିକାରୀ ଓ କାଉନ୍‌ସିଲର ମାନେ ପ୍ରତିଟି କାର୍ଯ୍ୟର ତଦାରଖ କରୁଛନ୍ତି। ମହାପ୍ରଭୁଙ୍କ ରଥଯାତ୍ରାକୁ ସରସ ଓ ସୁନ୍ଦର କରିବା ପାଇଁ ବାରିପଦା ପୌରପାଳିକା ସଦା ଯତ୍ନବାନ ଥିବା ନେଇ ନଗରପାଳ ଶ୍ରୀ ମହାନ୍ତି କହିଛନ୍ତି।

## ଏମ୍‌ପିସି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସମ୍ବର୍ଦ୍ଧନା ଉତ୍ସବ




ବାରିପଦା, (ସବ୍ୟୁ) : ମହାରାଜା ପୂର୍ଣ୍ଣଚନ୍ଦ୍ର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୨୦୨୫ ବାର୍ଷିକ ପରୀକ୍ଷାରେ ଉର୍ତ୍ତୀର୍ଣ୍ଣ ହୋଇଥିବା ସର୍ବୋତ୍ତମ ହାସଲକାରୀ ମାନଙ୍କୁ ବିଦ୍ୟାଳୟର ଅଧକ୍ଷ ଉପେନ୍ଦ୍ର କୁମାର ମାଝୀଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରୁ କଳା ବିଭାଗର ଦିବ୍ୟଶ୍ରୀ ନାଏକ ୯୧.୬୬ ଶତକଡା, ପିୟାଲି ଦାସ ୯୧ଶତକଡା, ଅନାମିକା ମିଶ୍ର ୮୯.୫ଶତକଡା, ବିଜ୍ଞାନ ବିଭାଗର ସମ୍ଭବ ନାୟକ ୯୨.୫ଶତକଡା, ଗାୟତ୍ରୀ ଦାସ ମହାପାତ୍ର ୯୨.୧୬ଶତକଡା, ଅନନ୍ୟା ସେନାପତି ୯୧.୫୩ଶତକଡା, ମୋନାଲିସା ପୃଷ୍ଟି ୯୧.୧୬ଶତକଡା, ପ୍ରିୟବ୍ରତ ସାହୁ ୮୯.୮ଶତକଡା, ବାଣିଜ୍ୟ ବିଭାଗର ତାନିଆ ପଲ ୯୦.୧୬ଶତକଡା, ପ୍ରଜ୍ଞା ପ୍ରତିଭା ପାତ୍ର ୯୦ଶତକଡା, ସିଲର୍କି ଖଣ୍ଡେଲୱାଲ ୮୯.୬୬ଶତକଡା, ହରସିଲ ପ୍ରସାଦ ୮୯.୧୬ଶତକଡା ରଖି ସଫଳ ପୂର୍ବକ ବିଦ୍ୟାଳୟ ଗୌରବ ଆଣି ପାରିଥିବାରୁ ତାଙ୍କ ଉଦ୍ଦେଶ୍ୟରେ ବିଦ୍ୟାଳୟର ଅଧକ୍ଷ ସଂକ୍ଷିପ୍ତ ଅଭିଭାଷଣ ରଖି ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଥିଲେ ଏବଂ ଉର୍ତ୍ତୀର୍ଣ୍ଣ ଛାତ୍ରଛାତ୍ରୀ ନିଜର ସଫଳତା କାହାଣୀ ବ୍ୟାଖ୍ୟା କରିଥିଲେ । ରସାୟନ ବିଭାଗର ଡଃ ସୁଦର୍ଶନ ସିଂହ, ଓଡିଆ ବିଭାଗର ମଧୁରା ନାଏକ, ପରିସଂଖ୍ୟାନ ବିଭାଗର ସାନୁ କୁମାର ଗୁପ୍ତା, ସଭା ମଣ୍ଡନ କରିଥିଲେ ଏବଂ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ଅଣଶିକ୍ଷକ, ଅଭିଭାବକ ଏହି ସଭାକୁ ଶୋଭାବର୍ଦ୍ଧିତ କରିଥିଲେ । ଇଂରାଜି ବିଭାଗର ଅଭୟ କୁମାର ନାୟକ ଧନ୍ୟବାଦ ଅର୍ପଣ କରିବା ସହ ସଫଳତା ପୂର୍ବକ ସଭା ସମାପନ ହୋଇଥିଲା ।

## ବୁଗୁଡ଼ାରେ ରଥଯାତ୍ରା

ବୁଗୁଡା,(ସବ୍ୟୁ): ଚଳିତବର୍ଷ ବୁଗୁଡ଼ା ଏବଂ ଏହାର ଆଖପାଖ ଅଞ୍ଚଳରେ ରଥଯାତ୍ରା ପାଳିତ ହୋଇଯାଇଛି। ପୁରୋହିତ ରାମାନୁଜ ମହାପାତ୍ର ଓ ପଦ୍ମ ଚରଣ ଦାଶଙ୍କ ଦ୍ୱାରା ରଥ ପ୍ରତିଷ୍ଠା କାର୍ଯ୍ୟ ସଂପାଦନ ହୋଇଥିଲା। ପରେ ମନ୍ଦିର ପୂଜକମାନେ ବାଦ୍ୟ ବାଜଣା ସହ ମହନ୍ତ ଭକ୍ତରାମ ଦାସଙ୍କୁ ଆମନ୍ତ୍ରଣ କରି ବରଣ କରିଥିଲେ। ବଳଦେବ, ସୁଭଦ୍ରା, ଜଗନ୍ନାଥ ତିନି ଠାକୁରଙ୍କର ଆଳତି କରାଯାଇ ପହଣ୍ଡି ବିଜେ ମାଧ୍ୟମରେ ସେମାନଙ୍କୁ ରଥାରୁଢ କରାଯାଇଥିଲା। ପୂଜାର୍ଚ୍ଚନା ଓ ଆଳତି କରାଯିବା ସହ ମହନ୍ତଙ୍କ ଦ୍ୱାରା ଛେରା ପହଁରା କାର୍ଯ୍ୟ ହୋଇଥିଲା।

## ରେଳଧାରଣରୁ ଯୁବକଙ୍କ ମୃତଦେହ ଜବତ

ବ୍ରହ୍ମପୁର, (ସବ୍ୟୁ):ସରକାରୀ ରେଳବାଇ ପୋଲିସ (ଜିଆରପି) ଆଙ୍କୁଲି ଓଭରବ୍ରିଜ ତଳ ଦେଇ ଯାଇଥିବା ରେଳଧରଣାରୁ ଜଣେ ଯୁବକଙ୍କ ମୃତଦେହ ଜବତ କରିଛି। ମୃତକ ଜଣଙ୍କ ଛତ୍ରପୁର ଥାନା ଅନ୍ତର୍ଗତ ରିକାପଲିର ସମୀର ବେହେରା (୩୦)। ପୋଲିସ ମୃତଦେହ ଜବତ କରି ଏସଂକ୍ରାନ୍ତରେ ୬୧/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ବ୍ୟବଛେଦ ପରେ ମୃତଦେହକୁ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପ୍ରାଥମିକ ତଦନ୍ତରୁ ଘରୋଇ ଅଶାନ୍ତିକୁ କେନ୍ଦ୍ରକରି ଟ୍ରେନ୍ ଆଗକୁ ଆସି ଉକ୍ତ ଯୁବକ ଜଣଙ୍କ ଆତ୍ମହତ୍ୟା କରିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ସନ୍ଦେହ କରୁଛି । ଘଟଣାରୁ ପ୍ରକାଶ ଯେ, ଆଙ୍କୁଲି ଲେବେଲ କ୍ରସିଂ ରେଳଧରଣାରେ ଏକ ମୃତଦେହ ପଡିଥିବା ଖବର ପାଇ ପହଞ୍ଚି ଥିଲା। ମୃତଦେହ ନିକଟରୁ ଗୋଟିଏ ଆଧାର କାର୍ଡ ମିଳିଥିଲା। ପୋଲିସ ଉକ୍ତ ତାଙ୍କ ପରିବାର ଲୋକଙ୍କ ସହ ଯୋଗାଯୋଗ କରି ଘଟଣା ସ୍ଥଳକୁ ଆସିବା ପାଇଁ କହିଥିଲା। ମୃତକଙ୍କ ସାନ ଭାଇ ଚନ୍ଦନ ବେହେରା ସେଠାରେ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ। ମୃତ ଯୁବକ ଜଣଙ୍କ ଭାରତୀୟ ବିରଳ ମୃର୍ତ୍ତିକା (ଆଇଆରଆଇ )ରେ କାମ କରୁଥିଲେ। ଗତ ୨୪ ତାରିଖରେ ସେ ଭୁବନେଶ୍ୱର କୌଣସି କାମରେ ଯାଇଥିଲେ। ପରେ ସେ ଘରକୁ ଫେରିନଥିଲେ। ତାଙ୍କର ମୃତଦେହ ରେଳଧାରଣରେ ପଡିଥିବା ଘର ଲୋକ ପୋଲିସ ଠାରୁ ଜାଣିବାକୁ ପାଇଥିଲେ। ପୋଲିସ ଘଟଣାର ତଦନ୍ତ କରୁଥିବା କହିଛି ।

## ଘର ଭଡାରେ ଦେଇ ମହିଳାଙ୍କୁ ଦୁଷ୍କର୍ମ, କନଷ୍ଟେବଳ ନିଲମ୍ବିତ

ବ୍ରହ୍ମପୁର, (ସବ୍ୟୁ): ଜଣେ ମହିଳାଙ୍କୁ ଘର ଭଡା ଦେଇ ତାଙ୍କ ସହ ଶାରୀରିକ ସମ୍ପର୍କ ରଖି ପ୍ରତାରଣା କରିବା ଅଭିଯୋଗ ହୋଇଛି। ପୋଲିସ ବିରୋଧରେ ଏଭଳି ଏକ ସଙ୍ଗୀନ ଅଭିଯୋଗ ପରେ ଉକ୍ତ କନଷ୍ଟେବଳ ମନୋରଞ୍ଜନ ସେଠୀଙ୍କୁ ନିଲମ୍ବିତ କରାଯାଇଛି । ପୋଲିସ ଘଟଣାର ତଦନ୍ତ କରୁଛି। ଉକ୍ତ କନଷ୍ଟେବଳ ମୋତେ ବଦନାମ କରିବା ପାଇଁ ଏଭଳି ଅଭିଯୋଗ କରିଥିବା କହିଛି। ନିଲମ୍ବନ ପରେ ତାଙ୍କୁ ରିଜର୍ଭ ଅଫିସ କୁ ପଠାଇ ଦିଆଯାଇଛି। ମହିଳାଙ୍କ ଅଭିଯୋଗର ସତ୍ୟା ସତ୍ୟ ମିଳିବା ପରେ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସପି ଡା.ସର୍ଣା ବିବେକ ଏମ.ସୂଚନା ଦେଇଛନ୍ତି। କନଷ୍ଟେବଳଙ୍କ ଟାଉନ ଥାନା ଅଞ୍ଚଳରେ ନିଜର ଘର ଅଛି। ସେ ଜଣେ ମହିଳାଙ୍କୁ ତାଙ୍କ ଘର ଉପର ମହଲାରେ ଭଡାରେ ରଖିଥିଲେ। ସେଠାରେ ତାଙ୍କ ସହ ଉକ୍ତ ପୋଲିସର ସମ୍ପର୍କ ଗଢ଼ିଉଠିଥିଲା। ମହିଳାଙ୍କ ସହ ସେ ଦୀର୍ଘବର୍ଷ ଧରି ଶାରୀରିକ ସମ୍ପର୍କ ରଖିଥିଲେ। କିଛିମାସ ତଳେ ତାଙ୍କର ଦିଗପହଣ୍ଡି ଥାନାକୁ ବଦଳି ହୋଇଥିଲା। କନଷ୍ଟେବଳ ଜଣଙ୍କ ମହିଳାଙ୍କ ବିଭିନ୍ନପ୍ରକାର ପ୍ରତିଶ୍ରୁତି ଦେଇ ତାଙ୍କ ସହ ବାରମ୍ବାର ଶାରିରୀକ ସମ୍ପର୍କ ରଖିଥିଲେ । ହେଲେ ପରବର୍ତ୍ତୀ ସହମୟରେ ମହିଳାଙ୍କୁ ସେ ପ୍ରତାରଣା କରିଥିଲେ। ଘଟଣାକୁ ନେଇ ପିଡିତା ମହିଳା ବ୍ରହ୍ମପୁର ଟାଉନ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ନେଇନଥିଲା । ସେହିପରି ମହିଳା ଜଣଙ୍କ ବ୍ରହ୍ମପୁର ଏସପିଙ୍କୁ ଭେଟି ଘଟଣା ସମ୍ପର୍କରେ ଅବଗତ କରିବା ସହ ନ୍ୟାୟ ଦାବି କରିଥିଲେ। ଏହାପରେ ଏସପି ସଂପୃକ୍ତ କନଷ୍ଟେବଳଙ୍କୁ ନିଲମ୍ବନ କରିଥିବା ଜଣାପଡିଛି ।

## କୁଲାଡ ରଥଯାତ୍ରା, ବଡ଼ଦାଣ୍ଡ ଲୋକାରଣ୍ୟ

ଭଞ୍ଜନଗର, (ସବ୍ୟୁ): ଗଞ୍ଜାମ ଜିଲା ଭଞ୍ଜନଗର ନିକଟସ୍ଥ କୁଲାଡରେ ଧୁମଧାମରେ ପାଳିତ ହୋଇଯାଇଛି ରଥଯାତ୍ରା। ଅପରାହ୍ନରେ ଭଞ୍ଜ ରାଜବଂଶର ଉତ୍ତରାଧିକାରୀ ପ୍ରଶାନ୍ତ ଭଞ୍ଜଦେଓ ରଥରେ ଛେରା ପହଁରା କରିବା ପରେ ଭକ୍ତମାନେ ରଥକୁ ଟାଣିଥିଲେ। ରଥଯାତ୍ରାରେ ହଜାର ହଜାର ଭକ୍ତ ଯୋଗଦେଇଥିବା ବେଳେ ସଂପୂର୍ଣ୍ଣ ବଡ଼ଦାଣ୍ଡ ଲୋକାରଣ୍ୟ ହୋଇପଡିଛି । ଘୁମୁସରର ରାଜା ପ୍ରତାପ ଧନଞ୍ଜୟ ଭଞ୍ଜଙ୍କ ଦ୍ୱାରା ଷୋଡ଼ଶ ଶତାବ୍ଦୀରେ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରାଙ୍କ ପ୍ରତିମୂର୍ତ୍ତି ସ୍ଥାପନ ହୋଇଥିଲା। ପରେ ରାଜା କୃଷ୍ଣ ଭଞ୍ଜ ୧୭୫୪ରେ ଘୁମୁସରର ରାଜା ହେବାପରେ ରାଜପ୍ରସାଦକୁ ଲାଗି ଜଗନ୍ନାଥ ମନ୍ଦିର ନିର୍ମାଣକରି ଠାକୁରଙ୍କୁ ସ୍ଥାପନ କରିଥିଲେ। ସେହି ସମୟରୁ କୁଲାଡ ରଥଯାତ୍ରା ପାଳିତ ହୋଇଆସୁଛି। ଶହଶହ ବର୍ଷ ଧରି ଭଞ୍ଜ ରାଜବଂଶ ପକ୍ଷରୁ ଉକ୍ତ ରଥଯାତ୍ରା ପାଳିତ ହୋଇ ଆସୁଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ମନ୍ଦିର ପରିଚାଳନା ଦାୟିତ୍ୱ ଦେବୋତ୍ତର ବିଭାଗ ଅଧିନକୁ ଚାଲି ଆସିଥିଲା। ତେଣୁ ଭଞ୍ଜନଗର ରାଜସ୍ୱ ପ୍ରଶାସନ ବର୍ତ୍ତମାନ ଏହାର ପରିଚାଳନା ଦାୟିତ୍ୱ ବୁଝୁଛି। ଭଞ୍ଜନଗର ତହସିଲଦାର ମନ୍ଦିରର ତଦାରଖ କରୁଛନ୍ତି । ତେଣୁ ଆଜି ରଥଯାତ୍ରା କିଭଳି ଶାନ୍ତିଶୃଙ୍ଖଳାର ସହ ପାଳିତ ହେବ, ସେଥିପାଇଁ ଭଞ୍ଜନଗର ଉପ ଜିଲାପାଳ ଉମା ଶଙ୍କର ବେହେରା, ତହସିଲଦାର ଅଭିପ୍ସା ପଟ୍ଟନାୟକ, ବିଡ଼ିଓ ଭାରତୀ ଦେବୀ, ଅତିରିକ୍ତ ତହସିଲଦାର ଅବିନାଶ ମହାର ପ୍ରମୁଖ ଉପସ୍ଥିତ ରହି ଯାତ୍ରାକୁ ତଦାରଖ କରୁଛନ୍ତି। ଆଇନଶୃଙ୍ଖଳା ଦାୟିତ୍ୱରେ ଅତିରିକ୍ତ ଏସପି ରଞ୍ଜନ ଦେ, ଏସଡିପିଓ ସୁଜିତ୍ ନାୟକ, ଥାନା ଅଧିକାରୀ ଜୀବନାନନ୍ଦ ଜେନା ପ୍ରମୁଖ ଅଛନ୍ତି। ଅପରାହ୍ନରେ ଭଞ୍ଜ ରାଜବଂଶର ଉତ୍ତରାଧିକାରୀ ପ୍ରଶାନ୍ତ ଭଞ୍ଜଦେଓ ଛେରା ପହଁରା କରିବା ପରେ ଭକ୍ତମାନେ ରଥକୁ ଟାଣିଥିଲେ । ରଥଯାତ୍ରାରେ ହଜାର ହଜାର ଭକ୍ତ ଯୋଗଦେଇଥିବା ଜଣାପଡିଛି । ଏଥିସହ ଭଞ୍ଜନଗର ରଥ ସହି, ଭେଜିପୁଟ, ବଡକୋଦଣ୍ଡା ଓ ଜିଲୁଣ୍ଡି ଗ୍ରାମରେ ପ୍ରମୁଖ ସ୍ଥାନରେ ରଥଯାତ୍ରା ପାଳିତ ହେଉଛି ।

## କଏରାପାରୀରେ ରଥଯାତ୍ରା



କଟକ, (ସ୍ୱପ୍ର) : ଟାଙ୍ଗୀ-ଚୌଦ୍ୱାର ବ୍ଲକ କୋଟସାହି ପଞ୍ଚାୟତ କଏରାପାରୀ ଠାରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ରଥଯାତ୍ରା ଉତ୍ସାହ ଉଦ୍ଦୀପନାର ସହ ପାଳିତ ହୋଇଛି । ପ୍ରତ୍ୟୁଷରୁ ବିଧି ଅନୁଯାୟୀ ଠାକୁରଙ୍କ ନୀତିକାନ୍ତି ଆରମ୍ଭ ହୋଇଥିଲା । ଅପରାହ୍ନରେ ଚତୁର୍ଦ୍ଧା ବିଗ୍ରହ ପହଣ୍ଡିରେ ଆସି ସୁସଜ୍ଜିତ ରଥରେ ବିଜେ କରିଥିଲେ । ରଥ ଉପରେ ଠାକୁରଙ୍କୁ ଭୋଗ, କର୍ପୁର ଆଳତୀ ଓ ପୁଷ୍ପାଞ୍ଜଳି ଅର୍ପଣ କରାଯିବାପରେ ରଥ ଟଣା ପର୍ବ ଅନୁଷ୍ଠିତ ହୋଇଥିଲା। ଘଣ୍ଟ ବାଦ୍ୟ ସହ ଆବାଳବୃଦ୍ଧବନିତା ଜୟ ଜଗନ୍ନାଥ ଧ୍ୱନି ଦେଇ ରଥକୁ ଟାଣି ନଂ୧୬ ଜାତୀୟ ରାଜପଥରେ କନ୍ଦରକଣା ଗଡା ପର୍ଯ୍ୟନ୍ତ ନେଇ ସେଠାରୁ ଟାଙ୍ଗୀ-ଭଟିମୁଣ୍ଡା ରାସ୍ତାରେ ପଦ୍ମିନୀ କେୟାର ହସ୍‌ପିଟାଲ୍ ପରିସର ସ୍ଥିତ ସଂକଟମୋଚନ ହନୁମାନଜୀଉଙ୍କ ମନ୍ଦିର ନିକଟକୁ ଆଣିଥିଲେ । ପଥପ୍ରାନ୍ତରେ ଶ୍ରଦ୍ଧାଳୁ ନରନାରୀ, ଶିକ୍ଷାନୁଷ୍ଠାନର ଶହଶହ ଛାତ୍ରଛାତ୍ରୀ ଓ କର୍ମଚାରୀ ରଥାରୂଢ ଠାକୁରଙ୍କୁ ଭୋଗ ଓ ଭକ୍ତି ନୈବେଦ୍ୟ ଅର୍ପଣ କରିଥିଲେ । ଟ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ, ଅବସରପ୍ରାପ୍ତ ପ୍ରଶାସକ ପ୍ରଫୁଲ୍ଲ ଚନ୍ଦ୍ର ରଥ, ପ୍ରଶାସକ ବଳରାମ କର, ବରିଷ୍ଠ ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ଗୀତାଞ୍ଜଳି ରଥ, ନିୟମିତା ରଥ, ଲୋରାମିତ୍ରା ରଥ, ଚିନ୍ମୟୀ ରଥ, ଇଂ ଦୁର୍ଗାପ୍ରସାଦ ରଥ, ପ୍ରଭାତ କୁମାର ଦାଶ, ଶିବ ପ୍ରସାଦ ରଥ, ସୁବ୍ରତ କୁମାର ରଥ, ମୋହିନୀମୋହନ ରଥ, ଆଶୁତୋଷ ଦ୍ୱିବେଦୀଙ୍କ ସମେତ ଗ୍ରାମର ମୁରବୀ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ । ଟ୍ରିମ୍‌ସ ଫାଣ୍ଡି ପକ୍ଷରୁ ଜାତୀୟ ରାଜପଥରେ ଟ୍ରାଫିକ ନିୟନ୍ତ୍ରଣ କରାଯାଇଥିଲା ।

## ବିଭିନ୍ନ ସ୍ଥାନରେ ରଥଯାତ୍ରା ପାଳିତ

ଆସିକା, (ସବ୍ୟୁ): ଆସିକା ଓ ଆଖପାଖ ଗ୍ରାମାଞ୍ଚଳରେ ପ୍ରବଳ ଉତ୍ସାହ ଓ ଉଦ୍ଦୀପନା ସହ ଧୁମ୍‌ଧାମରେ ପବିତ୍ର ରଥଯାତ୍ରା ଅନୁଷ୍ଠିତ ହୋଇଛି । ଏହି ଉପଲକ୍ଷେ ସବୁସ୍ଥାନରେ ପ୍ରଭୁ ଜଗନ୍ନାଥ ମନ୍ଦିରରେ ଭକ୍ତଙ୍କ ମଧ୍ୟରେ ହର୍ଷ ଓ ଉଲ୍ଲାସ ପରିଲକ୍ଷିତ ହୋଇଛି। ଆସିକାର ସୁନମ୍ବ ସାହି, ସାନ ମୁନିସାହି, ଖମ୍ବେଶ୍ୱରୀ ପାଟଣା, କାଳକ୍ଷଣ୍ଡପୁର, ନାଳବଣ୍ଟା, ଟିନି ଶିଳ୍ପ ନୂଆଗାଁ, ଦାମୋଦରପଲ୍ଲୀ ଭଳି ଅନେକ ଗ୍ରାମରେ ଥିବା ଜଗନ୍ନାଥ ମନ୍ଦିରରେ ପାରମ୍ପରିକ ରଥ ଯାତ୍ରା ଅନୁଷ୍ଠିତ ହୋଇଛି। ପ୍ରାତଃ କାଳରୁ ବିଭିନ୍ନ ଜଗନ୍ନାଥ ମନ୍ଦିରରେ ଠାକୁରଙ୍କ ଦେବନୀତି ସମାପନ ପରେ ଅପରାହ୍ନ ୪ ଟାରେ ଚତୁର୍ଦ୍ଧାମୂର୍ତ୍ତି ଙ୍କୁ ରଥାରୂଢ଼ କରାଯାଇଥିଲା। ଗ୍ରାମବାସୀ ଶ୍ରଦ୍ଧାଳୁ ଭକ୍ତଙ୍କ ଗ୍ରହଣରେ ଘଣ୍ଟଘଣ୍ଟା, ଶଙ୍ଖ ଓ କାହାଳୀ, ସଂକୀର୍ତ୍ତନ, ନାମ ଓ କୀର୍ତ୍ତନ ଏବଂ ଭଜନ ଦଳଙ୍କ ଗହଣରେ ଠାକୁରଙ୍କୁ ରଥରୂଢ଼ା କରାଯାଇଥିଲା। ପ୍ରଭୁଙ୍କର ରଥ ନୀତି ସରିବା ପରେ ଚାରମାଳ ଫିଟାଯାଇ ରଥ ଟଣା କାର୍ଯ୍ୟ ବଡଦାଣ୍ଡରୁ ଆରମ୍ଭ ହୋଇଥିଲା । ସହରର ସୁନାମ୍ବ ସାହିରେ ଅନୁଷ୍ଠିତ ପ୍ରମୁଖ ଯାତ୍ରାରେ ମନ୍ଦିର ମେନେଜିଙ୍ଗ ଟ୍ରଷ୍ଟି ନାରାୟଣ ମୁନୀ ଓ ଅନ୍ୟ ସଭ୍ୟଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥଲା। ଆସିକା ବିଧାୟକ ସରୋଜ ପାଢ଼ୀ ମୁଖ୍ୟଅତିଥି ଭାବେ ଯୋଗଦେଇ ରଥଟଣାର ଶୁଭାରମ୍ଭ କରିଥିଲେ। ତହସିଲଦାର ସଙ୍ଗୀତା ସେନ, ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେଶ୍ କୁମାର ମହାପାତ୍ର, ଆସିକା ଥାନା ଭାରପ୍ରାପ୍ତ ଅଧିକାରୀ କୁଳମଣି ସେଠୀ, ଅତିରିକ୍ତ ତହସିଲଦାର ଅମରେଶ ସାବତ ଟିପିସିଡିଏଲର ଇଂ ରାକେଶ ପାତ୍ର, ସମାଜସେବୀ ସତ୍ୟନାରାୟଣ ସ୍ୱାଇଁଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ରଥଟଣା ବେଳେ ଉପସ୍ଥିତ ଥିଲେ। ପୋଲିସ, ପ୍ରଶାସନ, ଅଗ୍ନିଶମ ଓ ବିଦ୍ୟୁତ ବିଭାଗ କର୍ମଚାରୀଙ୍କ ଉପସ୍ଥିତି ସହ ଶ୍ରଦ୍ଧାଳୁ ଭକ୍ତଙ୍କ ହରିବୋଲ ହୁଳହୁଳି ରଥଟଣା ହୋଇ ସନ୍ଧ୍ୟା ସୁଦ୍ଧା ଗୁଣ୍ଡିଚା ମନ୍ଦିରରେ ରଥ ପହଞ୍ଚିଥିଲା। ରଥ ଉପରେ ତିନି ଠାକୁରଙ୍କ ଦର୍ଶନ ପାଇଁ ପ୍ରବଳ ଭିଡ ପରିଲକ୍ଷିତ ହୋଇଥିଲା। ଶାନ୍ତି ଶୃଙ୍ଖଳା ରକ୍ଷା ନେଇ ପୋଲିସ ପକ୍ଷରୁ ସମସ୍ତ ସ୍ଥାନରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା।

## ଛତ୍ରପୁର ସହରର ବିଭିନ୍ନ ସ୍ଥାନରେ ରଥଯାତ୍ରା

ଛତ୍ରପୁର, (ସବ୍ୟୁ): ଆଜି ହେଉଛି ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା। ପୁରୀ ସମେତ ବିଭିନ୍ନ ଗ୍ରାମାଂଚଳ ଓ ସହରାଂଚଳ ମାନଙ୍କରେ ଥିବା ଶ୍ରୀ ଜଗନ୍ନାଥ ମନ୍ଦିର ମାନଙ୍କରେ ରଥ ଯାତ୍ରାକୁ ଧୁମଧାମ ରେ ପାଳନ କରାଯାଇଛି । ଛତ୍ରପୁର ତାଡେପଲ୍ଲୀ ସାହି ସ୍ଥିତ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ମହାପ୍ରଭୁଙ୍କ ରିତୀନିତୀ ଅନୁଯାୟୀ ପୂଜାର୍ଚ୍ଚନା କରାଯାଇ ମଙ୍ଗଳ ଆଳତି କରାଯାଇଥିଲା । ତିନି ଠାକୁରଙ୍କୁ ପହଣ୍ଡି କରାଯାଇ ରଥ ଉପରେ ଉପବେସନ କରାଯାଇଥିଲା । ପରେ ମନ୍ଦିରର ରାଜା ଶ୍ରୀ କୈଳାଶ ଚନ୍ଦ୍ର ଦେଓ ରଥରେ ଛେରା ପହଁରା କରିଥଲେ । ପରେ ରଥ ଉପରେ ଶ୍ରୀ ଜିଉଙ୍କ ଆଳତି କରାଯାଇଥିଲା । ଅପରାହ୍ନ ରେ ରଥ ମନ୍ଦିର ପରିସରରୁ ବାହାରି ମଝି ବଜାର ସ୍ଥିତ ମାଉସୀ ମା ମନ୍ଦିର ନିକଟରେ ପହଂଚିଥିଲା। ସେଠାରେ ପ୍ରବଳ ଭକ୍ତଙ୍କ ସମାଗମ ସହ ଶଙ୍ଖନାଦ, ଘଣ୍ଟ ବାଦ୍ୟ ଏବଂ ବିଭିନ୍ନ ବାଜ୍ୟ ବାଜଣା ରେ ପୁଣି ଶ୍ରୀ ଜିଉଙ୍କ ଆଳତି ଓ ରିତୀନିତି ଅନୁଯାୟୀ ପୂଜାର୍ଚ୍ଚନା କରାଯିବା ପରେ ମାଉସୀ ମା ମନ୍ଦିରକୁ ତିନି ଠାକୁରଙ୍କୁ ପହଣ୍ଡି କରି ଅଣାଯାଇଥିଲା। ସନ୍ଧ୍ୟାରେ ବହୁ ଭକ୍ତ ମାଉସୀ ମା' ମନ୍ଦିରରେ ଶ୍ରୀ ଜିଉଙ୍କୁ ଦର୍ଶନ କରିଥିଲେ । ସେହିପରି ଛତ୍ରପୁର ସହରରେ ଥିବା ଦାସିରି ଜଗନ୍ନାଥ ମନ୍ଦିର, ଅପର ବସଷ୍ଟାଣ୍ଡ ସ୍ଥିତ ଜଗନ୍ନାଥ ମନ୍ଦିର, ଛତ୍ରପୁର ବ୍ଲକ ଅନ୍ତର୍ଗତ ବିପୁଳିଙ୍ଗି, ନରେନ୍ଦ୍ରପୁର, ଲଣ୍ଡାବାଉଁଶ ଭଳି ବିଭିନ୍ନ ଗ୍ରାମରେ ମଧ ରଥଯାତ୍ରା ମହା ଆଡମ୍ବର ସହକାରେ ପାଳନ କରାଯାଇଛି ।

# ବାଜିରାଉତ ଗାଁରେ ଶିଶୁଶ୍ରମିକ ବର୍ଷାରେ ଚାଲିଛି ପିଚୁ କାମ

ଭୁବନ ,(ସବ୍ୟ) : ବାଜିରାଉତ ଗାଁ ନୀଳକଣ୍ଠପୁରକୁ ବରପୁତ୍ର ଏହିଷ ଗ୍ରାମଭାବରେ ଘୋଷଣା କରିଥିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ଏହି ଗାଁର ଚାଷୀମାନଙ୍କ ଜମିକୁ ବାର୍ଷିକପୋଲ ବନ୍ଧରେ ଗ୍ରାମ ଉନ୍ନୟନ ବିଭାଗ ଦ୍ୱାରା ନିର୍ମାଣ ହେଉ ସୁଢ଼ତ ପୋଲ । ପୋଲ ସଂଲଗ୍ନ ରାସ୍ତା ଯୋ ଯୋ ବର୍ଷାରେ ପିଚୁ କାର୍ଯ୍ୟ । ଅଭିଯୋଗରୁ ଜଣାଯାଏ ଯେ, ଏହି କାର୍ଯ୍ୟରେ ଭୁବନ ବ୍ଲକ ଓଡ଼ିଶ ପଞ୍ଚାୟତ ଡମଣାଳ ସ୍କୁଲରେ ପାଠ ପଢୁଥିବା ବାପ ମା ଛେଉଣ୍ଡ ଅଷ୍ଟମ ଶ୍ରେଣୀର ଛାତ୍ରୀ ସହିତ (୧୨)ବର୍ଷିତ ପାଞ୍ଚରୁ ୬ ଜଣ ନାବାଳକ ନାବାଳିକାଙ୍କୁ କାମରେ ଲଗାଯାଉଛି ଠିକାଦାର । ଏଠାରେ ଗ୍ରାମ ଉନ୍ନୟନ ବିଭାଗର କୌଣସି ବିଭାଗୀୟ ଅଧିକାରୀ ନାହାନ୍ତି । ଜିଲ୍ଲାର ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ସାମ୍ବାଦିକ ସଂଘ ପକ୍ଷରୁ ସୂଚନା ଦିଆଗଲାରୁ ୨ଘଣ୍ଟା ପରେ ଜିଲ୍ଲାର ଶ୍ରମ ବିଭାଗର ସ୍ୱାବ ବାଦୀଙ୍କ ଅନ୍ୟ କେହି ପହଞ୍ଚିନଥିଲେ । ସେତେବେଳକୁ କାର୍ଯ୍ୟ କରୁଥିବା ଠିକାଦାର ଓ ଶ୍ରମିକ ଜାଗା ଛାଡି ପଳାଇଥିଲେ । ବିଳମ୍ବରେ ଆସି ହଠାତରେ ପେରିଥିଲେ ଜିଲ୍ଲା ଶ୍ରମ ବିଭାଗର ପ୍ରଥମ ଅଧିକାରୀ ସଂସ୍ଥାନ ଦଲେଇ । ସ୍ଥାନୀୟ ଅଧିକାରୀ ଓ ସାମ୍ବାଦିକ ସଂଘ ପକ୍ଷରୁ ଜିଲା ପ୍ରଶାସନ, ଉପ ଜିଲାପାଳ, ଜିଲ୍ଲା ଶ୍ରମ ଅଧିକାରୀ, ଶିଶୁ ଶ୍ରମିକ ନିରୋଧ ବିଭାଗ ,ସ୍ଥାନୀୟ ପୋଲିସ ଅଧିକାରୀଙ୍କୁ ଜଣାଇଥିଲେ ବି କେହି ପହଞ୍ଚିନଥିଲେ । ତେବେ ୬.୩୭ କୋଟି ଟଙ୍କା ବ୍ୟୟରେ ନିର୍ମିତ ରାସ୍ତା ଓ ପୋଲ ନିର୍ମାଣରେ ଗ୍ରାମ ଉନ୍ନୟନ ବିଭାଗର ଅଧିକାରୀ କରୁଛନ୍ତି କଣ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଶିଶୁ ଶ୍ରମିକମାନେ କୁହନ୍ତି ଆମକୁ ଘଣ୍ଟାର ବାବୁ ଡାକିଥିଲେ ଆମେ ୪ ଜଣ ଛୋଟ ପିଲା କାମକୁ ଆସିଛୁ । ଆମକୁ ଦିନକୁ ୩୦୦ ଟଙ୍କା ଦିଅନ୍ତି । ଆମ ଘର ନୀଳକଣ୍ଠପୁର । ଶିଶୁ ଶ୍ରମିକଙ୍କୁ ଠିକାଦାର କାମରେ ଲଗାଉଛନ୍ତି । ଏ ଠିକାଦାରଙ୍କୁ ସୁରକ୍ଷା ଦେଉଛି କିଏ?

ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀ ଯନ୍ତ୍ରୀ ଶିବ ଜ୍ୟୋତି ସାହୁ କୁହନ୍ତି ଆମର କନିଷ୍ଠ ଯନ୍ତ୍ରୀ ନାହାନ୍ତି । ସହକାରୀ ଯନ୍ତ୍ରୀଙ୍କୁ ଦାୟିତ୍ୱ ଦିଆଯାଇଛି । ବର୍ଷାରେ କାର୍ଯ୍ୟ ଦେବା ହେବି । ଶିଶୁ ଶ୍ରମିକ କଥାକୁ ବି ବିଚାର କରାଯିବ ।

# ଧର୍ମେନ୍ଦ୍ରଙ୍କ ଜନ୍ମଦିନରେ ରକ୍ତଦାନ ଶିବିର, ୫୬ ୟୁନିଟ ସଂଗୃହିତ

ଛେଣ୍ଡିପଦା(ସବ୍ୟ):ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀ ୧୫ ନମ୍ବର ଜୋନ (ଛେଣ୍ଡିପଦା ଜୋନ )ଜିଲ୍ଲାପରିଷଦ ସଭ୍ୟ ଯଶୋବନ୍ତ ପ୍ରସାଦ ବେହେରାଙ୍କ ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ୫୬ବର୍ଷ ପୂରଣ ହୋଇଥିବା ବେଳେ ଶିବିରରେ ମୋଟ ୫୬ୟୁନିଟ ରକ୍ତ ସଂଗୃହିତ ହୋଇଛି । ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରକ୍ତ ଭଣ୍ଡାର ଠାରେ ଆୟୋଜିତ ଏହି ରକ୍ତଦାନ ଶିବିର ସକାଳ ୯ଘଟିକା ରେ ଆରମ୍ଭ ହୋଇଥିଲା । ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା,ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ,ବରିଷ୍ଠ ବିଜେପି ନେତା ଦିଲ୍ଲୀପ ପ୍ରଧାନ, ଜିଲ୍ଲାପରିଷଦ ସଦସ୍ୟା ମୀରା ଗଡ଼ନାୟକ ଓ ସି ଟି ଏସ ଓ ଗୌରୀ ଶଙ୍କର ବଳ ପ୍ରମୁଖ ଉପସ୍ଥିତ ରହି ଶିବିରକୁ ଉଦଘାଟନ କରିଥିଲେ । ଏହି ଶିବିରରେ ଧର୍ମେନ୍ଦ୍ର ପ୍ରଧାନଙ୍କ ବନ୍ଧୁ ଶୁଭେଚ୍ଛୁ ସମର୍ଥକ, ଅନୁଗୁଳ ଲାଇଟ ହାଉସ କର୍ମଚାରୀ ତଥା ବହୁ ସାମାଜିକ ଅନୁଷ୍ଠାନର କାର୍ଯ୍ୟକର୍ତା। ଯୋଗ ଦେଇଥିଲେ ।

# ଜିନ୍ଦଲନଗରରେ ରଥଯାତ୍ରା : ସାମିଲ ହେଲେ ହଜାର ହଜାର ଶ୍ରଦ୍ଧାଳୁ

ଅନୁଗୁଳ,(ସବ୍ୟ) :ଦେବଭୂମି ଜିନ୍ଦଲନଗରରେ ପବିତ୍ର ଘୋଷଯାତ୍ରା ଉତ୍ସାହ ଓ ଆବେଗପୂର୍ଣ୍ଣ ବାତାବରଣ ମଧ୍ୟରେ ଆରମ୍ଭ ହୋଇଛି । ଏହି ଘୋଷଯାତ୍ରା ଦେଖିବାକୁ ଆଖପାଖ ଗ୍ରାମାଞ୍ଚଳ ଏବଂ ଅନୁଗୁଳରୁ ହଜାରାଧିକ ଶ୍ରଦ୍ଧାଳୁଙ୍କ ସମାବେଶ ହୋଇଥିଲା । ତାଳଧ୍ୱଜ,ଦର୍ପଦଳନ ଏବଂ ନନ୍ଦିଘୋଷର ଭବ୍ୟ ସୁସଜ୍ଜିତ ରଥରେ ଯଥାକ୍ରମେ ମହାପ୍ରଭୁ ବଳଭଦ୍ର,ଦେବୀ ସୁଭଦ୍ରା ଏବଂ ମହାବାହୁ ଶ୍ରୀ ଜଗନ୍ନାଥ ଆସିନ ହୋଇଗୁଣ୍ଡିଚା ମନ୍ଦିର ଅଭିମୁଖେ ବାହାରିଥିଲେ ।



କୁରୁକ୍ଷେତ୍ର ସାଂସଦ ତଥା ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର (ଜେଏସପି)ର ଅଧ୍ୟକ୍ଷ ନବୀନ ଜିନ୍ଦଲ,ତାଙ୍କ ଧର୍ମ ପତ୍ନୀ ତଥା ଜିନ୍ଦଲ ଫାଉଣ୍ଡେସନର ଚେୟାରମ୍ୟାନ୍ ଶ୍ରୀମତୀ ଶାଲୁ ଜିନ୍ଦଲ ଏବଂ ତାଙ୍କ ମାତା ଓ.ପି. ଜିନ୍ଦଲ ଗ୍ରୁପର ସମ୍ମାନିତ ଅଧକ୍ଷା ତଥା ହରିୟାଣାର ହିସାର ବିଧାୟିକାଶ୍ରୀମତୀ ସାବିତ୍ରୀ ଜିନ୍ଦଲ ପ୍ରମୁଖ ରଥଯାତ୍ରାରେ ପ୍ରଧାନ ସେବକ ଭାବେ ଦାୟିତ୍ୱ ତୁଲାଇଥିଲେ । ନବୀନ ଜିନ୍ଦଲ ପହଣ୍ଡି କାର୍ଯ୍ୟକ୍ରମରେ ଭାଗ ନେବା ସହ ରଥରେ ସମର୍ଜନୀ ଧରି ଛେରା ପହଁରା କରିଥିଲେ । ଏ ଅବସରରେ ଶ୍ରୀ ଜିନ୍ଦଲ କହିଥିଲେ, ମୁଁ ସର୍ବଶକ୍ତିମାନଙ୍କ ନିକଟରେ ପ୍ରାର୍ଥନା କରୁଛି ଯେ, ସେ ଆମ ସମସ୍ତଙ୍କୁ ତାଙ୍କର ଦିବ୍ୟ ଆଶୀର୍ବାଦ ପ୍ରଦାନ କରନ୍ତୁ ।ଶାନ୍ତିମଧ୍ୟକୁ ପ୍ରତିକ୍ରିୟା ଦେଇ, ଶ୍ରୀ ଜିନ୍ଦଲ ପୁରୀରେ ଭକ୍ତମାନଙ୍କ ପାଇଁ ଜିନ୍ଦଲ ଫାଉଣ୍ଡେସନ ଦ୍ୱାରା ଚାଲିଥିବା ଗରମ ରନ୍ଧା ଖାଦ୍ୟ ଏବଂ ଥଣ୍ଡା ପାନୀୟ ଜଳ ସେବା ବିଷୟରେ ଉଲ୍ଲେଖ କରିଥିଲେ, ଯାହା ସୁନାବେଶ ପର୍ଯ୍ୟନ୍ତ ଜାରି ରହିବ । ଶ୍ରୀ ଜିନ୍ଦଲ କହିଥିଲେ, ଆମେ ୧୧ ବର୍ଷ ଧରି ଲଗାତାର ଜଗନ୍ନାଥ ଧାମ ପୁରୀରେ ଭକ୍ତଙ୍କ ସେବା କରିବାର ସୁଯୋଗ ପାଇଥିବାରୁ ସୌଭାଗ୍ୟବାନ ମନେ କରୁଛୁ । ରଥଟଣା ପୂର୍ବରୁ ସକାଳେ ମନ୍ଦିରରେ ନେତ୍ର ଲାଗି, ନବ ଯୌବନ ଦର୍ଶନ, ମଙ୍ଗଳ ଆରତୀ, ପହଣ୍ଡିବିଜେ ଆଦି ପାରମ୍ପରିକ ରୀତିନୀତି ଆୟୋଜିତ ହୋଇଥିଲା । ଜିନ୍ଦଲ ପରିବାରର ସଦସ୍ୟମାନେ ଦେବଭୂମିର ମୁଖ୍ୟ ସେବାୟତ ଶ୍ରୀକାନ୍ତ ଜୀଙ୍କ ତତ୍ତ୍ୱାବଧାନରେ ଭକ୍ତିଭାବ ସହ ସମସ୍ତ ନିତିକାନ୍ତି ତୁଲାଇଥିଲେ । ସବୁଠାରୁ ଆକର୍ଷଣର କେନ୍ଦ୍ର ଥିଲା କି ଦେବୀ ସୁଭଦ୍ରାଙ୍କ ପହଣ୍ଡି ଓ ରଥ ଟଣାରେ କେବଳ ମହିଳାମାନେ ନିୟୋଜିତ ହୋଇ ନୀତି ସମ୍ପର୍ଣ୍ଣ କରିଥିଲେ । କମ୍ପାନୀ ଅନୁଗୁଳ ମୁଖ୍ୟ ପଙ୍କଜ ମଲ୍ହୋତ୍ରା,କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ(ପ୍ରକଳ୍ପ) ଦାମୋଦର ମିତ୍ତଲ,ସେମାନଙ୍କ ପରିବାର ସଦସ୍ୟ ଏବଂ ଅନ୍ୟ କର୍ମଚାରୀମାନେ ରଥଯାତ୍ରା କାର୍ଯ୍ୟକ୍ରମରେ ଭାଗ ନେଇଥିଲେ । ରଥଯାତ୍ରାର ପ୍ରତ୍ୟକ୍ଷଦର୍ଶୀ ଧାରାବିବରଣୀ ଅଧିକରୁ ଅଧିକ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ୟୁଟ୍ୟୁବ୍ ମାଧ୍ୟମରେ କାର୍ଯ୍ୟକ୍ରମ ପ୍ରସାରଣ କରାଯାଇଥିଲା । ଜିନ୍ଦଲନଗରରେ ଏହି ରଥଯାତ୍ରା ସମାରୋହ ଆସନ୍ତା ଜୁଲାଇ ୮ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ । ଏହି ଦିନ ଶ୍ରୀ ଜୀଉମାନେ ଦେବଭୂମିର ରତ୍ନ ସିଂହାସନକୁ ଫେରିବେ ।

# ଢେଙ୍କାନାଳରେ ରଥଯାତ୍ରା:ଅଧାରେ ଅଟକିଲା ଦୁଇ ରଥ

ଢେଙ୍କାନାଳ ,(ସବ୍ୟ) :ଢେଙ୍କାନାଳ ପ୍ରସିଦ୍ଧ ରଥଯାତ୍ରା ବିଧି ପାଳନ ପୂର୍ବକ ରିତୀ ନିତୀ ମଧ୍ୟରେ ପାଳିତ ହୋଇଯାଇଛି। ସନ୍ଧ୍ୟା ପୂର୍ବରୁ ଦୁଇ ରଥ ମାଉସୀ ମାଆ ମନ୍ଦିରରେ ପହଞ୍ଚି ପାରିନଥିବା ବେଳେ ସାନରଥ ମହାବୀୟ ବଜାର ଏବଂ ବଡରଥ ଜବାହର ଚୌକ ନିକଟରେ ଅଟକି ରହିଛି।



ଶ୍ରୀ ଶ୍ରୀ ବଳରାମ ମନ୍ଦିର ପରିସରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କର ସକାଳ ନୀତି ପାଳନ ପରେ ସେଣାପଟା ଲାଗି ଓ ପହଣ୍ଡି ବେଶ କରାଯାଇଥିଲା । ମହାପ୍ରଭୁଙ୍କର ମଙ୍ଗଳାର୍ପଣ ଓ ସେବା ପୂଜା ହୋଇ ଛେରା ପହଁରା ଓ ଆରତ୍ରିକ ଇତ୍ୟାଦି ସେବା ପୂଜା ପରେ ଶ୍ରୀ ମହାପ୍ରଭୁଙ୍କ ଅଙ୍ଗଲାଗି ବସ୍ତ୍ର କରାଯାଇଥିଲା। ମୁଖ୍ୟ ମନ୍ଦିରରୁ ଚତୁର୍ଦ୍ଧା ମୂରତୀଙ୍କୁ ମଧ୍ୟାହ୍ନରେ ପହଣ୍ଡି ବିଜେ କରାଯାଇ ରଥଖଳାକୁ ଅଣାଯାଇଥିଲା। ସେଠାରେ ଦୁଇଟି ରଥରେ ପ୍ରଭୁଙ୍କୁ ରଥାରୁଢ କରାଯିବା ପରେ ମହାପ୍ରଭୁଙ୍କର ପୂଜା ଓ ରୀତିନୀତି କରିବା ପରେ ଯୁବରାଜ ଅମରଜ୍ୟୋତି ସିଂହଦେଓଙ୍କ ଦ୍ୱାରା ଛେରା ପହଁରା କାର୍ଯ୍ୟ ସମ୍ପନ୍ନ ହୋଇଥିଲା । ଗୁଳୁଗୁଳି ଓ ବର୍ଷା ମଧ୍ୟରେ ଏହି ରଥଯାତ୍ରା ବେଳେ ଭକ୍ତମାନଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖାଦେଇଥିଲା। ଦିନ ୩ଟା ୩୯ ମିନିଟରେ ପ୍ରଥମେ ବଡ ରଥ ଏବଂ ପରେ ସାନରଥ ଟଣା କାର୍ଯ୍ୟ ଆରମ୍ଭ ହୋଇଥିଲା। ସାନ ରଥକୁ ମହିଳା ମାନେ ଟାଣି ଟାଣି ନେଇଥିଲେ। ସନ୍ଧ୍ୟା ପୂର୍ବରୁ ଦୁଇ ରଥ ମାଉସୀ ମାଆ ମନ୍ଦିରୀ ନିକଟରେପହଞ୍ଚି ପାରିନଥିଲା। ବଡ ରଥ ମହାବୀର ବଜାର ଏବଂ ସାନ ରଥ ଜବାହର ଚୌକ ଠାରେ ଅଟକି ରହିଥିବାର ଜଣାପଡ଼ିଛି। ରଥଯାତ୍ରାରେ ବିଭିନ୍ନ ସଂକୀର୍ତ୍ତନ ମଣ୍ଡଳୀ,ସ୍ୱେଚ୍ଛାସେବୀ ସଙ୍ଗଠନଙ୍କ ସହିତ ପୋଲିସ ପ୍ରଶାସନ ଉପସ୍ଥିତ ରହିଥିଲେ।ରେଡକ୍ରସ ସହିତ ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ଯୋଗଦେଇଥିଲେ। ରଥଯାତ୍ରା ସମୟରେ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ସହିତ ଏପପି ଅଭିନବ ସୋନକର, ସହିତ ଉପଜିଲ୍ଲାପାଳ ତଥା ଦେବୋତ୍ତର ଅଧିକାରୀ ବିବୁଧ ଗଡନାୟକ, ଦେବୋତ୍ତର ନିରୀକ୍ଷକ ପ୍ରଦ୍ୟୁମ୍ନ ତ୍ରିପାଠୀ, ଆଇନ୍ ଶୃଙ୍ଖଳା ଦୃଷ୍ଟିରୁ ଟାଉନ ଥାନା ଅଧିକାରୀଙ୍କ ସମେତ ପୋଲିସ କର୍ମଚାରୀମାନେ ମୁତୟନ ରହିଥିଲେ ପ୍ରଶାସନ ଏବଂ ଦେବୋତ୍ତର ବିଭାଗ ନିତୀ ନିର୍ଦ୍ଧାରଣ କରିଥିଲେମଧ୍ୟ ସମସ୍ତ କାର୍ଯ୍ୟସାମାନ୍ୟ ବିଳମ୍ବରେ ହୋଇଥିଲା। । ରଥଗଡା ଠାରେ ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ଧାରାବିବରଣୀ ପ୍ରଦାନ କରାଯାଇଥିଲା ।

# ଦିବାକର ମିଶ୍ରଙ୍କ ୧୧୦ତମ ଜୟନ୍ତୀ

ତାଳଚେର,(ସବ୍ୟ) :ସାମ୍ବାଦିକ ଗୌରବ ସ୍ୱର୍ଗତ ଦିବାକର ମିଶ୍ର ଜଣେ ବ୍ୟକ୍ତି ନଥିଲେ ସେଥିଲେ ଜଣେ ଅନୁଷ୍ଠାନ । ତାଙ୍କର ସାଲିସ୍ ବିହୀନ ସାମ୍ବାଦିକତା, ସ୍ୱଷ୍ଟବାଦୀତା ଓ ନିର୍ଭିକତା ପାଇଁ ସେ ଅନନ୍ୟ ବ୍ୟକ୍ତିତ୍ୱ ଥିଲେ ବୋଲି ଆଜି ଅନୁଷ୍ଠିତ ୧୧୦ତମ ଅନୁଷ୍ଠିତ ସଭାରେ ପୂର୍ବତନ ଙ୍କୋନାଳ ସାଂସଦ ମହେଶ ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହା ପ୍ରକାଶ କରିଥିଲେ । ଅନ୍ୟତମ ଅତିଥିଭାବେ ପୌରପରିଷଦ ନଗରପାଳ ପବିତ୍ର ଭୂତିଆ ଯୋଗଦେଇ ସ୍ୱର୍ଗତ ମିଶ୍ରଙ୍କ ନିତୀ ଆଦର୍ଶରେ ଅନୁପ୍ରାଣିତ ହେବାପାଇଁ ପ୍ରକାଶ କରିଥିଲେ । ଏହି ଜୟନ୍ତୀସଭା ତାଳଚେର ବୁଦ୍ଧିଜୀବୀ, ସାମ୍ବାଦିକ ଯୋଗଦେଇ ବଡ଼ବଜାର ସ୍ଥିତ ତାଙ୍କ ପ୍ରତିମୂର୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହିତ ସ୍ତୁତିଚାରଣ କରିଥିଲେ ।

# ଉତ୍କଳମଣିଙ୍କ ଶ୍ରାଦ୍ଧ ଦିବସ ପାଳିତ

ତାଳଚେର,(ସବ୍ୟ) :ତାଳଚେର ଟାଉନ ହଲ ନିକଟସ୍ଥ ପଣ୍ଡିତ ଗୋପଦାସଙ୍କ ପ୍ରତିମୂର୍ତି ପ୍ରାଙ୍ଗଣରେ ୯୭ତମ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି । ପୂର୍ବତନ ସାଂସଦ ମହେଶ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍କଳମଣି ଦାସଙ୍କ ଉପରେ ଆଲୋକପାତ କରିଥିଲେ । ଅନ୍ୟତମ ଅତିଥିଭାବେ ନଗରପାଳ ପବିତ୍ର ଭୂତିଆ ଯୋଗଦେଇ ଓଡ଼ିଶା ପାଇଁ ଗୋପବନ୍ଧୁ ଦାସଙ୍କ ଅବଦାନକୁ କେହି କେବେ ଭୂଲି ପାରିବେ ନାହିଁ ବୋଲି ପ୍ରକାଶ କରିଥିଲେ । କେଶବ ଭୂତିଆ ବାନାମ୍ବର ଭୂତିଆ, ଆସିଫ ଖାନ, ଯଶୋବନ୍ତ ମିଶ୍ର, ସନ୍ତୋଷ ବେହେରା, ବାବୁନି ସ୍ୱାଇଁ, ଜ୍ୟୋତିରଞ୍ଜନ ଦାସ, ଦେବନ ବେହେରା, ବଳରାମ କୁଣ୍ଡୁ ଦିଲ୍ଲୀପ ପାଣି, ପ୍ରକାଶ ମହାରଣା, ପ୍ରକାଶ ସାହୁ, ବଜରଙ୍ଗ ଅଗ୍ରୱାଲ, ବିଭୂତି ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ । ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହିତ ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଥିଲା ।

# ପାଣି ଟାଙ୍କିରୁ ଚକ ଚୋରୀ

ଠାକୁରଗଡ ,(ସବ୍ୟ) : କିଶୋରନଗର ବ୍ଲକ ବାମୁର ପଞ୍ଚାୟତ ନିକଟରେ ଥିବା ପଞ୍ଚାୟତର ପାଣି ଟାଙ୍କି ରୁ ଚକା ଚୋରୀ ହୋଇଯାଇଛି । ଫଳରେ ଗୁରୁବାର ଦିନ ବାମୁର ପଞ୍ଚାୟତ ସରପଞ୍ଚ ସଂଜୀବ କୁମାର ପ୍ରଧାନ କିଶୋରନଗର ଥାନାରେ ଅଭିଯୋଗ କରିଛନ୍ତି । ତାଙ୍କ ଅଭିଯୋଗକୁ ଭିତି କରି ପୋଲିସ ଏକ ମାମଲା ରୁଜୁ କରିଛି । ଘଟଣାରୁ ଜଣା ପଡିଛି ଯେ ପଞ୍ଚାୟତ ପକ୍ଷରୁ ହୋଇଥିବା ପାଣି ଟାଙ୍କି ବିଭିନ୍ନ ଅଞ୍ଚଳରେ ହେଉଥିବା ପର୍ବ ପର୍ବାଣି ରେ କାର୍ଯ୍ୟ କରୁଥିବା ବେଳେ ଉକ୍ତ ଟାଙ୍କି ଟି ପଞ୍ଚାୟତ ପାଖରେ ଥିବାବେଳେ ଚକା ଚୋରୀ ହୋଇଯାଇଥିବା ଅଭିଯୋଗ ହୋଇଛି ।

# ଝୁଙ୍କିଲେନି ନନ୍ଦିଘୋଷ, ନିରାଶ ହେଲେ ଶ୍ରଦ୍ଧାଳୁ

ହିନ୍ଦୋଳ ,(ସବ୍ୟ) :ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ଉପଖଣ୍ଡରେ ପୂର୍ବ କାର୍ଯ୍ୟସୂଚୀ ଅନୁଯାଇ ସଠିକ ସମୟରେ ପ୍ରଶାସନ ନିର୍ଦ୍ଦେଶରେ ତିନି ଠାକୁରଙ୍କ ରଥଟଣା ଆରମ୍ଭ ହୋଇଥିଲା । ଭକ୍ତମାନଙ୍କ ପୂର୍ଣ୍ଣ ସହଯୋଗରେ ବଳଭଦ୍ରଙ୍କ ତାଳଧ୍ୱଜ ଏବଂ ସୁଭଦ୍ରାଙ୍କ ଦେବଦଳନ ରଥକୁ ମାଉସୀମା ମନ୍ଦିର ନିକଟରେ ପହଞ୍ଚାଇଥିଲେ । ଜଗନ୍ନାଥଙ୍କ ନନ୍ଦିଘୋଷ ରଥକୁ ଭକ୍ତମାନେ ଟାଣିବା ଆରମ୍ଭ କରିଥିଲେ କିନ୍ତୁ ନନ୍ଦିଘୋଷ ରଥ ଆଗକୁ ଆଉ ବଢ଼ିନଥିଲା । ଭକ୍ତମାନେ ରଥକୁ ଟାଣିବା ମାତ୍ରକେ ବାମମୋଡ ନେବାରୁ ରଥ ତିନିଥର ଆଗପଛ ହୋଇଥିଲା । ଯାହାକି ହିନ୍ଦୋଳ ରଥଟଣାରେ ଏହା ପ୍ରଥମ ଘଟଣା । ଆରମ୍ଭରୁ ରଥ ଆଗକୁ ନ ବଢିବାରୁ ସନ୍ଧ୍ୟା ହେବା ଫଳରେ ରଥଖଳାରେ ହିଁ ପ୍ରଭୂ ଜଗନ୍ନାଥଙ୍କ ନନ୍ଦିଘୋଷ ରଥ ରହିଥିଲେ । ଦିନ ୧୧ ଟା ସମୟରେ ହିନ୍ଦୋଳ ରାଜା ସୈଳେନ୍ଦ୍ର ନାରାୟଣ ସିଂ ଦେଓ ରଥ ନିକଟରେ ଛେରା ପହଁରା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ହିନ୍ଦୋଳ ଉପଜିଲ୍ଲାପାଳ ପ୍ରଭାସ କୁମାର ବେହୁରା,ତହସିଲଦାର ଦିଲ୍ଲୀପ ସେଠି, ଏସ୍,ଡି,ପି,ଓ ସତ୍ୟ କୁମାର ନନ୍ଦ, ଥାନା ଅଧିକାରିଣୀ ଚାରୁଲତା ବେହେରାଙ୍କ ସମେତ ହିନ୍ଦୋଳ ଉପଖଣ୍ଡର ସମସ୍ତ ପ୍ରଶାସନିକ ଅଧିକାରୀ,ସ୍ୱେଚ୍ଛାସେବୀ,ସେବାୟଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ରଥଟଣାର ଧାରା ବିବରଣୀ ପ୍ରଦାନ କରିଥିଲେ ଜଗନ୍ନାଥ ପ୍ରେମୀ ହେମନ୍ତ କୁମାର ପାଣିଗ୍ରାହୀ,ବିରଞ୍ଚି ନାରାୟଣ ଦାସ,ପ୍ରଭାକର ଦ୍ୱିବେଦୀ ଏବଂ ବାମଦେବ ବଳିୟାର ସେନ୍ । ଆସନ୍ତା ସକାଳ ୧୧ ଘଟିକା ସମୟରେ ପ୍ରଶାସନ ଓ ଭକ୍ତ ମାନଙ୍କ ସହଯୋଗରେ ଜଗନ୍ନାଥଙ୍କ ନନ୍ଦିଘୋଷ ରଥକୁ ଟଣାଯାଇ ମାଉସୀମା ମନ୍ଦିର ନିକଟରେ ପହଞ୍ଚାଇବାକୁ ପ୍ରଶାସନ ପକ୍ଷରୁ ନିଷ୍ପତି ନିଆଯାଇଛି । ତେବେ ବିଭିନ୍ନ ଫାଷ୍ଟଫୁଡ, ମନୋହାରୀ, ବିଭିନ୍ନ ଘରଉପକରଣ ସାମଗ୍ରୀ, ଖେଳଣା ଇତ୍ୟାଦି ଦୋକାନର ପସରା ମେଲିଥିବାବେଳେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିଲା ।

# ପାଲଲହଡାରେ ମୋ ତହସିଲ ମୋ ଗାଁ କାର୍ଯ୍ୟକ୍ରମ

ପାଲଲହଡା,(ସବ୍ୟ) : ପାଲଲହଡା ତହସିଲ କାର୍ଯ୍ୟାଳୟ ତରଫରୁ ବନ୍ଧାଭୂଇଁ ପଂଚାୟତ ଅନ୍ତର୍ଗତ ଜମରଡିହରେ ମୋ ତହସିଲ ମୋ ଗାଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜଙ୍ଗଲ ଜମି ଅଧିକାର ଆଇନ ବଳରେ ମୋ ଜଙ୍ଗଲ ଜମି ଯୋଜନାରେ ପାଲଲହଡା ବ୍ଲକ ଅନ୍ତର୍ଗତ ଜମରଡିହ, ପଟାମୁଣ୍ଡି, ତିମି, ବରଡ଼ିହ,ଭୀମକାଣ୍ଡ, ସନ୍ଧାର, ଜଲ୍ଲା, ନୁଗୁଡା ପ୍ରଭୃତି ୮ ଗୋଟି ଗାଁର ଆଦିବାସୀ ଓ ପାଉଡି ଭୂୟାଁ ସମ୍ପ୍ରଦାୟର ପ୍ରାୟ ୨୬୦ଜଣ ହିତାଧିକାରୀଙ୍କୁ ଜଙ୍ଗଲ ଜମି ପଟା ଏବଂ ପ୍ରଧାନମନ୍ତ୍ରୀ ଜନମନ ଯୋଜନାରେ ପ୍ରାୟ ୪୦ଜଣ ହିତାଧିକାରୀଙ୍କୁ ଜାତିଗତ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ସ୍ଥାନୀୟ ତହସିଲଦାର ସୁଶ୍ରୀ ଆକାଂକ୍ଷା ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ସ୍ଥାନୀୟ ବିଧାୟକ ଅଶୋକ ମହାନ୍ତି, ସମ୍ମାନିତ ଅତିଥିରୂପେ ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ପଟେଲ,ଜିଲ୍ଲା ମଙ୍ଗଳ ଅଧିକାରୀ ଦିଲୀପ କୁମାର ମିଶ୍ର, ଭାରପ୍ରାପ୍ତ ରେଞ୍ଜ ଅଫିସର ମନୋଜ କୁମାର ଟୀଗା, ସାଂସଦଙ୍କ ପ୍ରତିନିଧି ଆଡ଼ଭୋକେଟ ତନ୍ମୟ କୁମାର ସାହୁ, ବିଜେପି ଜିଲ୍ଲା ଉପସଭାପତି ଲିଙ୍ଗରାଜ ଦାଶ, ଅତିରିକ୍ତ ତହସିଲଦାର ମନୋଜ କୁମାର ସାହୁ,ସ୍ୱତନ୍ତ୍ର ଅଧିକାରୀ ପ୍ରିୟଙ୍କା ନାୟକ, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ସୁଶ୍ରୀ ସୀମା ଦେହୁରୀ,ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ମନୋରଞ୍ଜନ ରାଉତ,ରାଜସ୍ୱ ନିରୀକ୍ଷକ ପୁଷ୍ପାଞ୍ଜଳି ବେହେରା ପ୍ରମୁଖ ଯୋଗଦେଇଥିଲେ ।

# ଡ଼କାୟତି ଯୋଜନା ପଣ୍ଡ: ୬ଗିରଫ, ଦେଶୀ ବନ୍ଧୁକ ଜବତ

ତାଳଚେର,(ସବ୍ୟ) : ଗତକାଲି ବିଳମ୍ବିତ ରାତ୍ରିରେ ତାଳଚେର ଥାନା ଅଧିକାରୀ ବିଶେଷ ସୂତ୍ରରୁ ଖବର ପାଇ ତାଳଚେର କଲେଜ ଭିତର ପରିସର ଏକ ଅନ୍ଧାରୁଆ ସ୍ଥାନରେ ୬ଜଣ ଯୁବକ ଡ଼କାୟତି କରିବା ନେଇ ଯୋଜନା କରୁଥିବା ବେଳେ ପୋଲିସ୍ ସେମାନଙ୍କୁ ଆତର୍କିତ ଚଢ଼ାଉ କରି ଧରିବାରେ ସକ୍ଷମ ହୋଇଛି । ତାଳଚେର ଥାନା ଅଧିକାରୀ ଏକ ଟିମ ଗଠନ କରି ପ୍ରଥମେ ସେମାନଙ୍କୁ ଘେରି ଯାଇଥିବା ସମୟରେ ଉକ୍ତ ଦୁର୍ବୃତ୍ତମାନେ ହାତରେ କଟୁରୀ, ଲୁହା ରଡ଼ ଓ ୨ଜଣ ପିସ୍ତଲ ଧରି ପୋଲିସକୁ ଆକ୍ରମଣ କରିବାକୁ ଉଦ୍ୟମ କରିଥିଲେ ଓ ସେମାନଙ୍କ ମଧ୍ୟରୁ ଗୋଟିଏ କଲେଜ ପାଚେରୀ ଡ଼େଇଁ




ରାଣୀପାର୍କ ଜଙ୍ଗଲ ଭିତରକୁ ପଳାଇ ଯାଇଥିଲା । ସେମାନଙ୍କୁ ଥାନାକୁ ଆଣି ପଚରା ଉଚରା କରିବାପରେ ସେମାନେ ଡ଼କାୟତି ଯୋଜନା କରୁଥିଲେ ବୋଲି ପୋଲିସ୍ ନିକଟରେ ପ୍ରକାଶ କରିଥିଲେ । ଏହି ଦୁର୍ବୃତ୍ତମାନେ ତାଳଚେର ଜେଲରୋଡ଼ ନିକଟରୁ ହୋଇଥିବା ବେଳେ ସେମାନେ ରାହୁଲ ନାଏକ (୨୧), ସୁମନ ନାଏକ (୧୭), ପ୍ରଭାତ ନାଏକ (୨୩), ରଜତ ନାଏକ (୨୪), ଯତିନ ନାଏକ (୧୯) ଜଣାପଡ଼ିଥିବା ବେଳେ ଅନ୍ୟ ଜଣେ ଫେରାର୍ ଅଛି । ସେମାନଙ୍କ ନିକଟରୁ ଏକ ସିଙ୍ଗଲ ବ୍ୟାରେଲ ଦେଶୀବନ୍ଧୁକ ଯେଉଁଥିରେ ଗୁଳି ଲୋଡ଼ ଥିଲା, ଗୋଟିଏ ଦେଶୀବନ୍ଧୁକ, ଲୁହାକଟରା, ଲୁହାରଡ଼ ଏବଂ ଗୋଟିଏ ମୋବାଇଲ୍ ପୋଲିସ୍ ଜବତ କରିବା ସହିତ ସେମାନଙ୍କୁ କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି । ପୂର୍ବରୁ ଏମାନଙ୍କ ନାମରେ ଥାନାରେ ବହୁ ଅଭିଯୋଗ ରହି ଆସିଥିବା ଥାନା ପକ୍ଷରୁ ଜଣାପଡ଼ିଛି ।

# ଆକ୍ଟିଭ ମିଡ଼ିଆ ପକ୍ଷରୁ ମିଳିତ ସହଯୋଗରେ ରାମଖେଚୁଡ଼ି ବଣ୍ଟନ

ତାଳଚେର,(ସବ୍ୟ) : ଆଜି ପବିତ୍ର ରଥଯାତ୍ରାରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ଆଗମନକୁ ଦୃଷ୍ଟିରେ ରଖି ତାଳଚେର/ ଅନୁଗୋଳ ଆକ୍ଟିଭ ମିଡ଼ିଆ ସଂଘ ଆନୁକୂଲ୍ୟରେ ଅଲଓଡ଼ିଶା ହ୍ୟୁମାନ୍ ରାଇଟସ୍ ଓ ମା' ସେବକ ସଂଘ ପକ୍ଷରୁ ରାମଖେଚୁଡ଼ି, ଥଣ୍ଡା ପାନୀୟଜଳ ଓ ଫଳରସ୍ ବଂଟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସମାଜସେବୀ ବିଭୂତି ସାହୁ, ଜିତୁ ବେହେରା ଯୋଗଦେଇ ପ୍ରସାଦ ସେବନ କରିବା ସହିତ ଉତ୍ସାହିତ କରାଇଥିଲେ । ଶ୍ରଦ୍ଧାଳୁମାନେ ଅତି ଆନନ୍ଦସହକାରେ ଏହି ପ୍ରସାଦ ସେବନ କରି ଯାତ୍ରା ପଡ଼ିଆକୁ ଆଗଭର ହୋଇଥିଲେ । ସାମ୍ବାଦିକ ସଂଘର କାର୍ଯ୍ୟକାରୀ ସଭାପତି ମନୋଜ ଶତପଥୀ, ଦେବେନ୍ଦ୍ର ସାହୁ, ଅଲଓଡ଼ିଶା ହ୍ୟୁମାନ ରାଇଟସ୍ ସଭାପତି ଡ଼ଃ ଦେବେନ୍ଦ୍ର ସିଂହ, ମା'ସେବକ ସଂଘ କୋଷାଧ୍ୟକ୍ଷ ଗୋବିନ୍ଦ ବେହେରା, କାର୍ଯ୍ୟକାରୀ ସଭାପତି ଦିଲ୍ଲୀପ ବେହେରା, ଉପସଭାପତି ଅସ୍ୱିନୀ ସିଂହ, ସୁନିଲ ବେହେରା, ଦେବେନ୍ଦ୍ର ବେହେରା, ନୋକିଆ ବେହେରା, ନିରୋଜ ବେହେରା, ଦୁଷ୍ମନ୍ତ ବେହେରା, ରିଙ୍କୁ କାଜି, ହାଡ଼ି ବେହେରା ଓ ସମସ୍ତ ସଦସ୍ୟ ଏହି କାର୍ଯ୍ୟକ୍ରମ ଉପସ୍ଥିତ ରହି ସାହାଯ୍ୟ ସହଯୋଗ କରିଥିଲେ ।

# କାମାକ୍ଷାନଗରରେ ରଥଯାତ୍ରା

କାମାକ୍ଷାନଗର ,(ସବ୍ୟ) : ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ସହର ଓ ଆଖପାଖରେ ମହାସମାରୋହରେ ରଥଯାତ୍ରା ଅନୁଷ୍ଠିତ ହୋଇ ଯାଇଛି । ସହରର ବହୁପୁରାତନ ଜଗନ୍ନାଥବଜାର ଠାରେ ଥିବା ଜଗନ୍ନାଥ ମନ୍ଦିରରେ ଆଡ଼ମ୍ବରରେ ରୀତିନୀତି ଅନୁଯାୟୀ ଚତୁର୍ଦ୍ଧାମୂର୍ତ୍ତି ଙ୍କ ରଥଯାତ୍ରା ହୋଇ ଯାଇଛି ।ପୂଜକ ସତୀଶ ପ୍ରସାଦ ଆଚାର୍ଯ୍ୟଙ୍କ ଦ୍ୱାରା ଚତୁର୍ଦ୍ଧାମୂର୍ତ୍ତିଙ୍କ ସକାଳ ଧୂପଠାରୁ ଆରମ୍ଭ କରି ସମସ୍ତ ରୀତିନୀତି ଅନୁସାରେ ପୂଜା କାର୍ଯ୍ୟ ହୋଇଥିଲା। ଅପରାହ୍ନ ତିନି ଟା ସମୟରେ ଠାକୁରଙ୍କ ପହଣ୍ଡି କରାଯାଇ ରଥାରୂଢ଼ କରାଯାଇଥିଲା ।ପରେ କାମାକ୍ଷାନଗରର ଗଜପତି ସୁବ୍ରତ ରଞ୍ଜନ ତ୍ରିପାଠୀ ଛେରାପହଁରା କରିଥିବା ବେଳେ ହଜାର ହଜାର ସଂଖ୍ୟାରେ ଭକ୍ତ ମାନେ ରଥକୁ ଭିଡି ନେଇଥିଲେ । ସନ୍ଧ୍ୟା ୬ ଟାରେ ରଥ ଅନନ୍ତପୁର ସ୍ଥିତ ମାଉସୀ ମା ମନ୍ଦିର ଠାରେ ପହଞ୍ଚିଥିଲା । ସେହିପରି ଆଳତୁମା ଗ୍ରାମରେ ଥିବା



ଦଧିବାମନ ଜୀଉଙ୍କ ମନ୍ଦିରରେ ମଧ ରଥଯାତ୍ରା ଅନୁଷ୍ଠିତ ହୋଇ ଯାଇଛି ।ଜିରିଡାମାଳି, ବାଇସିଙ୍ଗା, ମହୁଲି, ବଡ଼ସୁଆଁଳ ପ୍ରଭୃତି ଗ୍ରାମରେ ରଥଯାତ୍ରା ମହା ସମାରୋହରେ ପାଳିତ ହୋଇଯାଇଛି।

# ବିଭିନ୍ନ ସ୍ଥାନରେ ରଥ ଯାତ୍ରା

ଠାକୁରଗଡ ,(ସବ୍ୟ) : କିଶୋରନଗର ବ୍ଲକ ବଇଣ୍ଡା , ଇଛାପୁର , ବଇସିଣା , ସରିଗିପାଲି , ବାମୁର , ସଂଜାମୁରା , ବାଟିମୁଣ୍ଡା , ଉରୁକୁଳା , ବିଲେଇନାଳି , ଠାକୁରଗଡ ଥାନାର କୁର୍ତିବାସପୁର , ପେଡିପଥର , ଠାକୁରଗଡ , ଆଦି ଅଞ୍ଚଳ ରେ ଶୁକ୍ରବାର ଦିନ ପବିତ୍ର ରଥ ଯାତ୍ରା ମହାସମାରୋହ ରେ ପାଳିତ ହୋଇଯାଇଛି । ଏ ନେଇ ମନ୍ଦିର କମିଟି ପକ୍ଷରୁ ବ୍ୟାପକ ପ୍ରସ୍ତୁତି ହୋଇଥିବା ବେଳେ ପ୍ରଥମେ ପ୍ରଭୁ ତିନି ଠାକୁର ଙ୍କୁ ଶ୍ରୀ ମନ୍ଦିରକୁ ପହଣ୍ଡି କରି ରଥାରୁଢ କରାଯାଇଥିଲା । ପରେ ଛେରା ପହଁରା କରାଯିବା ପରେ ପ୍ରଭୁଙ୍କୁ ଯଥା ରୀତିନୀତି ନିୟମ ଅନୁସାରେ ପୂଜା କରାଯାଇଥିଲା । ବିଭିନ୍ନ ଅଞ୍ଚଳରୁ ସମାଗମ ହୋଇଥିବା ଶ୍ରଦ୍ଧାଳୁ ମାନେ ପ୍ରଭୁ ଙ୍କୁ ଦର୍ଶନ କରିବା ପରେ ପୂର୍ବରୁ ନିୟମ ପ୍ରସ୍ତୁତ ହୋଇଥିବା ସମୟ ରେ ପ୍ରଭୁ ଙ୍କ ରଥ ଟଣା ଯାଇଥିଲା । କିଛି ଅଞ୍ଚଳରେ ହାଲକା ବର୍ଷା ହୋଇଥିଲେ ମଧ ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଥିଲା । ଭକ୍ତମାନେ ପ୍ରଭୁଙ୍କ ରଥକୁ ଟାଣି ଆଣିବା ପରେ ମାଉସୀ ମନ୍ଦିରରେ ପ୍ରଭୁ ଙ୍କୁ ଦର୍ଶନ କରିଥିଲେ ଭକ୍ତ । ବିଭିନ୍ନ ସଂଗଠନ ପକ୍ଷରୁ ଭକ୍ତଙ୍କ ପାଇଁ ଅନ୍ନ ବ୍ୟବସ୍ଥା କରାଯାଇଥିବା ବେଳେ ପିଇବା ପାଣି ମଧ ଯୋଗାଇ ଦିଆଯାଇଥିଲା । ହଣ୍ଡପା , କିଶୋରନଗର , ବଇଣ୍ଡା , ଠାକୁରଗଡ ପୋଲିସ ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲେ ।

# ରଥଯାତ୍ରାରେ ଓକିଲ ସଂଘର ସେବାକାର୍ଯ୍ୟ

ଅନୁଗୋଳ,(ସବ୍ୟ) : ଆଜି ରଥଯାତ୍ରା ଅବସରରେ ଜାତୀୟ ରାଜପଥସ୍ଥିତ ବଡଦାଣ୍ଡରେ ଅନୁଗୋଳ ଓକିଲ ସଂଘ ପକ୍ଷରୁ ସେବା କାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି । ଓକିଲ ସଂଘର ସଭାପତି ହିମାଂଶୁ ଭୂଷଣ ସାମଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ସେବା କାର୍ଯ୍ୟରେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ (ନିଲୁ ) ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଓକିଲ ସଂଘର ଏହି



ମହତ କାର୍ଯ୍ୟ ପାଇଁ ଭୂୟସୀ ପ୍ରଶଂସା କରିଥିଲେ । ଏହି ସେବା କାର୍ଯ୍ୟରେ ରଥଯାତ୍ରାକୁ ଆସିଥିବା ଭକ୍ତମାନଙ୍କୁ ଖେଚିଡ଼ି, ତରକାରୀ, ଖଟା ଓ ହାଲୁଆ ବଣ୍ଟନ କରାଯାଇଥିଲା । ସେବା କାର୍ଯ୍ୟରେ ଓକିଲ ସଂଘର ଉପସଭାପତି ପ୍ରତାପ ନାଏକ, ସାଧାରଣ ସମ୍ପାଦକ ଧ୍ରୁବ ଚରଣ ସାହୁ, ଆଇନଜୀବୀ ଦ୍ୱାରିକା ପ୍ରସାଦ ନନ୍ଦ, ଗୋପାଳ ଚନ୍ଦ୍ର ନାଥ,ସୁଶୀଲ ପ୍ରଧାନ, ପ୍ରମୋଦ ମାଝୀ, ରମେଶ ସାହୁ, ସୋମନାଥ ରାଉତ, ତପନ ଦେହୁରୀ,ବିପିନ ସାହୁ, ଭୂପେଶ ପ୍ରଧାନ, ସନାତନ ପ୍ରଧାନ ,ବିନୋଦ ମିଶ୍ର,ଯୋଗେଶ୍ୱର ପ୍ରଧାନ, ଧିରେନ ପ୍ରଧାନ, ପାର୍ଥସାରଥୀ ପ୍ରଧାନ, ବିନୋଦ ସାମଲ, ମନୋରଞ୍ଜନ ଦାସ, ଗୋପାଳ ଅଗ୍ରୱାଲ, ପ୍ରେମାନନ୍ଦ ସାହୁ, ପ୍ରଦୀପ ଚନ୍ଦ୍ର ପ୍ରଧାନ, କୁଶ ସାହୁ, ପବିତ୍ର ମୁଦୁଲି, ବିରଞ୍ଚି ସାହୁ ,ମିହିର ପଟ୍ଟନାୟକ ପ୍ରମୁଖ ଆଇନଜୀବୀ ମାନେ ଉପସ୍ଥିତ ରହି ସହଯୋଗ କରିଥିଲେ ।

# ଏକ ଲକ୍ଷ ଟଙ୍କାର ମଦ ସହ ଅଟୋ ଜବତ , ଜଣେ ଗିରଫ

ଠାକୁରଗଡ ,(ସବ୍ୟ) : ଅନୁଗୋଳ ଜିଲ୍ଲା ହଣ୍ଡପା ନାକିଚି ବିଦେଶୀ ମଦ ଦୋକାନ ରୁ ବିଭିନ୍ନ ଅଞ୍ଚଳ କୁ କିଛି ମାସ ହେବ ଅଟୋ, ବାଇକ ଯୋଗେ ବେଆଇନ ଭାବରେ ମଦ ଚାଲାଣ କରାଯାଉଛି । ଉକ୍ତ ମଦ ବ୍ୟବସାୟୀ ଜଣଙ୍କ ବେଆଇନ ଭାବରେ ମଦ ଚାଲାଣ କରୁଥିଲେ ମଧ୍ୟ ଅବକାରୀ କିମ୍ବା ସ୍ଥାନୀୟ ପୋଲିସ ଧରିବାରେ ସକ୍ଷମ ହୋଇ ପାରୁନାହିଁ । ଫଳରେ ଅଞ୍ଚଳବାସୀ ଅନୁଗୋଳ ଏସପି ଙ୍କ ଠାରେ ଅଭିଯୋଗ ମାଧ୍ୟମରେ ଦୃଷ୍ଟି ଆକର୍ଷଣ କରିବା ପରେ ଗୁରୁବାର ରାତିରେ ଅନୁଗୋଳ ଏସପିଙ୍କ ନିର୍ଦ୍ଦେଶ କ୍ରମେ ସ୍ୱତନ୍ତ୍ର ଗଠନ ହୋଇଥିବା ଟିମ ଅଟୋ ମାଧ୍ୟମରେ ଉକ୍ତ ମଦ ଦୋକାନରୁ ହଣ୍ଡପା ଥାନା ଅଞ୍ଚଳର ବିଭିନ୍ନ ଅଚଳକୁ ଚାଲାଣ କରୁଥିବା ବେଳେ ଜବତ କରାଯାଇଛି । ଏଥିସହ ଅଟୋ ଚାଳକ ହଣ୍ଡପା ଥାନା ମଧୁପୁର ଅଞ୍ଚଳର କ୍ଷୀରୋଦ ସାହୁ ଙ୍କୁ ଗିରଫ କରାଯାଇଛି । ଅଟୋରୁ ୧୬୯ ଲିଟର ବିଦେଶୀ ମଦ ବୋତଲ ଜବତ କରାଯାଇଛି । ଯାହାର ମୂଲ୍ୟ ଏକ ଲକ୍ଷ ଟଙ୍କା ହେବ । ଘଟଣା ରୁ ଜଣାପଡିଛି ଯେ ନାକିଚି ଠାରେ ଦେଇଥିବା ମଦ ବ୍ୟବସାୟୀ ଜଣ ଙ୍କ ତାଙ୍କର ବ୍ୟବସାୟ ବୃଦ୍ଧି କରିବା ପାଇଁ ଗୁରୁବାର ରାତିରେ ଓଡି ୧୯ ଏଚ ୪୧୮୦ ଯୋଗେ ଚୋରାରେ ମଦ ବୋଝେଇ କରି ହଣ୍ଡପା ଥାନା ଅଞ୍ଚଳର ବିଭିନ୍ନ ଅଞ୍ଚଳକୁ ଚାଲାଣ କରୁଥିବା ବେଳେ ଅନୁଗୋଳ ସ୍ୱତନ୍ତ୍ର ଟିମ ନାକିଚି ଅଞ୍ଚଳ ରେ ଜବତ କରି ହଣ୍ଡପା ପୋଲିସ କୁ ହସ୍ତାନ୍ତର କରିଛନ୍ତି । ହଣ୍ଡପା ପୋଲିସ ଉକ୍ତ ମଦ ସହ ଅଟୋ କୁ ଜବତ କରିବା ସହ କ୍ଷୀରୋଦ ଙ୍କୁ ଗିରଫ କରିଛନ୍ତି ।

# ଶାନ୍ତିଶୃଙ୍ଖଳାରେ ସରିଲା ଘୋଷଯାତ୍ରା



ଖଇରା,(ସବ୍ୟୁ) :ବାଲେଶ୍ୱର ଜିଲ୍ଲା ଅଧୀନ ଖଇରା ବ୍ଲକ ର ପୁରପଲ୍ଲୀରେ ଘୋଷ ଯାତ୍ରା ହଜାରହଜାର ଶ୍ରଦ୍ଧାଳୁଙ୍କ ଗହଣରେ ପାଳିତ ହୋଇ ଯାଇଛି । ପ୍ରସିଦ୍ଧ ଗଣ୍ଡିବେଡ ଜଗନ୍ନାଥ ମନ୍ଦିର ରୁ ୩ଦିଅଁ ନିର୍ଦ୍ଧାରିତ ସମୟରେ ପହଣ୍ଡିରେ ରଥାରୁଢ ହେବା ପରେ ଦାମୋଦର ବେହେରାଙ୍କ ଦ୍ୱାରା ଛେରାପହଁରା କରାଯାଇଥିଲା । ମନ୍ଦିର ପ୍ରତିଷ୍ଠାତା ସ୍ୱର୍ଗତ ଦିବାକର ରାଉଳଙ୍କ ପୁତ୍ର ସନ୍ତୋଷ ରାଉଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଦେବ ବେହେରା,ବିଜୁ ବେହେରା,ଗୋବିନ୍ଦ ବେହେରା,ମଧୁ ମହାନ୍ତି ଓ କୁନି ମହାନ୍ତିଙ୍କ ସହଯୋଗରେ ରଥଟଣା କାର୍ଯ୍ୟ ସୁରୁଖୁରୁରେ ସମ୍ପର୍ଣ୍ଣ ହୋଇଥିଲା । ସେହିଭଳି ନୟାଖଣ୍ଡି ଦଧିବାମନ ଜୀଉ ମନ୍ଦିରର ନିକଟରୁ ରଥକୁ ଭକ୍ତ ମାନେ ଟାଣି ଟାଣି ଆଳଦା ମାଉସୀ ମା ମନ୍ଦିରକୁ ନେଇଥିଲେ । ମନ୍ଦିର ପୂଜକ ବିରଞ୍ଚି ନାରାୟଣ ପଣ୍ଡା,ଅକ୍ଷୟ ଦାଶଙ୍କ ଦ୍ୱାରା ଠାକୁରଙ୍କ ନିତିକ୍ରାନ୍ତି କରାଯାଇଥିବା ବେଳେ କମିଟି ସଭାପତି ପୂର୍ଣ୍ଣଚନ୍ଦ୍ର ଦାସ,ଭଗବାନ ଦାସ ପ୍ରମୁଖଙ୍କ ସହଯୋଗରେ ରଥଟଣା କାର୍ଯ୍ୟ ଶୃଙ୍ଖଳାର ସହ ସମ୍ପର୍ଣ୍ଣ ହୋଇଥିଲା । ସେହିଭଳି ବିଦ୍ୟାଧରପୁର ଶାସନରେ ପୁଜକ ରମାକାନ୍ତ ଶତପଥି,ଉଦୟ ଶତପଥି,ଦ୍ୱାରିକାନାଥ ଶତପଥି,ଚିନ୍ମୟ ଶତପଥି,ଚନ୍ଦନ ଶତପଥିଙ୍କ ଦ୍ୱାରା ପହଣ୍ଡି ପରେ ଗ୍ରାମବାସୀ ଓ ଖଇରା ବଜାରବାସୀଙ୍କ ସହଯୋଗରେ ରଥ ସନ୍ଧ୍ୟାରେ ଦୁର୍ଗାମଣ୍ଡପସ୍ଥିତ ମାଉସୀମା ମନ୍ଦିରରେ ପହଞ୍ଚିଥିଲା । ଏହାଛଡା କଣ୍ଟାପଡା ଶାସନ, ଗୋପାଳବେଢା, ବାରାପୁର, ରାଇକୁଳା, ଖାଡିଗୋଛି, ଅଲିପୁର, କୁପାରୀ, ପଳସା, ନଛିପୁର ଇତ୍ୟାଦି ଗ୍ରାମର ଜଗନ୍ନାଥ ମନ୍ଦିରରେ ରଥଯାତ୍ରା ପାରମ୍ପରିକ ରୀତିନୀତିରେ ଶେଷ ହୋଇଛି।

# ଘୋଷଯାତ୍ରା : ଇମାମୀ ନଗର ଲୋକାରଣ୍ୟ

ବାଲେଶ୍ୱର,(ସବ୍ୟୁ) : ବାଲେଶ୍ୱର ଜିଲ୍ଲାସ୍ଥିତ ରେମୁଣା ବାଲଗୋପାଳପୁର ଶିଳ୍ପାଞ୍ଚଳ ଇମାମୀନଗର ଜଗନ୍ନାଥ ମନ୍ଦିରରେ ପବିତ୍ର ରଥଯାତ୍ରା ଉତ୍ସବ ପାଇଁ ଲକ୍ଷାଧିକ ଭକ୍ତମାନଙ୍କ ସମାବେଶରେ ହିନ୍ଦୁମାନଙ୍କର ହୃଦୟର ଠାକୁର ଶ୍ରୀଜଗନ୍ନାଥ ମହାପ୍ରଭୁ ଭାଇ ଭଉଣୀ ଓ ସୁଦର୍ଶନଙ୍କ ଗହଣରେ ରଥାରୂଢ଼ ହୋଇ ଶ୍ରୀଗୁଣ୍ଡିଚା ମନ୍ଦିରକୁ ବିଜେ କରିଛନ୍ତି। ଶୁକ୍ରବାର ପ୍ରଭାତରେ ଶ୍ରୀ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରଶାସନର ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ମୁତାବକ ମନ୍ଦିରର ମୁଖ୍ୟପୂଜକଙ୍କ ଦ୍ୱାରା ରଥ ପ୍ରତିଷ୍ଠା ସାଙ୍ଗକୁ ଆଜ୍ଞାମାଳ ଅର୍ପଣ ପରେ ମଙ୍ଗଳାର୍ପଣ, ଧାଡ଼ିପହଣ୍ଡି, ଟାହିଆଲାଗି ପ୍ରଭୃତି ରୀତିନୀତି ପୂଜାର୍ଚ୍ଚନା ନିଷ୍ଠାର ସହିତ ଆରମ୍ଭ କରାଯାଇଥିଲା । ଇମାମୀର ବରିଷ୍ଠ ସଭାପତି ଆଶୀଷ ଅବିନାଶ ଗୁପ୍ତାଙ୍କ ଦ୍ୱାରା ଛେରାପହଁରା ସମାପନ ହୋଇଥିଲା। ଶ୍ରୀଗୁଣ୍ଡିଚା ମନ୍ଦିରରେ ଶ୍ରୀଜୀଉଙ୍କର ରଥ ପହଞ୍ଚିବା ପରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଆଳତୀ ଅର୍ପଣ କରି ଶୋଭା ପଟୁଆରରେ ରତ୍ନବେଦୀକୁ ନିଆଯାଇଥିଲା। ରଥଯାତ୍ରା ଶାନ୍ତିଶୃଙ୍ଖଳାର ସହିତ ସମାପିତ ହୋଇଛି । ଭକ୍ତଙ୍କର ଭିଡ଼କୁ ଦୃଷ୍ଟିରେ ରଖି ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ପୋଲିସ ଓ ଇମାମୀ ସୁରକ୍ଷାକର୍ମୀଙ୍କୁ ନିୟୋଜନ କରାଯାଇଥିଲା । ସକାଳ ଠାରୁ ରାତ୍ରି ପର୍ଯ୍ୟନ୍ତ ମନ୍ଦିର ପକ୍ଷରୁ ଆନନ୍ଦବଜାରରେ ଭକ୍ତମାନଙ୍କୁ ପ୍ରସାଦସେବନର ସୁବନ୍ଦୋବସ୍ତ କରାଯାଇଥିଲା । ଇମାମୀ ପେପର ମିଲ୍‌ର ବରିଷ୍ଠ ଡାକ୍ତର ନାରାୟଣ ଚନ୍ଦ୍ର ଦେ ଓ ବରିଷ୍ଠ ଫାର୍ମାସିଷ୍ଟ ଅକ୍ଷୟ କିଶୋର ଦାସଙ୍କ ତତ୍ତ୍ୱାବଧାନରେ ନିଃଶୁଳ୍କ ସ୍ୱାସ୍ଥ୍ୟସେବା ତଥା ବାଲେଶ୍ୱର ମୁଖ୍ୟଚିକିତ୍ସାଧିକାରୀଙ୍କ ନିର୍ଦ୍ଦେଶରେ ରେମୁଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡକ୍ଟର ରାମଚନ୍ଦ୍ର କିସ୍କୁଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ସ୍ୱାସ୍ଥ୍ୟସେବା ଓ ପରିମଳ ବ୍ୟବସ୍ଥା ପରିମିତ କରିଥିଲେ। ଜଗନ୍ନାଥ ମନ୍ଦିର ପ୍ରଶାସନ ପକ୍ଷରୁ ପାନୀୟଜଳ ବ୍ୟବସ୍ଥା, ସି.ସି. କ୍ୟାମେରା, ଜଳସିଞ୍ଚନ ସାଙ୍ଗକୁ ସ୍ଥାନୀୟ ରେମୁଣା ପୋଲିସ୍ ପ୍ରଶାସନପକ୍ଷରୁ ଟ୍ରାଫିକ୍ ନିୟନ୍ତ୍ରଣ ଓ ସୁରକ୍ଷା ବ୍ୟବସ୍ଥା ସୁଚାରୁ ରୂପେ କରାଯାଇଥିଲା। ଉପରୋକ୍ତ କାର୍ଯ୍ୟକ୍ରମରେ ଶ୍ରୀଶ୍ରୀ ଜଗନ୍ନାଥ ମନ୍ଦିରର ପ୍ରତିଷ୍ଠାତା ତଥା ଇମାମୀ ଗ୍ରୁପ୍‌ର ପୃଷ୍ଠପୋଷକ ରାଧାଶ୍ୟାମ ଅଗ୍ରୱାଲ୍ ଓ ରାଧାଶ୍ୟାମ ଗୋୟେଙ୍କାଙ୍କ ନିର୍ଦ୍ଦେଶରେ ମନ୍ଦିର ପ୍ରଶାସନର ମୁଖ୍ୟପୁରୋଧା ସୁଶୀଲ କୁମାର ଗୋୟେଙ୍କାଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ପରିଚାଳିତ ହୋଇଥିଲା। ଉପରୋକ୍ତ କାର୍ଯ୍ୟକ୍ରମରେ ଇମାମୀ ସ୍ଥାନୀୟ କାଗଜକଳର ବରିଷ୍ଠ ସଭାପତି ଆଶୀଷ ଅବିନାଶ ଗୁପ୍ତା, ଉପସଭାପତି ଚନ୍ଦ୍ରେଶ କୁମାର ଗୁପ୍ତା, ମୁଖ୍ୟ ସଂଚାଳକ ଡ. ୟୁସୁଫ୍ ଅଲ୍ଲୀ ସୋଲାଙ୍କି, ଡି.ଜି.ଏମ୍. ଦେବବ୍ରତ ହୋତା, ଡି.ଜି.ଏମ୍. ରମେଶ ଚନ୍ଦ୍ର ଖୁଣ୍ଟିଆ, ଡି.ଜି.ଏମ୍. କେ. ରବିକୁମାର, ଏ.ଜି.ଏମ୍ ଓମ୍ ପ୍ରକାଶ ଶର୍ମା, ପ୍ରଶାସନିକ ଅଧିକାରୀ ନିଖିଲ ରଂଜନ ଦାସସାମନ୍ତରାୟ, ରାଜୁ ମୁଦ୍ରା, ବିନୋଦ କୁମାର ଜେନା, ମନ୍ଦିରର ମୁଖ୍ୟପୂଜକ ପ୍ରମୁଖ ବହୁ ବରିଷ୍ଠ ଅଧିକାରୀ, ସ୍ଥାନୀୟ ବୁଦ୍ଧିଜୀବୀଙ୍କ ଦ୍ୱାରା କାର୍ଯ୍ୟସମ୍ପନ୍ନ ହୋଇଥିବା ଜଣାପଡ଼ିଛି। ଏ ସଂପର୍କରେ ମନ୍ଦିର ପ୍ରଶାସନ ପକ୍ଷରୁ ମନୋଜ କୁମାର ପାଢ଼ୀ ଏକ ପ୍ରେସ୍ ବିବୃତ୍ତିରେ ପ୍ରକାଶ କରିଛନ୍ତି। ଏହି ରଥଯାତ୍ରାରେ ବିଧାନସଭାର ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ରେମୁଣା ବ୍ଲକ୍ ଚେୟାରମ୍ୟାନ୍ ରାଜେନ୍ଦ୍ର କୁମାର ରାଉତ, ଉତ୍ତରାଞ୍ଚଳ ଡିଆଇଜି ସତ୍ୟଜିତ୍ ନାୟକ, ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂରବିକାଶ, ଜିଲ୍ଲା ଆଞ୍ଚଳିକ ପରିବହନ ଅଧିକାରୀ ରଶ୍ମିରଞ୍ଜିତ୍ ଦଳବେହେରା, ଆଇଆଇସି ପର୍ଶୁରାମ ସାହୁ, ଆଇଆଇସି ବିମଳ କୁମାର ନାୟକ, ଇମାମୀ ପେପର୍‌ମିଲ୍‌ସ୍ ଏମ୍ପ୍ଲୋୟିଜ୍ ୟୁନିୟନ୍‌ର ସଭାପତି ଶୁଭେନ୍ଦୁ ମଙ୍ଗରାଜ, ମଜଦୁର ୟୁନିୟନର ସଭାପତି ତଥା ଶ୍ରମିକନେତା ପ୍ରାକ୍ତନ ବିଧାୟକ ପ୍ରଦୀପ୍ତ କୁମାର ପଣ୍ଡା, କାର୍ଯ୍ୟନିର୍ବାହୀ ସଭାପତି ପଦ୍ମଲୋଚନ ନାୟକ, ତିନି ୟୁନିୟନ୍‌ର ସାଧାରଣ ସଂପାଦକ ରୀତେଶ କୁମାର ସିଂ, ଭବାନନ୍ଦ ଶତପଥୀ ଓ ଜ୍ୟୋତିପ୍ରକାଶ ବେହେରା, ପଦ୍ମଶ୍ରୀ ଆଦିତ ଚରଣ ଗଡ଼ନାୟକ ପ୍ରମୁଖ ଉପସ୍ଥିତ ରହି ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ଗୁଣ୍ଡିଚା ମନ୍ଦିର ପ୍ରାଙ୍ଗଣରେ ଜୁନ୍ ୨୮ରୁ ଜୁଲାଇ ୪ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେହ ଅପରାହ୍ନ ୪.୩୦ରୁ ୮.୩୦ ଘଟିକା ମଧ୍ୟରେ ଋଷିକେଶରୁ ଆସୁଥିବା ବିଶିଷ୍ଟ କଳାକାରମାନଙ୍କ ଦ୍ୱାରା ଶ୍ରୀକୃଷ୍ଣ ଚରିତ ରାସଲୀଳା, ଇମାମୀ କଲୋନୀର ଲେଡ଼ିଜ୍ କ୍ଲବ୍ ପକ୍ଷରୁ ମହିଳାମାନଙ୍କଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ, ବିଭିନ୍ନ କଳାକାରମାନଙ୍କ ଦ୍ୱାରା ସଂକୀର୍ତ୍ତନ, କୁନିକୁନି ପିଲାମାନଙ୍କ ଦ୍ୱାରା ଚିତ୍ରାଙ୍କନ କାର୍ଯ୍ୟକ୍ରମ, ଦାଣ୍ଡିଆ ନୃତ୍ୟ, ରଙ୍ଗୋଲି କାର୍ଯ୍ୟକ୍ରମ ଓ ଦୀପ ପ୍ରଜ୍ଜ୍ୱଳନ ସହିତ ହେରାପଞ୍ଚମୀରେ ମହାଲକ୍ଷ୍ମୀଙ୍କ ଦ୍ୱାରା ରଥଭଙ୍ଗା କାର୍ଯ୍ୟକ୍ରମ ଭଳି ବହୁ ଚିତ୍ତାକର୍ଷକ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଗୁଣ୍ଡିଚା ମନ୍ଦିର ମେଳା ପଡ଼ିଆରେ ଅନୁଷ୍ଠିତ ହେବ।



# ଧାମନଗର ଅଞ୍ଚଳରେ ରଥଯାତ୍ରା

ଧାମନଗର/ଦୋବଲ,(ସବ୍ୟୁ) : ଧାମନଗର ବ୍ଲକ ଓ ଏନଏସି ଅଂଚଳରେ ପବିତ୍ର ରଥଯାତ୍ରା ଅୁଷ୍ଠିତ ହୋଇଟାଇଛି। ଧାମନଗର ଏନଏସି ଅନ୍ତର୍ଗତ ଶ୍ୟାମପୁର ଠାରେ ପ୍ରଭୁ ଜଗନ୍ନାଥଙ୍କ ରଥଯାତ୍ରା ଭାବ ଭକ୍ତିର ସହ ପାଳନ ହୋଇଥିବା ବଳେ ଧାମନଗର ବ୍ଲକ ଅଂଚଳର ଚୁଡାକୁଟି, ଜୟନଗର, ଭଗବାନପୁର,ପଳିକିରୀ, ଅନହରପୁର, ଇଚ୍ଛଦା, ତାଳପଦା, କୋଠାର, ନଦୀଗାଁ, ଭଙ୍ଗସାହି, ଠାକୁରପାଟଣା, ଧୂଷୁରୀ, ନରସିଂହପୁର, ସାଁଳପୁର,ଗୋବିନ୍ଦପୁର,ଦିହୁଡି ଆନନ୍ଦପୁର, ଐତିହାସିକ ପୀଠ ଗୋହିରାଟିକିରି, ଆନନ୍ଦପୁର,ଦୋବଲ ବଜାର,ଜାହାଙ୍ଗୀର, କୋଳେଇପଦା,ସୋଧ ଆଦି ସ୍ଥାନରେ ପ୍ରଭୁ ଜଗତରନାଥ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏସବୁ ସ୍ଥାନରେ ଶହ ଶହ ସଂଖ୍ୟାରେ ଭକ୍ତ ଓ ଜନସାଧାରଣ ଯୋଗଦେଇ ଓଡ଼ିଆଙ୍କ ପ୍ରିୟ ଦେବତା ଚକାଆଖି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରି କୃତାର୍ଥ ହୋଇଛନ୍ତି। ଧାମନଗରର ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ରଥଯାତ୍ରାରେ ରଥାରୂଢ଼ ଚକାଆଖି ପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନ କରିଥିଲେ ହଜାର ହଜାର ଭକ୍ତ ଓ ଶ୍ରଦ୍ଧାଳୁ। ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ବିଭିନ୍ନ ସ୍ଥାନରେ ଆବଶ୍ୟକ ପୋଲିସ ମୁତୟନ କରାଯାଇଥିଲା।

# ବିଭିନ୍ନ ସ୍ଥାନରେ ରଥଯାତ୍ରା

ଭଣ୍ଡାରିପୋଖରୀ,ତା(ସବ୍ୟୁ):ଶ୍ରୀଜଗନ୍ନାଥଙ୍କ ଘୋଷଯାତ୍ରା ଭଣ୍ଡାରିପୋଖରୀ ବ୍ଲକର ପୁରପଲ୍ଲୀରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମଞ୍ଜୁରୀ ବଳଦେବଜୀଉ ମନ୍ଦିରରେ ଅନୁଷ୍ଠିତ ଘୋଷଯାତ୍ରାରେ ଚୌଧୁରୀ ଦେବପ୍ରସାଦ ରାୟ ମହାପାତ୍ର ଛେରାପହରା କରିଥିଲେ। ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁମତୀ ସେଠୀ, ସ୍ଥାନୀୟ ସରପଞ୍ଚ ସୁଜାତା ସାହୁ, ସୁଶାନ୍ତ ମଲ୍ଲିକଙ୍କ ସମେତ ଗ୍ରାମବାସୀମାନେ ଯାତ୍ରାକାର୍ଯ୍ୟ ପରିଚାଳନା କରିଥିଲେ। ସେହିପରି ବ୍ଲକର କୁରାଢ଼ିଆପଦା ଜଗନ୍ନାଥ ମନ୍ଦିର ଓ କୁରିଗାଁଠାରେ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ଉତ୍ସବ ଅନୁଷ୍ଠିତ ହୋଇଥିଲା। ନାଆମୀ ପଞ୍ଚାୟତର ସୋଲାପୁର ଶ୍ରୀଜଗନ୍ନାଥ ମନ୍ଦିରରେ ମହନ୍ତ ପୂର୍ଣ୍ଣଚନ୍ଦ୍ର ଦାଶ ଛେରାପହରା କାର୍ଯ୍ୟ ସମ୍ପାଦନ କରିଥିଲେ। ବୟାବନାପୁର ଜଗନ୍ନାଥ ମନ୍ଦିରରେ ରଥଯାତ୍ରା ଭରତ ଚନ୍ଦ୍ର ମହାଳିକଙ୍କ ସହ ଗ୍ରାମବାସୀମାନେ ବିଧିମତେ ରଥଯାତ୍ରା ସମ୍ପାଦନା କରିଥିଲେ। ସ୍ଥାନୀୟ ସରପଞ୍ଚମିନତୀ ସାହୁ ପ୍ରମୁଖ ରଥଟଣା କାର୍ଯ୍ୟ ତଦାରଖ କରିଥିଲେ। ଏକବୋଲା ଜଗନ୍ନାଥ ମନ୍ଦିରରେ ରଥଯାତ୍ରା ଅନୁଷ୍ଠିତ ହୋଇଥିଲା। ତେସିଙ୍ଗା ପଞ୍ଚାୟତର ବନସ୍ତା, କୁରିଗାଁ, ଝୁଟଣା ଓ ରାଜେନ୍ଦ୍ରପୁର ପଞ୍ଚାୟତର ଅଗେଇବେହେରା, ରାଜେନ୍ଦ୍ରପୁର, ଦେଓପଦା, ରାମଚନ୍ଦ୍ରପୁର ପଞ୍ଚାୟତର ସଁପୋଇ, ମୋବାରକପୁର, ମାଳଦା, ଚତୁର୍ଭୁଜପୁର ଆଦି ସ୍ଥାନରେ ବିପୁଳ ଉତ୍ସାହ ଓ ଉଦ୍ଦୀପନା ମଧ୍ୟରେ ରଥଯାତ୍ରା ଅନୁଷ୍ଠିତ ହୋଇଛି।

# ଆଗରପଡ଼ାରେ ଘୋଷଯାତ୍ରା

ଆଗରପଡ଼ା,(ସବ୍ୟୁ): ବିଶ୍ୱ ପ୍ରସିଦ୍ଧ ଘୋଷଯାତ୍ରା ଆଗରପଡ଼ା ଠାରେ ଅପୂର୍ବ ଧାର୍ମିକ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟୁଷରୁ ସ୍ୱତନ୍ତ୍ର ରୀତିନୀତି ସରିବା ପରେ ଅପରାହ୍ନରେ ଶ୍ରୀଜୀଉମାନଙ୍କୁ ଶ୍ରୀମନ୍ଦିରରୁ ଧାଡ଼ି ପହଣ୍ଡିରେ ଅଣାଯାଇ ରଥାରୂଢ଼ କରାଯାଇଥିଲା। ଠାକୁର ରାଜା ତଥା ସୁପ୍ରିମକୋର୍ଟ ଆଡ଼ଭୋକେଟ ଜଗତମୋହନ ସିଂହ ଗୌପୟ ଖଡ଼ିକାରେ ଛେରାପହଁରା କରିବା ପରେ ରଥଟଣା କାର୍ଯ୍ୟ ଆରମ୍ଭ ହୋଇଥିଲା। ସନ୍ଧ୍ୟା ସୁଦ୍ଧା ରଥ ମାଉସୀମା ମନ୍ଦିର ନିକଟରେ ପହଂଚିବା ପରେ ଶ୍ରୀଜୀଉମାନେ ମନ୍ଦିରକୁ ବିଜେ କରିଥିଲେ। ପ୍ରାକ୍ତନମନ୍ତ୍ରୀ ପ୍ରଫୁଲ୍ଲ ସାମଲ,ବିଧାୟକ ସଂଜୀବ ମଲ୍ଲିକ,ଜିଲ୍ଲାପରିଷଦ ସଭାପତି ପ୍ରଫୁଲ୍ଲ ଜେନା,ବ୍ଲକ ଅଧ୍ୟକ୍ଷ ମନୋରଂଜନ ଘଡ଼େଇ,ବରିଷ୍ଠ ସମାଜସେବୀ ଅଶୋକ ନାୟକ,ପଦ୍ମନ ରାୟ ପ୍ରମୁଖ ବହୁବିଶିଷ୍ଟ ବ୍ୟକ୍ତି ଏହି ଘୋଷଯାତ୍ରାରେ ସାମିଲ ଥିଲେ। ଭୁବନେଶ୍ୱର ଲାୟନ୍ସକ୍ଲବ ପକ୍ଷରୁ ହୃଦୟ ରଂଜନ ସିହ୍ନା,ପ୍ରଭାତୀ ସିହ୍ନା ଶ୍ରଦ୍ଧାଳୁମାନଙ୍କୁ ପ୍ରସାଦ ବଣ୍ଟନ କରିଥିଲେ। ପ୍ରଦୀପ୍ତ ସିଂହ,ଇଣ୍ଟର ନ୍ୟାସନାଲ ହ୍ୟୁମାନ ରାଇଟ୍ସ ଫୋରମ ଯୁଗ୍ମ ସଂପାଦିକା ସଂଯୁକ୍ତା ସିଂହ ପ୍ରମୁଖ ସମସ୍ତ କାର୍ଯ୍ୟ ପରିଚାଳନାରେ ସହାୟତା କରିଥିଲେ। ଭାରପ୍ରାପ୍ତ ଥାନାଧିକାରୀ ଦେବରାଜ ଜେନାଙ୍କ ନେତୃତ୍ୱରେ ପୋଲସ ଫୋର୍ସ ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ। ଅକ୍ଷୟ ସ୍ମୃତି ଫାଉଣ୍ଡେସନ ପକ୍ଷରୁ ଟଙ୍କ ତୋରାଣୀ ଭକ୍ତମାନଙ୍କୁ ବଣ୍ଟନ କରାଯାଇଥିଲା।

# ବଡଦାଣ୍ଡରେ ଭକ୍ତ ଭଗବାନଙ୍କ ମହାମିଳନ



ନୀଳଗିରି,(ସବ୍ୟୁ): ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରୀରେ ପବିତ୍ର ରଥଯାତ୍ରା ମହାଆଡ଼ମ୍ବର ସହକାରେ ଆରମ୍ଭ ହେବା ସହ ବଡଦାଣ୍ଡରେ ଭକ୍ତ ଭଗବାନଙ୍କ ମହାମିଳନ ପର୍ବ ଆରମ୍ଭ ହୋଇଛି।ସମସ୍ତ ନୀତିକ୍ରାନ୍ତି ପରେ ପଣ୍ଡା ପଢ଼ିଆରୀମାନେ ପ୍ରଥମେ ଚକ୍ରରାଜ ସୁଦର୍ଶନ, ବଡଭାଇ ବଳଭଦ୍ର, ଭଉଣୀ ସୁଭଦ୍ରା ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଅଣସର ଚକାରୁ ଝୁଲାଇ ଝୁଲାଇ ରଥକୁ ଧାଡି ପହଣ୍ଡିରେ ବିଜେ କରାଇ ରଥରେ ବିରାଜମାନ କରିଥିଲେ। ପରମ୍ପରା ଅନୁସାରେ ନୀଳଗିରି ରାଜା ଜୟନ୍ତ ମର୍ଦ୍ଦରାଜ ହରିଚନ୍ଦନ ଛେରା ପହଁରା କରିଥିଲେ। ଏହି ପହଣ୍ଡି ଯାତ୍ରାରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ସମେତ ବାଲେଶ୍ୱର ଜିଲ୍ଲାପାଳ ସୁର୍ଯ୍ୟବଂଶି ମୟୁର ବିକାଶ, ଓଉରାଞ୍ଚଳ ଡି.ଆଇ.ଜି. ସତ୍ୟଜିତ୍ ନାୟକ, ନୀଳଗିରିର ବିଧାୟକ ସନ୍ତୋଷ ଖଟୁଆ, ପୂର୍ବତନ ବିଧାୟକ ଚିତ୍ତରଞ୍ଜନ ଷଡ଼ଙ୍ଗୀ, ନୀଳଗିରି ଉପ-ଜିଲ୍ଲାପାଳ ଡ.ମଧୁସ୍ମିତା ସାମନ୍ତରାୟ, ତହସିଲଦାର ସୋନମ୍ ଦାସ, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ପ୍ରମୋଦ ମଲିକ, ବିଡ଼ିଓ ବିକ୍ରମ କେଶରୀ ପରିଡ଼ା, ଏନଏସି ନିର୍ବାହୀ ଅଧିକାରୀ ଅଂଶୁମାନ ପରିଡା, ଆଇଆଇସି ଗୋବର୍ଦ୍ଧନ ନାୟକ, ଏନ.ଏ.ସି ଭାରପ୍ରାପ୍ତ ଅଧ୍ୟକ୍ଷ ମହେନ୍ଦ୍ର ନାଥ ବେହେରା, ସମେତ ବହୁ ଅଧିକାରୀଙ୍କ ଉପସ୍ଥିତ ଥିଲେ କ୍ଷ ଶ୍ରଦ୍ଧାଳୁଙ୍କ ଭିଡକୁ ନିୟନ୍ତ୍ରଣ କରି ଶୃଙ୍ଖଳିତ ଦର୍ଶନ ପାଇଁ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା।

# ଛେରାପହଁରା କଲେ କନିଷ୍ଠ ଯନ୍ତ୍ରୀ

ଭଦ୍ରକ,(ସବ୍ୟୁ): ଭଦ୍ରକ ସହର ଅନ୍ତର୍ଗତ ସାଳନ୍ଦୀ କେନାଲ ବିଭାଜନ ଅଧୀନରେ ଥିବା ମହାପ୍ରଭୁ ଜଗନ୍ନାଥଙ୍କର ଘୋଷଯାତ୍ରା ମଧ ଅନୁଷ୍ଠିତ ହୋଇଯାଇଛି। ଏହି ଯାତ୍ରା ୧୯୮୪ମସିହାରୁ ରଥ ଅନୁଷ୍ଠିତ ହୋଇ ଆସୁଥିବାବେଳେ ପ୍ରତିବର୍ଷ ପରି ସାଳନ୍ଦୀ କେନାଲ ବିଭାଜନ କାର୍ଯ୍ୟାଳୟର ନିର୍ବାହୀ ଯନ୍ତ୍ରୀଙ୍କ ଉପସ୍ଥିତିରେ କନିଷ୍ଠ ଯନ୍ତ୍ରୀ ଦୁର୍ଗା ପ୍ରସନ୍ନ ତ୍ରିପାଠୀ ଛେରା ପହଁରା କରିବା ପରେ ରଥ ଟଣା କାର୍ଯ୍ୟହୋଇଥିଲା। ମହାପ୍ରଭୁଙ୍କ ରଥ ଉପରେ ଛେରା ପହଁରା କରି ନିଜକୁ ଧନ୍ୟ ମନେ କରିବା ସହ ଭଦ୍ରକବାସୀଙ୍କ ମଙ୍ଗଳ କାମନା କରିଛନ୍ତି ରାଜା ବେଶରେ ଥିବା କନିଷ୍ଠ ଯନ୍ତ୍ରୀ ଦୁର୍ଗାପ୍ରସନ୍ନ ତ୍ରିପାଠୀ।

# ମୋବାଇଲ ଚାର୍ଜ ବାହାନାରେ ନାବାଳିକାକୁ ଦୁଷ୍କର୍ମ

ବେତନଟୀ ,(ସବ୍ୟୁ): ମୟୂରଭଞ୍ଜ ଜିଲାର ବୈଶିଙ୍ଗା ଥାନା ଅର୍ନ୍ତଗତ ରଙ୍ଗାମାଟିଆ ଗ୍ରାମରେ ଗୁରୁବାର ଅପରାହ୍ନରେ ମୋବାଇଲ ଚାର୍ଜ ବାହାନାରେ ନାବାଳିକାଙ୍କୁ ଦୁଷ୍କର୍ମ କରାଯାଇଥିବା ଅଭିଯୋଗ ହୋଇଛି। ସୂଚନା ମୁତାବକ ଷଷ୍ଠ ଶ୍ରେଣୀରେ ପଢୁଥିବା ନାବାଳିକା ଜଣଙ୍କ ତାଙ୍କ ମା ଓ ବାପା ଉଭୟ ପକ୍କା କାମ କରିବା ପାଇଁ ଯାଇଥିବା ବେଳେ ଅଭିଯୁକ୍ତ ତାର୍ଜନ ମାଝୀ(୨୧) ମୋବାଇଲ ଚାର୍ଜ କରିବା ପାଇଁ ନାବାଳିକାଙ୍କ ଘରକୁ ଆସିଥିଲେ। ତେବେ ସେତିକିବେଳେ ଘରେ କେହି ନଥିବାର ଜାଣି ଯୋର ଜବରଦସ୍ତ ନାବାଳିକାଙ୍କୁ ଦୁଷ୍କର୍ମ କରି ପଳାଇଯାଇଥିଲେ। ସନ୍ଧ୍ୟାରେ ମା ବାପା କାମରୁ ଫେରିବା ପରେ ଝିଅ ନିକଟରୁ ଏ ସଂପର୍କରେ ଜାଣି ପୋଲିସ ନିକଟରେ ଅଭିଯୋଗ କରିଥିଲେ। ଶୁକ୍ରବାର ସନ୍ଧ୍ୟାରେ ଅଭିଯୁକ୍ତ ତାର୍ଜନକୁ ଗିରଫ କରି ଉଭୟଙ୍କ ଡ଼ାକ୍ତରୀ ମାଇନା କରାଯିବା ପରେ ପୋକ୍ସୋ ଦଫାରେ ୩୦୬ ନଂ ରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତକୁ ବାରିପଦା କୋର୍ଟ ଚାଲାଣ କରାଯାଇଛି।

# ବ୍ରାଉନସୁଗର ଜବତ, ଜଣେ ଗିରଫ

ସୋର, (ସବ୍ୟୁ) :ସୋର ଅବକାରୀ ବିଭାଗ ତରଫରୁ ପୌର ପାଳିକା ଅନ୍ତର୍ଗତ ଚକବାରହାପୁର ଗ୍ରାମରେ ଚଢ଼ାଉ କରି ବ୍ରାଉନ ସୁଗାର ଜବତ କରିଥିବା ବେଳେ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୋର ଆଦର୍ଶ ଅବକାରୀ ଥାନାଧିକାରୀ ସୁରଜ କୁମାର ଟୀଗାଙ୍କ ନେତୃତ୍ୱରେ ଏକ ଟିମ ଚକବାରହାପୁର ଗ୍ରାମର ସେକ ରାଜୀବ (୨୧) ଘରେ ଚଢ଼ାଉ କରି ତା ନିକଟରୁ ୧୨୫ ଗ୍ରାମ ବ୍ରାଉନ ସୁଗାର ଜବତ କରିବା ସହିତ ତାକୁ ଗିରଫ କରିଥିଲେ। ଆଜି ଅପରାହ୍ନରେ ସୋର ମେଡିକାଲରେ ତାର ଡାକ୍ତରୀ ମାଇନା ପରେ ତାକୁ କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ାଉରେ ଏଏସଆଇ ବସନ୍ତ ବାରିକ, କନେଷ୍ଟବଲ ଶଶୀକାନ୍ତ ସାହୁ ଏବଂ କାଜଲ ପ୍ରିୟଦର୍ଶିନୀ ସାମିଲ ହୋଇଥିଲେ।ଜବତ ବ୍ରାଉନ ସୁଗାରର ମୂଲ୍ୟ ୧୨ ଲକ୍ଷ ୫୦ ହଜାର ଟଙ୍କା ହେବ ବୋଲି ସୂଚନା ମିଳିଛି।

# ଛେରାପହଁରା କଲେ ଉପଜିଲ୍ଲାପାଳ

ଭଦ୍ରକ,(ସବ୍ୟୁ): ଭଦ୍ରକ ଜିଲ୍ଲା ହରିବୋଲ କ୍ଷେତ୍ର କେଶପୁର ରଥ ଯାତ୍ରା। ଅନୁଷ୍ଠିତ ହୋଇଯାଇଛି। ଏହି ହରିବୋଲ କ୍ଷେତ୍ରରେ ଭଦ୍ରକ ଜିଲ୍ଲପାଳ ଦିଲ୍ଲୀପ ରାଉତରାୟ ଛରା ପହଁରା କରିବା ପରେ ରଥ ଟଣା ହୋଇଥଲା। ଜିଲ୍ଲାପାଳ ମହାପ୍ରଭୁଙ୍କ ଛେରାପହଁରା କରି ନିଜକୁ ଧନ୍ୟ ମନେ କରିବା ସହ ଭଦ୍ରକ ବାସୀଙ୍କ ମଙ୍ଗଳ କାମନା କରିଛନ୍ତି। ଏଠରେ ସୁଭଦ୍ରା ରଥକୁ ମହିଳାମାନେ ଟାଣିଟାଣି ମାଉସୀ ମା ମନ୍ଦିର ନେଇଥିଲେ।

# ଚୋର ଗିରଫ, ବାଇକ୍ ଉଦ୍ଧାର

ସୋର,(ସବ୍ୟୁ): ସୋର ଅଡଙ୍ଗବଜାରରୁ ଏକ ବାଇକ ଚୋରି ଘଟଣାରେ ଜଣେ ଯୁବକକୁ ଗିରଫ କରି ସୋର ପୁଲିସ କୋର୍ଟ ଚାଲାଣ କରିଛି। ସୁଚନା ଅନୁସାରେ ଗତ ମେ ମାସ ୧୬ ତାରିଖରେ ମଧୁସୁଦନପୁର ଗ୍ରାମର ରାଜେଶ ଲେଙ୍କା ସୋର ଅଡଙ୍ଗବଜାରକୁ ଆସିଥିବା ବେଳେ ସେଠାରୁ ତାଙ୍କ ବାଇକଟି ଚୋରି ହୋଇଥିଲା। ଏନେଇ ସେ ସୋର ଥାନାରେ ଅଭିଯୋଗ କରିବା ପରେ ପୁଲିସ ୩୮୭/୨୫ ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା।ଗତକାଲି ଏହି ବାଇକ ଚୋରିରେ ସମ୍ପୃକ୍ତ ଥିବା ବାଲେଶ୍ୱର ସଦର ଥାନା ଅଧିନ ଶେକପାଟଣା ଗ୍ରାମର ବିକାଶ ସାହୁକୁ ଗିରଫ କରି ଶୁକ୍ରବାର ଅପରାହ୍ନରେ କୋର୍ଟ ଚାଲାଣ କରିବା ସହିତ ତାଙ୍କ ନିକଟରୁ ଚୋରି ବାଇକଟିକୁ ଜବତ କରିଥିବା ଜଣାପଡିଛି।

# ମୋଡସାହି ମାଉସୀ ମା’ ମନ୍ଦିରରେ ପହଞ୍ଚିଲା ତିନି ରଥ

ତିହିଡି,(ସବ୍ୟୁ): ମହାପ୍ରଭୁ ଜଗନ୍ନାଥଙ୍କ ପବିତ୍ର ରଥଯାତ୍ରା ଅବସରରେ ଭଦ୍ରକ ବ୍ଲକ ଅନ୍ତର୍ଗତ କେଶପୁର ହରିବୋଲ କ୍ଷେତ୍ରରୁ ତିନି ରଥ ବାହାରି ସନ୍ଧ୍ୟା ବେଳେ ତିହିଡି ବ୍ଲକ ଅନ୍ତର୍ଗତ ଗୁଆମାଳ ପଞ୍ଚାୟତ ମୋଡସାହି ଠାରେ ମାଉସୀ ମା’ ମନ୍ଦିର ନିକଟରେ ପହଞ୍ଚିଛି । ଜିଲ୍ଲାପାଳ ଦିଲ୍ଲୀପ କୁମାର ରାଉତରାଏ ଅପରାହ୍ଣ ପ୍ରାୟ ୨-୩୦ ବେଳେ ଛେରାପହଁରା କାଯର୍ଯ ସମାପନ କରିବା ପରେ ଅପରାହ୍ନ ପ୍ରାୟ ୩ଟା ବେଳେ ରଥ ଟଣା କାଯ୍ୟଆରମ୍ଭ ହୋଇଥିଲା । କେଶପୁର ରଥ କମିଟିର ସଭାପତି ନଗେନ୍ଦ୍ର ଦାସ,ସମ୍ପାଦକ ପତିତପାବନ ପଣ୍ଡା, ସଭ୍ୟ ସରୋଜ ପଣ୍ଡା ଓ ଶ୍ରୀଧର ପୁହାଣ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ସମସ୍ତ କାଯ୍ୟପରିଚାଳିତ ହୋଇଥିଲା । । କେଶପୁରରୁ ୩ କିମି ବ୍ୟାପୀ ରାସ୍ତାର ବିଭିନ୍ନ ସ୍ଥାନରେ ଶ୍ରଦ୍ଧାଳୁଙ୍କ ଲାଗି ବିଭିନ୍ନ ଖାଦ୍ୟପେୟର ବ୍ୟବସ୍ଥା ସହିତ ଟଙ୍କତୋରାଣି ଆଦି ବଣ୍ଟନର ବ୍ୟବସ୍ଥା କରାଯାଇଥିଲା । ମା’ ସୁଭଦ୍ରା ରଥକୁ ମହିଳା ମାନେ ଟାଣିଥିବା ବେଳେ ରଥ ଆଗରେ ମହିଳା କୀର୍ତ୍ତନ ମଣ୍ଡଳୀ ଗୁଡିକ ପକ୍ଷରୁ ବାଦ୍ୟ ଓ ନୃତ୍ୟ ପରିବେଷଣ କରାଯାଇଥିଲା ।

# ରେଡ଼କ୍ରସ ତାଲିମ ଶିବିର ଉଦ୍‌ଯାପିତ

କେନ୍ଦୁଝର,(ସବ୍ୟୁ):କେନ୍ଦୁଝର ସଦରମହକୁମାସ୍ଥ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ କେନ୍ଦୁଝର ଶିକ୍ଷା ମଣ୍ଡଳାଧୀଶ କାର୍ଯ୍ୟାଳୟ ପକ୍ଷରୁ ୩ଦିନିଆ ଜିଲ୍ଲାସ୍ତରୀୟ ଅଣତାଲିମପ୍ରାପ୍ତ ଜୁନିଅର ରେଡ଼କ୍ରସ କାଉନସିଲର ତାଲିମ ଶିବିର ଉଦଯାପିତ ହୋଇ ଯାଇଛି। ଏହି ଉତ୍ସବରେ ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ ଚନ୍ଦ୍ର ବରିହା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶିକ୍ଷାନବୀସ ମାନଙ୍କୁ ସମାଜସେବାରେ ନିଜକୁ ନିୟୋଜିତ ହେବାକୁ ପରାମର୍ଶ ଦେଇଥିଲେ। ଜିଲ୍ଲା ଶାରିରିକ ଶିକ୍ଷାଅଧିକାରୀ ରାମକୃଷ୍ଣ ବେହେରା ସଭା ପରିଚାଳନା କରିଥିଲେ। ଜିଲ୍ଲା ରେଡ଼କ୍ରସ ଯୁଗ୍ମ ସମ୍ପାଦକ ଏ ଆର ଖାନ,ଏଡିଇଓ ସତ୍ୟନାରାୟଣ ମହାନ୍ତ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ।ଏହି ୩ଦିନିଆ ତାଲିମ ଶିବିରରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରୁ ୬୦ ଜଣ ଶିକ୍ଷକ ଯୋଗ ଦେଇ ତାଲିମ ଗ୍ରହଣକରି ରେଡ଼କ୍ରସ ଲକ୍ଷ୍ୟ ଓ ମୂଳମନ୍ତ୍ର, ପ୍ରାଥମିକ ଚିକିତ୍ସା, ବିପର୍ଯ୍ୟୟ ପରିଚାଳନା, ଯୋଗ, ଟ୍ରାଫିକ ନିୟମ, ଅଗ୍ନି ସୁରକ୍ଷା, ସମ୍ପର୍କରେ ଅଭିଜ୍ଞ ତାଲିମଦାତାଙ୍କ ଦ୍ୱାରା ତାଲିମ ପ୍ରାପ୍ତ ହୋଇଥିଲେ। ଜେଆରସି କାଉନସିଲର ପ୍ରଶାନ୍ତ କୁମାର ପରିଡା, ଧନ୍ୟବାଦ ଅର୍ପଣ କରିଥିଲେ । ବାଳିକା ଉଚ୍ଚ ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଜୟପ୍ରକାଶ ରାଉତ ଏହି ଶିବିରର ସାଫଲ୍ୟତା ସମ୍ପର୍କରେ ବ୍ୟାଖ୍ୟା କରିଥିଲେ। ରେଡ଼କ୍ରସ ପତାକା ଅବତରଣ କରାଯିବା ସହିତ ରେଡ଼କ୍ରସ ସଂଗୀତ ଗାନ କରାଯାଇ ଶିବିର ସମାପନ ଘୋଷଣା କରାଯାଇଥିଲା।ସମସ୍ତ ଶିକ୍ଷାନବୀସ ମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଝାରବେ ହାଇସ୍କୁଲର ସୁଶ୍ରୀ ସୂଚିସ୍ମିତା ,ଏମକେଜି ହାଇସ୍କୁଲର ଦିଲୀପ କୁମାର ନାୟକ ଶ୍ରେଷ୍ଠ ଶିକ୍ଷାନବୀସ ଭାବେ ଅତିଥିଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ। ଟ୍ରେନର ପ୍ରଫୁଲ୍ଲ ଘୋଷ ,ନବଘନ ନାୟକ,ମାଧବାନନ୍ଦ ଜେନା,ଇଜାଜ ଇକବାଲ ପ୍ରମୁଖ ତାଲିମ ପ୍ରଦାନ କରିଥିଲେ।

# ଅଧା ବାଟରେ ୩ ଠାକୁର

ଠାକୁରମୁଣ୍ଡା,(ସବ୍ୟୁ) : ଠାକୁରମୁଣ୍ଡାରଥଯାତ୍ରା ଶାନ୍ତି ଶୃଙ୍ଖଳାର ସହ ସମ୍ପର୍ଣ୍ଣ ହୋଇଛି ।ଶୁକ୍ରବାର ଦିନ ୩ ଠାକୁରଙ୍କ ନୀତି କାନ୍ତି ଶେଷ ହେବା ପରେ ଝିପି ଝିପି ବର୍ଷା ଯୋଗୁଁ ଅପରାହ୍ନ ପ୍ରାୟ ୪ଟା୫୦ରେ ଟାରରେ ଛେରାପହଁରା ଆରମ୍ଭ ହୋଇଥିଲା । ଠାକୁରରାଜା ଭାବେ ବସନ୍ତ କୁମାର ପଇଡ଼ା ଛେରାପହଁରା କାର୍ଯ୍ୟ ସମ୍ପାଦନ କରିଥିଲେ । କରଞ୍ଜିଆ ନିର୍ବାଚନ ମଣ୍ଡଳୀର ବିଧାୟକ ପଦ୍ମଚରଣ ହାଇବ୍ରୁରୁ ଜଗନ୍ନାଥ ମନ୍ଦିର କୁ ପୂଜାର୍ଚ୍ଚନା କରି ତିନି ଠାକୁରଙ୍କୁ ଦର୍ଶନ କରି ଉପସ୍ଥିତ ଥିଲେ। । ବର୍ଷିଆନ ରତ୍ନାକର ପତି ଶଙ୍କରାଚାର୍ଯ୍ୟ ଭୂମିକା ନିର୍ବାହ କରିଥିଲେ । ଛେରାପହଁରା କାର୍ଯ୍ୟ ଶେଷ ପରେ ୪ ଟା୫୫ ରେ ରଥ ଟଣା ଆରମ୍ଭ ହୋଇଥିଲା। ହଜାର ହଜାର ଭକ୍ତ ଦର୍ଶନ କରିବା ସହିତ ହରିବୋଲ ହୁଳ ହୁଳି ଦେଇ ରଥ ଟାଣି ଥିଲେ ପଦ୍ମଲୋଚନ ନନ୍ଦ ଧାରା ବିବରଣୀ ପ୍ରଦାନ କରିଥିଲେ । ଠାକୁରମୁଣ୍ଡାରେ ରଥଯାତ୍ରା ୨ ଦିନ ଧରି ଅନୁଷ୍ଠିତ ହେଉଥିବାରୁ ପ୍ରଥମ ଦିନ ଠାକୁରମୁଣ୍ଡା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ରଥ ଅଟକିଛି ।୨୮ ତାରିଖ ଦିନ ରଥଟଣା ପରେ ୩ ଠାକୁର ମାଉସୀ ବାଡ଼ିରେ ପହଞ୍ଚିବେ ।

# ଜିଲ୍ଲା ଚେସ୍ ପ୍ରତିଯୋଗିତା ଆରମ୍ଭ

ବାଲେଶ୍ୱର,(ସବ୍ୟୁ) :ରୋଟାରୀ କ୍ଲବ ଶାଶ୍ୱତ ଏବଂ ବାଲେଶ୍ୱର ଜିଲ୍ଲା ଚେସ୍ ଆସୋସିଏସନର ମିଳିତ ସହଯୋଗରେ ଆଇଟିଆଇ ନିକଟସ୍ଥ ଓଡେଶା ଭବନ ପରିସରରେ ରାତ୍ରି – ୯ ଟା ଠାରୁ ବାଲେଶ୍ୱର ଜିଲ୍ଲା ସ୍କୁଲ ଚେସ୍ ପ୍ରତିଯୋଗୀତା – ୨୦୨୫ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗୀତାରେ ୧୫ଟି ବିଦ୍ୟାଳୟର ୮୨ ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଛନ୍ତି । ଉନ୍ନତ ପ୍ରଦର୍ଶନ କରିଥିବା ୩ଗୋଟି ସ୍କୁଲକୁ ନେତାଜୀ ସ୍ପୋର୍ଟିଂ ଏବଂ କଲଚରାଲ କ୍ଲବଦ୍ୱାର ସ୍ୱତନ୍ତ୍ର ଟ୍ରଫି ପ୍ରଦାନ କରାଯିବ । ଏହି ପ୍ରତିଯୋଗୀତାରେ ବାଲେଶ୍ୱର ଜିଲ୍ଲା ଚେସ୍ ଆସୋସିଏସନ ଜିଲ୍ଲା ସଭାପତି ଦେବାଶିଷ ଚକ୍ରବର୍ତ୍ତୀ,ସମ୍ପାଦକ ମନୋରଂଜନ ପଣ୍ଡା, ଐଶ୍ୱର୍ଯ୍ୟ କୁମାର ସେନାପତି,ସନ୍ଦିପ୍ ସାମନ୍ତ ରାୟ ଏବଂ ଅନ୍ୟାନ୍ୟ ସଦସ୍ୟମାନେ ଉପସ୍ଥିତି ଥିଲେ।

# ଏଫଏମ୍ ବିଶ୍ୱବିଦ୍ୟାଳୟରେ ରଥଯାତ୍ରା



ବାଲେଶ୍ୱର,(ସବ୍ୟୁ) : ଫକୀରମୋହନ (ଏଫଏମ) ବିଶ୍ୱବିଦ୍ୟାଳୟର ପରିସର ଶ୍ରୀଜଗନ୍ନାଥଙ୍କ ପବିତ୍ର ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଠାକୁରଙ୍କ ନବଯୌବନ ବେଶ ଓ ନେତ୍ରୋତ୍ସବ ପରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ମୁଖ୍ୟ ସେବକ ଭାବେ ଠାକୁରଙ୍କ ସମସ୍ତ ସେବାକାର୍ଯ୍ୟ ନିର୍ବାହ କରିଥିଲେ। ବିଶ୍ୱବିଦ୍ୟାଳୟର ଅଧ୍ୟାପକ, କର୍ମଚାରୀ ଓ ଛାତ୍ରଛାତ୍ରୀମାନେ ଚାରିଦିଅଁଙ୍କ ବିଗ୍ରହକୁ ଗୋଟିପହଣ୍ଡିରେ ଆଣି ଉତ୍ସାହ ଓ ଭକ୍ତିର ସହ ରଥରେ ବିରାଜମାନ କରାଇଥିଲେ। ଏହି ଅବସରରେ ଭୋଗ ଅର୍ପଣ, ଛେରାପହଁରା ଓ ରଥ ଟାଣିବା ପର୍ବ ପାଳନ କରାଯାଇଥିଲା ।ଏଥିସହ ବିଶ୍ୱବିଦ୍ୟାଳୟର ମାଉସୀ-ମା ମନ୍ଦିର ପର୍ଯ୍ୟନ୍ତ ରଥ ଯିବା ସମୟରେ ଭକ୍ତି ଓ ସାମୂହିକ ଗୀତାନୁଷ୍ଠାନ ପରିବେଶକୁ ଅନନ୍ୟ ରୂପ ଦେଇଥିଲା। ଭାଷା ଓ ସାହିତ୍ୟ ବିଭାଗର ମୁଖ୍ୟ ପ୍ରଫେସର ଦେବାଶିଷ ପାତ୍ର ଶ୍ରୀଜଗନ୍ନାଥ ସଂସ୍କୃତି ବିଷୟରେ ଗଭୀର ଭାବେ ଅନୁପ୍ରେରଣାଦାୟୀ ବ୍ୟାଖ୍ୟା ପ୍ରଦାନ କରିଥିଲେ।ଚତୁର୍ଦ୍ଧାମୂର୍ତ୍ତୀ ଓ ପ୍ରଭୁ ସୁଦର୍ଶନଙ୍କୁ ପରିସର ସ୍ଥିତ ଶ୍ରୀଗୁଣ୍ଡିଚା ମନ୍ଦିରରେ ସ୍ଥାପନ କରି ଭୋଗ ପ୍ରସାଦ ବଂଟନ ସହ ଏହି ପବିତ୍ର ଘୋଷଯାତ୍ରାର ଶୁଭ ଅବସାନ ଘଟିଥିଲା। ।

# କରଞ୍ଜିଆ ଗଣଦୁଷ୍କର୍ମ ସମସ୍ତ ଅଭିଯୁକ୍ତଙ୍କ ଗିରଫ ଦାବି କଲା ବିଜେଡି

କରଞ୍ଜିଆ,(ସବ୍ୟୁ): ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆଠାରେ ଘଟିଥିବା ଗଣଦୁଷ୍କର୍ମ ମାମଲାରେ ସଂପୃକ୍ତ ସମସ୍ତ ଅଭିଯୁକ୍ତମାନଙ୍କ ତୁରନ୍ତ ଗିରଫ ଦାବି କରିଛି ବିଜେଡ଼ି। ଏନେଇ ପୂର୍ବତନ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମଙ୍କ ନେତୃତ୍ୱରେ ବିଜୁ ଜନତା ଦଳ(ବିଜେଡ଼ି)ର ଏକ ପ୍ରତିନିଧି ମଣ୍ଡଳୀ କରଞ୍ଜିଆ ଏସଡିପିଓଙ୍କୁ ଭେଟି ଗଣଦୁଷ୍କର୍ମ ଘଟଣାରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ପାଇଁ ଶୁକ୍ରବାର ଦିନ ଏହି ଦାବି କରିଛନ୍ତି। ବିଜେଡ଼ିର ବୟାନ ଅନୁଯାୟୀ, ପୀଡ଼ିତାଙ୍କୁ ବାଇକରେ ୨ ଜଣ ବ୍ୟକ୍ତି ପ୍ରତାରଣାମୂଳକ ଭାବେ ଲିଫ୍ଟ ଦେଇ ଏକ ନିର୍ଜନ ସ୍ଥାନକୁ ନେଇଯାଇଥିଲେ। ସେଠାରେ ଅଭିଯୁକ୍ତଙ୍କ ସହଯୋଗୀମାନେ ପୂର୍ବ ଯୋଜନା ଅନୁସାରେ ଉପସ୍ଥିତ ଥିଲେ। ସେହି ଅଞ୍ଚଳର ଏକ ଢାବାରେ ୩ ଜଣ ଅଭିଯୁକ୍ତ ମିଶି ମହିଳାଙ୍କୁ ଗଣଦୁଷ୍କର୍ମ କରିଥିଲେ। ଘଟଣାରେ ସମ୍ପୃକ୍ତ ଥିବା ସମସ୍ତ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରାଯିବା ସହିତ ପୀଡ଼ିତା କିଭଳି ନ୍ୟାୟ ପାଇବେ, ସେ ବିଷୟରେ ଏସଡିପିଓଙ୍କ ସହିତ ବିଜେଡି ପ୍ରତିନିଧି ମଣ୍ଡଳୀ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଏହିପ୍ରତିନିଧି ମଣ୍ଡଳୀରେ ତନୁଜା ମହନ୍ତ, ଚକ୍ରଧର ହେମ୍ବ୍ରମ, ରାଇସେନ ମୁର୍ମୁ, କାଶୀନାଥ ହେମ୍ବ୍ରମ, ରାଇରଙ୍ଗପୁର ପୌର ପରିଷଦ ଅଧ୍ୟକ୍ଷ ଅଭିଷେକ ପଟ୍ଟନାୟକ, ଆନିସ ମାନ୍ନା, ପପି ପୃଷ୍ଟି, ସୁଭଦ୍ରା ମାରାଣ୍ଡି, ନମିତା ଘଣ୍ଟିଆଳି ପ୍ରମୁଖ ସାମିଲ ଥିଲେ।

# ଯୌତୁକ ପାଇଁ ବଧୂହତ୍ୟା : ତଣ୍ଟିଚିପି ଗଛରେ ଟାଙ୍ଗି ଦେଲେ, ସ୍ୱାମୀ ଅଟକ

ଭଦ୍ରକ,(ସବ୍ୟୁ) :ଯୌତୁକ ଦାବିରେ ଜଣେ ବଧୂକୁ ଶାଶୂ ଘର ଲୋକେ ତଣ୍ଟି ଚିପି ହତ୍ୟା କଲାପରେ ଏକ ନିକାଞ୍ଚନ ଯାଗାରେ ଗଛରେ ଟାଙ୍ଗି ଦେଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ପାଇ ସ୍ୱାମୀକୁ ପୋଲିସ ଅଟକ ରଖି ପଚରାଉଚରା କରୁଛି। ଏହି ଘଟଣା ଭଦ୍ରକ ଜିଲ୍ଲା ଧାମରା ଥାନା ଅଧିନସ୍ଥ କଇଥଖୋଲା ପଞ୍ଚାୟତରେ ଘଟିଛି। କଇଥଖୋଲା ପଞ୍ଚାୟତର ଲକ୍ଷ୍ମୀ ପ୍ରସାଦ ଗାଁ ମାକ୍ଷୀରଶୁଣୀ ପଦା ନିଛାଟିଆ ଜଙ୍ଗଲରେ ଝୁଲନ୍ତା ଅବସ୍ଥାରେ ନବବଧୁ ଉଦ୍ଧାର ହୋଇଛି। ହତ୍ୟା ଅଭିଯୋଗରେ ସ୍ୱାମୀ ଧାମରା ଥାନାରେ ଅଟକ ଅଛନ୍ତି। ଘଟଣା ସ୍ଥଳରେ ପୋଲିସ,ଡାକ୍ତରୀ ଟିମ ସହିତ ମାଜିଷ୍ଟ୍ରେଟ ପହଂଚି ତଦନ୍ତ ଆରମ୍ଭ କରିଛନ୍ତି। କଇଥଖୋଲା ପଞ୍ଚାୟତରେ ଗୌର ପ୍ରସାଦ ଗାଁର ସ୍ୱର୍ଗତ ଶିବଶଙ୍କରଙ୍କ ଝିଅ ସରସ୍ୱତୀ ବାରିକ ଉକ୍ତ ପଞ୍ଚାୟତରେ ଲକ୍ଷ୍ମୀ ପ୍ରସାଦ ଗାଁର ଅନିଲ ବାରିକଙ୍କ ପୁଅ ମନୋରଞ୍ଜନ ବାରିକଙ୍କୁ ବୈଦିକ ରୀତିରେ ମା ଧାମରାଈ ମନ୍ଦିରରେ ବିବାହ କରିଥିଲେ। ଝିଅଟି ଗରିବ ପରିବାରର ଥିବାବେଳେ ଯୌତୁକ ପାଇଁ ମନା କରିଥିଲେ। କିନ୍ତୁ ବିବାହର ତିନି ବର୍ଷ ମଧ୍ୟରେ ଶଶୁର ଘର ଲୋକେ ନିର୍ଯ୍ୟାତନା ଦେବା ସହିତ ଯୌତୁକ ପାଇଁ ଦାବି କରିଥିଲେ। ଏବେ ଏହି ଘଟଣାରେ ଝିଅକୁ ଶାଶୁଘର ଲୋକେ ମାରିଦେଇଥିଥବା ନେଇ ଧାମରା ଥାନାରେ ଝିଅର ଦାଦା କୃଷ୍ଣ ବାରିକ ଅଭିଯୋଗ କରିଛନ୍ତି। ଏବେ ସେମାନଙ୍କର ୨ବର୍ଷର ଏକ କନ୍ୟା ସନ୍ତାନ ରହିଛି। ଝିଅଟି କାଳିଆ ହୋଇଥିବାରୁ ପୁଅ କାହିଁକି ଜନ୍ମ କଲୁ ନାହିଁ କହି ନିର୍ଯାତନା ମଧ ଦେଉଥିଲେ। ଗତ କିଛି ଦିନ ଧରି ସ୍ୱାମୀ,ଶଶୁର,ଶାଶୁ ଅଞ୍ଜଳି ବାରିକ,ଦେଢ଼ଶୁର ସରସ୍ୱତୀଙ୍କୁ ନିର୍ଯ୍ୟାତନା ଦେଇ ଆସୁଥିଲେ। କିଛି ଦିନ ପୁର୍ବରୁ ଶ୍ୱଶୁର ଘର ଲୋକଙ୍କ ଅତ୍ୟାଚାର ସହି ନପାରି ସରସ୍ୱତୀ ନିଜ ବାପଘରକୁ ଚାଲି ଯାଇଥିଲେ। ପୁଣି ବୁଝାଶୁଝା ପରେ ଶିଶୁର ଘରକୁ ଆସିଥିବା ବେଳେ ଯୌତୁକ ପାଇଁ ଆତ୍ମହତ୍ୟାର ରୂପ ଦେଇ ଏକ କରଞ୍ଜ ଗଛରେ ଟାଙ୍ଗି ଦେଇଥିବା ମୃତକଙ୍କ ପରିବାର ଅଭିଯୋଗ କରିଛନ୍ତି। ବିବାହ ପରେ ଏବେ ଝିଅର ପରିବାର ଲୋକେ ଯୌତୁକ ବାବଦକୁ ଏକ ଦୁଇ ଚକିଆ ଯାନ ଦେଇ ଥିଲେ। ଜନ୍ମ ଗ୍ରହଣ କରି ଥିବା ଝିଅର ରଙ୍ଗ କଳା ହୋଇଥିବାରୁ ଆଉ କିଛି ଟଙ୍କା ଯୌତୁକ ପାଇଁ ଦାବି କରିଥିଲେ। ଏହା ସହିତ ଶଶୁରଙ୍କ ମୃତ୍ୟୁ ଦୁଇ ବର୍ଷ ତଳେ ହୋଇ ଥିବାବେଳେ ଶ୍ୱାଇଁ ପୁଅ ଶଶୁର ଘର ସମ୍ପତ୍ତିକୁ ନେବା ପାଇଁ ଝିଅକୁ ଦାବି କରୁଥିଲେ। ଏହି ଘଟଣାରେ ଧାମରା ପୋଲିସ ସହ ଭଦ୍ରକରୁ ଏକ ଡ଼ାକ୍ତରୀ ଦଳ ପକ୍ଷରୁ ତଦନ୍ତ ଆରମ୍ଭ କରିଛନ୍ତି। ଏହି ସମ୍ପର୍କରେ ଝିଅର ଶାଶୁ କହିଛନ୍ତି ସେମିତି କିଛି ପରିବାରର ମଧ୍ୟରେ ତିକ୍ତତା ନ ଥିଲା। ତାଙ୍କର ବାପା ମତ୍ୟୁ ପରେ ତାଙ୍କୁ ସବାର ହୋଇଥିଲା। ଝାଡ଼ା ବାହାନାରେ ନିଜ ବେକରେ ରଶି ଲଗାଇ ଆତ୍ମହତ୍ୟାକରିଥିବା କହିଛନ୍ତି। ଅନ୍ୟ ପଟେ ଧାମରା ପୋଲିସ ତଦନ୍ତ ଚଳାଇଛି। ସ୍ୱାମୀକୁ ଥାନାରେ ଅଟକ ରଖି ପଚରାଉଚୁରା କରାଯାଉଛି। ଏକ ପରିତ୍ୟକ୍ତ ଘଂଚ ଜଙ୍ଗଲ ସ୍ଥାନକୁ ଦିନରେ ଆସିବାକୁ ଲୋକେ ଡରୁଥିବାବେଳେ ସେଠାରେ ଫାଶୀ ଲଗାଇ ଆତ୍ମହତ୍ୟା କରିବା କଥାକୁ ଝିଅ ଘର ଲୋକ ସହଜରେ ଗ୍ରହଣ କରି ପାରୁ ନଥିବା ବେଳେ ଶାଶୁଘର ପରିବାରରେ ଲୋକଙ୍କ ଅଭିଯୋଗ ଅନୁଯାୟୀ ଅଧିକ ତଦନ୍ତ କରାଯାଉଥିବା ଧାମରା ପୋଲିସ ସୂଚନା ଦେଇଛନ୍ତି।

# ୩ ଦିନର ନବଜାତ ଶିଶୁକନ୍ୟାକୁ ହତ୍ୟା : ଦମ୍ପତି ଅଟକ

ବାଲେଶ୍ୱର ,(ସବ୍ୟୁ) : ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ ରାଇବଣିଆ ଥାନା ଅଧୀନ ଓଲମରା ପଞ୍ଚାୟତ ରାଜନଗର ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟଣା ଘଟିଛି ।ଏକ ୩ଦିର ବ ଜାଶ ଶିଶୁକନ୍ୟାକୁ ମାରି ପ୍ରଥମେ ପୋଖରୀକୁ ଫିଙ୍ଗି ମରିବେ ପରେ ଶବ ପୋତି ଦିଆଯାଇଛି। ଏହି ଘଟଣାରେ ପୋଲିସ ଏକ ଦମ୍ପତିଙ୍କୁ ଅଟକ ରଖି ପଚାର ଉଚରା କରୁଥିବା ଜଣାଯାଇଛି। ରାଜନଗର ଗ୍ରାମର ରାମ ନାୟକଙ୍କ ପୁଅ ଦେବୁଙ୍କ ପତ୍ନୀ ସୁଭଦ୍ରା ଏକ ଶିଶୁକନ୍ୟା ଜନ୍ମ ଦେଇଥିଲେ। ତେବେ ଜନ୍ମ ହେବାର ୩ ଦିନ ପରେ ଗତ ୧୯ ତାରିଖ ଦିନ ଏହି ଦମ୍ପତି ନବଜାତ ଶିଶୁକନ୍ୟାକୁ ଏକ ପୋଖରୀରେ ଫିଙ୍ଗି ଦେଇଥିଲେ। ପରେ ଶବକୁ ନେଇ ନିଜ ବାଡ଼ିରେ ପୋତି ଦେଇଥିଲେ। ଏହା ଜଣାପଡ଼ିବା ପରେ ୨୫ ତାରିଖ ଗାଁର ଭଦ୍ରବ୍ୟକ୍ତିଙ୍କୁ ନେଇ ଏକ ବୈଠକ ବସିଥିଲା। ବୈଠକରେ ଦେବୁ ଓଲଟି ଗ୍ରାମବାସୀଙ୍କୁ ଗାଳିଗୁଲଜ କରିଥିଲେ। ଫଳରେ ଦିଲ୍ଲୀପ ଦାସ ନାମକ ଜଣେ ଗ୍ରାମବାସୀ ରାଇବଣିଆ ଥାନାରେ ଲିଖିତ ଅଭିଯୋଗ କରିଥିଲେ।ପୁଲିସ କେସ ନମ୍ବର ୫୯/୨୫ରେ ଏକ ମାମଲା ରୁଜୁ କରିଥିବା ବେଳେ ଏସଆଇ ଲୋପାମୁଦ୍ରା ପଣ୍ଡା ତଦନ୍ତ ଭାର ନେଇଛନ୍ତି। ଦେବୁ ଓ ସୁଭଦ୍ରାଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଚାଲିଛି। ଅପରପକ୍ଷରେ ସୁଭଦ୍ରା ଗର୍ଭବତୀ ହେବା ଏବଂ ଶିଶୁକନ୍ୟାକୁ ଜନ୍ମ ଦେବା ନେଇ ଅଙ୍ଗନବାଡ଼ି କେନ୍ଦ୍ର କିମ୍ବା ଏଏନଏମ ସେଣ୍ଟରରେ କେଣସି ତଥ୍ୟ ନାହିଁ ଅନ୍ୟପଟେ ପୋତା ଯାଇଥିବା ସ୍ଥାନକୁ ପୁଲିସ ଖୋଳିଥିଲେ ମଧ୍ୟ ଶିଶୁକନ୍ୟାର ଶବ ମିଳିନି। ଏହି ଦମ୍ପତି ବାରମ୍ବାର ବୟାନ ବଦଳାଇବା, ଶିଶୁକନ୍ୟା ଜନ୍ମ ବାବଦ କେଣସି ସରକାରୀ ତଥ୍ୟ ନ ରହିବା ଏବଂ ଶବ ନ ମିଳିବା ଏହି ଘଟଣାକୁ ରହସ୍ୟମୟ କରିଦେଇଛି। ଏନେଇ ଜଳେଶ୍ୱର ଏସଡ଼ିପିଓ ତଦନ୍ତ ଚାଲିଛି ଖୁବ୍‌ଶୀଘ୍ର ପୁଲିସ ଘଟଣା ଉପରୁ ପରଦା ହଟାଇବ ଏବଂ ଦୋଷୀମାନେ ଦଣ୍ଡ ପାଇବେ ବୋଲି କହିଛନ୍ତି।

(ଶ୍ରୀମଦ୍ଭଗବଦ୍ ଗୀତା ୧୭/୦୩)
-ଶ୍ରଦ୍ଧାତ୍ରୟ ବିଭାଗ ଯୋଗ-
(ଶ୍ରୀଭଗବାନୁବାଚ )

**ସତ୍ତ୍ୱାନୁରୂପା ସର୍ବସ୍ୟ ଶ୍ରଦ୍ଧା ଭବତି ଭାରତ !**
**ଶ୍ରଦ୍ଧାମୟୋଽୟଂ ପୁରୁଷୋ ଯୋ ଯଚ୍ଛ୍ରଦ୍ଧଃ ସ ଏବ ସଃ ।।୩।।**

ହେ ଭାରତ ! ସମସ୍ତଙ୍କର ଶ୍ରଦ୍ଧା ନିଜ ନିଜ ସତ୍ତ୍ୱଗୁଣ ଅନୁସାରେ ହୁଏ । ଏ ପୁରୁଷ (ଜୀବାତ୍ମା) ଶ୍ରଦ୍ଧାମୟ ଅଟନ୍ତି, ପୂର୍ବଜନ୍ମରେ ଯେ ଯେପରି ଶ୍ରଦ୍ଧା ବିଶିଷ୍ଟ ଥିଲା, ଏ ଜନ୍ମରେ ସେ ସେପରି ଶ୍ରଦ୍ଧାଯୁକ୍ତ ହୁଏ । ଯେଉଁମାନେ ଲୌକିକ ଆଚାର ଅନୁସାରେ କାର୍ଯ୍ୟପ୍ରବୃତ୍ତ ହୁଅନ୍ତି, ସେମାନଙ୍କର ଏହିପରି ସାତ୍ତ୍ୱିକ, ରାଜସିକ ଓ ତାମସିକ ଶ୍ରଦ୍ଧା ହୁଏ, କିନ୍ତୁ ଶାସ୍ତ୍ରଜନିତ-ବିବେକଜ୍ଞାନଶୀଳ ମହାତ୍ମାମାନେ ସ୍ୱଭାବବିଜୟୀ, ସେମାନଙ୍କର ଏକମାତ୍ର ସାତ୍ତ୍ୱିକୀ ଶ୍ରଦ୍ଧା ହୁଏ ।।୩।।

# ଶ୍ରୀଜଗନ୍ନାଥଙ୍କ ଜମି ସୁରକ୍ଷିତ ହେଉ

**ସମ୍ପାଦକୀୟ**

ପବିତ୍ର ରଥଯାତ୍ରା ସମୟ । 'ଜୟ ଜଗନ୍ନାଥ' ଧ୍ୱନିରେ ଶ୍ରୀକ୍ଷେତ୍ର ପ୍ରକମ୍ପିତ । ଲକ୍ଷ ଲକ୍ଷ ଲୋକଙ୍କ ଆଗମନରେ ଶ୍ରୀକ୍ଷେତ୍ର ଶ୍ରୀମଣ୍ଡିତ । ଜାତି, ଧର୍ମ, ସଂପ୍ରଦାୟର ନାହିଁ ସେଠି ବିଭେଦ । ତାହା ହିଁ ସମଗ୍ର ବିଶ୍ୱକୁ ଦେଉଛି ବାର୍ତ୍ତା, ଭକ୍ତିର-ଭଲ ପାଇବାର । ଆପଣାର ଅହଂକାରକୁ ବର୍ଜନ କରି ରଥାରୁଢ଼ ଶ୍ରୀଜିଉମାନଙ୍କ ଦର୍ଶନରେ ହିଁ ପରମ ସନ୍ତୋଷ । ଏପରି ପରଂପରାର ପଟ୍ଟାନ୍ତର ନାହିଁ ।

କେବଳ ଶ୍ରୀକ୍ଷେତ୍ର ନୁହେଁ, ସମଗ୍ର ବିଶ୍ୱରେ ରଥଯାତ୍ରା ପାଳନ କରିବାରେ ଆନନ୍ଦ । ଲୋକେ ସବୁ କାମ ଛାଡ଼ି ଭାଗ ନିଅନ୍ତି ରଥଯାତ୍ରାରେ । ସମଗ୍ର ବିଶ୍ୱରେ ଏପରି ଏକ ଉତ୍ସବ ଅନ୍ୟ ଧର୍ମରେ କାହିଁ ? ଲୋକଙ୍କୁ ଯୋଡ଼ିବାର, ଭଲ ପାଇବାକୁ ବାଣ୍ଟିବାର ଏପରି ଅନନ୍ୟ ଉତ୍ସବ ଆମକୁ ଧନ୍ୟ କରିଛି ପ୍ରକୃତରେ । ଶ୍ରୀକ୍ଷେତ୍ରର ରଥଯାତ୍ରାର ଅନୁସରଣରେ ଏବେ ରାଜଧାନୀ ଭୁବନେଶ୍ୱର ଓ ଖୋର୍ଦ୍ଧା ଜିଲ୍ଲାରେ କେବଳ ନୁହେଁ, ଓଡ଼ିଶାର ଅନ୍ୟାନ୍ୟ ଅଞ୍ଚଳରେ ମଧ ମହାଡମ୍ବରରେ ରଥଯାତ୍ରାମାନ ପାଳନ କରାଯାଉଛି । ଖୋର୍ଦ୍ଧାର ଶ୍ରୀ ଚୈତନ୍ୟ ରିସର୍ଚ୍ଚ ଆସୋସିଏସନ୍ ପକ୍ଷରୁ ହୋଇଥିବା ଗବେଷଣାରୁ ଜଣାଯାଇଛି ଯେ ଜିଲ୍ଲାରେ ଶତାଧିକ ଜଗନ୍ନାଥ ମନ୍ଦିର ରହିଛି ଓ ସେ ସବୁ ମନ୍ଦିର ତରଫରୁ ଛୋଟବଡ଼ ରଥଯାତ୍ରାମାନ ଆୟୋଜନ କରିଥାଆନ୍ତି । ପୋଲିସ ସୂତ୍ରରୁ ଜଣାଯାଇଛି ଯେ କେବଳ ରାଜଧାନୀ ଭୁବନେଶ୍ୱରରେ ଚଳିତ ବର୍ଷ ୬୦ଟି ରଥ ଟଣାଯାଉଛି । ଏଥିପାଇଁ ପୁରୀ ପରି ନ ହେଲେ ମଧ ଭୁବନେଶ୍ୱରରେ ୧୭ ପ୍ଲାଟୁନ ପୋଲିସ ବାହିନୀକୁ ଶାନ୍ତିଶୃଙ୍ଖଳା ରକ୍ଷାର ଦାୟିତ୍ୱ ଦିଆଯାଇଛି ।

ଜଗନ୍ନାଥଙ୍କ ପ୍ରତି ବା ତାଙ୍କର ରଥଯାତ୍ରା ପ୍ରତି ଯଦି ଜନସାଧାରଣଙ୍କର ଏପରି ଆକର୍ଷଣ, ତା ହେଲେ ଓଡ଼ିଶାରେ ଏତେ ବ୍ୟଭିଚାର ବଢୁଛି କାହିଁକି ? ଆଇନ ଶୃଙ୍ଖଳା ପରିସ୍ଥିତିକୁ ସମ୍ଭାଳି ହେଉନାହିଁ କାହିଁକି ?

ଗୋଟିଏ ଓଡ଼ିଆ ସମ୍ବାଦପତ୍ରର ପ୍ରଥମ ପୃଷ୍ଠାରେ ୨୦୧୧ ନଭେମ୍ବର ୧୧ ତାରିଖରେ ପ୍ରାୟ ତେର ବର୍ଷ ତଳେ ଏକ ଖବର ପ୍ରକାଶ ପାଇଥିଲା, ଯାହାର ଶିରୋନାମା ଥିଲା 'ଶ୍ରୀଜଗନ୍ନାଥଙ୍କ ୧୧୨ ଏକର ବିକି ଦେଲେ '। ବିଗତ ସରକାରଙ୍କ ଅମଳରେ ୧୧୨ ଏକରକୁ ଯେଉଁ ବିଲଡର ୨୦୦ ଟଙ୍କା ବଦଳରେ ମାତ୍ର ୪୬ ଲକ୍ଷ ଟଙ୍କାରେ କାରବାର କରି କିଣି ନେଲେ ମାତ୍ର ୧୮ଟି ସହଜ କିସ୍ତିରେ, ତାଙ୍କୁ ଦଣ୍ଡ ଦେବ କିଏ ? ଶ୍ରୀଜଗନ୍ନାଥଙ୍କ ପ୍ରତି ଏ କ'ଣ ପ୍ରକୃତ ଭକ୍ତି ?

ବିଧାନସଭାରେ ଆଇନମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମଧ ସ୍ୱୀକାର କରିଛନ୍ତି ଯେ ରାଜ୍ୟର ଛଅଗୋଟି ଜିଲ୍ଲାରେ ଶ୍ରୀଜଗନ୍ନାଥଙ୍କ ମନ୍ଦିରର ୬୦, ୪୨୬ ଏକର ଜମି ରହିଛି । ଶ୍ରୀଜଗନ୍ନାଥ ହେଉଛନ୍ତି ୬୦, ୮୨୨ ଏକର ଜମିର ମାଲିକ । ଅନେକ ବ୍ୟକ୍ତି ଶ୍ରୀଜଗନ୍ନାଥଙ୍କ ଜମିକୁ ମାଡିବସି ଘରଦ୍ୱାର କରି ସାରିଛନ୍ତି । ସେମାନଙ୍କୁ ହଟାଇବା ଏକ ଦୁରୂହ ବ୍ୟାପାର । ପୂର୍ବତନ ରାଜ୍ୟପାଳ ଓ ଓଡ଼ିଶାର ପୂର୍ବତନ ଆଇନମନ୍ତ୍ରୀ ଶ୍ରୀ ବିଶ୍ୱଭୂଷଣ ହରିଚନ୍ଦନ ତା ୨/୮/୨୦୦୧ରେ ବିଧାନସଭାରେ ଜଣେ ବିଧାୟକଙ୍କ ତାରକା ଚିହ୍ନିତ ପ୍ରଶ୍ନର ଉତ୍ତର ଏହିପରି ରଖିଥିଲେ-'ଶ୍ରୀଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ବିଜେ, ପୁରୀଙ୍କ ନାମେ, ରାଜ୍ୟ ଭିତରେ ମୋଟ ଏ. ୪୭୦୪୪.୧୫୯ ଡସିମିଲ ଜମି ରେକର୍ଡ ହୋଇଥିବା ଜଣାଯାଇଛି । ଏହା ବ୍ୟତୀତ ଆନ୍ଧ୍ର ପ୍ରଦେଶ, ମହାରାଷ୍ଟ୍ର, ମଧ ପ୍ରଦେଶ, ତାମିଲନାଡୁ ଓ ପଶ୍ଚିମବଙ୍ଗର କିଛି ଭୂସମ୍ପତ୍ତି ଶ୍ରୀଶ୍ରୀଜଗନ୍ନାଥଙ୍କନାମେ ରେକର୍ଡ ହୋଇଥିବାର ଜଣାଯାଇଛି । ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ବିଜେ, ପୁରୀଙ୍କର ସଂପତ୍ତି ଜନସାଧାରଣ ଦଖଲ କରିଥିବା ତଥ୍ୟ ସତ୍ୟ ଅଟେ । ବିଭିନ୍ନ ମଠାଧୀଶ/ ବ୍ୟକ୍ତିବିଶେଷଙ୍କ ନାମରେ ଅମୃତ ମଣୋହି ସୂତ୍ରରେ ଥିବା ସଂପତ୍ତି ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ବିଜେ, ପୁରୀ ମାର୍ଫତ ଶ୍ରୀମନ୍ଦିର ପରିଚାଳନାଙ୍କ ନାମେ ରେକର୍ଡ କରିବାକୁ, ଜମିଦାରୀ ଉଚ୍ଛେଦ ଆଇନ ମୁତାବକ ବିଭିନ୍ନ ତହସିଲ ଓ ବୋର୍ଡ ଅଫ୍ ରେଭେନ୍ୟୁରେ ମୋକଦ୍ଦମାମାନ ଦାଏର କରାଯାଇଛି ।'

ସରକାରଙ୍କର ପରିବର୍ତ୍ତନ ଘଟିଛି । ଓଡ଼ିଶା ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦେଉଥିବା ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଓ ରାଜ୍ୟ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ପ୍ରଭୃତି ଶ୍ରୀଜଗନ୍ନାଥଙ୍କ ସଂପତ୍ତିର ସୁରକ୍ଷା ଲାଗି ସ୍ୱତନ୍ତ୍ର ଭାବେ ଦୃଷ୍ଟି ଦେବା ଉଚିତ ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ସାରସ୍ୱତ ସାଧକ ଜୟପୁର ମହାରାଜା ବିକ୍ରମ ଦେବ ବର୍ମା



**ଡ. ପରେଶ ରଥ**


ଶୀଳାବଂଶୀ ନରପତିଙ୍କ ପରେ ସୂର୍ଯ୍ୟବଂଶର ଶାସକମାନେ ୧୪୪୩ ମସିହାଠାରୁ ଆରମ୍ଭ କରି ୧୯୫୧ ମସିହା ପର୍ଯ୍ୟନ୍ତ ଦୀର୍ଘ ୫୦୮ ବର୍ଷ ଧରି ନନ୍ଦପୁର-ଜୟପୁର ରାଜ୍ୟକୁ ଶାସନ କରିଥିଲେ । ଏହି ବଂଶର ପ୍ରଥମ ରାଜା ଥିଲେ ଶ୍ରୀ ବିନାୟକ ଦେବ ଓ ଶେଷ ରାଜାଥିଲେ ଶ୍ରୀ ବିକ୍ରମ ଦେବ ।

ଆଜି ମହାରାଜା ରାଜର୍ଷି ବିକ୍ରମ ଦେବ ବର୍ମାଙ୍କ ୧୫୭ ତମ ଜୟନ୍ତୀ । ଜଣେ ନିଷ୍ଠାପର ସାରସ୍ୱତ ସାଧକ ଭାବେ ଜୟପୁରର ମହାରାଜା ବିକ୍ରମ ଦେବ ବର୍ମା ସୁପରିଚିତ । ଓଡିଆ, ତେଲୁଗୁ ଓ ସଂସ୍କୃତ ଭାଷାରେ ଜଣେ ବିଦ୍ୱାନ୍ ରୂପେ ପରିଗଣିତ ଥିବା ଶ୍ରୀ ବର୍ମା ଓଡିଆ ଓ ଆନ୍ଧ୍ର ଭାଷାବାସୀଙ୍କ ମଧ୍ୟରେ ସାଂସ୍କୃତିକ ସଂହତି ଓ ସମନ୍ୱୟର ପ୍ରତିଷ୍ଠା କରିଥିଲେ । ତାଙ୍କର ଅସାଧାରଣ ପାଣ୍ଡିତ୍ୱ ଓ ବିଦ୍ୱତ୍ତା ପାଇଁ ସେ ଆନ୍ଧ୍ର ଗବେଷଣା ବିଶ୍ୱ ବିଦ୍ୟାଳୟର କୁଳପତି ଭାବେ ଅଧିଷ୍ଠିତ ହୋଇଥିଲେ । ପାରଳାଖେମୁଣ୍ଡି ଠାରେ ଅନୁଷ୍ଠିତ ଉତ୍କଳ ସମ୍ମିଳନୀର ଦଶମ ଅଧିବେଶନରେ ସମ୍ମାନାସ୍ପଦ ସଭାପତି ଆସନ ଅଳଂକୃତ କରି ସେ ଦେଇଥିବା ତାଙ୍କ ଉଦ୍‌ବୋଧନ ଅବିସ୍ମରଣୀୟ ।

ତାଙ୍କ ରଚନାବଳୀ ମଧ୍ୟରେ ଭଗବତ୍ ଗୀତା ମାହାତ୍ମ୍ୟ, ସଙ୍ଗୀତ ରାଧାମାଧବ, ନାଟକ ଶ୍ରୀଗୋବନ୍ଦ ମଞ୍ଜରୀବଳୀ, ଯଜୁର୍ବେଦୀୟ ସନ୍ଧ୍ୟା ପ୍ରୟୋଗ, କାଦମ୍ବରୀ କଥାସାର, ଭକ୍ତିରନ୍ ମାଳିକା, ସରସ ଗୀତାବଳୀ, ବୁଦ୍ଧ ରଚିତ ନାଟକ, ଉତ୍କଳ କୁନ୍ଦମାଳା ନାଟକ, ଋତୁ ବର୍ଣ୍ଣନା, ଜଳେରାକାଦାନଂ ଇତ୍ୟାଦି ଉଲ୍ଲେଖନୀୟ । ମହାରାଜା ଶ୍ରୀ ବିକ୍ରମ ଦେବ ବର୍ମାଙ୍କ ୧୫୭ ତମ ଜୟନ୍ତୀ ପାଳନ ଅବସରରେ ତାଙ୍କ ଜୀବନୀ ଉପରେ ଆଲୋକପାତ କରାଯାଇ ପାରେ ।

ମହାରାଜା କୃଷ୍ଣଚନ୍ଦ୍ର ଦେବଙ୍କ ପୁତ୍ର ମହାରାଜା ବିକ୍ରମ ୧୮୬୯ ମସିହା ଜୁନ୍ ମାସ ୨୮ ତାରିଖ ରବିବାର ଦିନ ପ୍ରାତଃ ୭ ଘଣ୍ଟା ସମୟରେ ତତ୍‌କାଳୀନ ମାଡ୍ରାସ ପ୍ରେସିଡେନ୍‌ସି ଚିକାକୋଲ୍ (ବର୍ତ୍ତମାନର ଶ୍ରୀକାକୁଲମ୍)ର ପାର୍ବତଲପେଟା ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ରାଜ ପରିବାରର ବିଭ୍ରାନ୍ତି ଯୋଗୁଁ ଶ୍ରୀ ବିକ୍ରମ ବିଳମ୍ବରେ, ୬୦ ବର୍ଷ ବୟସରେ, ୧୯୩୨ ମସିହାରେ ସିଂହାସନ ଆହୋରଣ କରିଥିଲେ । ଏକାଧାରରେ ସେ ଥିଲେ ଜଣେ ଲେଖକ, କବି, ସାହିତ୍ୟିକ ତଥା କଳାପ୍ରେମୀ, ନାଟ୍ୟକାର ଏବଂ ସ୍ୱାଭିମାନୀ, ସ୍ୱଜାତି ପ୍ରେମୀ ସୁଶାସକ । ଜଣେ କବି ଭାବେ ଅନେକ ରଚନା ସେ କରିଚୁନ୍ତି । ତାଙ୍କ ରଚିତ ଶ୍ରୀ ବିକ୍ରମଦେବ ରଚନାବଳୀ ୧୯୪୬ ମସିହାରେ ଦୁଇଟି ଖଣ୍ଡରେ ପ୍ରକାଶ ପାଇଥିଲା ଏବଂ ବିଶ୍ୱବିଦ୍ୟାଳୟର ପାଠ୍ୟକ୍ରମ ଅନ୍ତର୍ଭୁକ୍ତ ହୋଇଥିଲା । ତାଙ୍କ ରଚନା ତେଲୁଗୁ ଓ ଓଡିଆ ସିଲାବସ୍ ଅନ୍ତର୍ଭୁକ୍ତ ଥିଲା । ଏହି ଅଶେଷ ଲେଖା ଯୋଗୁଁ ଆନ୍ଧ୍ର ବିଶ୍ୱ ବିଦ୍ୟାଳୟ ମହାରାଜାଙ୍କୁ ଡି.ଲିଟ୍ ଉପାଧିରେ ଭୂଷିତ କିରଥିଲେ ।

ବାର୍ଷିକ ୧ ଲକ୍ଷ ଟଙ୍କା ଆନ୍ଧ୍ର ବିଶ୍ୱ ବିଦ୍ୟାଳୟକୁ ଅନୁଦାନ ଦେଇ ସେ ଆନ୍ଧ୍ରରେ 'ଜୟପୁର ବିକ୍ରମ ଦେଓ କଲେଜ ଅଫ୍ ସାଇନ୍‌ସ୍ ଏଣ୍ଡ ଟେକ୍‌ନୋଲୋଜି' ପ୍ରତିଷ୍ଠା କରିଥିଲେ ଏବଂ ଆନ୍ଧ୍ର ବିଶ୍ୱ ବିଦ୍ୟାଳୟର କୁଳପତି ଆସନ ଅଂଳକୃତ କରିଥିଲେ । ଆନ୍ଧ୍ର ବିଶ୍ୱ ବିଦ୍ୟାଳୟ ମହାରାଜାଙ୍କୁ ସାହିତ୍ୟ ସମ୍ରାଟ,ବିଦ୍ୟାସାଗର ଏବଂ କଳାପ୍ରପୂର୍ଣ୍ଣ ଉପାଧିରେ ଭୂଷିତ କରିଥିଲେ । ୧୯୧୭ ମସିହାରେ ଆନ୍ଧ୍ର ଜିଲ୍ଲା ସମାରୋହ ଓ ୧୯୨୩ ମସିହାରେ ସେ ଆନ୍ଧ୍ର ସାହିତ୍ୟ ପରିଷଦ ସଭାରେ ସଭାପତିତ୍ୱ କରିଥିଲେ ।



**୧୫୭ ତମ ଜୟନ୍ତୀ ଅବସରରେ**

ଜୟପୁର ସହରରେ ଅବସ୍ଥିତ 'ବିକ୍ରମଦେବ ସ୍କୁଲ ଅଫ୍ ଆର୍ଟସ୍ ଏଣ୍ଡ କ୍ରାଫଟସ୍'ରେ ମହାରାଜା ୧୯୪୭ ମସିହାରେ ଦାନ ଦେଇ ସ୍ଥାପିତ କରାଇବା ସହିତ ୧୯୪୭ ମସିହାରେ ମାତ୍ର ୪୯ ଜଣ ଛାତ୍ରଛାତ୍ରୀଙ୍କୁ ନେଇ ନିଜ ଦେୱାନ ବଙ୍ଗଳା ଠାରେ 'ଜୟପୁର ବିକ୍ରମଦେବ ମହାବିଦ୍ୟାଳୟ' ଆରମ୍ଭ କରିଥିଲେ । ଏହି ମହାବିଦ୍ୟାଳୟ ପରେ ସ୍ୱୟଂ ଶାସିତ ଏବଂ ବର୍ତ୍ତମାନ ବିଶ୍ୱ ବିଦ୍ୟାଳୟରେ ପରିଗଣିତ । ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ଜୟପୁର ଜମିଦାରି ମିଶ୍ରଣ ପଦକ୍ଷେପ ପାଇଁ ତାଙ୍କ ଦାନ ଅତୁଳନୀୟ ଦାନ । ୧୯୧୪ ମସିହାରେ, ଶ୍ରୀ ବର୍ମା ଉତ୍କଳ ସମ୍ମିଳନୀରେ ୧୦ମ ଅଧିବେଶନରେ ସଭାପତି ଆସନ ଅଳଂକୃତ କରି ଦେଇଥିବା ଉଦ୍‌ବୋଧନ ଅତି ପ୍ରଶଂସନୀୟ ଥିଲା ।

ଜୀବନକାଳ ମଧ୍ୟରେ ଅତୁଳନୀୟ ଦାନପରେ ୧୯୫୧ ମସିହାରେ ବିକ୍ରମଦେବ ୮୨ ବର୍ଷ ବୟସରେ ସ୍ୱର୍ଗାରୋହଣ କଲେ । ବିକ୍ରମ ଦେବ ଅପୁତ୍ରିକ ଥିଲେ ଏବଂ ନିଜ କନ୍ୟାର ଦ୍ୱିତୀୟ ପୁତ୍ର ରାମକୃଷ୍ଣ ଦେବଙ୍କୁ ୧୯୩୫ ମସିହାରେ ନିଜର ପୋଷ୍ୟ ପୁତ୍ର ଭାବେ ଗ୍ରହଣ କରି ପରବର୍ତ୍ତୀ ପର୍ଯ୍ୟାୟରେ କୁମାର ରାଜା ଘୋଷଣା କରିଥିଲେ । ୧୯୫୧ ମସିହାରେ ଶ୍ରୀ ବିକ୍ରମ ଦେବଙ୍କ ସ୍ୱର୍ଗାରୋହଣ ସମୟରେ, ତାଙ୍କ ପୋଷ୍ୟ ପୁତ୍ର ରାମକୃଷ୍ଣ ଦେବ ନାବାଳକ ଥିଲେ ଏବଂ ଏକବର୍ଷ ପର୍ଯ୍ୟନ୍ତ ଜୟପୁର ଇଷ୍ଟେଟ୍ ସରକାରଙ୍କ 'କୋର୍ଟ ଅଫ୍ ୱାର୍ଡସ' ଅଧିନରେ ରହିଲା । ୧୯୫୨ ମସିହାରେ ରାଜ ଶାସନ ଜମିଦାରି ଲୋପ ପାଇଲା । ଜୟପୁର ରାଜ୍ୟବାସୀ ରାମକୃଷ୍ଣ ଦେବଙ୍କୁ କୁମାର ରାଜା ଓ ତାଙ୍କ ପତ୍ନୀ ରମାକୁମାରୀ ଦେବୀଙ୍କୁ ରାଣୀ ରୂପେ ସାଦରେ ଗ୍ରହଣ କରିଥିଲେ । କିନ୍ତୁ ତାଙ୍କ ଦାନ, ସ୍ୱଦେଶ ପ୍ରୀତି ଓ ଜାତୀୟତାବାଦ ପାଇଁ ସେ ସର୍ବଦା ଅବିସ୍ମରଣୀୟ ହୋଇ ରହିବେ ।

**ଏସୋସିଏଟ୍ ପ୍ରଫେସର**
**ବିଶ୍ଳେଷଣାତ୍ମକ ଆଦିବାସୀ ଗବେଷଣା ପରିଷଦ,କୋରାପୁଟ**

# ଜୀବନ ରଥ : ଶ୍ରୀଜଗନ୍ନାଥ



**ପ୍ରଫେସର ଡା. ଉମେଶ ଚନ୍ଦ୍ର ପାତ୍ର**

ବିଶ୍ୱର ବିଭିନ୍ନ ଧର୍ମ-ଚେତନାରେ ଭଗବାନ ଓ ଭକ୍ତ ଦୁଇଟି ସ୍ୱତନ୍ତ୍ର ସତ୍ତା ଭାବେ ପରସ୍ପରଠାରୁ ଅନତିକ୍ରମ ଦୂରରେ ରହିଥିବା ବେଳେ ହିନ୍ଦୁ ଧର୍ମ ଭାବନାରେ ଭଗବାନ ଓ ଦେବଦେବୀମାନେ ସର୍ବଦା ମାନବୀୟ ପ୍ରକୃତି ଓ ଆଚରଣ ପ୍ରଦର୍ଶନ କରି ମଣିଷର ପାଖେ ପାଖେ ରହିଛନ୍ତି । ଦେବ-ମାନବର ଏହି ସମନ୍ୱିତ ଲୀଳାଖେଳାର ମହତ୍ତମ ପ୍ରତୀକ ହେଉଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥ। ସେ ସାଧାରଣ ମଣିଷଟିଏ ପରି ଦୈନନ୍ଦିନ ଓ ଅନ୍ୟାନ୍ୟ ବିଶେଷ କର୍ମମାନ ସମ୍ପାଦନ କରିବା ସହିତ ଜନ୍ମ ଓ ମୃତ୍ୟୁ ମଧ ପ୍ରାପ୍ତ ହୁଅନ୍ତି । ଜନ୍ମ-ଜୀବନ-ମୃତ୍ୟୁ, ମୃତ୍ୟୁ ପରେ ପୁଣି ଜୀବନ ଓ ଜୀବନର ପୁନଶ୍ଚ ମୃତ୍ୟୁ ସାରା ଜୀବଜଗତ ପାଇଁ ଏହା ଏକ ସ୍ୱାଭାବିକ ପ୍ରବାହ ।

ମୃତ୍ୟୁକାଳେ ଯେ ଭାବ ଧରି ଶରୀର ଛାଡ଼ି ଜୀବନ ଯାଏ ଜନ୍ମେ ପୁଣି ସେପରି ସ୍ଥାନେ ସହି ଭାବପଥ ଯେବେ ପାଏ । ମାତ୍ର, ଜୀବ-ପରମ ମହାପ୍ରଭୁ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା ଓ ଶ୍ରୀସୁଦର୍ଶନ ଯେତେବେଳେ ମର୍ତ୍ତ୍ୟ ବୈକୁଣ୍ଠରେ ନିଜକୁ ଏହି ଜନ୍ମ ମୃତ୍ୟୁର ପ୍ରବାହରେ ଭସାଇ ଦିଅନ୍ତି, ତାହା ଭକ୍ତଙ୍କ ପାଇଁ ପାଲଟିଯାଏ ଏକ ଦିବ୍ୟ ଅନୁଭବ । ମହାପ୍ରଭୁ ଏହି ଅନୁପମ ଲୀଳା ମାଧ୍ୟମରେ ସୂଚାଇ ଦିଅନ୍ତି ଯେ ଜନ୍ମ, ଜୀବନ ବା ମୃତ୍ୟୁ କୌଣସିଟି ସମ୍ପୂର୍ଣ୍ଣ ନୁହେଁ । ସମ୍ପୂର୍ଣ୍ଣର ଏହା ଗୋଟିଏ ଗୋଟିଏ ଅଂଶ କେବଳ । ତେଣୁ, ତାଙ୍କୁ ଅବଲୋକନ କରୁଥିବା ଭକ୍ତଟିର ଜୀବନ ପ୍ରତି ଦୃଷ୍ଟିଭଙ୍ଗୀ ବଦଳିବା ସଙ୍ଗେ ସଙ୍ଗେ ମୃତ୍ୟୁ ଭୟରୁ ମଧ ସେ ମୁକ୍ତି ପାଇଥାଏ । ଭାରତୀୟ ଧର୍ମ ଓ ସଂସ୍କୃତିକୁ ପ୍ରାଥମିକ ରୂପ ଦେଇଥିବା ବେଦାନ୍ତ ଦର୍ଶନ ଯେଉଁ ନିରୁପାଧି ପରଂବ୍ରହ୍ମ ସତ୍ତାର ପରିକଳ୍ପନା କରିଥିଲା ତା'ର ସାକାର ବିଗ୍ରହ ହିଁ ଶ୍ରୀଜଗନ୍ନାଥ । ଶ୍ରୀଜଗନ୍ନାଥଙ୍କ ସ୍ୱରୂପକୁ ନିରୀକ୍ଷଣ କଲେ ସ୍ପଷ୍ଟ ହୁଏ ଯେ ତାହା ଅନ୍ୟ ଦେବତାଙ୍କ ପରି ନୁହେଁ ଏକ ଭିନ୍ନ ରୂପରେ ସେ ପ୍ରମୂର୍ତ୍ତ । ବ୍ରହ୍ମଙ୍କ ଏକ ପ୍ରତୀକାତ୍ମକ ଚରିତ୍ର ହେଉଛନ୍ତି ଏହି ବିଗ୍ରହ । ହିନ୍ଦୁଧର୍ମର ପବିତ୍ର ଗ୍ରନ୍ଥ ଶ୍ରୀମଦ୍ ଭଗବତ ଗୀତାରେ ଭଗବାନ ଶ୍ରୀକ୍ରୀଷ୍ଣ ଭକ୍ତପ୍ରବର ଅର୍ଜ୍ଜୁନଙ୍କୁ କହିଛନ୍ତି - 'ଯଦା ଯଦା ହି ଧର୍ମସ୍ୟ..... ଧର୍ମ ସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ ।'

ପରବ୍ରହ୍ମ ସନାତନ ଆଦି-ଶବ୍ଦ-ବ୍ରହ୍ମ ରୂପରେ ଯୁଗେ ଯୁଗେ ଲୀଳା କରନ୍ତି । ଏହି ଅବତାରବାଦରେ ଆର୍ଯ୍ୟ ସନାତନ ଧର୍ମ ଶ୍ରୀରାମ, ଶ୍ରୀକ୍ରୀଷ୍ଣ, ଶ୍ରୀବୁଦ୍ଧ, ଶ୍ରୀଯିଶୁ, ଶ୍ରୀମହମ୍ମଦ, ଶ୍ରୀଚୈତନ୍ୟ, ଶ୍ରୀରାମକୃଷ୍ଣ ଓ କଳିଯୁଗର ଶେଷ ଅବତାର କଳକୀ ବିଗ୍ରହ ଭଗବାନ ପୁରୁଷୋତ୍ତମ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କର ଭାବଧାରାରେ ସ୍ନାତ, ପରିପୁଷ୍ଟ ଓ ସ୍ୱୟଂସିଦ୍ଧ । ନୀଳାଚଳ ଧାମରେ ବିରାଜିତ ଶ୍ରୀଜଗନ୍ନାଥଙ୍କର ନାଭି ବ୍ରହ୍ମରେ ଭଗବାନ ଶ୍ରୀକ୍ରୀଷ୍ଣଙ୍କର ବ୍ରହ୍ମ ବିରାଜିତ । ମହାପ୍ରଭୁ ଶ୍ରୀଚୈତନ୍ୟ ଅଗଣିତ ଭକ୍ତମାନଙ୍କ ସହ ଏହି ନୀଳାଚଳଧାମରେ ଲୀଳାଖେଳ କରିଥିଲେ ଓ ଶେଷରେ ପରବ୍ରହ୍ମ ଶ୍ରୀଜଗନ୍ନାଥଙ୍କ ଦାରୁବ୍ରହ୍ମରେ ଲୀନ ହୋଇ ଯାଇଥିଲେ । ଶ୍ରୀଜଗନ୍ନାଥ କହୁଛନ୍ତି - ମୋତେ ଧର, ଜୀବନରେ ଗ୍ରହଣ କର, ମୋର ଅନୁଶାସନ ମାନି ଚାଲ, ମୋତେ ରକ୍ଷା କର, 'ନ ମେ ଭକ୍ତ ପ୍ରଣଶ୍ୟତି '। ଭକ୍ତମାନେ କୁହନ୍ତି - ଭଗବାନ ଦୟା କରନ୍ତି, କାରଣ ସେ ଅହେତୁକ କୃପାସିନ୍ଧୁ । ସେ ଯେତେବେଳେ କୃପା କରନ୍ତି ମନୁଷ୍ୟ ସେତେବେଳେ ପଥ ପାଏ । ବିପଦରୁ ଉଦ୍ଧାର ହୁଏ । ଶ୍ରୀଶ୍ରୀଠାକୁର ଚିନ୍ତା ଜଗତରେ ଏହି ଧାରାକୁ ଏକ ବିପ୍ଳବାତ୍ମକ ସିଦ୍ଧାନ୍ତ ନେଇ କହିଛନ୍ତି - ଜଗତରେ ହେତୁ ଛଡ଼ା କିଛି ହୁଏ ନାହିଁ । ଅହେତୁକୀ କୃପା ବୋଲି କିଛି ନାହିଁ । କୃପା ଯେତେବେଳେ ଭକ୍ତ ପାଏ, ତାର ପଶ୍ଚାତରେ ହେତୁ ଅବଶ୍ୟହିଁ ଅଛି । ଏହା ତୁମେ ବୁଝି ପାର ବା ନପାର । ଯଦି ଅହେତୁକୀ କୃପା ତୁମେ ପାଇଛ ବୋଲି ହୃଦ୍‌ବୋଧ କର, ତାହା ହେଲେ ଜାଣି ରଖ ଅହେତୁକୀ ଭକ୍ତି ଏହାର ପଶ୍ଚାତରେ ଅବଶ୍ୟ ହିଁ ରହିଛି । ଅହେତୁକୀ ଭକ୍ତି ଛଡ଼ା ଅହେତୁକୀ କୃପା ମିଳେ ନାହିଁ । ଶ୍ରୀ ଜଗନ୍ନାଥ ମହାପ୍ରଭୁ ହସ୍ତ ବିହୀନ ହୋଇ ଏହି ସତ୍ୟ ହିଁ ପ୍ରକାଶ କରିଛନ୍ତି ଯେ ତୁମେ ତାଙ୍କୁ ଧର, ଭଲପାଅ, ତାଙ୍କର ପ୍ରୀତ୍ୟର୍ଥେ କର୍ମ କର, ପ୍ରତି ମନୁଷ୍ୟ ପାଖରେ ଈଶ୍ୱରଙ୍କର ଏହି ପ୍ରତ୍ୟାଶା ।

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦାରୁବ୍ରହ୍ମର ସ୍ୱରୂପ ଓ ଉପାସନା ସବୁ ଧର୍ମ, ସବୁ ଉପାସନା ଚିନ୍ତନ, ସବୁ ସମ୍ପ୍ରଦାୟ ଓ ସବୁ ଆଧ୍ୟାତ୍ମିକ ଚେତନା ଭିତରେ ସ୍ୱୀକୃତ । ଇସ୍‌ଲାମ ଧର୍ମଗ୍ରନ୍ଥ କୋରାନ୍ ମତରେ ସ୍ୱର୍ଗ ପର୍ଯ୍ୟନ୍ତ ପରିବ୍ୟାପ୍ତ ହେଉଥିବା ଏହି ବିଶ୍ୱ ଏକ ବୃକ୍ଷ ଯାହାର ଅଗ୍ରଭାଗ ସ୍ୱର୍ଗ ପର୍ଯ୍ୟନ୍ତ ବ୍ୟାପ୍ତ । ଏହି ବୃକ୍ଷରେ ଆଲ୍ଲା ବିରାଜମାନ କରିଥାନ୍ତି । ଖ୍ରୀଷ୍ଟିୟାନ ଧର୍ମର 'ଦି ବୁକ୍ ଅଫ୍ ଖ୍ରୀଷ୍ଟିୟାନିଟି'ରେ ଜ୍ଞାନତରୁ ବିଷୟରେ ବର୍ଣ୍ଣିତ । ସେହିପରି ବୌଦ୍ଧମାନଙ୍କ ବୋଧିଦ୍ରୁମ ଓ ଜୈନମାନଙ୍କର କଳ୍ପପାଦପ ଉପାସନାରେ ଏହି ବୃକ୍ଷ ବା ଦାରୁ ଉପାସନା ହିଁ ପରିଲକ୍ଷିତ ହୋଇଥାଏ ।

ଜନଜାତି ଆଦିବାସୀ ସଂସ୍କୃତିରେ ବୃକ୍ଷ ପୂଜା ପରମ୍ପରା ବହୁ ପ୍ରାଚୀନ । ତେଣୁ ବୈଦିକ ସଂସ୍କୃତିରେ ଦାରୁ ଉପାସନା ଏକ ବହୁ ପ୍ରଚଳିତ ପଦ୍ଧତି । ଶ୍ରୀପୁରୁଷୋତ୍ତମ ମହାପ୍ରଭୁ ଶ୍ରୀଜଗନ୍ନାଥ କୌଣସି ଜଣକର ନୁହଁନ୍ତି, ସେ ହେଉଛନ୍ତି ଗଣର ଦେବତା । ବର୍ଷକରେ ଗୋଟିଏ ଦିନ ପାଇଁ ବଡ଼ଦାଣ୍ଡର ଜନସମୁଦ୍ର ଆଧ୍ୟାତ୍ମିକ ଶ୍ରଦ୍ଧାଳୁଙ୍କ ପାବନ କୃପା ପ୍ରଦର୍ଶନ ପାଇଁ ସେ ହେଉଛନ୍ତି ପତିତପାବନ । ମନେ ରଖିବା ଉଚିତ ଯେ ଜୀବନ ଯାତ୍ରା ପଥରେ ସମସ୍ତ ପ୍ରକାରର ବିଳାସ-ବାସନା, ନୃତ୍ୟ-ଗୀତ, ଆମୋଦ-ପ୍ରମୋଦ ହେଉଛି ରଥଯାତ୍ରାର ଶୋଭାଯାତ୍ରା ଭଳି । ଜୀବନ ହେଉଛି ଏକ ରଥଯାତ୍ରା । ଏହି କଥା ମନରେ ରଖି ମନୁଷ୍ୟ ନିଜର ସମସ୍ତ କର୍ମର ବିଚାର କରିବା ଉଚିତ । ଜୀବନର ପ୍ରତିଟି କ୍ଷଣ, ମୁହୂର୍ତ୍ତ ଏବଂ କାଳର ପ୍ରତି ପାଦରେ ଭଗବାନ ବା ଗୁରୁଙ୍କ ନାମ ସ୍ମରଣ ପୂର୍ବକ ପରୋପକାର ଓ ସତ୍‌କର୍ମ ପାଇଁ ଏହି ଦେହର ରଥକୁ ସାରଥୀ ପରି ଆଧ୍ୟାତ୍ମିକ ମାର୍ଗରେ ପରିଚାଳନା କରିବା ହିଁ ଜୀବନର ମାନବୀୟ ମୂଲ୍ୟବୋଧ ।

ଇଷ୍ଟଲାଗି କର୍ମ କରା, ତାହା ହିଁ ହେଲା ପୁଣ୍ୟେଭରା। କେବଳ ଧନୀ ବା ବିତ୍ତଶାଳୀ ନୁହଁନ୍ତି ଜଣେ ନିର୍ଦ୍ଧନ ବି ନିଜ ମୁଖରେ ସନ୍ତୋଷପୂର୍ଣ୍ଣକ ହୃଦୟ ଆନନ୍ଦକୁ ପରିପୂର୍ଣ୍ଣ କରୁଥିବା ମିଷ୍ଟ ବାଣୀ ଦ୍ୱାରା ଜଣକୁ ସନ୍ତୋଷ ପ୍ରଦାନ କରିପାରିବ । ପାଣି ମୁନ୍ଦାଏ ହେଉ ବା ଅସହାୟ ମୁହୂର୍ତ୍ତରେ ସ୍ନେହ, ଶ୍ରଦ୍ଧା, ଭଲପାଇବା ଓ କରୁଣାର ହାତ ବଢ଼ାଇବା ଦ୍ୱାରା ଜଣେ ଜୀବନ ରଥର ଶ୍ରେଷ୍ଠ ସାରଥୀ ଭାବେ ନିଜ ଜୀବନକୁ ଦିବ୍ୟପଥରେ ଅଗ୍ରଗାମୀ କରିପାରିବ । ଅପରର ମଙ୍ଗଳ କାମନା ହିଁ ନିଜ ମଙ୍ଗଳର ପ୍ରସୂତୀ । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପତିତପାବନ ଯାତ୍ରାରେ ଏହି ଚିନ୍ତନ ସମସ୍ତଙ୍କୁ ମାର୍ଗ ଦେଖାଉ ।

ଜୀବନରେ ପ୍ରତ୍ୟେକ ମୁହୂର୍ତ୍ତ ହେଉଛି ଭଗବାନଙ୍କର ଅମୂଲ୍ୟ ଦାନ । ତେଣୁ ଏହାର ସଦ୍‌ବ୍ୟବହାର କରାଯିବା ଆବଶ୍ୟକ । ପୁରୁଷୋତ୍ତମ ଭଗବାନ କଳକୀ ବିଗ୍ରହ ଯୁଗାବତାର ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ର ଦୃଢ଼କଣ୍ଠରେ ଉଦ୍‌ଘୋଷଣା କଲେ - ଅର୍ଥ, ମାନ, ଯଶ ଇତ୍ୟାଦି ପାଇବା ଆଶାରେ ମୋତେ ଠାକୁର ସଜାଇ ଭକ୍ତ ହୁଅନାହିଁ, ସାବଧାନ ହୁଅ ଠକିଯିବ ତୁମର ଠାକୁରତ୍ୱ ଜାଗ୍ରତ ନ ହେଲେ କେହି ତୁମର କେନ୍ଦ୍ର ବି ନୁହଁନ୍ତି, ଠାକୁର ବି ନୁହଁନ୍ତି, ଫାଙ୍କି ଦେଲେ ତାହା ହିଁ ପାଇବ ।

**ପ୍ରତିରତ୍ୱିକ ଓ ପ୍ରଫେସର ଓ ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ,**
**ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ମୋ- ୯୪୩୭୦୫୧୯୫୭**

# ଏକୋ ଅହମ୍ ବହୁସ୍ୱାମ

**ନଗେନ୍ଦ୍ର ନାଥ ପଟ୍ଟନାୟକ**

ଭାରତର ପ୍ରଖ୍ୟାତ ଔପନ୍ୟାସିକ ,କବି ତଥା କଥାକାର ମହାଦେବୀ ବର୍ମାଙ୍କ ମତରେ-'ଜୀବନ ପୁସ୍ତକର ଗୋଟିଏ ପୃଷ୍ଠା ବି ମୁଁ ଏଯାବତ୍ ସମାପ୍ତ କରି ପାରିଲିନି । ସେମିତି ମୋ ବିଚାର , ମାନବୀୟ ଚିନ୍ତନ ଓ ଅନୁଭୂତିର ଚିର ନବୀନ ଉଦ୍ଭାବନା ଦୃଷ୍ଟିରୁ କେବଳ ଆଜୀବନ ବିଦ୍ୟାର୍ଥୀ ହୋଇ ରହିଯାନ୍ତି ।'

ଶିକ୍ଷାକୁ କୌଣସି ଦେଶର ମାନଦଣ୍ଡ ରୂପେ ବିଚାର କରାଯାଇ ନ ପାରେ । ଏହା ଅତୀତର ଉପଲବ୍ଧି ତଥା ବର୍ତ୍ତମାନ ପରିସ୍ଥିତି ସବୁର ସନ୍ଧିସ୍ଥଳ ନୁହେଁ ଏଭଳି ଆଲୋକ ବି ଅଛି,ଯେଉଁଥିରେ ଭବିଷ୍ୟର ରୂପରେଖ ମାର୍ଜିତ ତଥା ସ୍ପଷ୍ଟରୁ ସ୍ପଷ୍ଟତର ହୋଇଚାଲେ । ଯେମିତି ଶରୀରରେ ହୃଦୟ ସର୍ବାଙ୍ଗକୁ ସ୍ୱଚ୍ଛ ତଥା ସୁସ୍ଥ ରକ୍ତ ପହଞ୍ଚାଇବାର କାର୍ଯ୍ୟ କରେ, ସେହିପରି ସମାଜ,ଶାସନ, ବିଜ୍ଞାନ କଳା, ସାହିତ୍ୟ ଆଦି ସମସ୍ତ କ୍ଷେତ୍ରରେ ଶିକ୍ଷା ନବୀନ ପ୍ରତିଭାଧରଙ୍କୁ ପ୍ରେରିତ କରିଥାଏ । ଶିକ୍ଷା ଦ୍ୱାରା ପହଞ୍ଚାଇ ଦିଆଯାଉଥିବା ନବୀନ ରକ୍ତ ସୁସ୍ଥ ଥିଲେ ସବୁକ୍ଷେତ୍ର କ୍ରିୟାଶୀଳ ରୁହନ୍ତି । ନବୀନ ରକ୍ତରେ ରୋଗ ବ୍ୟାଧିର କୀଟାଣୁ ପ୍ରବେଶିଲେ ରାଷ୍ଟ୍ର ଜୀବନର ସମସ୍ତ କ୍ଷେତ୍ର ମାରାତ୍ମକ ଭାବେ ଆକ୍ରାନ୍ତ ହୋଇ ଉଠନ୍ତି ।

ଶିକ୍ଷାର ଲକ୍ଷ୍ୟ ବ୍ୟକ୍ତି ଓ ସମୂହ ଉଭୟଙ୍କୁ ସାମଞ୍ଜସ୍ୟ ସୂତ୍ରରେ ବାନ୍ଧିରଖି ସଂପୂର୍ଣ୍ଣତା ପ୍ରଦାନ କରିବା । ସୁତରାଂ, ଶିକ୍ଷା ହୃଦୟ ଓ ବୁଦ୍ଧିର ସ୍ୱଚ୍ଛତା ଓ ସମନ୍ୟୟ ଦ୍ୱାରା ମନୁଷ୍ୟକୁ ଲକ୍ଷ୍ୟସ୍ଥଳରେ ପହଞ୍ଚାଇବାର କ୍ଷମତା ପ୍ରଦାନ କରିଥାଏ ।

ବେଦ ବିଦ୍ ଶବ୍ଦରୁ ନିଷ୍ପନ୍ନ । ବିଦ୍ ଅର୍ଥ ଜାଣିବା । ଏହି ସଂଜ୍ଞା ଅନେକ ସମୟ ଧରି ବହୁ ବିତର୍କର ଝଡ ତୋଫାନ ଦେଇ ପାରି ହୋଇ ଆସିଅଛି । ମନୁଷ୍ୟ ଦ୍ୱାରା ବହୁ ସଦୁପଯୋଗ ଓ ଦୁରୁପଯୋଗର ଅଲିଭା ଚିହ୍ନରେ ଚିତ୍ରାୟିତ ହୋଇଛି । କିନ୍ତୁ ତତ୍ତ୍ୱତଃ ଏ ଜୀବନର ଏଭଳି ମୂଲ୍ୟାତ୍ମକ ପ୍ରତୀକ ହୋଇ ରହିଛି, ଯାହା ମାନବ ସଂସ୍କୃତିର ଯୁଗାନ୍ତର ବ୍ୟାପୀ ଦୀର୍ଘଯାତ୍ରାରେ ମଧ ଧୂମିଳ ନ ହୋଇ ନିଜର ଦୀପ୍ତି ଦ୍ୱାରା ପଥକୁ ଆଲୋକିତ କରିଚାଲିଛି ।

ବିଶେଷକରି ଆମେ ପାଶବ ଶକ୍ତିର ବଶବର୍ତ୍ତୀ ହୋଇ ନିଜସ୍ୱ ଇପ୍‌ସିତ ଆଚରଣ ଶିକ୍ଷା କରିପାରିଛେ କିନ୍ତୁ ସେହି କ୍ରୀୟାକୁ ଅସଂଖ୍ୟଥର ଦୋହରାଇଲେ ମଧ ପଶୁ ତା' ଭିତରେ ନା ସୁଖ ଅନୁଭବ କରିବାରେ କ୍ଷମ ହୁଏ ନା ସ୍ୱାଧୀନ ହେବା ପରେ ସେମିତି ଆଚରଣ କରିଥାଏ । ସର୍କସ ଦଳରେ ଅନେକ ପ୍ରକାରର ହିଂସ୍ର ଓ ଅହିଂସ୍ର ଜନ୍ତୁଙ୍କୁ ତାଲିମ ଦିଆ ଯାଇଥିବା ଆଚରଣ ଅନୁସାରେ କାର୍ଯ୍ୟ କରନ୍ତି କିନ୍ତୁ ଏଥିରେ ସେମାନଙ୍କର ପ୍ରକୃତିରେ କୌଣସି ଫରକ୍ ଆସେନି ।

ମାନବର ବିକାଶ ଗାଥା ଯାଠୁ ଭିନ୍ନ ତଥା ନିଆରା । ସେଥିରେ ତତ୍ତ୍ୱଭିତ୍ତିକ ନୈତିକ ପ୍ରକୃତିର ଜାଗରଣ ସଙ୍ଗେ ଏକ ଅସୀମ ଅପାର ଆନନ୍ଦ ଉଦ୍‌ବେଳିତ ହୋଇଉଠେ , ଯାହାକୁ ଆମେ ଆସ୍ଥା, ସୌନ୍ଦର୍ଯ୍ୟବୋଧ ଓ ସମୂହଗତ ଭାବେ ନିଜକୁ ଛାଏଁ ବିସର୍ଜିତ କରିବାର ଇଚ୍ଛା କହିପାରୁ । ସମୂହଙ୍କ ସଙ୍ଗେ ଅନୁଭବ କରିବା, ବିଚାର ତଥା ମତ ବିନିମୟ କରିବା ଆଉ ସେଥିରୁ ଏକାତ୍ମ ହେବାର କେବଳ ଇଚ୍ଛା ହିଁ ମାନବଜାତିର ଧର୍ମ, ଦର୍ଶନ, ସାହିତ୍ୟ କଳା ଆଦିର ଜନନୀ ହୋଇ ରହେ ।

ଏକୋ ଅହମ୍ ବହୁସ୍ୱାମ ଅର୍ଥାତ୍ ମୁଁ ଏକା, ଅନେକ ବି ହୋଇଯିବି । ଏଇ ଇଚ୍ଛା ମନୁଷ୍ୟର ସୀମିତ ବ୍ୟକ୍ତିତ୍ୱର ସମୂହଗତ ଅସୀମତା । ଶିକ୍ଷାକୁ ତା' ସୀମିତ ଅର୍ଥରେ ଜୀବନର ପ୍ରସ୍ତୁତି ବୋଲି ସ୍ୱୀକାର କରାଯାଇ ପାରେ କିନ୍ତୁ ବ୍ୟାପକ ଅର୍ଥରେ ତାହା ଜୀବନର ପରମ ଉଦ୍ଦେଶ୍ୟ ହୋଇ ରହିବ । ମନୁଷ୍ୟ ତ କୌଣସି ଦେଶ ବିଦେଶର ନାଗରିକ,ଏହିହେତୁ ସେ ବହୁତ କର୍ତ୍ତବ୍ୟ ତଥା ଅଧିକାର ଘେରରେ ରହିଥାଏ । ବିସଙ୍ଗତି ସେତେବେଳେ ସୃଷ୍ଟିହୁଏ ଯେତେବେଳେ ଉଦ୍ଦେଶ୍ୟହୀନ ପ୍ରସ୍ତୁତିମାତ୍ରା ହୋଇ ରହିଯାଏ, କାରଣ ତାହା ପରିଣାମହୀନ କ୍ରିୟାଶୀଳତା ।

ପରିଶେଷରେ ଏତିକି ଉଲ୍ଲେଖ ସମୀଚୀନ ହେବ ଯେ, ଯେପରି ଅଶକ୍ତ ମୂଳଦୁଆ କମ୍ପନରେ ସମଗ୍ର ଅଟ୍ଟାଳିକା ଦୋହଲିଯାଏ ।

ଠିକ୍ ସେପରି ଅନିର୍ଦ୍ଦିଷ୍ଟ ଲକ୍ଷ୍ୟ ବା ଉଦ୍ଦେଶ୍ୟ ଦ୍ୱାରା ଶିକ୍ଷାର ସମସ୍ତ ସୋପାନ ଟଳମଳ ହୋଇଯାଏ । ଲକ୍ଷ୍ୟହୀନ ଜୀବନ ଦିଶାହୀନ ଜାହାଜ ସଦୃଶ । ତେଣୁ ନିଜର ଗନ୍ତବ୍ୟସ୍ଥଳରେ ପହଞ୍ଚିବା ଲାଗି ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ସ୍ଥିରୀକୃତ ହେବା ବାଞ୍ଛନୀୟ ।

**ପ୍ରାକ୍ତନ ଅତିରିକ୍ତ ଶାସନ ସଚିବ, ଓଡ଼ିଶା ସରକାର**
**ଓସ୍କାର ସିଟି,ଲେନ୍ ନଂ-୯,ପ୍ଲଟ ନଂ ୪୫୬,ଲକ୍ଷ୍ମୀ ସାଗର କେନାଲ ରୋଡ**
**ଭୁବନେଶ୍ୱର,ମୋ ୯୪୩୮୩୩୨୧୩୮**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ବଡଦାଣ୍ଡରେ...

ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନନ୍ଦିଘୋଷ ରଥ ସିଂହ ଦ୍ୱାର ଠାରୁ ଗଡି ମାତ୍ର ଅଳ୍ପ ଦୂରରେ ଅଟକି ରହିଛି । ତିନି ରଥ ଛେରା ପହଁରା ପରେ ଅପରାହ୍ନ ୪ ଟା ୧୦ ମିନିଟରେ ପ୍ରଥମେ ବଡ ଠାକୁର ବଳଭଦ୍ରଙ୍କ ତାଳଧ୍ୱଜ ରଥ ଟଣା ଆରମ୍ଭ ହୋଇ ଥିଲା । ତେବେ ସାମାନ୍ୟ କେଇ ହାତ ରଥ ଗଡି ଅଟକି ଯାଇ ଥିଲା । ଯେତେ ଚେଷ୍ଟା କରି ଥିଲେ ମଧ୍ୟ ରଥ ଚକ ଆଗକୁ ଗଡି ନ ଥିଲା । ଫଳରେ ମା ଦେବୀ ସୁଭଦ୍ରାଙ୍କ ରଥ ଓ ମହାପ୍ରଭୁ ଜଗନ୍ନାଥ ନନ୍ଦିଘୋଷ ରଥ ଟଣା ହୋଇ ପାରି ନ ଥିଲା । ଯାହା ଫଳରେ ବିଳମ୍ବ ହୋଇ ଥିଲା ।

ତେବେ ରାତ୍ର ୮ ଟା ସୁଦ୍ଧା କୌଣସି ଗୋଟିଏ ରଥ ଗୁଣ୍ଡିଚା ମନ୍ଦିର ନିକଟରେ ଲାଗି ପାରି ନାହିଁ । ସେହିପରି ମହାପ୍ରଭୁ ଜଗନ୍ନାଥ ନନ୍ଦିଘୋଷ ରଥ ବାଗେଡିଆ ଧର୍ମଶାଳା ନିକଟରେ ଅଟକି ରହିଛି । ସୂର୍ଯ୍ୟାସ୍ତ ପରେ ରଥ ଟଣା ନ ହେବାର ପରମ୍ପରା ଓ ନିୟମ ରହି ଥିଲେ ମଧ୍ୟ ଜିଲ୍ଲା ପ୍ରଶାସନ ପରମ୍ପରା ଭଙ୍ଗ କରି ରାତ୍ରରେ ଲାଇଟ୍ ଲଗାଇ ରଥ ଟଣା କାର୍ଯ୍ୟ କରି ଥିଲା । ଯାହା ରଥ ଯାତ୍ରା ପରମ୍ପରା ବିରୋଧ ଅଟେ । ଅନ୍ୟ ପକ୍ଷରେ ଆଜିର ରଥ ଯାତ୍ରାରେ ବିଳମ୍ବକୁ ନେଇ ପ୍ରଶାସନର ଅପାରଗତା ବୋଲି ଅଭିଯୋଗ ହୋଇଛି । ରଥ ଯାତ୍ରା ଦେଖିବା ପାଇଁ ପୁରୀରେ ଆଜି ପ୍ରାୟ ଦଶ ଲକ୍ଷରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଛି । ସିଂହଦ୍ୱାର ଠାରୁ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ବଡ଼ ଦାଣ୍ଡ ରାସ୍ତା ଏକ ଜନ ସମୁଦ୍ରରେ ପରିଣତ ହୋଇ ଥିବା ଦେଖିବାକୁ ମିଳିଛି । ଚୂଡାନ୍ତ ହୋଇ ଥିବା ନୀତି ନିର୍ଘଣ୍ଟ ଠାରୁ ବିଗ୍ରହମାନଙ୍କର ପହଣ୍ଡି ଓ ନୀତି କାନ୍ତି ଆଜି ପ୍ରାୟ ୪୫ ମିନିଟ ବିଳମ୍ବ ହୋଇ ଥିବା ଜଣା ପଡ଼ିଛି । ବିଗ୍ରହମାନଙ୍କର ପହଣ୍ଡି ବିଜେ ପାଇଁ ସକାଳ ୯ ଟା ୩୦ ମିନିଟ ଚୂଡ଼ାନ୍ତ ହୋଇ ଥିବା ବେଳେ ପ୍ରାୟ ୪୫ ମିନିଟ ବିଳମ୍ବ ୧୦ ଟା ୨୦ ମିନିଟରେ ଆରମ୍ଭ ହୋଇ ଥିଲା । ତେବେ ମଧ୍ୟାହ୍ନ ୧୨ ଟା ୩୦ ମିନିଟ ସୁଦ୍ଧା ତିନି ଠାକୁରଙ୍କର ପହଣ୍ଡି ଶେଷ ହୋଇ ବିଗ୍ରହମାନେ ରଥାରୂଢ଼ ହୋଇଥିଲେ । ପରେ ଅପରାହ୍ନ ୨ ଟା ୪୫ ମିନିଟରେ ଛେରା ପହଁରା ନୀତି ଅନୁଷ୍ଠିତ ହୋଇ ୩ ଟା ୪୫ ମିନିଟ ସୁଦ୍ଧା ଶେଷ ହୋଇ ଥିଲା । ଗଜପତି ମହାରାଜ ଦିବ୍ୟ ସିଂହ ଦେବ ହାତରେ ସୁନା ଖଡ଼ିକା ସୁଗନ୍ଧିତ ଜଳ ଚିଞ୍ଚନ କରି ତିନି ରଥ ଛେରା ପହଁରା କରି ଥିଲେ । ପ୍ରଥମେ ଗଜପତି ମହାରାଜ ବଡ ଠାକୁର ବଳଭଦ୍ରଙ୍କ ତାଳଧ୍ୱଜ ରଥ ଛେରା ପହଁରା କରି ଥିଲେ । ପରେ ଜଗନ୍ନାଥଙ୍କ ନନ୍ଦିଘୋଷ ରଥ ଓ ଶେଷରେ ଦେବୀ ସୁଭଦ୍ରାଙ୍କ ଦର୍ପ ଦଳନ ରଥକୁ ଛେରା ପହଁରା କରି ଥିଲେ । ପରେ ରଥ ଟଣା ଆରମ୍ଭ ହୋଇ ଥିଲା । ତେବେ ଆଜିର ରଥ ଯାତ୍ରା ଦେଖିବା ପାଇଁ ଓଡ଼ିଶାର ମହାମହିମ ରାଜ୍ୟପାଳ ଓ ଧର୍ମ ପତ୍ନୀ, ଓଡ଼ିଶା ହାଇକୋର୍ଟଙ୍କ ମୁଖ୍ୟ ବିଚାରପତି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଧର୍ମ ପତ୍ନୀ, ରାଜ୍ୟ ଉପମୁଖ୍ୟ ମନ୍ତ୍ରୀ କେ. ଭି. ସିଂ ଦେଓ, ଉପମୁଖ୍ୟ ମନ୍ତ୍ରୀ ପ୍ରଭାତୀ ପରିଡ଼ା, ରାଜ୍ୟ ଆଇନ ମନ୍ତ୍ରୀ ପୃଥିବୀ ରାଜ ହରିଚନ୍ଦନଙ୍କ ସମେତ ରାଜ୍ୟର ବହୁ ମନ୍ତ୍ରୀ ଓ ବିଧାୟକ ତଥା ରାଜନେତା ମାନେ ଉପସ୍ଥିତ ଥିଲେ ।

## ୩୦ରେ...

ପଞ୍ଜୀକୃତ ପ୍ରାପ୍ତି ସ୍ୱୀକାର ପତ୍ର ଏବଂ ବ୍ୟକ୍ତିଗତ ପରିଚୟ ପତ୍ର ତଥାଚ ନିଜର ଅଭିଯୋଗ ପତ୍ର ସହ ଦର୍ଶାଯାଇଥିବା ସ୍ଥାନରେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହି ନିଜର ଅଭିଯୋଗ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇପାରିବେ । ଉପରୋକ୍ତ ସ୍ଥାନକୁ ଆସିବା ପାଇଁ ମୋବାଇଲ ଫୋନ୍ ଦ୍ୱାରା ଉଦ୍ଦିଷ୍ଟ କ୍ୟୁଆର କୋଡକୁ ସ୍କାନ କରି ଗୁଗଲ ମ୍ୟାପ ସାହାଯ୍ୟରେ ଜନଶୁଣାଣି ସ୍ଥଳରେ ପହଞ୍ଚିବାର ସୁବିଧା ମଧ୍ୟ ବିଭିନ୍ନ ସଂବାଦପତ୍ରରେ ପ୍ରକାଶନ ବ୍ୟବସ୍ଥା କରାଯାଇଛି । ଏ ସଂପର୍କରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ତରଫରୁ ସୂଚନା ପ୍ରଦାନ କରାଯାଇଛି ।

## ଆତଙ୍କବାଦ...

ଆଶ୍ରୟ ଦେଉଛନ୍ତି । ଏଭଳି ଦୋମୁହାଁ ନୀତି ଚଳିବ ନାହିଁ । ଏସ୍‌ସିଓ ଏହି ଦେଶଗୁଡ଼ିକୁ ସମାଲୋଚନା କରୁ । ଏହାଛଡା ସେ ମଧ୍ୟ ଅପରେସନ୍ ସିନ୍ଦୂର ସମ୍ପର୍କରେ ଉଲ୍ଲେଖ କରିଥିଲେ ।

## ପାଦ...

କରିବା ସହ ହକି ଷ୍ଟିକରେ ପିଟିଥିଲେ । ଛାଡିଦେବା ପାଇଁ ଗୋଡ ଧରି ଅନୁରୋଧ କରିଥିଲି । ମୁଁ ଆଉ ଜଣକୁ ଭଲ ପାଉଛି ବୋଲି କହିଥିଲି । ସେମାନେ ପୁଣି ମୋତେ ଏକ କୋଠରୀକୁ ନେଇଯାଇଥିଲେ ଓ ବଳପୂର୍ବକ ଧର୍ଷଣ କରିଥିଲେ । ମୋର ନିଃଶ୍ୱାସ ଫୁଲିବାକୁ ଲାଗିଥିଲା । ମୋତେ ହସ୍ପିଟାଲ ନେବାପାଇଁ କହିଥିଲି, ମାତ୍ର ସାହାଯ୍ୟ କଲେନାହିଁ । ମୁଖ୍ୟ ଫାଟକରେ ତାଲା ପକାଇ ଦେଇଥିବାରୁ ସୁରକ୍ଷାକର୍ମୀ ମଧ୍ୟ ନିରୁପାୟ ହୋଇଥିଲେ । ଏହାଛଡା ତା'ଉପରେ ହୋଇଥବା ନିର୍ଯାତନାର ଭିଡିଓ କରି ବ୍ଲକ୍‌ମେଲ କରିବାର ଧମକ ଦେଇଥିଲେ । ନ୍ୟାୟ ଚାହୁଁଛି ବୋଲି ସେ କହିଛନ୍ତି । ପରେ ଅନ୍ୟତମ ଅଭିଯୁକ୍ତ ପ୍ରମିତ୍ ମୁଖାର୍ଜୀ ବାହାରକୁ ଡାକି ମନୋଜିତକୁ ସମର୍ଥନ କରିବାକୁ କହିଥିଲେ ।

# ରଣପୁର ଶ୍ରୀଗୁଣ୍ଡିଚା ରଥଯାତ୍ରାରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ



ରଣପୁର,(ସବ୍ୟୁ): ଶୁକ୍ରବାର ଦ୍ୱିତୀୟ ଶ୍ରୀକ୍ଷେତ୍ର ରଣପୁର ଶ୍ରୀ ଗୁଣ୍ଡିଚା ରଥ ଯାତ୍ରା ମହାସମାରୋହ ପାଳିତ ହୋଇଯାଇଛ । ପାଗ ଅନୁକୂଳ ଥିବାରୁ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିବା ବେଳେ ନୀତିର୍ନିଘଣ୍ଟର ଦୁଇଘଣ୍ଟା ବିଳମ୍ବରେ ରଥ ଟଣା ହୋଇଥିବା ନେଇ ଭକ୍ତ ଙ୍କ ମହଲରେ ଅସନ୍ତୋଷ ଦେଖାଦେଇଛି । ଅପରାହ୍ନ ସାଢ଼େ ୪ଟାରେ ରଥଟଣା ହେବା ନେଇ ଦେବୋତ୍ତର ବିଭାଗ ତରଫରୁ ସମସ୍ତ ନୀତି ନିର୍ଘଣ୍ଟ କରାଯାଇ ସମୟ ଧାର୍ଯ୍ୟ କରାଯାଇଥିବା ବେଳେ ସନ୍ଧ୍ୟା ଛଅ ଟା ରଥଟଣା ଯାଇ କେବଳ ମହାପ୍ରଭୁ ବଳଭଦ୍ର ଙ୍କ ତାଳଧଜ ଗୁଣ୍ଡିଚା ବାଡ଼ିରେ ଲାଗିଛି । ତେବେ ଶନିବାର ଅପରାହ୍ନ ଗୋଟାଏର ରଥ ଟଣାଯିବା ନେଇ ରଣପୁର ଦେବୋତ୍ତର ବିଭାଗ ତରଫରୁ ସୂଚନା ମିଳିଛ । ର୍ ନୀତି ନିର୍ଘଣ୍ଟ ର ଏକ ଘଣ୍ଟା ରୁ ଉର୍ଦ୍ଧ ସମୟ ବିଳମ୍ବ ରେ ପହଣ୍ଡି ଆରମ୍ଭ କରାଯାଇ ଧାଡି ପହଣ୍ଡି ରେ ଚର୍ତୁର୍ଦ୍ଧାମୂର୍ତ୍ତି ଙ୍କୁ ରଥାରୁଢ଼ କରାଯାଇଥିଲା । ଅପରାହ୍ନ ସାଢ଼େ ୫ଟାରଣପୁର ରାଜା ଦିଲ୍ଲୀପ ଚନ୍ଦ୍ର ସିଂଦେଓ ତାମଜାନ ବିମାନ ରେ ଆସି ଛେରା ପହଁରା କରିଥିଲେ । ବଳଭଦ୍ରଙ୍କ ରଥରେ ରାଜା ଛେରା ପହଁରା କାର୍ଯ୍ୟ ସରିବା ପରେ ସେବାୟିମାନଙ୍କୁ ମାନଙ୍କୁ ରଥଉପରେ ବାଚସ୍ପତି ଙ୍କ ଦ୍ୱାରା ସମ୍ମାନିତ କରାଯାଇ ଚରମାଳ ଖୋଲା ଯାଇ ଘୋଡାଯୋଚା ଯାଇ ସନ୍ଧ୍ୟା ୬ଟାରେ ରଥଟଣା ହୋଇ ମହାପ୍ରଭୁ ବଳଭଦ୍ର ଙ୍କ ତଳଧଜ ରଥ ଗୁଣ୍ଡିଚା ବାଡ଼ିରେ ଲାଗିଥିଲା । ସନ୍ଧ୍ୟାସମୟରେ ଶ୍ରୁତିସୁଧା କଳାବିଦ୍ୟାନିକେତନ ତରଫରୁ ସିଂହଦ୍ୱାର ନିକଟରେ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା ।ରଣପୁର ଅଞ୍ଚଳ ର ଓଡିଶା ରେ ପ୍ରସିଦ୍ଧ ଲାଭ କରିଥିବା ସଙ୍ଗୀତକାର ସଙ୍ଗୀତ ନିର୍ଦ୍ଦେଶକ ତଥା ମଞ୍ଚ ପରିଚାଳକ ସତ୍ୟନାରାୟଣ ମହାପାତ୍ର ଓ ସାଥି ମାନଙ୍କ ଭଜନ ଶୁଣିବାକୁ ଶ୍ରୋତା ଙ୍କ ଭିଡ଼ ଦେଖିବାକୁ ମିଳିଥିଲା ।



ଗାନ୍ଧୀ ମନିଷ
ଦୋଲଗୋବିନ୍ଦଙ୍କ
୯୯ ତମ ଜୟନ୍ତୀର କାର୍ଯ୍ୟକ୍ରମ
ତାରିଖ- ୨୮.୦୬.୨୦୨୫, ଶନିବାର
କାର୍ଯ୍ୟକ୍ରମ
ପୂର୍ବାହ୍ନ ୮ଘ. ୩୦ ମିନିଟ୍: ପାତ୍ରପଡା ସ୍ଥିତ ସ୍ମୃତି ବନଠାରେ ବୃକ୍ଷ ପୂଜା
ପୂର୍ବାହ୍ନ ୧୧ ଘଣ୍ଟା: ଦୟାନନ୍ଦ ଆଦର୍ଶ ଗୁରୁକୁଳ, ଖୋର୍ଦ୍ଧାଠାରେ ଯଜ୍ଞ ଓ ପ୍ରସାଦ ବଣ୍ଟନ
ସନ୍ଧ୍ୟା ୬ଘଣ୍ଟା : ବୃଦ୍ଧ ମନ୍ଦିରଠାରେ ଜୟନ୍ତୀ ଉତ୍ସବ
ଆପଣମାନଙ୍କ ଉପସ୍ଥିତି କାମନା କରୁଛୁ ।
- ନିବେଦକ -
ଡ଼ଃ. ପ୍ରଫେସର ବୃନ୍ଦାବନ ମିଶ୍ର, ମ୍ୟାନେଜିଂ ଟ୍ରଷ୍ଟି
ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର, ଅଧ୍ୟକ୍ଷ
ମହାତ୍ମା ଗାନ୍ଧୀ ଅହିଂସା ଐତିହ୍ୟ ଟ୍ରଷ୍ଟ, ଭୁବନେଶ୍ୱର
- ପରିବାର ପକ୍ଷରୁ -
ଅମ୍ବିକା, ପୁଷ୍ପରାଜ, ପୁଷ୍ପାଞ୍ଜଳୀ, ପୃଥ୍ୱୀରାଜ, ସ୍ନିଗ୍ଧା, ପ୍ରଜ୍ଞରାଜ, ସବିତା, ସତ୍ୟଭାମା, ସର୍ବେଶ୍ୱର, ହୈମବତୀ, ଅରିନ୍ଦମ୍, ନିବେଦିତା, ବିଜୟ, ସବିତା, ସଂଜୟ, ଟୁକୁନି


## ଶାନ୍ତି ଶୃଙ୍ଖଳାର ସହିତ ଶେଷ ହେଲା ଆଠଗଡ଼ ଘୋଷଯାତ୍ରା

ଆଠଗଡ ,(ସବ୍ୟୁ): ଆଠଗଡ଼ ଆରାଧ୍ୟ ଶ୍ରୀ ଶ୍ରୀ ଅଟ୍ଟାଳୀ ଜଗନ୍ନାଥଙ୍କ ରଥଯାତ୍ରା ଶାନ୍ତି ଶୃଙ୍ଖଳାର ସହିତ ଶେଷ ହୋଇଛି । ନିର୍ଦ୍ଧାରିତ ସମୟ ରେ ପହଣ୍ଡି ହୋଇ ଶ୍ରୀ ଶ୍ରୀ ଅଟ୍ଟାଳୀ ଜଗନ୍ନାଥଙ୍କ ବିଗ୍ରହ ରଥାରୁଢ଼ ହେବା ପରେ ମଠ ଦିଅଁ ଚତୁର୍ଦ୍ଧା ମୂର୍ତ୍ତି ଙ୍କ ପହଣ୍ଡିବିଜେ ହୋଇ ଥିଲା । ଶ୍ରୀ ଶ୍ରୀ ଅଟ୍ଟାଳୀ ଜଗନ୍ନାଥଙ୍କ ରଥକୁ ସର୍ବସାଧାରଣ ଟାଣି ଥିବା ବେଳେ ମଠ ଦିଅଁ ଚତୁର୍ଦ୍ଧା ମୂର୍ତ୍ତିଙ୍କ ସାନ ରଥକୁ କେବଳ ମହିଳାମାନେ ଟାଣିବାର ପରମ୍ପରା ରହିଛି । ରଥଦାଣ୍ଡରେ ବାଉତୀ ଠାକୁରାଣୀଙ୍କ ନିକଟରେ ପୋଡପିଠା ଲାଗି ଏବଂ ରଘୁନାଥ ମନ୍ଦିର ନିକଟରେ ଭେଟ ଆଳତୀ ପରେ ନିର୍ଦ୍ଧାରିତ ସମୟରେ ରଥ ଯାଇ ମାଉସୀ ମା ମନ୍ଦିର ଭାବରେ ପରିଚିତ ନାରାୟଣ ମନ୍ଦିର ନିକଟ ପୁରୁଣା ବସଷ୍ଟାଣ୍ଡ ଠାରେ ପହଞ୍ଚି ଥିଲା । ଆଇନଶୃଙ୍ଖଳା ବ୍ୟବସ୍ଥାକୁ ଆଖି ଆଗରେ ରଖି ପୋଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥାର ଆୟୋଜନ କରା ଯାଇଥିଲା । ଏକ ପ୍ଲାଟୁନ ପୋଲିସ ଫୋର୍ସ ସହିତ କଟକ ଗ୍ରାମାଞ୍ଚଳ ଅତିରିକ୍ତ ଏସ ପି ପ୍ରଦୀପ କୁମାର ସାହୁ ଆଠଗଡ଼ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ବିଶ୍ୱଜିତ ମହାନ୍ତି ଆଠଗଡ଼ ଥାନା ଅଧିକାରୀ ସୁମତି ମହାନ୍ତିଙ୍କ ସହିତ ଆଠଗଡ଼ ଉପଜିଲ୍ଲାପାଳ ତଥା ଦେବୋତ୍ତର ନିର୍ବାହୀ ଅଧିକାରୀ ପ୍ରହଲ୍ଲାଦ ନାରାୟଣ ଶର୍ମା ଉପସ୍ଥିତ ରହି ବ୍ୟବସ୍ଥାର ତଦାରଖ କରିଥିଲେ । ବିଜେପି ନେତା ଅଭୟ ବାରିକ, ରାମ ନାରାୟଣ ମହାନ୍ତି,ବିଜେଡି ଯୁବନେତା ଆଦିତ୍ୟ ପ୍ରତାପ ସାଇଁ ରଥ ଉପରେ ମହାପ୍ରଭୁ ଙ୍କ ଦର୍ଶନ କରି ଆଶିଷ ଭିକ୍ଷା କରିଥିଲେ ।

## ବିଦ୍ୟୁତ ତାର ସଂସ୍ପର୍ଶରେ ବୃଦ୍ଧାଙ୍କ ମୃତ୍ୟୁ

ଅସ୍ତରଙ୍ଗ,(ସବ୍ୟୁ): ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଧୀନ ମାଣ୍ଡୁକି ପଞ୍ଚାୟତର ମାଣ୍ଡୁକି ଲାବଣ୍ୟ କାଣ୍ଡି ବୋଲି ଜଣେ ବୃଦ୍ଧାଙ୍କର ବିଦ୍ୟୁତ ତାରସଂସ୍ପର୍ଶରେ ମୃତ୍ୟୁ ହୋଇଯାଇଛି । ଗୁରୁବାର ବିଳମ୍ବିତ ରାତି ୩ଟାରେ ବାହାରକୁ ପାଶ ଯିବା ପାଇଁ ବାହାରକୁ ଗଲାବେଳେ ଅଗଣାରେ ଛିଣ୍ଡି ପଡ଼ିଥିବା ବିଦ୍ୟୁତ ତାର ବୃଦ୍ଧା ଲାବ୍ୟଣଙ୍କ ଦେହରେ ଲାଗିଯାଇଥିଲା । ଛିଣ୍ଡି ପଡ଼ିଥିବା ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଲାବର୍ଣ୍ଣ ଛଟପଟ ହେଉଥିବା ବେଳେ ପଛରେ ଥିବା ସ୍ୱାମୀ ପୁଅ ବୋହୁଙ୍କୁ ଡ଼ାକ ପକଇଥିଲେ । ସେମାନେ ଅସିଲାବେଳକୁ ବୃଦ୍ଧାଙ୍କର ମୃତ୍ୟୁ ହୋଇସାରିଥିଲା । ବିଦ୍ୟୁ ବିଭାଗ କୌଣସି ସୂତ୍ରରୁ ଖବର ପାଇ କରେଣ୍ଟ କାଟିବା ପରେ, ବୃଦ୍ଧା ମହିଳ ଙ୍କୁ ଅସ୍ତରଙ୍ଗ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ନିଆ ଯାଇ ଥିଲା । ହେଲେ ସେଠାରେ ଡ଼କଟର ମୃତ ଘୋଷଣା କରିବା ପରେ ଶବ ପଞ୍ଚନାମା ନିମନ୍ତେ ଚାରିଛକ ମେଡିକାଲକୁ ପଠାଯାଇଥିଲା । ଅସ୍ତରଙ୍ଗ ପୋଲିସ ଘଟଣା ସ୍ଥଳରେ ପହଂଚି ତଦନ୍ତ ଜାରି ରହିଛି । ଏହି ପରିବାର ଏକ ଗରିବଦଳିତ ପରିବାର ହୋଇ ଥିବାରୁ ତାଙ୍କୁ ବିଦ୍ୟୁତ ବିଭାଗ ତରଫରୁ ଅନୁକମ୍ପା ରାଶି ଯୋଗାଇ ଦେବା ପାଇଁ ସାଧାରଣରେ ଦାବି ହେଉଛି ।


### ଦ.ପୂ. ରେଳପଥ-ଟେଣ୍ଡର

ଟେଣ୍ଡର ନୋଟିସ ନଂ. : ଇ-ଟେଣ୍ଡର/୨୦୨୫/୧୯, ତାରିଖ : ୨୫.୦୬.୨୫ । ଭାରତର ରାଷ୍ଟ୍ରପତିଙ୍କ ତରଫରୁ ଡିଭିଜନାଲ ରେଲୱେ ମ୍ୟାନେଜର (ଇଏନଜି.), ଦକ୍ଷିଣ ପୂର୍ବ ରେଳପଥ, ଖଡଗପୁର-୭୨୧୩୦୧ ନିମ୍ନୋକ୍ତ କାର୍ଯ୍ୟ ପାଇଁ ପ୍ରତିଟି ଆଇଟମ ପାଇଁ ସୂଚିତ ତାରିଖର ୧୫.୦୦ ଘଟିକା ପୂର୍ବରୁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି ଏବଂ ୧୫.୩୦ ଘଟିକାରେ ଖୋଲାଯିବ । କ୍ର.ନଂ.-୧. ଟେଣ୍ଡର ନଂ. : ଇ-କେଜିପି-ସାଉଥ-୩୩-୨୦୨୫. କାର୍ଯ୍ୟର ବିବରଣୀ : ଏଡିଇଏନ/ବାଲେଶ୍ୱର/ଦକ୍ଷିଣ ପୂର୍ବ ରେଳପଥର କ୍ଷମତା ଅଧୀନରେ ସୁରକ୍ଷା ତାରବାଡ କାର୍ଯ୍ୟ ସକାଶେ ୧୩୦ କେଏମପିଏଚ୍ ବେଗ ଓ ତା ଠାରୁ ଅଧିକ ବେଗ ସହିତ ଖଡଗପୁର-ଭଦ୍ରକ ଷ୍ଟେସନ ରୁଟ୍‌ରେ ହାଇଟ୍ ଗଜ ଏବଂ ହେଲ୍ପ ବ୍ୟବସ୍ଥା ସହିତ ପୁସିଂ ଟେକ୍‌ନିକ୍ ଥିବା ୧୦ଟି ଆରସିସି ବକ୍ସ (୨.୫ ମିଟର x ୨.୫ ମିଟର) ନିର୍ମାଣ । ଟେଣ୍ଡର ମୂଲ୍ୟ : ଟ. ୧୨,୪୩,୯୭,୬୬୦.୮୩ । ଅମାନତ ଅର୍ଥ : ଟ. ୧୦,୭୨,୦୦୦/- । କାର୍ଯ୍ୟ ସମାପ୍ତି ସମୟ : ୧୮ ମାସ । କ୍ର.ନଂ.-୨. ଟେଣ୍ଡର ନଂ. : ଇ-କେଜିପି-ସାଉଥ-୩୪-୨୦୨୫. କାର୍ଯ୍ୟର ବିବରଣୀ : (କ) ଏଡିଇଏନ୍ (ସାଉଥ) / ଖଡଗପୁରଙ୍କ ଅଧୀନରେ ନିରାପତ୍ତା ମୂଳକ ତାରବାଡ କାର୍ଯ୍ୟ ସକାଶେ ୧୩୦ କେଏମପିଏଚ୍ ଓ ତା ଠାରୁ ଅଧିକ ବେଗଥିବା ଖଡଗପୁର-ଭଦ୍ରକ ସେକ୍ସନ ରୁଟ୍‌ରେ ହାଇଟଗଜ୍ ଓ ହେଲ୍ପ ବ୍ୟବସ୍ଥା ସହିତ ପୁସିଂ ଟେକ୍‌ନିକ୍ ଥିବା ୨୨ଟି ଆରସିସି ବକ୍ସ (୨.୫ ମିଟର x ୨.୫ ମିଟର) ନିର୍ମାଣ । (ଖ) ଏଡିଇଏନ୍ (ସାଉଥ) / ଖଡଗପୁରଙ୍କ ଅଧୀନରେ ଖଡଗପୁର ଡିଭିଜନର ଖଡଗପୁର-ରୂପସା ସେକ୍ସନରେ ଏବେ ଥିବା ପାଇପ୍ ବ୍ରିଜ (୧୦ଟି) କୁ ପୁସିଂ ଟେକ୍‌ନିକ୍ ଦ୍ୱାରା ପରିବର୍ତ୍ତନ । ଟେଣ୍ଡର ମୂଲ୍ୟ : ଟ. ୪୩,୧୯,୬୫,୫୩୭.୬୭ । ଅମାନତ ଅର୍ଥ : ଟ. ୨୩,୦୯,୮୦୦/- । କାର୍ଯ୍ୟ ସମାପ୍ତି ସମୟ : ୨୪ ମାସ । କ୍ର.ନଂ.-୩. ଟେଣ୍ଡର ନଂ. : ଇ-କେଜିପି-ସାଉଥ-୩୫-୨୦୨୫. କାର୍ଯ୍ୟର ବିବରଣୀ : ସିନିୟର ଡିଇଏନ୍ (ସାଉଥ)/ଖଡଗପୁରଙ୍କ କ୍ଷମତା ଅଧୀନରେ ଥିବା ଖଡଗପୁର-ଭଦ୍ରକ ସେକ୍ସନରେ କ୍ଷୁଦ୍ର ତଥା ବୃହତ ସେତୁ (ଓଆରଏନ-୩ କ୍ୟାଟେଗୋରୀ) ର ସୁଦୃଢ଼ିକରଣ ଏବଂ ପୁର୍ନଉତ୍ଥାନ । ଟେଣ୍ଡର ମୂଲ୍ୟ : ଟ. ୧,୯୧,୦୪,୨୦୯.୬୬ । ଅମାନତ ଅର୍ଥ : ଟ. ୨,୪୫,୫୦୦/- । କାର୍ଯ୍ୟ ସମାପ୍ତି ସମୟ : ୧୨ ମାସ । କ୍ର.ନଂ.-୪. ଟେଣ୍ଡର ନଂ. : ଇ-କେଜିପି-ସାଉଥ-୩୬-୨୦୨୫. କାର୍ଯ୍ୟର ବିବରଣୀ : ଏଡିଇଏନ/ବାଲେଶ୍ୱର (ପ୍ରଥମ ପର୍ଯ୍ୟାୟ) ( ୨ୟ କଲ) ଙ୍କ କ୍ଷମତା ଅଧୀନରେ ଥିବା ବାଲେଶ୍ୱର ଜିଲ୍ଲାର ରୂପସା-ବାଙ୍ଗିରିପୋଷି ସେକ୍ସନସ୍ଥିତ ଖଡଗପୁର ଡିଭିଜନରେ ରେଳବାଇ ଜମି ମ୍ୟୁଟେସନ, ମାଲିକାନା ସ୍ୱତ୍ୱ ସମ୍ପର୍କିତ ବିବରଣୀର ପରିବର୍ତ୍ତନ, ରେଳବାଇ ଜମିର ମ୍ୟୁଟେସନ ସର୍ଭେ ଏବଂ ରେଳବାଇ ଜମିର ପାଟେରି ମ୍ୟାପ୍ ଯୋଗାଣ । ଟେଣ୍ଡର ମୂଲ୍ୟ : ଟ. ୪୬,୭୫,୦୦୦/- । ଅମାନତ ଅର୍ଥ : ୯୩,୫୦୦/- । କାର୍ଯ୍ୟ ସମାପ୍ତି ସମୟ : ୧୮ ମାସ । କ୍ର.ନଂ.-୫. ଟେଣ୍ଡର ନଂ. : ଇ-କେଜିପି-ଷ୍ଟ୍ରେଷ୍ଟ-୨୬-୨୦୨୫. କାର୍ଯ୍ୟର ବିବରଣୀ : ଡିଇଏନ/ଷ୍ଟ୍ରେଷ୍ଟ/ ଖଡଗପୁର (୩ୟ କଲ) ଙ୍କ କ୍ଷମତା ଅଧୀନରେ ସେସ୍ ବ୍ୟବହାର କରୁଥିବା କଣ୍ଟ୍ରାକ୍ଟରଙ୍କ ସେଲଫ ପ୍ରପେଲଡ୍ ରେଲ ତଥା ରୋଡ/ମୋବାଇଲ ଏଫବିଟକୁ ପ୍ଲାଣ୍ଟସ୍, ଟୁଲସ୍, ଇକ୍ୟୁପମେଣ୍ଟ ଓ ବ୍ୟବହାର ଉପଯୋଗୀ ୬୦ କେଜି ୯୦ ୟୁଟିଏସ୍ ରେଲର ଫାସ୍‌ବଟ ଷ୍ଟ୍ରେଲିଂ । ଟେଣ୍ଡର ମୂଲ୍ୟ : ଟ. ୫୨,୨୬,୩୩୬.୮୧ । ଅମାନତ ଅର୍ଥ : ଟ. ୧,୦୪,୫୦୦/- । କାର୍ଯ୍ୟ ସମାପ୍ତି ସମୟ : ୧୨ ମାସ । କ୍ର.ନଂ.-୬. ଟେଣ୍ଡର ନଂ. : ଇ-କେଜିପି-ଷ୍ଟ୍ରେଷ୍ଟ-୨୭-୨୦୨୫. କାର୍ଯ୍ୟର ବିବରଣୀ : ଏଡିଇଏନ/ଝାଡଗ୍ରାମର କ୍ଷମତା ଅଧୀନରେ ଥିବା ଖଡଗପୁର - ଟାଟା ସେକ୍ସନରେ ୩ ବର୍ଷ ଲାଗି ଏଏମ୍‌ସି ସହିତ ବ୍ରିଜ ନଂ. ୧୧୪ ଅପ୍ ଉପରେ ଜଳସ୍ତର ମନିଟରିଂ ସିଷ୍ଟମ ବ୍ୟବସ୍ଥା । ଟେଣ୍ଡର ମୂଲ୍ୟ : ଟ. ୩,୨୪,୯୦୧.୦୫ । ଅମାନତ ଅର୍ଥ : ଟ. ୭,୫୦୦/- । କାର୍ଯ୍ୟ ସମାପ୍ତି ସମୟ : ୩୬ ମାସ । ଟେଣ୍ଡର ଡକ୍ୟୁମେଣ୍ଟ ମୂଲ୍ୟ : ୦ (କ୍ର.ନଂ. ୧ ରୁ ୬ ପର୍ଯ୍ୟନ୍ତ ପ୍ରତ୍ୟେକଟି ପାଇଁ) । ଖୋଲା ତାରିଖ : ୧୭.୦୭.୨୦୨୫ (କ୍ର. ନଂ. ୧ ରୁ ୪ ପ୍ରତ୍ୟେକଟି ପାଇଁ) ଏବଂ ୨୨.୦୭.୨୦୨୫ (କ୍ର.ନଂ ୫ ଓ ୬ ପାଇଁ) । ବିଡିଂ ଆରମ୍ଭ ତାରିଖ : ୦୩.୦୭.୨୦୨୫ ରୁ ୧୭.୦୭.୨୦୨୫ ଅପରାହ୍ନ ୧୫.୦୦ ଘଟିକା ପର୍ଯ୍ୟନ୍ତ ( କ୍ର.ନଂ. ୧ ରୁ ୪ ପ୍ରତ୍ୟେକଟି ପାଇଁ) ଏବଂ ୦୮.୦୭.୨୦୨୫ ରୁ ୨୨.୦୭.୨୦୨୫ ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ (କ୍ର.ନଂ. ୫ ଓ ୬ ପାଇଁ) । ଇଚ୍ଛୁକ ଟେଣ୍ଡରଦାତାମାନେ ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ / ବର୍ଣ୍ଣନା/ ସ୍ପେସିଫିକେସନ ପାଇଁ ୱେବସାଇଟ୍ www.ireps.gov.in ଦେଖିପାରିବେ ଏବଂ ସେମାନଙ୍କର ବିଡ୍ ଅନ୍‌ଲାଇନ ଦାଖଲ ହେବ । ଏହିସବୁ କାର୍ଯ୍ୟ ପାଇଁ କୌଣସି କ୍ଷେତ୍ରରେ ମାନୁଆଲ ଟେଣ୍ଡର ଗ୍ରହଣ ହେବ ନାହିଁ । ବି.ଦ୍ର. : ଆଶାୟୀ ବିଡରମାନେ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବାକୁ ନିୟମିତ ଭାବେ www.ireps.gov.in କୁ ଦେଖି ପାରିବେ । (PR-326)


# ଉତ୍ତମ ଚରିତ୍ର ସହ ଭବିଷ୍ୟତରେ ସୁନାଗରିକ ହୁଅ : ନାରାୟଣ ବେହେରା




ବାଲିଅନ୍ତା, (ସବ୍ୟୁ) : ଖୋରଧା ଜିଲ୍ଲା ବାଲିଅନ୍ତା ବ୍ଲକ ଅନ୍ତର୍ଗତ ସରକାରୀ ଉଚ୍ଚ ବିଦ୍ୟାଳୟ, ସତ୍ୟଭାମାପୁରର ୫୯ ତମ ବାର୍ଷିକ ଉତ୍ସବ ତଥା ପୁରସ୍କାର ପ୍ରଦାନ ସମାରୋହ ବିଦ୍ୟାଳୟ ପରିସରରେ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ସତ୍ୟଭାମାପୁର ସରପଞ୍ଚ ଶ୍ରୀମତୀ ରଶ୍ମିତା ଭୋଇ ଉଦ୍‌ଘାଟନ କରିଥିଲେ । ବିଦ୍ୟାଳୟ ପଞ୍ଚଶିକ୍ଷା ସେତୁ କମିଟିର ଅଧକ୍ଷ ସୁରେନ୍ଦ୍ର କୁମାର ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ସାଧାରଣ ସଭାରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ଶୁଭଶ୍ରୀ ସାମନ୍ତରାୟ ବାର୍ଷିକ ବିବରଣୀ ପାଠ କରିଥିଲେ । କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷକ ନାରାୟଣ ବେହେରା ମୁଖ୍ୟବକ୍ତା ଭାବେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଉତ୍ତମ ଚରିତ୍ର ଗଠନ ଓ ଭବିଷ୍ୟତରେ ସୁନାଗରିକ ହେବା ପାଇଁ ପରାମର୍ଶ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟ ପୁରାତନ ଛାତ୍ର ସଂସଦର ସଭାପତି ସାହେବ କୁମାର ସାହୁ, ସଂସଦର ବରିଷ୍ଠ ସଦସ୍ୟ ବୃନ୍ଦାବନ ବେହେରା, ସଂସଦର ସାଧାରଣ ସଂପାଦକ ଶ୍ରୀ ପଠାଣି ରାଉତ ପ୍ରମୁଖ ଯୋଗଦେଇ ପୂର୍ବରୁ ଅଧ୍ୟୟନ କରିଥିବା ଏହି ବିଦ୍ୟାଳୟରେ ପାଠପଢା ସମୟର ନିଜ ନିଜର ଅନୁଭୂତି ପ୍ରକାଶ କରିବା ସହ ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କର ସୃଜନଶୀଳତାର ବିକାଶ, ବୈଜ୍ଞାନିକ ତଥା ଗବେଷଣାତ୍ମକ ମନୋଭାବ ପୋଷଣ, କ୍ରୀଡା, ନୃତ୍ୟ, ସଂଗୀତ ଆଦି ବିଭିନ୍ନ କ୍ଷେତ୍ରରେ ରହୁଥିବା ରୁଚିକୁ ପାଥେୟ କରି ଦକ୍ଷତାର ବିକାଶ ପୂର୍ବକ ଭବିଷ୍ୟତ ଗଢ଼ିବାକୁ ଉପାଦେୟ ପରାମର୍ଶ ଦେଇଥିଲେ । ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର ୪ ଗୋଟି ବର୍ଗରେ ୧୬୭ ଜଣ କୃତି ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ସହ ଟ୍ରଫି ପ୍ରଦାନ କରାଯାଇଥିଲା । ବିଭିନ୍ନ ଶ୍ରେଣୀର ଛାତ୍ରଛାତ୍ରୀମାନେ ୧୪ ଟି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ସହ ନୃତ୍ୟ ଓ ସଂଗୀତ ମାଧ୍ୟମରେ ସେମାନଙ୍କର ପ୍ରତିଭା ପ୍ରଦର୍ଶନ କରିଥିଲେ । ପ୍ରାରମ୍ଭରେ ଅତିଥିମାନେ ବିଦ୍ୟାଳୟ ପରିସରରେ ଥିବା ବିଭିନ୍ନ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ପରେ ପରେ ଅତିଥିମାନେ ଆମ ସଂସ୍କୃତି ଆମ ଖେଳନା ଗଣିତ ଓ ବିଜ୍ଞାନ କ୍ଲବର ବିଭିନ୍ନ ମଡେଲ ଏବଂ ସ୍କ୍ରାପ ବୁକ ରୁ ସଂଗୃହିତ ଉପସ୍ଥାପିତ ଚିତ୍ର ପ୍ରଦର୍ଶନୀକୁ ଉଦ୍‌ଘାଟନ କରିବା ସହ ପରିଦର୍ଶନ କରିଥିଲେ ଓ ସରକାରଙ୍କ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ ସଂପର୍କିତ ଶିକ୍ଷାଭିତ୍ତିକ ପ୍ରଦର୍ଶନୀ ପ୍ରଦର୍ଶିତ ହୋଇଥିଲା । ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ଶ୍ରୀ ଶରତ କୁମାର ବସନ୍ତରାୟ ଧନ୍ୟବାଦ ଅର୍ପଣ କରିଥିଲେ । ଶିକ୍ଷୟିତ୍ରୀ ସିନ୍ଧେସଓ୍ୱିନୀ ମହାନ୍ତି ମଂଚ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ସ୍ଥାନୀୟ ଜନସାଧାରଣ, ଛାତ୍ରଛାତ୍ରୀ, ପୁରାତନ ଛାତ୍ରଛାତ୍ରୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଉତ୍ସାହିତ କରିଥିଲେ । ଆସନ୍ତା ବର୍ଷ ବିଦ୍ୟାଳୟର ହୀରକ ଜୟନ୍ତୀ ବର୍ଷ ପାଳନ କରାଯିବାକୁ ଥିବାରୁ ଏଥି ନିମନ୍ତେ ସମସ୍ତଙ୍କର ସହଯୋଗ କାମନା କରାଯାଇଛି ।


ODISHA CONSTRUCTION CORPORATION LTD.
(A Govt. of Odisha Undertaking)
Central Workshop, Rasulgarh, Bhubaneswar-751010 (Odisha)
Tel-0674-2580107, E-mail : gmocclcws@gmail.com
(GSTIN-21AAACO2571K2ZM)
CAD-917
"e" Procurement Notice No. 14/OCCL/2025-26 (on-line)
Type of work : Supply of casting items (Wire rope drum & rope clamp) for 130T Rope Drum Hoist for Spilway Radial gates of Kanupur Irrigation Porject (Phase-II)
Total No. of work : 01 (One)
Period of Supply : 90 (Ninety) days

| Procurement Officer | Bid Identification No. | EMD through on-line transfer system | Cost of Tender document (Including GST) through on-line transfer system | Availability of tender (On-line) | Submission of Bid (On-line) |
|---|---|---|---|---|---|
| General Manager (Mech), OCC Ltd., Central Workshop, Rasulgarh, Bhubaneswar | OCCL-MECH/CWS/ 03/2025-26 | Rs. 25,000/- | Rs. 7,080/- (Non-refundable) | 30.06.2025 10.00 AM to 14.07.2025 5.00 PM | 30.06.2025 10.00 AM to 14.07.2025 5.00 PM |

Date of opening of the Technical Bid : 15.07.2025 at 11.30 A.M.
Further details can be seen from the Govt. web-site (www.tendersodisha.gov.in)
Amendment/corrigendum/cancellation, if any shall be posted on-line only.
OIPR : 34176/11/0040/2526
Sd/- GENERAL MANAGER (MECH.)


# ପୁରୀରେ ବୈଦ୍ୟୁତିକ ଠିକାଦାରଙ୍କ ଅନ୍ନପ୍ରସାଦ ଶିବିର



ଭୁବନେଶ୍ୱର: ନିଖିଳ ଓଡିଶା ବୈଦ୍ୟୁତିକ ଠିକାଦାର ମହାସଂଘ ଦ୍ୱାରା ରଥଯାତ୍ରା ଉପଲକ୍ଷେ ପୁରୀ ଭି.ଆଇ.ରୋଡ଼ ରେ ଏକ ବିଶାଳ ଦେୟମୁକ୍ତ ଭୋଜନ ଶିବିରର ଆୟୋଜନ କରାଯାଇଛି । ସମଗ୍ର ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଚାରିଗୋଟି ଆଞ୍ଚଳିକ ସଂଘର ସଦସ୍ୟ ଠିକାଦାର ମାନେ ଏହି ମହତ କାର୍ଯ୍ୟକୁ ନିଜ ଆର୍ଥିକ ଏବଂ ଶ୍ରମ ସହଯୋଗ ବଳରେ ଦୁଇ ବର୍ଷ ଧରି ଆୟୋଜନ କରିଆସୁଛନ୍ତି । ଏହି ବର୍ଷ ଭୋଜନ ଶିବିର ୨୬ ତାରିଖ ମଧ୍ୟାହ୍ନରୁ ଆରମ୍ଭ ହୋଇ ୨୭ ତାରିଖ ରଥଯାତ୍ରା ଦିନ ତିନି ବେଳା ଭୋଜନର ବ୍ୟବସ୍ଥା ହୋଇଛି ଶିବିରରେ ଅତ୍ୟନ୍ତ ପରିଷ୍କାର ପରିଛନ୍ନତା ସହ ସମ୍ପୂର୍ଣ୍ଣ ଶାକାହାରୀ ଭୋଜନ ରନ୍ଧନ ହୋଇଛି । ଏହାସହିତ ବର୍ଷା ଓ ବାତ୍ୟା ନିରୋଧୀ ହ୍ୟାଙ୍ଗର, ଭକ୍ତ ମାନେ ଅବାଧରେ ଓ ଆରାମରେ ଭୋଜନ କରିବା ପାଇଁ ବାୟୁ ଚଳାଚଳର ସୁବିଧା, ପିଇବା ପାଣି ପାଇଁ ବ୍ୟବସ୍ଥା ଓ ରଥଯାତ୍ରାର ସିଧା ପ୍ରସାରଣ ଦେଖିବା ପାଇଁ ବୃହତ ଏଲ.ଇ.ଡି ସ୍କ୍ରିନର ବ୍ୟବସ୍ଥା ମଧ୍ୟ କରାଯାଇଛି । ଏଭଳି ଉନ୍ନତ ବ୍ୟବସ୍ଥା ଯୋଗୁ ଏହା ବହିରାଗତ ଭକ୍ତ, ନିୟୋଜିତ ଶୃଙ୍ଖଳା କର୍ମୀ, ସ୍ୱେଚ୍ଛାସେବୀ ଏବଂ ସ୍ଥାନୀୟ ଜନସାଧାରଣ ଙ୍କ ଦ୍ୱାରା ବିଶେଷ ଆଦୃତ ହେଉଅଛି ।

୨୬ ତାରିଖ ଦିନ ପୁରୀର ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡଙ୍ଗୀଙ୍କ ଦ୍ୱାରା ଶୁଭାରମ୍ଭ କରାଯାଇ ଥିବା ଏହି ଶିବିରରେ ପ୍ରଥମ ଦିନ ପ୍ରାୟ ପାଞ୍ଚହଜାର ଭକ୍ତଙ୍କୁ ଭୋଜନ ପରିବେଷଣ କରାଯାଇଥିଲା ଏବଂ ସବୁ ଭକ୍ତ ଖାଦ୍ୟର ଗୁଣବତ୍ତାକୁ ନେଇ ପ୍ରଶଂସା କରିଥିଲେ । ନିଖିଳ ଓଡିଶା ବୈଦ୍ୟୁତିକ ଠିକାଦାର ମହାସଂଘର କର୍ମକର୍ତାମାନେ ସମସ୍ତ ଭକ୍ତ, ଶୃଙ୍ଖଳାକର୍ମୀ ଙ୍କୁ ଏହି ଭୋଜନ ଶିବିରର ସେବା ଗ୍ରହଣକରିବାକୁ ଅନୁରୋଧ ଜଣାଇଛନ୍ତି । ଗତବର୍ଷ ଜିଲ୍ଲା ପ୍ରଶାସନ ଦ୍ୱାରା ପ୍ରଶଂସିତ ହୋଇଥିବା ଏହି ଭୋଜନ ଶିବିର ଏହି ବର୍ଷ ଅଧିକ ସଂଖ୍ୟକ ଭକ୍ତଙ୍କୁ ସେବା ଯୋଗାଇବାର ଲକ୍ଷ୍ୟ ରଖିଛି । ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ମହାସଂଘର ସଦସ୍ୟ ମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅତ୍ୟନ୍ତ ଶାନ୍ତି ଶୃଙ୍ଖଳାର ସହ ଏହି ଶିବିରଟି ପରିଚାଳିତ ହେଉଛି । ମହାସଂଘର ସଭାପତି ଆଶିଷ କୁମାର ସୋମ ଏବଂ ସଭାପତି ଭଗବାନ ବିଶ୍ୱାଳ ଏହି ସଫଳ ଭୋଜନ ଶିବିରର ଆୟୋଜନ ନିମନ୍ତେ ଓଡ଼ିଶାର ସମସ୍ତ ଠିକାଦାର, ରାଜନଗରରୁ ଆସିଥିବା ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏବଂ ଜିଲ୍ଲା ପ୍ରଶାସନକୁ ଧନ୍ୟବାଦ ଜଣାଇଛନ୍ତି ।


ସ୍କୁଲୀ ଶିକ୍ଷା ଔର ସାକ୍ଷରତା ବିଭାଗ
ଶିକ୍ଷା ମଂତ୍ରାଲୟ, ଭାରତ ସରକାର
Department of School Education and Literacy
Ministry of Education, Government of India
राष्ट्रीय e-पुस्तकालय
Rashtriya e-Pustakalaya

### ଏକ୍ସପ୍ରେସନ ଅଫ୍ ଇଣ୍ଟରେଷ୍ଟ (ଇଓଆଇ) ଆହ୍ୱାନକାରୀ ବିଜ୍ଞପ୍ତି

ନେସନ୍ୟାଲ ବୁକ୍ ଟ୍ରଷ୍ଟ ଅଫ ଇଣ୍ଡିଆ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଭରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ଅଧୀନସ୍ଥ ସ୍କୁଲ ଶିକ୍ଷା ଓ ସାକ୍ଷରତା ବିଭାଗ ଦ୍ୱାରା ପ୍ରବର୍ତ୍ତିତ ଏକ ଅଭିଯାନ ଭାବେ ଶିଶୁ ଓ କିଶୋରମାନଙ୍କ ପାଇଁ ଏକ ମୁକ୍ତ ଜାତୀୟ ଡିଜିଟାଲ ଲାଇବ୍ରେରୀ ଭାବେ ରାଷ୍ଟ୍ରୀୟ ଇ-ପୁସ୍ତକାଳୟ ବ୍ୟବସ୍ଥାଗତ ଭାବେ ପୁସ୍ତକ ସଂଗ୍ରହକୁ ତ୍ୱରାନ୍ୱିତ କରିବାକୁ ରାଷ୍ଟ୍ରୀୟ ଇ-ପୁସ୍ତକାଳୟ ପାଇଁ ଚୟନ ଓ ଇ-ପୁସ୍ତକ ସଂଗ୍ରହ ନିମନ୍ତେ ପ୍ରକାଶକଙ୍କୁ ତାଲିକାଭୁକ୍ତ କରିବାକୁ ଏକ୍ସପ୍ରେସନ ଅଫ୍ ଇଣ୍ଟରେଷ୍ଟ ଆହ୍ୱାନ କରୁଛନ୍ତି ।

ଅଣଏକାଡେମିକ୍ ପୁସ୍ତକ (ଇ-ପୁସ୍ତକ) ଯାହାକି ନିମ୍ନୋକ୍ତ ଭାଷାରେ ସଂଗ୍ରହ କରିବାକୁ ଇଚ୍ଛୁକ ଥିବା ପିଲାମାନଙ୍କ ମଧ୍ୟରେ ପଠନ ଅଭ୍ୟାସକୁ ଅଧିକ ତ୍ୱରାନ୍ୱିତ କରିବା ଓ ସାମିଲ କରୁଥିବା - ଅସାମିୟା, ବେଙ୍ଗଲୀ, ବୋଡୋ, ଡୋଗ୍ରୀ, ଗୁଜୁରାଟୀ, ହିନ୍ଦୀ, କନଡ, କାଶ୍ମୀରି, କୋଙ୍କଣୀ, ମାଲାୟାଲାମ, ମଣିପୁରି, ମରାଠୀ, ମୈଥିଳି, ନେପାଳି, ଓଡ଼ିଆ, ପଞ୍ଜାବୀ, ସଂସ୍କୃତ, ସାନ୍ତାଳୀ, ସିନ୍ଧି, ତାମିଲି, ତେଲୁଗୁ, ଉର୍ଦ୍ଦୁ, ଇଂରାଜୀ ।

ଯୋଗ୍ୟ ତଥା ଆଗ୍ରହୀ ପୁସ୍ତକ ପ୍ରକାଶକମାନଙ୍କୁ ସବିଶେଷ ପ୍ରକ୍ରିୟା ଓ ମାର୍ଗ ଦର୍ଶିକା ପାଇଁ https://www.mbtindia.gov.in କୁ ଦେଖିବାକୁ ଅନୁରୋଧ କରାଯାଉଛି ।

| | |
|---|---|
| ଦାଖଲ ପ୍ରଣାଳୀ | ଅନ୍‌ଲାଇନ କରିଥାରେ https://eprocure.gov.in/eprocure/app |
| ଦାଖଲ ଆରମ୍ଭ ତାରିଖ | ୨୩.୦୬.୨୦୨୫ |
| ଦାଖଲ ଶେଷ ତାରିଖ | ୧୪.୦୭.୨୦୨୫ ରିଖ ୧୭.୦୦ ଘଟିକା |

ଇଓଆଇ ଦାଖଲ ପାଇଁ କୌଣସି ସଂଶୋଧନ / ସମୟ ବୃଦ୍ଧି କରାଗଲେ ତାହା ଉପରୋକ୍ତ ୱେବସାଇଟ୍‌ରେ ପ୍ରକାଶ ପାଇବ ।

ପ୍ରକାଶକଙ୍କ ତାଲିକା ପ୍ରସ୍ତୁତି ଏବଂ ଇ-ପୁସ୍ତକ ସଂଗ୍ରହ ସମ୍ପର୍କରେ ରାଷ୍ଟ୍ରୀୟ ଇ-ପୁସ୍ତକାଳୟ ସେକ୍ରେଟାରିଏଟ୍ ର ଯୋଗ୍ୟ କର୍ତ୍ତୃପକ୍ଷଙ୍କ ନିଷ୍ପତ୍ତି ଚୂଡ଼ାନ୍ତ ଏବଂ ବିଧିବଦ୍ଧ ।

ଅଧିକ ଜାଣିବା ପାଇଁ ପ୍ରକାଶକମାନେ ଲେଖନ୍ତୁ :
rashtriyaepustakalaya@gmail.com
CBC 21103/12/0010/2526
Implementing Agency
nbt.india
NATIONAL BOOK TRUST, INDIA



ଚିକିତ୍ସାଧିନ ଅବସ୍ଥାରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ମୁମ୍ବାଇରୁ ଟିଭି ମାଧ୍ୟମରେ ମହାପ୍ରଭୁଙ୍କ ଘୋଷଯାତ୍ରା ଦେଖୁଛନ୍ତି

## କଣ୍ଟିଲୋ କଲେଜରେ ସମ୍ବିଧାନ ହତ୍ୟା ଦିବସ

କଣ୍ଟିଲୋ,(ସବ୍ୟୁ): ନୀଳମାଧବ ମହାବିଦ୍ୟାଳୟରେ ବୁଧବାର ଦିନ ସମ୍ବିଧାନ ହତ୍ୟା ଦିବସ ଅଧ୍ୟକ୍ଷା ଡ଼ ନନ୍ଦିତା ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଅଧ୍ୟାପକ ପ୍ରଭାତ ବେହେରା, ଡ଼ ନିରୋଦ ମନ୍ତ୍ରୀ, ସୁମନ୍ତ ଜେନା,ରାଜୀବ ମିଶ୍ର,ହୃଷିକେଶ ମିଶ୍ର,ସରଳା ବେହେରା ପ୍ରମୁଖ ଯୋଗଦେଇ ପ୍ରଧାନମନ୍ତ୍ରୀତ୍ୱ କାଳରେ ଇନ୍ଦିରା ଗାନ୍ଧୀ ଇନ୍ଦିରା କ୍ଷମତା ଅପପ୍ରୟୋଗ କରି ଜାତୀୟ ଜରୁରୀ ପରିସ୍ଥିତି ଜାରୀ କରିଥିଲେ । ଯାହା ବିରୋଧରେ ଦେଶ ବ୍ୟାପି ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ସହ ଇନ୍ଦିରାଙ୍କ ଇସ୍ତଫା ଦାବିରେ ଜୟପ୍ରକାଶ ନାରାୟଣଙ୍କ ନେତୃତ୍ୱରେ ଆନ୍ଦୋଳନ ହୋଇଥିଲା । ତେବେ ଆନ୍ଦୋଳନକୁ ପ୍ରଶମିତ କରିବା ପାଇଁ ଏ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଉପସ୍ଥିତ ଅତିଥିମାନେ ବୁଝାଇଥିଲେ । ଛାତ୍ର ଛାତ୍ରୀ ମାନେ ଏ କାର୍ଯ୍ୟକ୍ରମ ରେ ଜାତୀୟ ସଙ୍ଗୀତ ଗାନ କରିଥିଲେ ।

### ୫୦ତମ ରୁଚି ପ୍ରତିଷ୍ଠା ଦିବସ : ବିଦ୍ୟାର୍ଥୀ ଓ ପ୍ରତିଭା ସମ୍ମାନିତ

## ମା’ ହାତବଟା ମସଲାର ସୁଗନ୍ଧକୁ ବଞ୍ଚାଇ ରଖିଛି ରୁଚି : ଜଷ୍ଟିସ୍ ରଥ

କଟକ, (ସ୍ୱପ୍ର): ରୁଚି କେବଳ ଓଡ଼ିଶାର ଗର୍ବ ଓ ଭାରତର ସମ୍ମାନ ହୋଇ ରହିନାହିଁ । ଏହାର ନିରନ୍ତର ଉଦ୍ୟମ ଉଦୀୟମାନ ଶିଳ୍ପୋଦ୍ୟୋଗୀଙ୍କ ପାଇଁ ଓଡ଼ିଶାର ଗର୍ବ ଓ ସ୍ୱାଭିମାନ ଭାବରେ ସ୍ୱତନ୍ତ୍ର ଏକ ପରିଚୟ ସୃଷ୍ଟି କରିଛି ବୋଲି କହିଛନ୍ତି ଓଡ଼ିଶା ରାଜ୍ୟ ବିଧି ଆୟୋଗର ଅଧ୍ୟକ୍ଷ ଜଷ୍ଟିସ ବିଶ୍ୱନାଥ ରଥ । ପବିତ୍ର ରଥଯାତ୍ରାରେ ଆୟୋଜିତ ୫୦ତମ ରୁଚି ପ୍ରତିଷ୍ଠା ଦିବସ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଜଷ୍ଟିସ ରଥ କହିଥିଲେ ଯେ, ବର୍ଷ ପରେ ବର୍ଷ ସଫଳତା, କାର୍ଯ୍ୟଦକ୍ଷତା ଓ ସାଧୁତାକୁ ପାଥେୟ କରି ରୁଚି ପରିବାର ଆଜି ଏହି ଅନୁଷ୍ଠାନକୁ ବିଶ୍ୱସ୍ତରୀୟ ପରିଚୟ ଦେଇଛି । ଆଜି ଏହି ଅନୁଷ୍ଠାନକୁ ୫୦ ବର୍ଷ ପୁରିଛି । ଜେଜେମା, ଆଈ ଓ ମା’ର ସେହି ହାତବଟା ଶିଳପୁଆର ମସଲା ସୁଆଦ ଆଜି ହୁଏତ ହଜିଯାଇଛି ସତ । ହେଲେ ରୁଚି ପରିବାରର ଏହି ମହନୀୟ



ଉଦ୍ୟମ ଓ ଶ୍ରଦ୍ଧା ଆମ ପାଖରେ ମସଲାର ସେହି ଅପୂର୍ବ ସୁଗନ୍ଧକୁ ଏବେବି ବଂଚାଇ ରଖିଛି । ଉତ୍ସବରେ ବିଶିଷ୍ଟ ଅତିଥି ଭାବେ ଯୋଗଦେଇ କଟକ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ କହିଥିଲେ ଯେ, ରୁଚି କେବଳ ଏକ ବ୍ୟବସାୟୀକ ଅନୁଷ୍ଠାନ ଭାବରେ ନୁହେଁ, ସମାଜ ପାଇଁ ଏବଂ ରାଜ୍ୟ ପାଇଁ ଏହା ତାର ସାମାଜିକ କର୍ତ୍ତବ୍ୟବୋଧର ମଧ୍ୟ ପରିପାଳନ କରୁଛି । ଗୋଟିଏ ଅନୁଷ୍ଠାନ ୫୦ ବର୍ଷରେ ପହଂଚିବା ହେଉଛି ସଫଳତାର ଏକ ବଡ଼ ଉଦାହରଣ । ମଧୁପାଟଣା ଶିଳ୍ପାଞ୍ଚଳ ସ୍ଥିତ ରୁଚି ଶିଳ୍ପୋଦ୍ୟୋଗ ପରିସର ସ୍ଥିତ ଶ୍ରୀ ଲକ୍ଷେଶ୍ୱର ମଣ୍ଡପଠାରେ ଆୟୋଜିତ ସମାରୋହରେ ରୁଚିର ନିର୍ଦ୍ଦେଶକ ଅରବିନ୍ଦ ସାହୁ, ନିର୍ଦ୍ଦେଶିକା ଶ୍ରୀମତୀ ସଙ୍ଗୀତା ସାହୁ, ଶ୍ରୀମତୀ ସଲିନା ସାହୁ ଓ ମୁଖ୍ୟ ମହାପ୍ରବନ୍ଧକ ମହେନ୍ଦ୍ର ଷଡ଼ଙ୍ଗୀ ପ୍ରମୁଖ ଯୋଗଦେଇ ପ୍ରତିଷ୍ଠା ଦିବସ ଅବସରରେ ସମସ୍ତଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ । ପ୍ରାରମ୍ଭରେ ରୁଚିର ଲୋକସଂପର୍କ ବିଭାଗ ମୁଖ୍ୟ ଶୁଭେନ୍ଦୁ କୁମାର ଭୂୟାଁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି ସମାରୋହର ଶୁଭାରମ୍ଭ କରାଯାଇଥିଲା । ଏହି ଅବସରରେ ଖ୍ୟାତନାମା କଣ୍ଠଶିଳ୍ପୀ ସୁଭାଷ ଦାଶଙ୍କୁ ରୁଚି କଳାରତ୍ନ ସମ୍ମାନ ଓ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ହୃଦ୍‌ରୋଗ ବିଶେଷଜ୍ଞ ପ୍ରଫେସର ଡାକ୍ତର ପ୍ରଭାତ କୁମାର ଦାଶଙ୍କୁ ରୁଚି-ଶ୍ରଦ୍ଧାନନ୍ଦ ଜେନା ସ୍ମାରକୀ ସମ୍ମାନରେ ସମ୍ମାନିତ କରାଯାଇଥିଲା । ରୁଚି ପରିବାରର କର୍ମଚାରୀମାନଙ୍କ ମାଟ୍ରିକ ଉତ୍ତୀର୍ଣ୍ଣ ୪୧ ଜଣ ଛାତ୍ରଛାତ୍ରୀଙ୍କୁ ଅର୍ଥରାଶି ପୁରସ୍କାର ସହିତ ରୁଚି ବିଦ୍ୟାର୍ଥୀ ସମ୍ମାନ, ୩ଜଣ କର୍ମଚାରୀଙ୍କୁ ସ୍ୱତନ୍ତ୍ର ପୁରସ୍କାର ଓ ୫୦ ଜଣ କର୍ମଚାରୀଙ୍କୁ ବିଶେଷ ଉପଢ଼ୌକନ ପ୍ରଦାନ କରାଯାଇଥିଲା । ବିଶିଷ୍ଟ କଣ୍ଠଶିଳ୍ପୀ ସୁଭାଷ ଦାଶ, ଦେବଶ୍ରିତା, ରବିନାରାୟଣ ଦାସ ଓ ବିଚିତ୍ରାନନ୍ଦ ପଣ୍ଡା ଜଗନ୍ନାଥଙ୍କ ଭଜନ ପରିବେଷଣ କରିଥିଲେ । ହ୍ୱାଇଟ କାନଭାସ୍‌ର ମୁଖ୍ୟ ଉଲ୍ଲାସ ଚନ୍ଦ୍ର ବେହୁରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲାବେଳେ ମାନବସମ୍ବଳ ବିଭାଗର ମୁଖ୍ୟ ସନ୍ତୋଷ କୁମାର ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ବିଧାୟିକା ସୋଫିଆ ଫିରଦୋସଙ୍କ ସାଇବର ଥାନା ପରିଦର୍ଶନ



କଟକ, (ସବ୍ୟୁ)ବାରବାଟୀ-କଟକ ବିଧାୟିକା ସୋଫିଆ ଫିରଦୋସ କଟକ କଫଲା ବଜାର ସ୍ଥିତ ସାଇବର ଥାନା ପରିଦର୍ଶନରେ ଯାଇ ସାଧାରଣ ଲୋକେ ସମ୍ମୁଖୀନ ହେଉଥିବା ଠକାମିରୁ ସୁରକ୍ଷା ପାଇଁ ଥାନାର ଅଧିକାରୀ ଓ ପଦାଧିକାରୀଙ୍କ ସହିତ ସୌଜନ୍ୟମୂଳକ ଆଲୋଚନା କରିଥିଲେ । ଏହି ଅବସରରେ ଥାନାର କାର୍ଯ୍ୟପ୍ରଣାଳୀ, ଅନୁସନ୍ଧାନ କାର୍ଯ୍ୟ ଏବଂ ଉପଲବ୍ଧ ଟେକ୍ନୋଲୋଜି ସଂପର୍କରେ ବିଧାୟିକା ଅବଗତ ହୋଇଥିଲେ। ରାଜ୍ୟରେ ବଢୁଥିବା ସାଇବର କ୍ରାଇମ ବିଶେଷକରି ମହିଳା ଓ ଯୁବପିଢ଼ିଙ୍କ ପାଇଁ ଚିନ୍ତାଜନକ। ଘରେ ବସିବା ବେଳେ ଲୋକମାନେ ଠକାଯାଉଛନ୍ତି, ଯାହା ଏକ ଗମ୍ଭୀର ସମସ୍ୟା ବୋଲି ବିଧାୟିକା କହିଛନ୍ତି । ଏହା ଉପରେ ଅଧିକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିବାର ଆବଶ୍ୟକତା ରହିଛି ବୋଲି କହିଥିଲେ । ସାଧାରଣ ଲୋକଙ୍କ ମଧ୍ୟରେ ସାଇବର ସୁରକ୍ଷା ବିଷୟରେ ଜ୍ଞାନ ବୃଦ୍ଧି ହେବା ଦ୍ୱାରା ଏହି ଅପରାଧ ଉପରେ ନିୟନ୍ତ୍ରଣ ଅଣାଯାଇପାରିବ । ଦରକାର ମୁତାବକ ଭିତ୍ତିଭୂମିର ବିକାଶ ଏବଂ ଆବଶ୍ୟକ ଦକ୍ଷ ତାଲିମପ୍ରାପ୍ତ କର୍ମଚାରୀ ଯୋଗାଇ ଦେବାକୁ ବିଧାୟିକା ଫିରଦୋସ ବିଭାଗୀୟ କର୍ତ୍ତୃପକ୍ଷ ତଥା ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ନଗର କଂଗ୍ରେସ ପୂର୍ବତନ ସଭାପତି ଗିରିବାଳା ବେହେରା, ବିକି ଚକ୍ରବର୍ତ୍ତୀ, ସୁରଜିତ ସାହୁ, ଶୋନୁ ସ୍ୱାଇଁ, ଦେବେନ୍ଦ୍ର ପ୍ରସାଦ ଶେଠୀ, ଶୟଦ ରାମଜନ ଅଲ୍ଲୀ,ସେକ ବାବାଯାନୀ, ସତ୍ୟଶ୍ରୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

## ପଥର ଖଣିରେ ଶ୍ରମିକଙ୍କ ମୃତ୍ୟୁ କ୍ଷତିପୂରଣ ଅର୍ଥ ଦିଆଗଲା କି’ ନାହିଁ ଜଣାଅ : ହାଇକୋର୍ଟ

କଟକ,(ସବ୍ୟୁ): ଯାଜପୁର ଜିଲ୍ଲା ଡଙ୍କାରୀ ପଥର ଖଣିରେ ତିନିଜଣ ଶ୍ରମିକଙ୍କ ମୃତ୍ୟୁ ଘଟଣାରେ ପ୍ରତ୍ୟେକ ଶ୍ରମିକଙ୍କ ପରିବାରକୁ ଅଢ଼େଇ ଲକ୍ଷ ଟଙ୍କା ଲେଖାଏଁ ପ୍ରଦାନ କରିବାକୁ ଗ୍ରୀନ୍ ଟ୍ରିବ୍ୟୁନାଲ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଗ୍ରୀନ୍ ଟ୍ରିବ୍ୟୁନାଲଙ୍କ ନିର୍ଦ୍ଦେଶ ସତ୍ତ୍ୱେ ମୃତ ଶ୍ରମିକଙ୍କ ପରିବାରକୁ କ୍ଷତିପୂରଣ ନମିଳିବାରୁ ଏନେଇ ରୁଜୁ ମାମଲାରେ ହାଇକୋର୍ଟ ରାଜ୍ୟ ସରକାରଙ୍କଠାରୁ ରିପୋର୍ଟ ତଲବ କରିଛନ୍ତି। ସେହି ଶ୍ରମିକଙ୍କ ପରିବାରକୁ ଏ ପର୍ଯ୍ୟନ୍ତ କ୍ଷତିପୂରଣ ରାଶି ଦିଆଯାଇଛି କି’ ନାହିଁ ସେ ସଂକ୍ରାନ୍ତରେ ପରବର୍ତ୍ତୀ ଶୁଣାଣି ସୁଦ୍ଧା ଜବାବ ରଖିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ନାରାୟଣ ରାଉତଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ହରିଶ ଟଣ୍ଡନ ଏବଂ ଜଷ୍ଟିସ୍ ଏମ୍.ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ଶୁଣାଣି ଜୁଲାଇ ୩କୁ ଧାର୍ଯ୍ୟ ହୋଇଛି। ଡଙ୍କାରୀ ପଥର ଖଣିରେ ଭୂସ୍ଖଳନ ଯୋଗୁ ମୃତ୍ୟୁବରଣ କରିଥିବା ତିନି ଶ୍ରମିକଙ୍କ ପରିବାରକୁ ଅଢ଼େଇ ଲକ୍ଷ ଟଙ୍କା ପ୍ରଦାନ ଲାଗି ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ ଗତ ଜାନୁଆରୀ ୩୧ ତାରିଖରେ ଏକ ନିର୍ଦ୍ଦେଶ ଦେଇଥିଲେ। ଗତ ମାର୍ଚ୍ଚ ୨୯ ତାରିଖରେ ମଧ୍ୟ ଯାଜପୁର ଖଣି ଡେପୁଟି ଡାଇରେକ୍ଟରଙ୍କୁ କୁହାଯାଇଥିଲା। କିନ୍ତୁ ଏ ପର୍ଯ୍ୟନ୍ତ କାହାରିକୁ କ୍ଷତିପୂରଣ ମିଳିପାରି ନାହିଁ ବୋଲି ଆବେଦନକାରୀ ହାଇକୋର୍ଟଙ୍କୁ ଅବଗତ କରିଥିଲେ। ହାଇକୋର୍ଟ ମାମଲାର ଶୁଣାଣି କରି ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି।

## ଏମ୍ସ ହସ୍ପିଟାଲରେ ଦଲାଲକୁ ଧରି ପୋଲିସ ଜିମା ଦେଲେ

ଭୁବନେଶ୍ୱର,(ସବ୍ୟୁ): ଏମ୍ସ ହସ୍ପିଟାଲରେ ଜଣେ ଦଲାଲକୁ ସିକ୍ୟୁରିଟିକୁ ଧରି ଖଣ୍ଡଗିରିଥାନା ପୋଲିସ୍ ଜିମା ଦେବା ପରେ ତାକୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି। ଅଭିଯୋଗକାରୀ ପଦ୍ମନାଭ କର ଏସ୍‌ଏମ୍ସ ହସ୍ପିଟାଲରେ ସୈନିକ ସିକ୍ୟୁରିଟି ଇନଚାର୍ଜ ଭାବେ କାର୍ଯ୍ୟ କରନ୍ତି। ଗୁରୁବାର ଦିନ ସକାଳ ସମୟରେ ସେ ନିଜ ସହକର୍ମୀମାନଙ୍କ ସହ ମିଶି ଓପିଡି ଟିକେଟ୍ କାଉଣ୍ଟର ନିକଟରେ ଡ୍ୟୁଟି କରୁଥିବା ସମୟରେ ଅଭିଯୁକ୍ତ ଏବଂ ତାଙ୍କର ଅନ୍ୟ ଜଣେ ସହଯୋଗୀ ଟିକେଟ ଲାଗି ଲାଇନ୍‌ରେ ଛିଡା ହୋଇଥିବା ରୋଗୀ ତଥା ଆଟେଣ୍ଡାଣ୍ଟମାନଙ୍କୁ ପ୍ରଭାବିତ କରାଇଥିଲେ। ଶୀଘ୍ର ଟିକେଟ କରାଇଦେବା ଓ ଭଲ ଡାକ୍ତରଙ୍କ ସହ ସିଧାସଳଖ ପରାମର୍ଶ କରାଇ ଦେବା କଥା କହି ତାଙ୍କ ନିକଟରୁ ଟଙ୍କା ଆଦାୟ କରୁଥିବା ଦେଖିବାକୁ ପାଇଥିଲେ ଅଭିଯୋଗକାରୀ ସିକ୍ୟୁରିଟି। ଦୁଇ ଅଭିଯୁକ୍ତଙ୍କୁ ଧରିବା ପାଇଁ ସିକ୍ୟୁରିଟିମାନେ ଚେଷ୍ଟା କରୁଥିବା ବେଳେ ଶଙ୍କର ନାୟକ ନାମକ ଦଲାଲ ଧରାପଡିଥିବା ବେଳେ ତାର ସହଯୋଗୀ ଖସି ପଳାଇଥିଲା। ଶଙ୍କରକୁ ପୋଲିସ ଜିମା ଦିଆଯିବା ପରେ ତାକୁ ଗିରଫ କରାଯାଇ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହୋଇଯିବାରୁ ତାକୁ ଜେଲ ହାଜତ ପଠାଇ ଦିଆଯାଇଛି।

## ବିବାହ ପାଇଁ ମନା କରିବାରୁ ଯୁବକ ଗିରଫ

ଭୁବନେଶ୍ୱର,(ସବ୍ୟୁ):ଶାରୀରିକ ସମ୍ପର୍କ ରଖି ବିବାହ ପାଇଁ ମନା କରିଦେବାରୁ ଶ୍ରୀ ଲିଙ୍ଗରାଜ ଥାନା ପୋଲିସ୍ ଜଣେ ଯୁବକକୁ ଗିରଫ କରିଛି। ଅଭିଯୋଗକାରିଣୀ ଓ ଅଭିଯୁକ୍ତଙ୍କ ଘର ବଲାଙ୍ଗୀର ଜିଲ୍ଲାରେ। ୨୦୨୨ ମସିହାରେ ସେ ଭୁବନେଶ୍ୱରରେ ରହି ପାଠପଢୁଥିବା ବେଳେ ଅଭିଯୁକ୍ତ ଭୁବନେଶ୍ୱରର ଏକ ଘରେଇ କମ୍ପାନୀରେ ଚାକିରି କରୁଥିଲା।

ଉଭୟ ଘର ଗୋଟିଏ ଜିଲ୍ଲାର ହୋଇଥିବାରୁ ଭୁବନେଶ୍ୱରରେ ରହିବା ସମୟରେ ଦୁହିଁଙ୍କ ମଧ୍ୟରେ ଚିହ୍ନାପରିଚୟ ହୋଇଥିଲା। ପରେ ପରସ୍ପର ଘନିଷ୍ଠ ବନ୍ଧୁ ଭାବେ ଚଳପ୍ରଚଳ ହୋଇଥିଲେ। ଅଭିଯୋଗକାରିଣୀ ଚାକିରି ସନ୍ଧାନ କରୁଥିବା ଅଭିଯୁକ୍ତ ଜାଣିବା ପରେ ତାଙ୍କୁ ଇଣ୍ଟରଭ୍ୟୁ ସମ୍ପର୍କରେ କିଛିଟା ପରାମର୍ଶ ଦେବା କଥା କହି ନିଜ ଭଡ଼ାଘରକୁ ଡାକିଥିଲା। ୨୦୨୪ ମାର୍ଚ୍ଚ ୨୨ ତାରିଖ ଦିନ ଓଲ୍‌ଡଟାଉନ୍‌ରେ ଥିବା ଅଭିଯୁକ୍ତର ଭଡ଼ାଘରକୁ ପୀଡିତା ଯାଇଥିଲେ। ସେଠାରେ ତାଙ୍କୁ ବିବାହର ଦୃଢ଼ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିଥିଲା ଅଭିଯୁକ୍ତ ଜିତେନ୍ଦ୍ର କୁମାର ସାହୁ (୨୯)।


ଶାରୀରିକ ସମ୍ପର୍କ ପରେ ପୀଡିତା ବିବାହ କଥା ଅଭିଯୁକ୍ତକୁ କହିବାରୁ ସେ ରୋକଠୋକ୍ ମନା କରିଦେଇଥିଲା। ଏଥିରେ ମର୍ମାହତ ହୋଇ ପୀଡିତା ଶ୍ରୀ ଲିଙ୍ଗରାଜ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ୍ ତଦନ୍ତ କରି ଜିତେନ୍ଦ୍ରକୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଥିଲା। ଜାମିନ୍ ନାମଞ୍ଜୁର ହୋଇଯିବାରୁ ତାକୁ ଜେଲ ହାଜତ ପଠାଇ ଦିଆଯାଇଛି।

### ଏଏମ୍/ ଏନ୍‌ଏସ୍ ଇଣ୍ଡିଆ ପକ୍ଷରୁ

## ସାଗାସାହିଖଣି ନିକଟରେ କଂକ୍ରିଟ୍ ରାସ୍ତା ନିର୍ମାଣ ପାଇଁ ଭୂମି ପୂଜା

ଭୁବନେଶ୍ୱର (ସବ୍ୟୁ): ସାଗାସାହି ଖଣି ନିକଟରେ ଭଞ୍ଜପାଲି ବାଇପାସ୍ ଠାରୁ କଲମଙ୍ଗ ଛକ ପର୍ଯ୍ୟନ୍ତ ଚାରି କିଲୋମିଟର ଲମ୍ବ କଂକ୍ରିଟ୍ ରାସ୍ତା ନିର୍ମାଣ ପାଇଁ ଆର୍ସେଲରମିତ୍ତଲ ନିପ୍ପନ ଷ୍ଟିଲ୍ ଇଣ୍ଡିଆ (ଏଏମ୍/ ଏନ୍‌ଏସ୍ ଇଣ୍ଡିଆ) ପକ୍ଷରୁ’ଭୂମି ପୂଜା’ ଆୟୋଜନ କରାଯାଇଥିଲା। ନିର୍ମାଣକରାଯାଉଥିବାଏହିରାସ୍ତାଟି ସ୍ଥାନୀୟ କଲମଙ୍ଗ, ସାଗାସାହି ଏବଂ ଘୋରାଭୁରାଣୀ ଗ୍ରାମର ଗ୍ରାମବାସୀମାନଙ୍କ ପାଇଁ ଏକ ନିୟମିତ ରାସ୍ତା। ଏଏମ୍/ଏନ୍‌ଏସ୍ ଇଣ୍ଡିଆ ସୁରକ୍ଷିତ ଏବଂ ଅଧିକ ଦକ୍ଷ ଯାତ୍ରା ସୁନିଶ୍ଚିତ କରିବା ନିମନ୍ତେ ବିଦ୍ୟମାନ ମାଟି ରାସ୍ତାକୁ ଏକ ସ୍ଥାୟୀ କଂକ୍ରିଟ୍ ରାସ୍ତାରେ ପରିଣତ କରିବାକୁ ପଦକ୍ଷେପ ନେଇଛି। ଏହି ରାସ୍ତା ୬ ମାସ ମଧ୍ୟରେ ଶେଷ ହେବ ବୋଲି ଆଶା କରାଯାଉଛି। ଏହି ରାସ୍ତା ସମ୍ପୂର୍ଣ୍ଣ ହେଲେ ୩ହଜାରରୁ ଅଧିକ ସ୍ଥାନୀୟ ଗ୍ରାମବାସୀ ମାନେ ଉପକୃତ ହେବେ ।

ଏହି କାର୍ଯ୍ୟକ୍ରମରେ ଏଏମ୍/



ଏନ୍‌ଏସ୍ ଇଣ୍ଡିଆର ଖଣି ମୁଖ୍ୟ ଶ୍ରୀ ଶରଣପ୍ପା କାମ୍ବାଲି ଏହି ଭୂମି ପୂଜାର ନେତୃତ୍ୱ ନେଇଥିଲେ, ଯାହା ସ୍ଥାନୀୟ ଗୋଷ୍ଠୀ ବାସିନ୍ଦା ଏବଂ କମ୍ପାନୀର ଅଧିକାରୀମାନଙ୍କ ଉପସ୍ଥିତିରେସମ୍ପନ୍ନ କରାଯାଇଥିଲା। ଏହିଅବସରରେ ଶ୍ରୀ କାମ୍ବାଲି କହିଛନ୍ତି, “ଏହି ପଦକ୍ଷେପ ଏଏମ୍/ ଏନ୍‌ଏସ୍‌ଇଣ୍ଡିଆରକାର୍ଯ୍ୟକ୍ଷମସ୍ଥାନର ଆଖପାଖରେଥିବାସମ୍ପ୍ରଦାୟର କଲ୍ୟାଣ ପ୍ରତି ଗଭୀର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଏହି ଗୁରୁତ୍ୱପୂର୍ଣ୍ଣ ରାସ୍ତାକୁ ଏକ କଂକ୍ରିଟ୍ ରାସ୍ତାରେ ପରିଣତ କରିକମ୍ପାନୀ ସଂଯୋଗୀକରଣ ବୃଦ୍ଧି କରିବା, ଯାତ୍ରାକାଳୀନ ବିପଦ ହ୍ରାସ କରିବା ଏବଂ ଅଞ୍ଚଳର ଆର୍ଥିକ କାର୍ଯ୍ୟକଳାପକୁ ସୁଦୃଢ଼ କରିବା ପାଇଁ ଲକ୍ଷ୍ୟ ରଖିଛି।

## ଶ୍ରଦ୍ଧାଳୁଙ୍କ ପାଇଁ ମିନିଟ୍ରକ ମାଲିକ ମହାସଂଘର ଅନ୍ନ ପ୍ରସାଦ ବଣ୍ଟନ



ଭୁବନେଶ୍ୱର (ସବ୍ୟୁ): ବିଶ୍ୱ ପ୍ରସିଦ୍ଧ ଘୋଷଯାତ୍ରା ଅବସରରେ ଅଲ ଓଡିଶା ମିନିଟ୍ରକ ମାଲିକ ମହାସଂଘର ସମସ୍ତ କର୍ମକର୍ତ୍ତାଙ୍କ ମିଳିତ ପ୍ରଚେଷ୍ଟାରେ ପୁରୀ ରେଳ ଷ୍ଟେସନ ପାଖରେ ୫୦ ହଜାର ଶ୍ରଦ୍ଧାଳୁଙ୍କ ପାଇଁ ଅନ୍ନ ପ୍ରସାଦ ଓ ଜଳସେବା ସହିତ ୩୦ ହଜାର ଭକ୍ତଙ୍କ ପାଇଁ ଜୁସ ବଣ୍ଟନ ଭଳି ଏକ ମହତ କାର୍ଯ୍ୟକ୍ରମ ସେଇ ପ୍ରଭୁ କାଳିଆ ସାଆନ୍ତଙ୍କ ଆଦେଶରେ ସଫଳ ରୂପେ ଅନୁଷ୍ଠିତ ହୋଇଯାଇଛି । ଏହିଭଳି ଏକ ମହତ କାର୍ଯ୍ୟକୁ ସୁଚାରୁରୂପେ ସମ୍ପର୍ଣ୍ଣ କରିବାପାଇଁ ପୁରୀ ପ୍ରଶାସନ ଆମ୍ଭମାନଙ୍କୁ ବେଶ ସାହାର୍ଯ୍ୟ ଓ ସହଯୋଗ କରିଥିବାରୁ ପ୍ରଶାସନର ସମସ୍ତ କର୍ମକର୍ତ୍ତାଙ୍କୁ ଅଲ ଓଡିଶା ମିନିଟ୍ରକ ମାଲିକ ମହାସଂଘ ଧନ୍ୟବାଦ ଜଣାଉଛି । ଉକ୍ତ ମହତ୍ୱକାଂକ୍ଷୀ କାର୍ଯ୍ୟକ୍ରମରେ ରାଜ୍ୟର ୪ ଶହରୁ ଉର୍ଦ୍ଧ୍ୱ କର୍ମକର୍ତ୍ତା ଉପସ୍ଥିତ ରହିଥିଲେ ।

## ସୁନ୍ଦରଗ୍ରାମରେ ରଥଯାତ୍ରା

କଣ୍ଟାପଡ଼ା,(ସବ୍ୟୁ): କଣ୍ଟାପଡ଼ା ବ୍ଲକ ଅନ୍ତର୍ଗତ ସୁନ୍ଦରଗ୍ରାମରେ ଶ୍ରୀଗୁଣ୍ଡିଚା ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି । ରଥରେ ପୂଜକ ପ୍ରଭାତ ପଣ୍ଡା, ଦେବରାଜ ପଣ୍ଡା, ଅକ୍ଷୟ ପଣ୍ଡା, ସତବ୍ରତ ପଣ୍ଡା, ଚନ୍ଦନ ପଣ୍ଡା ପ୍ରମୁଖ ନୀତିକାନ୍ତି ସମ୍ପନ୍ନ କଲାପରେ ସୂର୍ଯ୍ୟନାରାୟଣ ଦାଶ ଛେରାପହଁରା କରିଥିଲେ । ଅପରାହ@ରେ ଶ୍ରଦ୍ଧାଳୁମାନେ ରଥକୁ ଟାଣି ମଦନମୋହନ ମଠସ୍ଥିତ ମାଉସୀମା’ ଘରେ ପହଞ୍ଚାଇଥିଲେ । ଅଗା ବାବା ରଥର ସାରଥି କାର୍ଯ୍ୟ ତୁଲାଇଥିଲେ । ପଣ୍ଡିତ ସୀତାକାନ୍ତ ଦାଶ, କେଦାରନାଥ ମିଶ୍ର, ଶରତଚନ୍ଦ୍ର ଦାଶ, କୈଳାସପ୍ରସାଦ ଦାଶ, ଚନ୍ଦ୍ରଶେଖର ଦାଶ, ରବିନ୍ଦ୍ର ଦାଶ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । । ଓଲଟପୁର ଥାନା ପୁଲିସ ଓ ଅଡ଼ଶପୁର ବିଦୁତ ବିଭାଗ କର୍ମଚାରୀ ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ ।

## ରଥଯାତ୍ରାର ଅବସରରେ ଚାନ୍ଦି ଭଣ୍ଡାର ଫ୍ଲାଗସିପ୍ ଷ୍ଟୋର ପୁନଃଉନ୍ମୋଚିତ

ଭୁବନେଶ୍ୱର (ସବ୍ୟୁ): ରଥଯାତ୍ରାର ଏକ ଭାବନା, ଭକ୍ତି, ଏକତା ଏବଂ ଆଧ୍ୟାତ୍ମିକ ମହିମାର ଉତ୍ସବ ଯାହା ଓଡ଼ିଶାର ଆତ୍ମାକୁ ପରିଭାଷିତ କରେ। ଏହି ରଥଯାତ୍ରା, ଚଣ୍ଡୀ ଭଣ୍ଡାର - ଓଡ଼ିଶାର ସର୍ବବୃହତ ସ୍ୱତନ୍ତ୍ର ରୂପା ବ୍ରାଣ୍ଡ - ଏହାର ଶକ୍ତିଶାଳୀ ପୁରୁଷ ଅଳଙ୍କାର ସଂଗ୍ରହ: “ମୋ କାଳିଆ” ର ଶୁଭାରମ୍ଭ ସହିତ ଦିବ୍ୟ ଆତ୍ମାକୁ ପାଳନ କରେ। ପ୍ରଭୁ ଜଗନ୍ନାଥଙ୍କ ନିର୍ଭୀକ କୃପା ଦ୍ୱାରା ଅନୁପ୍ରାଣିତ, ଯାହାକୁ ପ୍ରେମରେ କାଳିଆ କୁହାଯାଏ, ଏହି ସଂଗ୍ରହ ଓଡ଼ିଶାର ଆଧ୍ୟାତ୍ମିକ ଏବଂ କଳାତ୍ମକ ଐତିହ୍ୟରେ ମୂଳ ଥିବା ପରିଚୟ, ଗର୍ବ ଏବଂ ଭକ୍ତିକୁ ପ୍ରତିଫଳିତ କରେ। ରଥଯାତ୍ରାର ପବିତ୍ର ଅବସରରେ ଉନ୍ମୋଚିତ, ମୋ କାଳିଆ ହେଉଛି ଆଧୁନିକ ମଣିଷ ପାଇଁ ଡିଜାଇନ୍ କରାଯାଇଥିବା ଏକ ଆକର୍ଷଣୀୟ ସଂଗ୍ରହ। ପ୍ରତୀକାତ୍ମକତା ଏବଂ କାହାଣୀ କହିବାରେ ମୂଳ, ଏଥିରେ ସୂକ୍ଷ୍ମ ଭାବରେ କାରୁକାର୍ଯ୍ୟ କରାଯାଇଥିବା କଫଲିଙ୍କ୍, ପେଣ୍ଡାଣ୍ଟ, ବ୍ରେସଲେଟ୍ ଏବଂ ବ୍ରୋଚ୍ ରହିଛି, ପ୍ରତ୍ୟେକଟି ଜଗନ୍ନାଥଙ୍କ ରଥ ଚକ, ମନ୍ଦିର କାରୁକାର୍ଯ୍ୟ ଏବଂ ନୀଳଚକ୍ର,



ଶଙ୍ଖ ଏବଂ ପ୍ରଭୁ ଜଗନ୍ନାଥଙ୍କ ମୁହଁ ପରି ପବିତ୍ର ପ୍ରତୀକରୁ ପ୍ରେରଣା ନେଇଥାଏ। ଏହି ମୋଟିଫ୍‌ଗୁଡ଼ିକୁ ଉତ୍କୃଷ୍ଟ ଇଟାଲୀୟ ମିନା କାର୍ଯ୍ୟ ସହିତ ଜୀବନ୍ତ କରାଯାଇଛି, ବିଶ୍ୱ କଳାକୃତିକୁ ଭକ୍ତି ଐତିହ୍ୟ ସହିତ ମିଶ୍ରଣ କରାଯାଇଛି। ପ୍ରତ୍ୟେକ ଖଣ୍ଡ ପରିଷ୍କୃତ ଶକ୍ତି, ଚରିତ୍ର ଏବଂ ଅଟଳ ବିଶ୍ୱାସକୁ ପ୍ରତିନିଧିତ୍ୱ କରେ। ଏକ ଆସେସୋରିଜ୍ ଅପେକ୍ଷା, ମୋ କାଳିଆ ହେଉଛି ବିଶ୍ୱାସ ଏବଂ ପରିଚୟର ଏକ ବିବୃତ୍ତି, ଯାହା କାଳଜୟୀ ଶୈଳୀକୁ ଗ୍ରହଣ କରିବା ସହିତ ପରମ୍ପରାକୁ ସମ୍ମାନ ଦେବା ପାଇଁ ଡିଜାଇନ୍ କରାଯାଇଛି। ଉତ୍ସବ ପାଳନର ଏହି ମୁହୂର୍ତ୍ତକୁ ଯୋଡି, ଚଣ୍ଡୀ ଭଣ୍ଡାର ଗର୍ବର ସହିତ ଏହାର ସବୁଠାରୁ ବଡ଼, ଉଜ୍ଜ୍ୱଳ ଏବଂ ସବୁଠାରୁ ସୁନ୍ଦର ସ୍ଥାନ - ଭୁବନେଶ୍ୱରର ସହିଦ ନଗରରେ ଏହାର ପ୍ରମୁଖ ଷ୍ଟୋର - ପୁନଃ ଲଞ୍ଚ କରିଛି।

### ସାମୁଦ୍ରିକ ପରିବହନ ବୀମାକୁ ରୂପାନ୍ତରିତ କରିବା ପାଇଁ

## ପଲିସିବଜାରର ଫର୍ ବିଜନେସ୍ “ଏନରୁଟ୍’ ଆରମ୍ଭ

ଭୁବନେଶ୍ୱର (ସବ୍ୟୁ): ଭାରତୀୟ ବ୍ୟବସାୟଗୁଡ଼ିକୁ ସଶକ୍ତ କରିବା ପାଇଁ ଏକ ରଣନୈତିକ ପଦକ୍ଷେପ ସ୍ୱରୂପ, ପଲିସିବଜାର ଫର୍ ବିଜନେସ୍ (ପିବିଏଫବି) ଏନରୁଟ୍ ପ୍ରଚଳନ କରିଛି, ଏକ ଡିଜିଟାଲ୍ ପ୍ଲାଟଫର୍ମ ଯାହା ସାମୁଦ୍ରିକ ପରିବହନ ବୀମା ଘୋଷଣା, ପ୍ରମାଣପତ୍ର ଏବଂ ନୀତି ଅପଡେଟ୍ ପାଇଁ ସମୟକୁ ଦିନରୁ ମାତ୍ର ସେକେଣ୍ଡକୁ ହ୍ରାସ କରିଥାଏ, ସମଗ୍ର ପ୍ରକ୍ରିୟାକୁ ସୁବ୍ୟବସ୍ଥିତ କରିବା ପାଇଁ ଓସିଆର-ଆଧାରିତ ଅପଲୋଡ୍ ଏବଂ ହ୍ୱାଟସଆପ୍ ଏକୀକରଣର ଉପଯୋଗ କରିଥାଏ । ଏହାର ଶୁଭାରମ୍ଭ ପରଠାରୁ, ଏନରୁଟ୍ ବ୍ୟବସାୟୀ (୬୫%) ଏବଂ ନିର୍ମାତା (୩୫%) ମଧ୍ୟରେ ଉଚ୍ଚ ବ୍ୟବହାର ଦେଖିଛି, ବିଶେଷକରି ଆଭ୍ୟନ୍ତରୀଣ ପରିବହନ ପାଇଁ, ଯାହା ପ୍ଲାଟଫର୍ମ ମାଧ୍ୟମରେ ବିକ୍ରି ହେଉଥିବା ସମସ୍ତ ପଲିସିର ୮୦% ଅଟେ। ବ୍ୟବସାୟଗୁଡ଼ିକ ଏନରୁଟ୍‌କୁ ଉପଯୋଗୀ-ଅନୁକୂଳ ଏବଂ କାର୍ଯ୍ୟକ୍ଷମ ଭାବରେ ଅଗ୍ରଗତି କରୁଥିବାରୁ ସେମାନଙ୍କର ମାନୁଆଲ୍ କାମକୁ ହ୍ରାସ କରୁଛି। ଏହି ଅବସରରେ ପଲିସିବଜାର ଫର୍ ବିଜନେସର ନିର୍ଦ୍ଦେଶକ ସଜ୍ଜା ପ୍ରବୀଣ ଚୌଧୁରୀ କହିଲେ, ଭାରତରେ ସାମୁଦ୍ରିକ ବୀମା ବ୍ୟବହାରକାରୀ ଅଭିଜ୍ଞତା, ଗତି ଏବଂ ସ୍ୱଚ୍ଛତା ଦୃଷ୍ଟିରୁ ବହୁ ଦିନ ଧରି ଅନୁପଯୁକ୍ତ ରହିଛି। ଏନରୁଟ୍ ସହିତ, ଆମେ ବ୍ୟବସାୟ ପାଇଁ ପ୍ରକୃତ କାର୍ଯ୍ୟକ୍ଷମ ସମସ୍ୟାର ସମାଧାନ କରୁଛୁ, ତାହା ପରିବହନ ଘୋଷଣା ପ୍ରକ୍ରିୟାକୁ ଅସୁବିଧାମୁକ୍ତ କରିବା, ଶୀଘ୍ର ପ୍ରମାଣପତ୍ରପ୍ରଦାନ କରିବା କିମ୍ବା ପଲିସିକୁ ଦକ୍ଷତାର ସହିତ ପରିଚାଳନା କରିବା। ଏହା କେବଳ ଆରମ୍ଭ। ପ୍ରଯୁକ୍ତିବିଦ୍ୟା କିପରି ବାଣିଜ୍ୟିକ ବୀମାକୁ ସରଳ କରିପାରିବ ସେନେଇ ଆମେ ଯୋଜନା ପ୍ରସ୍ତୁତ କରିଛୁ।

## ନୃତ୍ୟରେ ମହାପ୍ରଭୁଙ୍କ ମନମୋହିଲେ ଡକ୍ଟର ଚିତ୍ତରଞ୍ଜନ

ଶ୍ରୀକ୍ଷେତ୍ର ଜଗନ୍ନାଥ ଧାମ ପବିତ୍ର ଘୋଷଯାତ୍ରା ଅବସରରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦିବ୍ୟପହଣ୍ଡିରେ ନୃତ୍ୟସେବାରେ ନିମଗ୍ନ ଅନ୍ତରାଷ୍ଟ୍ରୀୟ ଓଡିଶୀ ନୃତ୍ୟଶିଳ୍ପୀ ତଥା ଓଡିଆ ଭାଷା ସାହିତ୍ୟର ବରିଷ୍ଠ ପ୍ରାଧ୍ୟାପକ ଡକ୍ଟର ଚିତ୍ତରଞ୍ଜନ ସାହାଣୀ. ଦୀର୍ଘ ତିନିଦଶନ୍ଧିରୁ ଉର୍ଦ୍ଧ ହେବ ମହାପ୍ରଭୁଙ୍କ ଚନ୍ଦନ ଯାତ୍ରା, ସ୍ନାନ ଯାତ୍ରା, ଗୁଣ୍ଡିଚା ଯାତ୍ରା, ବାହୁଡା ଯାତ୍ରା, ନୀଳାଦ୍ରିବିଜେ ,ଝୁଲଣ ଯାତ୍ରା, ଦୋଳ ଯାତ୍ରା



ମହାପ୍ରଭୁଙ୍କ ବିବାହ ଗୁଆଳି ଏବଂ ଦୁଇ ଥର ମହାପ୍ରଭୁଙ୍କ ନବକଳେବର ରେ ନୃତ୍ୟସେବା ଯୋଗାଇ ଦେଇ ଆସୁଛନ୍ତି . ଜାତୀୟ ତଥା ଆନ୍ତର୍ଜାତୀୟ ସ୍ତରରେ ଅନେକ ଦେଶ ବିଦେଶରେ ଓଡ଼ିଆ ଛାନ୍ଦ ଚୌପଦୀ, ରେ ଓଡିଶୀ ନୃତ୍ୟ ପରିବେଷଣ କରି ବିଭିନ୍ନ ବିଶ୍ୱବିଦ୍ୟାଳୟରେ ଓଡିଶୀନୃତ୍ୟ ପରିବେଷଣ କରି ଯୁବବର୍ଗଙ୍କୁ ଶାସ୍ତ୍ରିୟନୃତ୍ୟ ପ୍ରତି ପ୍ରଚାର ପ୍ରସାର କରିଆସୁଛନ୍ତି.

# ବିଜେପି ରାଷ୍ଟ୍ରୀୟ ସଭାପତି ନିର୍ବାଚନ ଖୁବ୍‌ଶୀଘ୍ର



ନୂଆଦିଲ୍ଲୀ: ବିଜେପିର ରାଷ୍ଟ୍ରୀୟ ସଭାପତି ନିର୍ବାଚନ ଖୁବ୍ ଶୀଘ୍ର ହୋଇପାରେ । ଶୁକ୍ରବାର ବିଜେପି ମହାରାଷ୍ଟ୍ରରେ କେନ୍ଦ୍ର ମନ୍ତ୍ରୀ କିରେନ ରିଜିଜୁ, ଉତ୍ତରାଖଣ୍ଡରେ କେନ୍ଦ୍ର ମନ୍ତ୍ରୀ ହର୍ଷ ମାଲହୋତ୍ରା ଏବଂ ପଶ୍ଚିମବଙ୍ଗରେ ରବି ଶଙ୍କର ପ୍ରସାଦଙ୍କୁ ରାଜ୍ୟ ନିର୍ବାଚନ ଅଧିକାରୀ ଭାବରେ ନିଯୁକ୍ତ କରିଛି । ଜାତୀୟ ରିଟର୍ଣ୍ଣିଂ ଅଧିକାରୀ ଡକ୍ଟର କେ ଲକ୍ଷ୍ମଣ ଏକ ଚିଠି ଜାରି କରି ତିନି ଜଣଙ୍କ ନାମ ଘୋଷଣା କରିଛନ୍ତ । ଏବେ ଏହି ତିନି ନେତା ଏହି ରାଜ୍ୟଗୁଡ଼ିକୁ ଯିବେ ଏବଂ ଏହି ତିନୋଟି ରାଜ୍ୟରେ ରାଜ୍ୟ ସଭାପତି ନିର୍ବାଚନ ପ୍ରକ୍ରିୟା ସମାପ୍ତ ହେବ, ଯାହା ପରେ ରାଜ୍ୟ ସଭାପତିଙ୍କ ନାମ ଘୋଷଣା କରାଯିବ । ବିଜେପିର ୧୯ଟି ରାଜ୍ୟରେ ସଂଗଠନ ନିର୍ବାଚନ ପରେ, ରାଷ୍ଟ୍ରୀୟ ସଭାପତି ନିର୍ବାଚିତ ହେବେ, ଏହା ବିଶ୍ୱାସ କରାଯାଉଛି ଯେ ଆସନ୍ତା ମାସ ଆରମ୍ଭ ସୁଦ୍ଧା ଦଳ ଏହାର ରାଷ୍ଟ୍ରୀୟ ସଭାପତି ନିର୍ବାଚନ ପାଇଁ ଆବଶ୍ୟକ ସମସ୍ତ ପ୍ରକ୍ରିୟା ସମାପ୍ତ କରିବ ।

# ଇରାନକୁ ୩୦ ବିଲିୟନ ଡଲାର ଦେବ ଆମେରିକା

ୱାଶିଂଟନ: ଇରାନ ଏବଂ ଇସ୍ରାଏଲ ମଧ୍ୟରେ ଯୁଦ୍ଧବିରତି ପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସ୍ୱର ବଦଳି ଯାଇଛି । ଟ୍ରମ୍ପ ପ୍ରଶାସନର ଉଚ୍ଚ ପଦାଧିକାରୀ ଏବଂ ସୂତ୍ର ସୂଚନା ଦେଇଛନ୍ତି ଯେ ଆମେରିକା ଇରାନର ବେସାମରିକ ଶକ୍ତି ପରମାଣୁ କାର୍ଯ୍ୟକ୍ରମ ପାଇଁ ୨୦ ରୁ ୩୦ ବିଲିୟନ ଡଲାର ଦେବ ଏବଂ ଏହା ଉପରେ ଲାଗୁ ହୋଇଥିବା କଟକଣାରେ ମଧ ଆଶ୍ୱସ୍ତି ଦେଇପାରେ । ଏହି ସମୟରେ ଇସ୍ରାଏଲର ପ୍ରତିରକ୍ଷା ମନ୍ତ୍ରୀ ଇଜ୍ରାଇଲ କାଟଜ୍ ଙ୍କ ଏକ ବିବୃତ୍ତି ଆସିଛି । ଇଜ୍ରାଇଲ କାଟଜ୍ ଇସ୍ରାଏଲ ଟେଲିଭିଜନ ଚ୍ୟାନେଲ ୧୩ ସମେତ ବିଭିନ୍ନ ଗଣମାଧ୍ୟମ ଚ୍ୟାନେଲକୁ ଏକ ସାକ୍ଷାତକାରରେ କହିଛନ୍ତି ଯେ ଆମେରିକା ଏଥିରେ ଯୋଗଦେବ କି ନାହିଁ ତାହା ନଜାଣି ସରକାର ଯୁଦ୍ଧ ଆରମ୍ଭ କରିଥିଲେ ।

ଇସ୍ରାଏଲର ପ୍ରତିରକ୍ଷା ମନ୍ତ୍ରୀ ଇଜ୍ରାଇଲ କାଟଜ୍ କହିଛନ୍ତି ଯେ ଇସ୍ରାଏଲ ଜାଣେ ନାହିଁ ଯେ ୟୁରାନିୟମ ଭଣ୍ଡାର କେଉଁଠି ଅଛି, କିନ୍ତୁ ଆବଶ୍ୟକ ହେଲେ ଏହା ପୁଣି ଇରାନ ଉପରେ ଆକ୍ରମଣ କରିବ । ଟ୍ରମ୍ପ ପ୍ରଶାସନର ସୂତ୍ର କହିଛନ୍ତି ଯେ ଆମେରିକା ଇରାନକୁ ସିଧାସଳଖ ଟଙ୍କା ଦେବ ନାହିଁ, କିନ୍ତୁ ଏହା ଆରବ ଦେଶମାନଙ୍କରେ ଥିବା ବନ୍ଧୁମାନଙ୍କ ମାଧ୍ୟମରେ ଇରାନକୁ ଏହି ସାହାଯ୍ୟ ଯୋଗାଇବ । କାଟଜ୍ କହିଛନ୍ତି ଯେ ଆବଶ୍ୟକ ହେଲେ ଇସ୍ରାଏଲ ପୁଣି ଇରାନ ଉପରେ ଆକ୍ରମଣ କରିବ । ସେ କହିଥିଲେ, 'ଆମେ ଇରାନକୁ ପରମାଣୁ ଅସ୍ତ୍ର ଏବଂ ଦୂରଗାମୀ କ୍ଷେପଣାସ୍ତ୍ର ବିକଶିତ କରିବାକୁ ଦେବୁ ନାହିଁ ।' ଇଜ୍ରାଇଲ କାଟଜ୍ ଏହା ମଧ୍ୟ ସ୍ୱୀକାର କରିଛନ୍ତି ଯେ ଇସ୍ରାଏଲ ଇରାନର ୟୁରାନିୟମର ସ୍ଥାନ ଜାଣିନାହିଁ, କିନ୍ତୁ ଦାବି କରିଛନ୍ତି ଯେ ସେମାନଙ୍କର ସାମରିକ ଆକ୍ରମଣ ତେହେରାନର ସମୃଦ୍ଧି କ୍ଷମତାକୁ ନଷ୍ଟ କରିଦେଇଛି ।



# ୭ ଜୁଲାଇ ପର୍ଯ୍ୟନ୍ତ ବଢ଼ିଲା ଆଶାରାମଙ୍କ ଜାମିନ

ନୂଆଦିଲ୍ଲୀ: ଗୁଜରାଟ ହାଇକୋର୍ଟ ୨୦୧୩ ଦୁଷ୍କର୍ମ ମାମଲାରେ ଆଶାରାମଙ୍କୁ ଏକ ବଡ଼ ଆଶ୍ୱସ୍ତି ଦେଇଛନ୍ତ । ତାଙ୍କ ଅସ୍ଥାୟୀ ଜାମିନକୁ ୭ ଜୁଲାଇ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ସେ ଏହି ମାମଲାରେ ଆଜୀବନ କାରାଦଣ୍ଡ ଭୋଗୁଛନ୍ତି ।ଆବେଦନର ଶୁଣାଣି ସମୟରେ, ବିଚାରପତି ଇଲେଶ ଭୋରା ଏବଂ ସନ୍ଦୀପ ଭଟ୍ଟଙ୍କ ଖଣ୍ଡପୀଠ ଆଶାରାମଙ୍କ ଅସ୍ଥାୟୀ ଜାମିନକୁ ତିନି ମାସରୁ ବୃଦ୍ଧି କରିଛନ୍ତି, ଯାହା ପୂର୍ବରୁ ୨୮ ମାର୍ଚ୍ଚରେ ଦିଆଯାଇଥିଲା । ଏହାର ଅବଧି ୩୦ ଜୁନ୍ ରେ ଶେଷ ହେଉଛି । ଆଶାରାମ (୮୬) ସ୍ୱାସ୍ଥ୍ୟଗତ କାରଣରୁ ଜାମିନରେ ଅଛନ୍ତି । ତାଙ୍କ ଓକିଲ ଆବେଦନରେ ଆବଶ୍ୟକୀୟ କାଗଜପତ୍ର ଦାଖଲ କରିପାରିବେ ।



ସେଥିପାଇଁ ଜାମିନ ଅବଧି ବୃଦ୍ଧି କରାଯାଇଛି । ମାମଲାର ପରବର୍ତ୍ତୀ ଶୁଣାଣି ୨ ଜୁଲାଇରେ ହେବ । ଗାନ୍ଧୀନଗରର ଏକ କୋର୍ଟ ଜାନୁଆରୀ ୨୦୨୩ ରେ ଆଶାରାମଙ୍କୁ ଦୁଷ୍କର୍ମ ମାମଲାରେ ଆଜୀବନ କାରାଦଣ୍ଡ ଶୁଣାଇଥିଲେ । ୨୦୧୩ ରେ ରାଜସ୍ଥାନର ତାଙ୍କ ଆଶ୍ରମରେ ଜଣେ ନାବାଳିକା ଝିଅକୁ ଯୌନ ନିର୍ଯାତନା ଦେବାର ଅନ୍ୟ ଏକ ମାମଲାରେ ଆଶାରାମ ମଧ୍ୟ ଆଜୀବନ କାରାଦଣ୍ଡ ଭୋଗୁଛନ୍ତି ।

## ଡିଜେଲରେ ମିଶିଥିଲା ପାଣି

# ଅଚଳ ହେଲା ମୁଖ୍ୟମନ୍ତ୍ରୀଙ୍କ କନଭୟର ୧୯ ଗାଡ଼ି

ଭୋପାଳ: ଅପମିଶ୍ରିତ ଡିଜେଲ ଯୋଗୁ ମଧ ପ୍ରଦେଶ ମୁଖ୍ୟମନ୍ତ୍ରୀ ମୋହନ ଯାଦବଙ୍କ କନଭୟର ୧୯ଟି ଗାଡ଼ି ଅଚଳ ହୋଇଯିବା ଘଟଣା ଏବେ ଚର୍ଚ୍ଚାର ବିଷୟ ପାଲଟିଛ । ଗୁରୁବାର ବିଳମ୍ବିତ ରାତିରେ ରତଲାମରେ ଘଟିଛି ଏହି ଘଟଣା । ଶୁକ୍ରବାର ରତଲାମରେ ମୁଖ୍ୟମନ୍ତ୍ରୀ ମୋହନ ଯାଦବଙ୍କର ଏକ କାର୍ଯ୍ୟକ୍ରମ ଥିଲା । ଏହି ୧୯ଟି ଗାଡ଼ି ଏଠାରେ ମୁଖ୍ୟମନ୍ତ୍ରୀଙ୍କ କନଭୟରେ ସାମିଲ ହେବାକୁ ଆସିଥିଲେ । ଗତକାଲି ବିଳମ୍ବିତ ରାତିରେ ସେମାନେ ଇନ୍ଦୋରରୁ ଆସି ରତଲାମରେ ପହଞ୍ଚିବା ପରେ ତେଲ ଭର୍ତ୍ତି କରିବା ପାଇଁ ଏକ ପେଟ୍ରୋଲ ପମ୍ପରେ ଅଟକି ଥିଲେ । ସେଠାରେ ସବୁ ଗାଡ଼ିଗୁଡ଼ିକରେ ଡିଜେଲ ପୂରା ଯାଇଥିଲା ।



ତେବେ ତା'ପରେ ଗାଡ଼ିଗୁଡ଼ିକ ଅଚଳ ହୋଇଯାଇଥିଲା । କିଛି ଗାଡ଼ି ସେଠାରୁ ଯାଇ ରାସ୍ତା ଉପରେ ପହଞ୍ଚିବା ପରେ ଷ୍ଟାର୍ଟ ବନ୍ଦ ହୋଇଯାଇଥିଲା । ଆଉ କିଛି ଗାଡ଼ି ସେହି ପେଟ୍ରୋଲ ପମ୍ପରେ ହିଁ ଅଚଳ ହୋଇଯାଇଥିଲା ସେଗୁଡ଼ିକୁ ସେଠାରୁ ଠେଲି ବାହାର କରାଯାଇଥିଲା।। ଡିଜେଲରେ ପାଣି ମିଶାଯାଇଥିବାରୁ ଏଭଳି ଘଟିଥିବା ଜଣାପଡ଼ିଛ ।। ଏହି ଘଟଣା ପରେ ଉକ୍ତ ପେଟ୍ରୋଲ ପମ୍ପକୁ ସିଲ୍ କରି ଦେଇଛି ପ୍ରଶାସନ ।

# ଯୌନ ସମ୍ପର୍କର ସିଧାପ୍ରସାରଣ କରି ଦମ୍ପତି ଗିରଫ

ନୂଆଦିଲ୍ଲୀ: ସମ୍ପର୍କରେ ସ୍ୱାମୀ-ସ୍ତ୍ରୀ । ଦମ୍ପତିଙ୍କର ଦୁଇ ଜଣ କଲେଜ ପଢୁଆ ଝିଅ ମଧ୍ୟ ରହିଛନ୍ତି । କିନ୍ତୁ ଦୁଇ ଝିଅଙ୍କ କଲେଜ ଫି' ଦେବାକୁ ଦମ୍ପତି ସକ୍ଷମ ହେଉ ନଥିଲେ । ଏଥିପାଇଁ ଦମ୍ପତି ନିଜ ବ୍ୟକ୍ତିଗତ ସମ୍ପର୍କକୁ ସୋଶାଲ ମିଡିଆରେ ଭାଇରାଲ କରିବାକୁ ନିଷ୍ପତ୍ତି ନେଲେ । ଅଧିକ ଟଙ୍କା ପାଇବା ଉଦ୍ଦେଶ୍ୟରେ ସେମାନେ ନିଜର ଯୌନ ସମ୍ପର୍କର ଦୃଶ୍ୟକୁ ସିଧାପ୍ରସାରଣ କରୁଥିଲେ । ଏକଥା ଜଣାପଡ଼ିବା ପରେ ହାଇଦ୍ରାବାଦର ଏହି ଦମ୍ପତିଙ୍କୁ ପୁଲିସ୍ ଗିରଫ କରିଛି । ପୁଲିସ୍ କହିଛି ଯେ ଦମ୍ପତିଙ୍କ ଦୁଇ ଜଣ ଝିଅ ରହିଛନ୍ତି । ସେମାନେ କଲେଜରେ ପଢନ୍ତି । ଦୁଇ ଜଣ ଯାକ ଭଲ ଛାତ୍ରୀ । ସେମାନଙ୍କ ମଧ୍ୟରୁ ଜଣେ ବିଟେକ ପାଠ୍ୟକ୍ରମର ଦ୍ୱିତୀୟ ବର୍ଷର ଛାତ୍ରୀ । ଆଉ ଜଣେ ଝିଅ ନିକଟରେ ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ୪୭୦ରୁ ୪୬୮ ନମ୍ବର ରଖିଥିଲେ । ଦୁଇ ଜଣ ଯାକ ଭଲ ପଢୁଥିଲେ ହେଁ ସେମାନଙ୍କ କଲେଜ ଫି' ଦେବା ଦମ୍ପତିଙ୍କ ପକ୍ଷରେ ସହଜ ହେଉ ନଥିଲା । ଏମାନଙ୍କ ବାପା ପେଶାରେ ଜଣେ ଅଟୋ ଡ୍ରାଇଭର । ସେ ମଧ ବହୁ ରୋଗରେ ପୀଡ଼ିତ ।। ତେଣୁ ସେ ନିଜର ମେଡିକାଲ ଖର୍ଚ୍ଚ ଠିକ ଭାବେ କରି ପାରୁ ନଥିଲେ । ଏପରି ଆର୍ଥିକ ସଙ୍କଟରୁ ବର୍ତ୍ତିବା ପାଇଁ ଦମ୍ପତି ସହଜରେ ଟଙ୍କା ଆୟ କରିବାକୁ ନିଜର ଯୌନ ସମ୍ପର୍କର ଦୃଶ୍ୟକୁ ସିଧା ପ୍ରସାରଣ କରୁଥିଲେ ବୋଲି ପୁଲିସ୍ ଜାଣିବାକୁ ପାଇଛ ।

ପୁଲିସ୍ ଏମାନଙ୍କୁ ଗୁରୁବାର ଦିନ ଅମ୍ବରପେଟର ମଲ୍ଲିକାର୍ଜୁନ ନଗରରୁ ଗିରଫ କରିଛି ।ସେମାନଙ୍କ ଘରୁ ପୁଲିସ୍ ଏକାଧିକ ହାଇ ଡେଫିନେସନ ବା ଏଚଡି କ୍ୟାମେରା ଜବତ କରିଛି ।ପୁଲିସ କହିଛି ଯେ ଦମ୍ପତି ସେମାନଙ୍କ ଯୌନ ସମ୍ପର୍କର ଉଭୟ ଲାଇଭ ଓ ରେକର୍ଡ ଭିଡିଓକୁ ନିର୍ଦ୍ଦିଷ୍ଟ ଆପ୍ ବ୍ୟବହାରକାରୀଙ୍କ ପାଖକୁ ଛାଡୁଥିଲେ । ସେମାନଙ୍କ ଟାର୍ଗେଟରେ ଯୁବ ଗୋଷ୍ଠୀ ହିଁ ରହିଥିଲେ । ଗୋଟିଏ ଲାଇଭ ଭିଡିଓ ପାଇଁ ୨ ହଜାର ଟଙ୍କା ଓ ରେକର୍ଡ ଭିଡିଓ ପାଇଁ ୫୦୦ ଟଙ୍କାର ବ୍ୟବସ୍ଥା ରହିଥିଲା । ଏପରି କରି ଦମ୍ପତି ବିପୁଳ ଟଙ୍କା ଆୟ କରିବାକୁ ସକ୍ଷମ ହୋଇଥିଲେ । ଦିନ ସାରା ଗାଡ଼ି ଚଳାଇ ବ୍ୟକ୍ତି ଜଣଙ୍କ ଯେତିକି ଆୟ କରି ପାରୁ ନଥିଲେ, ତା'ଠାରୁ ଯଥେଷ୍ଟ ଅଧିକ ଟଙ୍କା ସେମାନଙ୍କୁ ଭିଡିଓ ପୋଷ୍ଟ କରି ମିଳୁଥିଲା । ନିଜ ଯୌନ ସମ୍ପର୍କର ଭିଡିଓକୁ ରେକର୍ଡ ଓ ସିଧାପ୍ରସାରଣ କରିବାକୁ ଦମ୍ପତି ଏଚଡି କ୍ୟାମେରାରର ବ୍ୟବହାର କରୁଥିଲେ । ନିଜର ପରିଚୟକୁ ଗୋପନ ରଖିବା ପାଇଁ ସେମାନେ ସବୁବେଳେ ମାସ୍କ ପରିଧାନ କରୁଥିଲେ ।

ତେବେ ଗୁପ୍ତ ତଥ୍ୟ ପାଇ ଇଷ୍ଟ ଜୋନ ଟାସ୍କ ଫୋର୍ସ ନିକଟରେ ଦମ୍ପତିଙ୍କ ଘରେ ରେଡ କରିଥିଲା । ଏହାପରେ ପୂରା ଘଟଣା ସାମ୍ନାକୁ ଆସିଛି ।

# ଜଙ୍ଗଲରୁ ମିଳିଲା ୫ ବାଘ ମୃତଦେହ

ବେଙ୍ଗାଲୁରୁ: କର୍ଣ୍ଣାଟକର ଚାମରାଜନଗର ଜିଲ୍ଲାର ମାଲେ ମହାଦେଶ୍ୱର ହିଲ୍ସ ବନ୍ୟପ୍ରାଣୀ ଅଭୟାରଣ୍ୟରେ ପାଞ୍ଚଟି ବାଘଙ୍କ ମୃତଦେହ ମିଳିଛି । ଏଥିରେ ଗୋଟିଏ ମା ଏବଂ ଚାରିଟି ଛୁଆ ଅଛନ୍ତି । ବନମନ୍ତ୍ରୀ ଈଶ୍ୱର ଖଣ୍ଡରେ ଏହି ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତ । ଏହି ପାଞ୍ଚଟି ବାଘଙ୍କର ବିଷକ୍ରିୟା ଯୋଗୁଁ ମୃତ୍ୟୁବରଣ କରିଥିବା ଆଶଙ୍କା କରାଯାଉଛ । ତଥାପି, ସମସ୍ତ ପ୍ରକ୍ରିୟା ଏବଂ ପୋଷ୍ଟମର୍ଟମ ପରେ ହିଁ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ବନ ବିଭାଗ କହିଛି ।




ମଧ୍ୟପ୍ରଦେଶ ପରେ କର୍ଣ୍ଣାଟକରେ ସର୍ବାଧିକ ବାଘ ଅଛନ୍ତି । ଏଠାରେ ବାଘଙ୍କ ସଂଖ୍ୟା ୫୬୩ ।ବନ୍ୟପ୍ରାଣୀଙ୍କ ସହିତ ବଢୁଥିବା ସଂଘର୍ଷ, ବିଶେଷକରି ବାଘମାନେ ଗୋରୁମାନଙ୍କୁ ଆକ୍ରମଣ କରି ସେମାନଙ୍କୁ ନିଜର ଶିକାର କରୁଥିବାରୁ, ଗ୍ରାମବାସୀମାନେ ପ୍ରାୟତଃ ବିଷ ଏବଂ ଫାଶ ବ୍ୟବହାର କରି ସେମାନଙ୍କୁ ନିପାତ କରିବାକୁ ଚେଷ୍ଟା କରନ୍ତି ।ବନ ବିଭାଗ ଦଳ ମୃତ ବାଘଙ୍କଠାରୁ ନମୁନା ନେଇ ତଦନ୍ତ ପାଇଁ ପଠାଇଛନ୍ତି ।

# ଅହମ୍ମଦାବାଦରେ ଅଘଟଣ : ଅମାନିଆ ହେଲେ ଗଜରାଜ

ଅହମଦାବାଦ: ଚାଲିଥିଲା ରଥଯାତ୍ରା, ଗଡୁଥିଲା ରଥ.. ଆଗେ ଆଗେ ଚାଲିଥିଲା ଶୋଭାଯାତ୍ରା ।ସମସ୍ତେ ଜୟ ଜଗନ୍ନାଥ ନାରା ଦେଇ ଆଗକୁ ବଢୁଥିଲେ । ହେଲେ ହଠାତ୍ ସବୁକିଛି ଗଡ଼ବଡ଼ ହେଇଗଲା । ଭକ୍ତ ଭିଡ଼ ଭିତରେ ଅଣାୟତ୍ତ ହେଲେ ଗଜରାଜ । ଆଉ ଭକ୍ତଙ୍କ ଗହଳି ଭିତରୁ ବାହାରକୁ ଧାଇଁଲେ । ନା ମାହୁନ୍ତର କଥା ମାନିଲେ ନା ସ୍ଥିର ରହିଲେ । ଗଜରାଜଙ୍କ ଏଭଳି କାଣ୍ଡ ଦେଖି ଭୟରେ ଧାଇଁଲେ ଭକ୍ତ ।ଏଭଳି ଏକ ଅଭାବନୀୟ ଘଟଣା ଆସିଛି ଅହମଦାବାଦ ରଥଯାତ୍ରାରୁ । ତେବେ ଅହମଦାବାଦ ରଥଯାତ୍ରା ଚାଲିଥିବା ବେଳେ ୩ଟି ହାତୀ ନିୟନ୍ତ୍ରଣ ବାହାରକୁ ଚାଲିଯିବା ପରେ ଭକ୍ତଙ୍କ ଠେଲି ପଳାଇ ଯାଇଥିଲେ । ଶୋଭାଯାତ୍ରା ବେଳେ ଏପରି ଘଟିବା କାରଣରୁ ଭକ୍ତ ଆତଙ୍କିତ ହୋଇପଡିଥିଲେ ହେଁ ପରେ ୩ଟି ହାତୀକୁ ନିୟନ୍ତ୍ରଣକୁ ଅଣାଯାଇଥିଲା । ସେପଟେ ରଥଯାତ୍ରା ପାଇଁ ହେଉଥିବା ଶୋଭାଯାତ୍ରାରେ ହାତୀ ରହିବାର ପରମ୍ପରା ରହିଛି । ତେବେ ଚଳିତ ବର୍ଷ ଶୋଭାଯାତ୍ରାରେ ୧୮ଟି ହାତୀ, ୧୦୦ ଟ୍ରକ, ସଂକୀର୍ତ୍ତନ ମଣ୍ଡଳୀ ସହ ୩୦ଟି ଆଖଡା ସାମିଲ ଅଛନ୍ତି ।

ପବିତ୍ର ରଥଯାତ୍ରା ଉପଲକ୍ଷେ ଅହମଦାବାଦରେ ଗଡିଛି ରଥ ଅହମଦାବାଦରେ ୧୪୮ ତମ ରଥଯାତ୍ରା ପାଳିତ ହୋଇଯାଇଛି । ଯେଉଁଠାରେ ଜଗନ୍ନାଥମୟ ହୋଇଛି ପୂରା ପରିବେଶ । ଭକ୍ତ ଭଗବାନଙ୍କର ମିଳନ ହୋଇଛି ଛ ତିନି ରଥରେ ତିନି ଠାକୁରଙ୍କୁ ବସାଇ ରଥ ଟାଣିଛନ୍ତି ଭକ୍ତ । ଗୁଜୁରାଟ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ ରଥଯାତ୍ରା ପହଣ୍ଡି ବିଧି କରିବା ସହ ଛେରା ପହଁରା କରିଥିଲେ ପରେ ରଥଟଣା ଆରମ୍ଭ ହୋଇଥିଲା ।



# ସାରା ଦେଶରେ ସମ୍ବିଧାନ ହତ୍ୟା ଦିବସ ପାଳିତ

ନୂଆଦିଲ୍ଲୀ:ଭାରତରେ ଗଣତନ୍ତ୍ର କେବଳ ଏକ ରାଜନୈତିକ ବ୍ୟବସ୍ଥା ନୁହେଁ ଏହା ଏକ ସଭ୍ୟତାର ଚିନ୍ତାଧାରା, ଯାହା ଭାରତର ଐତିହାସିକ ଏବଂ ସାଂସ୍କୃତିକ ଢାଞ୍ଚା ସହ ନିବିଡ଼ ଭାବରେ ସଂଶ୍ଲିଷ୍ଟ ଏକ ସଭ୍ୟତାଗତ ନୀତି । ସମ୍ବିଧାନ ହତ୍ୟା ଦିବସ କେବଳ ଏକ ଅତୀତରେ ଘଟିଥିବା ଅନ୍ୟାୟର ସ୍ମୃତିଚାରଣ ନୁହେଁ, ବରଂ ଗଣତାନ୍ତ୍ରିକ ନୀତି, ସାଂଗଠନିକ ଅଖଣ୍ଡତା ଏବଂ ସାମ୍ବିଧାନିକ ମୂଲ୍ୟବୋଧ ପ୍ରତି ଆମର ପ୍ରତିବଦ୍ଧତାକୁ ଦୋହରାଇବାର ଏକ ଉତ୍କୃଷ୍ଟ ଉଦାହରଣ । ଆସନ୍ତୁ ଆମେ ଏକ ରାଷ୍ଟ୍ର ଭାବରେ ଆମ ଗଣତନ୍ତ୍ରର ମୂଳଦୁଆକୁ ରକ୍ଷା କରିବା ପାଇଁ ଆମର ସଂକଳ୍ପକୁ ପ୍ରତିଫଳିତ କରିବା, ଅତୀତର ସ୍ମୃତିଚାରଣ କରିବା ଏବଂ ନୂତନତ୍ୱକୁ ପ୍ରୋତ୍ସାହିତ କରିବା ।

ସଂସ୍କୃତି ମନ୍ତ୍ରଣାଳୟ ପ୍ରତ୍ୟେକ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳର ୫୦ଟି ପ୍ରମୁଖ ସ୍ଥାନରେ ଗଣତାନ୍ତ୍ରିକତା ଦୀର୍ଘଜୀବୀ ହେଉ ପ୍ରଦର୍ଶନୀର ଶୁଭାରମ୍ଭ ପାଇଁ ଯୋଗାଯୋଗର ଉଦ୍ୟମ କରୁଛି, ଯାହା ଆଗାମୀ ସପ୍ତାହଗୁଡ଼ିକରେ ସାଧାରଣ ଲୋକଙ୍କ ପାଇଁ ଖୋଲା ରହିବ ।

ଦିଲ୍ଲୀର ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା, କେନ୍ଦ୍ର ମନ୍ତ୍ରୀ ମନୋହର ଲାଲ ଖଟ୍ଟରଙ୍କ ସହ ସେଣ୍ଟ୍ରାଲ ପାର୍କ, କନଟ୍ ପ୍ଲେସରେ 'ସମ୍ବିଧାନ ହତ୍ୟା ଦିବସ' ଉପରେ ପ୍ରଦର୍ଶନୀର ଉଦଘାଟନ କରିଛନ୍ତି ।

# ଓଡ଼ିଶା ବାହାରେ ରଥଯାତ୍ରା : ରଥ ଟାଣିଲେ ଶ୍ରଦ୍ଧାଳୁ







### ବିଶାଖାପାଟଣା

ବିଶାଖାପାଟଣା: ଆନ୍ଧ୍ରପ୍ରଦେଶର ବିଶାଖାପାଟଣାର ଦଶପଲ୍ଲା ପାହାଡ଼ିରେ ଅବସ୍ଥିତ ଜଗନ୍ନାଥ ମନ୍ଦିରରେ ପବିତ୍ର ରଥଯାତ୍ରା ପର୍ବ ମହାସମାରୋହରେ ପାଳନ କରାଯାଇଛି । ମନ୍ଦିର ପରିଚାଳନା କମିଟି ଉତ୍କଳ ସାଂସ୍କୃତିକ ସମାଜ ଦ୍ୱାରା ଆୟୋଜିତ ଏହି ଭବ୍ୟ ମହୋତ୍ସବକୁ କେନ୍ଦ୍ର କରି ଭକ୍ତମାନଙ୍କ ମଧ୍ୟରେ ପ୍ରବଳ ଆନନ୍ଦ, ଉଲ୍ଲାସ, ଉତ୍ସାହ ଓ ଉଦ୍ଦୀପନା ପରିଲକ୍ଷିତ କରାଯାଇଥିଲା । ଅପରାହ୍ନ ୩.୩୦ବେଳେ ଚାରିଠାକୁରଙ୍କର ପହଣ୍ଡି ବିଜେ କରାଯାଇଥିଲା । ପ୍ରଥମେ ଠାକୁର ସୁଦର୍ଶନ, ତାପରେ ବଡ଼ଭାଇ ବଳଭଦ୍ର, ପରେ ପରେ ଦେବୀ ସୁଭଦ୍ରା ଓ ଶେଷରେ ଜଗତରନାଥ ଶ୍ରୀ ଜଗନ୍ନାଥଙ୍କୁ ସାହି ରୋଷଣୀ କରାଯାଇ ମନ୍ଦିର ସମ୍ମୁଖସ୍ଥ ବଡ଼ଦାଣ୍ଡରେ ଦଣ୍ଡାୟମାନ ସୁନ୍ଦର ଓ ସୁସଜ୍ଜିତ ରଥ ଉପରକୁ ନିଆ ଯାଇଥିଲା । ମନ୍ଦିର ପରିଚାଳନା କମିଟିର ସଭାପତି ଜୀତେନ୍ଦ୍ର କୁମାର ନାୟକ ପାରମ୍ପରିକ ଛେରାପହଁରା ନୀତି ସମ୍ପନ୍ନ କରିଥିଲେ । ଅପରାହ୍ନ ୪ଟାରେ ରଥ ଟଣା ପ୍ରକ୍ରିୟା ଆରମ୍ଭ ହୋଇଥିଲା । ଏଠାରେ ଓଡ଼ିଆ ଓ ଅଣଓଡ଼ିଆ ପ୍ରାୟ ୫ ହଜାର ଦର୍ଶକଙ୍କର ସମାଗମ ହୋଇଥିଲା । ଚଳିତ ବର୍ଷ ଘୋଷଯାତ୍ରାରେ ସ୍ଥାନୀୟ ମାରୱାଡ଼ି ଯୁବମଞ୍ଚ ଓ ପଞ୍ଜାବ ସଂଘ ସକ୍ରୀୟ ସହଯୋଗ ପ୍ରଦାନ କରିଥିଲେ ।

### ଗାନ୍ଧୀନଗର

ଗୁଜରାର ଗାନ୍ଧୀନଗରର ଅଦାଲଜର ଶନି ମନ୍ଦିର ନିକଟରେ ଥିବା ଜେସିଏଆରସି(ଶ୍ରୀ ଜଗାଥ ସାଂସ୍କୃତିକ ଏକାଡେମୀ ଏବଂ ଗବେଷଣା କେନ୍ଦ୍ର) ଓଡ଼ିଶା ଏବଂ ଗୁଜରାଟ ମଧ୍ୟରେ ଏକ ସାଂସ୍କୃତିକ ସେତୁ ଭାବରେ କାର୍ଯ୍ୟ କରୁଛ । ଆଜି ଏଠାରେ ହର୍ଷୋଲ୍ଲାସର ସହିତ ରଥଯାତ୍ରାର ଆୟୋଜନ କରାଯାଇଛି । ମହାପ୍ରଭୁଙ୍କ ରଥକୁ ଭକ୍ତମାନେ ଆନନ୍ଦର ସହିତ ଟାଣିଛନ୍ତି । ରାଜ୍ୟସଭା ସାଂସଦ ପୂର୍ବତନ ଗୁଜରାଟ ଉପୁଖ୍ୟମନ୍ତ୍ରୀ ନରହରି ଅମିନ ସମାରୋହରେ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଗାନ୍ଧୀନଗର ମ୍ୟୁନିସିପାଲ କର୍ପୋରେସନର ମେୟର ମୀରାବେନ ପଟେଲ ଯୋଗଦେଇଥିଲେ । ସେମାନଙ୍କ ଆଗମନ ପରେ, ମନ୍ଦିର ପରିଚାଳନାର ଅଧ୍ୟକ୍ଷ ମହେଶ୍ୱର ସାହୁ ଏବଂ ଓଏସସିଏର ସଭାପତି ଏଚ୍. କେ. ଦାଶ ଏବଂ ଅନ୍ୟାନ୍ୟ ସଦସ୍ୟ ସେମାନଙ୍କୁ ସ୍ୱାଗତ କରିଥିଲେ । ଏହା ପରେ, ମୁଖ୍ୟ ପୁରୋହିତ ପ୍ରଭୁଙ୍କ ଆଜ୍ଞାମାଳ ସହିତ ପାରମ୍ପରିକ 'ଛେରାପହରା' କରିଥିଲେ ।

### ଭାଇଜାଗ

ଉତ୍କଳ ସଂସ୍କୃତି ସମାଜ ଆଜି ରଥଯାତ୍ରା ପାଳନ କରିଛ ।ଭଗବାନ ଜଗନ୍ନାଥ, ପ୍ରଭୁ ବଳଭଦ୍ର ଏବଂ ଦେବୀ ସୁଭଦ୍ରାଙ୍କୁ ଏକ ରଙ୍ଗୀନ ସଜ୍ଜିତ ରଥରେ ଅଲ୍ ଇଣ୍ଡିଆ ରେଡିଓ ନିକଟ ଦଶପଲ୍ଲା ପାହାଡ଼ସ୍ଥିତ ମନ୍ଦିରରୁ ହରିବୋଲ ଏବଂ ସଂକୀର୍ତ୍ତନ ମଧ୍ୟରେ ଶ୍ରୀ ଗୁଣ୍ଡିଚା ମନ୍ଦିରକୁ ନିଆଯାଇଥିଲା । ପହଣ୍ଡି ବିଜେପରେ ଏକ ରୀତିନୀତିରେ ତିନି ଠାକୁରଙ୍କୁ ମନ୍ଦିରର ଗର୍ଭଗୃହରୁ ରଥକୁ ନିଆଯାଇଥିଲା । ତା'ପରେ ସମାଜର ସଭାପତି ଓଏସଏଲ ଗ୍ରୁପ୍ ଅଫ୍ କମ୍ପାନୀର ଉପାଧ୍ୟକ୍ଷ ଜେ.କେ. ନାୟକଙ୍କ ଦ୍ୱାରା ଛେରା ପରେ ଭକ୍ତମାନେ ରଥ ଟାଣିଥିଲେ ।

### ଜୟ ଜଗନ୍ନାଥ ଧ୍ୱନିରେ କମ୍ପିଲା ମୁମ୍ବାଇ

ନଭି ମୁମ୍ବାଇ: ନଭି ମୁମ୍ବାଇର ଖାରଘରଠାରେ ଅବସ୍ଥିତ ଏକମାତ୍ର ଜଗନ୍ନାଥ ମନ୍ଦିରରେ ମହାସମାରୋହରେ ରଥଯାତ୍ରା ପର୍ବ ପାଳନ କରାଯାଇଛି । ମହାରାଷ୍ଟ୍ର ଓଡ଼ିଆ କଲ୍ୟାଣ ସଂଘ (ମୋୱା) ଦ୍ୱାରା ଆୟୋଜିତ ଏହି ଭବ୍ୟ ଓ ଦିବ୍ୟ ମହୋତ୍ସବକୁ କେନ୍ଦ୍ର କରି ସମଗ୍ର ଖାରଘର ଇଲାକାର ଗଗନ ପବନ ଜଗନ୍ନାଥମୟ ହୋଇ ଉଠିଥିବା ଦେଖାଯାଇଥିଲା ।

### ୱିମ୍ବଲଡନ ଖେଳାଳି ଡ୍ର

# ଫାବିଓଙ୍କୁ ଭେଟିବେ ଆଲକାରେଜ

ନୂଆଦିଲ୍ଲୀ, ୨୭।୬ (ଏଜେନ୍ସି) : ୱିମ୍ବଲଡନ ଗ୍ରାଣ୍ଡସ୍ଲାମ ଟେନିସ୍ ଟୁର୍ଣ୍ଣାମେଣ୍ଟ ଖେଳାଳି ଡ୍ର' ଘୋଷଣା ହୋଇଛି । କିଏ କାହାକୁ ଭେଟିବ, କାହା ଅଭିଯାନ କେମିତି ଆରମ୍ଭ ହେବ, ତାହା ସ୍ପଷ୍ଟ ହୋଇଛି । ଅଧୁନା ବିଶ୍ୱ ଟେନିସ୍‌ର ଦକ୍ଷ ଖେଳାଳି କାର୍ଲୋସ ଆଲକାରେଜ ତାଙ୍କ ୱିମ୍ବଲଡନ ଅଭିଯାନ ଫାବିଓ ଫଗନିନିଙ୍କ ବିପକ୍ଷରୁ ଆରମ୍ଭ କରିବେ । ସେହିଭଳି ବିଶ୍ୱର ଏକନମ୍ବର ଖେଳାଳି ଜାନିକ ସିନର ଓ ନୋଭାକ ଜୋକୋଭିକ ମଧ୍ୟ ଚର୍ଚ୍ଚାରେ ରହିଛନ୍ତି । ମହିଳା ସିଙ୍ଗଲ୍ସ ଚାମ୍ପିଅନ ବାର୍ବୋରା କ୍ରେଜସିକୋଭା ପ୍ରଥମ ରାଉଣ୍ଡରେ ଆଲେକଜାଣ୍ଡ୍ରା ଇଲାଙ୍କୁ ଭେଟିବେ ।

ସ୍ପେନର ଆଲକାରେଜ ଗତ ଦୁଇଟି ଅଲ ଇଂଲଣ୍ଡ କ୍ଲବ୍ ଫାଇନାଲରେ ନୋଭାକ ଜୋକୋଭିକଙ୍କୁ ପରାସ୍ତ କରିଥିଲେ । ସେ ସୋମବାର ୱିମ୍ବଲଡନ ଅଭିଯାନ ଆରମ୍ଭ କରିବାକୁ ଯାଉଛନ୍ତି । କ୍ୟାରିୟରର କ୍ରମାଗତ ୧୮ତମ ବିଜୟ ସନ୍ଧାନରେ ରହିବେ । ଓପନ ଏରାରେ ସେ ପଞ୍ଚମ ଖେଳାଳି ଭାବେ କ୍ରମାଗତ ତୃତୀୟ ୱିମ୍ବଲଡନ ଟାଇଟଲ ଜିତିବା ଲକ୍ଷ୍ୟରେ ରହିଛନ୍ତି । ପୂର୍ବରୁ ବିଜର୍ଣ୍ଣବର୍ଗ, ପିଟ୍ ସମ୍ପ୍ରାସ, ରୋଜର ଫେଡେରର କ୍ରମାଗତ ୩ ଥର ୱିମ୍ବଲଡନ ଟାଇଟଲ ଜିତିଥିଲେ । ଏହି କ୍ଲବ୍‌ରେ ସାମିଲ ହେବା ପାଇଁ ଆଲକାରେଜ ଲକ୍ଷ୍ୟ ରଖିଛନ୍ତି ।

୨୨ ବର୍ଷୀୟ ଆଲକାରେଜ ଇଟାଲିର ଫଗନିନଙ୍କୁ ଦୁଇଟି ମ୍ୟାଚ୍‌ରେ ହରାଇଛନ୍ତି । ସିନର ଥରେ ୱିମ୍ବଲଡନ ଟାଇଟଲ ଜିତିଥିବା ବେଳେ ଏଥର ୭ ଥର ଟାଇଟଲ ଜିତିଥିବା ଜୋକୋଭିକଙ୍କ ସହ କଡ଼ା ମୁକାବିଲା କରିବା ସମ୍ଭାବନା ରହିଛି । ୨୦୧୮ ପରେ ପ୍ରଥମ ଥର ପାଇଁ ଜୋକୋଭିକ ନିମ୍ନ ସିଡ୍‌ରେ ୱିମ୍ବଲଡନ ଖେଳିବେ । ସେ ପ୍ରଥମ ରାଉଣ୍ଡରେ ଅଲେକଜାଣ୍ଡ୍ରେ ମୁଲରଙ୍କୁ ଭେଟିବେ । ଜୋକୋଭିକ ୨୪ ଥର ଗ୍ରାଣ୍ଡସ୍ଲାମ ଜିତିଛନ୍ତି । ଏଥର ୨୫ତମ ଟାଇଟଲ ଲକ୍ଷ୍ୟରେ ରହିବେ । ବିଶ୍ୱର ୩ ନମ୍ବର ଖେଳାଳି ଆଲେକ୍‌ଜାଣ୍ଡାର ଭିର୍ଭ ପ୍ରଥମ ରାଉଣ୍ଡରେ ଫ୍ରାନ୍ସର ଆର୍ଥର ରିଣ୍ଡରକିଞ୍ଚଙ୍କୁ ଭେଟିବାକୁ ଯାଉଛନ୍ତି । ପଞ୍ଚମ ସିଡ୍ ଆମେରିକାର ଫ୍ରିଟେଜ ଏବଂ ଗୋଭାନି ଏମ୍ ପେଟ୍‌ସିଙ୍କ ମଧ୍ୟରେ ମୁକାବିଲା ହେବ । ଗତ ୫ ମାସ ହେବ ଆହତ ସମସ୍ୟା ପାଇଁ ଟେନିସ ଠାରୁ ଦୂରରେ ଥିବା କ୍ରେଜସିକୋଭା ୱିମ୍ବଲଡନକୁ ଫେରିଛନ୍ତି । ସେ ପ୍ରଥମ ରାଉଣ୍ଡରେ ଫିଲିପାଇନ୍ସର ୨୦ ବର୍ଷୀୟା ଇଲାଙ୍କୁ ଭେଟିବେ । ଇଲା ଗତ ମାର୍ଚ୍ଚରେ ଜେଲେନା ଓଷ୍ଟାପେଙ୍କୋ, ମାଡିସନ କିଜ ଏବଂ ଇଗା ସ୍ୱିଟେକ୍‌ଙ୍କୁ ଧରାଶାୟୀ କରି ମିଆମି ସେମିଫାଇନାଲ ପର୍ଯ୍ୟନ୍ତ ଯାଇଥିଲେ । ସେବେଠାରୁ ଏହି ୨୦ ବର୍ଷିୟା ଇଲା ଚର୍ଚ୍ଚାରେ ଅଛନ୍ତି । ଟପ୍‌ସିଡ୍ ଆର୍ଯ୍ୟାନା ସାବାଲେଙ୍କା, ରାଡୁକାନୁ, କେକୋ ଗଫ, ଅନ୍ସ ଜାବେଉର, ଏଲିନା ରିବାକିନା ପ୍ରମୁଖ ୱିମ୍ବଲଡନ ରଣାଙ୍ଗନକୁ ଓହ୍ଲାଇବେ ।

# ଇଣ୍ଡିଆ-ଇଂଲଣ୍ଡ ଦ୍ୱିତୀୟ ଟେଷ୍ଟ: ଖେଳି ନପାରନ୍ତି ବୁମ୍‌ରା

ନୂଆଦିଲ୍ଲୀ, ୨୭।୬ (ଏଜେନ୍ସି) : ଆଣ୍ଡରସନ-ତେନ୍ଦୁଲକର ଟ୍ରଫିର ଦ୍ୱିତୀୟ ମ୍ୟାଚ୍ ଏଜବଷ୍ଟନରେ ଜୁଲାଇ ୨ରୁ ଆରମ୍ଭ ହେବ । ଭାରତ ଓ ଇଂଲଣ୍ଡ ଖେଳାଳି ଏହି ଲଢ଼େଇ ପୂର୍ବରୁ ଜୋରଦାର ଅଭ୍ୟାସ ଆରମ୍ଭ କରିଛନ୍ତି । ତେବେ ଭାରତର ଅଭ୍ୟାସ ସେସନରେ ଦ୍ରୁତ ବୋଲର ଯଶପ୍ରୀତ ବୁମରାଙ୍କୁ ଦେଖିବାକୁ ମିଳି ନଥିଲା । ଏପରିକି ବୁମ୍‌ରା ଏହି ମ୍ୟାଚ୍‌ରେ ଖେଳି ନପାରନ୍ତି ବୋଲି ଖବର ଆସିଛି । ଅବଶ୍ୟ ଏନେଇ ବିଧିବଦ୍ଧ ଭାବେ କୌଣସି ଘୋଷଣା କରାଯାଇ ନାହିଁ । ପ୍ରଥମ ଟେଷ୍ଟରେ ୮୩ ରନ ବିନିମୟରେ ୫ ୱିକେଟ ନେଇଥିଲେ । ତାଙ୍କ ପ୍ରଦର୍ଶନ ସତ୍ତ୍ୱେ ଭାରତ ପ୍ରଥମ ଟେଷ୍ଟରେ ପରାଜିତ ହୋଇଥିଲା । ବୁମ୍‌ରା ଯଦି ଏହି ମ୍ୟାଚ୍ ନଖେଳନ୍ତି, ତେବେ ତାଙ୍କ ସ୍ଥାନରେ ଅର୍ଶଦୀପ ସିଂଙ୍କୁ ସୁଯୋଗ ମିଳିପାରେ । ଘରୋଇ



ଏବଂ ସୀମିତ ଓଭର ବିଶିଷ୍ଟ ମୁକାବିଲାରେ ଅର୍ଶଦୀପ ପ୍ରଭାବିତ କରିଛନ୍ତି । ତାଙ୍କଠାରୁ ଟିମ୍ ଇଣ୍ଡିଆ ଭଲ ବୋଲିଂ ଆଶା ରଖିଛି । ବୁମ୍‌ରା ବର୍ଡର-ଗାଭାସ୍କର ଟ୍ରଫିରେ ୪ ମ୍ୟାଚ୍‌ରେ ୩୦ରୁ ଅଧିକ ୱିକେଟ ନେଇଥିଲେ । ଏହାସତ୍ତ୍ୱେ ଭାରତ ପରାଜିତ ହୋଇଥିଲା । ବୁମ୍‌ରାଙ୍କ ନେତୃତ୍ୱରେ ଭାରତ ପର୍ଥ ଟେଷ୍ଟରେ ଅଷ୍ଟ୍ରେଲିଆକୁ ୯ ୱିକେଟରେ ପରାଜିତ କରିଥିଲା । ବୁମ୍‌ରାଙ୍କ ଅନୁପସ୍ଥିତି ନିଶ୍ଚିତ ଭାବେ ଦଳର ବୋଲିଂ ପ୍ରଦର୍ଶନକୁ ପ୍ରଭାବିତ କରିବ । ଆଣ୍ଡରସନ-ତେନ୍ଦୁଲକର ଟ୍ରଫିରେ ଘରୋଇ ଇଂଲଣ୍ଡ ୧-୦ରେ ଅଗ୍ରଣୀ ହାସଲ କରିଛି । ତେଣୁ ଏଜବଷ୍ଟନ ଟେଷ୍ଟ ଭାରତ ପାଇଁ ଅଧିକ ଗୁରୁତ୍ୱ ବହନ କରିଛି ।

ଭାରତର ଅଭ୍ୟାସ ସେସନ ଭଲ ରହିଥିଲା । ବୁମ୍‌ରାଙ୍କୁ ବାଦ୍ ଦେଲେ ଅନ୍ୟ ସମସ୍ତ ଖେଳାଳି ଦୀର୍ଘ ସମୟ ଧରି ଅଭ୍ୟାସ କରିଥିଲେ । ଫିଲ୍ଡିଂ କୋଚ୍ ପ୍ରସିଦ୍ଧ କ୍ରିଷ୍ଣା ମଧ୍ୟ ଉପସ୍ଥିତ ନଥିଲେ । କିନ୍ତୁ ମହମ୍ମଦ ସିରାଜ ବୋଲିଂ ଅପେକ୍ଷା ବ୍ୟାଟିଂ ପ୍ରତି ଅଧିକ ଧ୍ୟାନ ଦେଇଥିଲେ । ଗୌତମ ଗମ୍ଭୀର, ଦ୍ରୁତ ବୋଲର ଅର୍ଶଦୀପ ସିଂ ଓ ଆକାଶଦୀପଙ୍କ ସହିତ ଆଲୋଚନା କରୁଥିବାର ଦେଖାଯାଇଥିଲା । ଶୁଭମନ ଗିଲ୍ ଓ ରିଷଭ ପନ୍ତ ନେଟ୍ସରେ ବ୍ୟାଟିଂ ଅଭ୍ୟାସ କରିଥିଲେ । ଗୁରୁବାର ଭାରତୀୟ ଖେଳାଳି ଓ ସମସ୍ତ କର୍ମକର୍ତ୍ତା ବର୍ମିହାମ୍ ସ୍ଥିତ ଆଡ୍‌ଭେଞ୍ଚର ପାର୍କରେ ସମୟ ବିତାଇ ଚାପମୁକ୍ତ ହୋଇଛନ୍ତି । ଦଳକୁ ସତେଜ ମୁଡ୍‌ରେ ରଖିବା ପାଇଁ ଗୌତମ ଗମ୍ଭୀରଙ୍କ ଏହି ପ୍ରୟାସକୁ ପ୍ରଶଂସା କରାଯାଇଛି ।

### ବ୍ରିଜଟାଉନ ଟେଷ୍ଟ

# ଇଣ୍ଡିଜ ଅଗ୍ରଣୀ, ଅଷ୍ଟ୍ରେଲିଆ ୧୨୫/୪



ବ୍ରିଜ୍‌ଟାଉନ, ୨୭।୬ (ଏଜେନ୍ସି) : ବ୍ରିଜ୍‌ଟାଉନ ଟେଷ୍ଟ ରୋଚକ ମୋଡ୍‌ରେ ରହିଛି । ପ୍ରଥମ ଦିନ ଭଳି ଦ୍ୱିତୀୟ ଦିନ ମଧ୍ୟ ବୋଲରଙ୍କ ଦବଦବା ଜାରି ରହିଥିଲା । ଦୁଇଦିନ ମଧ୍ୟରେ ଉଭୟ ଇନିଂସର ୨୪ ୱିକେଟ ଝଡ଼ିଛି । ତୃତୀୟ ଦିନ ଖେଳରେ ଅଷ୍ଟ୍ରେଲିଆ ସ୍ଥିତି ସମ୍ଭାଳିବାକୁ ପ୍ରୟାସ ଜାରି ରଖିଛି । ଅଷ୍ଟ୍ରେଲିଆ ପ୍ରଥମ ପାଳିରେ ୧୮୦ ରନ କରି ଅଲଆଉଟ ହୋଇଥିଲା । ଜବାବରେ ୱେଷ୍ଟଇଣ୍ଡିଜ ୧୯୦ ରନ କରି ଅଗ୍ରଣୀ ହାସଲ କରିଥିଲା । ଦ୍ୱିତୀୟ ପାଳିରେ ଅଷ୍ଟ୍ରେଲିଆ ୪୩ ଓଭରରେ ୪ ୱିକେଟ ହରାଇ ୧୨୯ ରନ କରିଛି ।

ଇଣ୍ଡିଜର ପ୍ରଥମ ପାଳିରେ ଜଣେ ମଧ୍ୟ ବ୍ୟାଟର ଅର୍ଦ୍ଧଶତକ ହାସଲ କରିପାରି ନଥିଲେ । କେସି କାର୍ଟି ୨୦, ବ୍ରାଣ୍ଡନ କିଙ୍ଗ ୨୬, ରଷ୍ଟନ ଚେଜ ୪୪, ସାଇ ହୋପ ୪୮, ଅଲଜାରି ଜୋସେଫ ଅପରାଜିତ ୨୩ ରନ କରିଥିଲେ । ତେଣୁ ଇଣ୍ଡିଜ ୬୩.୨ ଓଭରରେ ୧୯୦ ରନ କରି ଅଲଆଉଟ ହୋଇଥିଲା । ବୋଲିଂରେ ଅଷ୍ଟ୍ରେଲିଆର ମିଚେଲ ଷ୍ଟାର୍କ ୩ଟି, ଜୋସ୍ ହାଜଲେଉଡ୍, ପାଟ୍ କମିନ୍ସ ଓ ବ୍ୟୁ ୱେବଷ୍ଟର ୨ଟି କରି ତଥା ନାଥନ ଲିଅନଙ୍କୁ ଗୋଟିଏ ୱିକେଟ ସଫଳତା ମିଳିଥିଲା ।

ଇଣ୍ଡିଜ ଇନିଂସ ଶେଷ ହେବାପରେ ଦ୍ୱିତୀୟ ପାଳି ବ୍ୟାଟିଂ ଆରମ୍ଭ କରିଥିଲା ଅଷ୍ଟ୍ରେଲିଆ । ଦ୍ୱିତୀୟ ଦିବସ ଷ୍ଟମ୍ପ ବେଳକୁ ଅଷ୍ଟ୍ରେଲିଆ ୩୩ ଓଭରରେ ୪ ୱିକେଟ ହରାଇ ୯୨ ରନ କରିଥିଲା । ତୃତୀୟ ଦିନ ଏହିଠାରୁ ଖେଳ ଆରମ୍ଭ କରିଥିଲେ ଅଷ୍ଟ୍ରେଲିଆର ଦୁଇ ଅପରାଜିତ ବ୍ୟାଟର ଟ୍ରେଭିସ ହେଡ୍ ଓ ବ୍ୟୁ ୱେବଷ୍ଟର । ଟ୍ରେଭସ ହେଡ୍ ୬୮ ବଲରୁ ୩୯ ରନ ଓ ୱେବଷ୍ଟର ୬୦ ବଲରୁ ୪୧ ରନ କରି ବ୍ୟାଟିଂ ଜାରି ରଖିଛନ୍ତି । ପୂର୍ବରୁ ସାମ୍ କନଷ୍ଟାସ ୫, ଉସମାନ ଖ୍ୱାଜା ୧୫, କାମେରନ ଗ୍ରୀନ ୧୫ ଓ ଜୋସ୍ ଇଂଲିଶ ୧୨ ରନ କରି ଆଉଟ ହୋଇଥିଲେ । ଇଣ୍ଡିଜର ଜୟଦିନ ସିଲେସ, ସମର ଜୋସେଫ, ଅଲଜାରି ଜୋସେଫ ଓ ଜଷ୍ଟିନ ଗ୍ରେଭସ ଗୋଟିଏ କରି ୱିକେଟ ସଫଳତା ହାସଲ କରିଥିଲେ ।

## ଅଲ-ନାସର କ୍ଲବ ସହ ରୋନାଲ୍ଡୋଙ୍କ ଚୁକ୍ତି ୨ବର୍ଷ ବଢ଼ିଲା

ନୂଆଦିଲ୍ଲୀ ୨୭ ।୬: ବିଶ୍ୱର ଖ୍ୟାତନାମା ଫୁଟବଲର୍ସଙ୍କ ମଧ୍ୟରେ ଅନ୍ୟତମ କ୍ରିଷ୍ଟିୟାନୋ ରୋନାଲ୍ଡୋ । ସେ ୨୦୨୨ ମସିହାରେ ସାଉଦୀ ପ୍ରୋ ଲିଗରେ ଅଲ-ନାସର କ୍ଲବ ସହିତ ରାଜିନାମା କରିଥିଲେ । ଏହି ରାଜିନାମା ଜୁନ ୨୦୨୫ରେ ସମାପ୍ତ ହେଉଥିଲା । ଏବେ ସେ ଅଲ-ନାସର କ୍ଲବ ସହିତ ଡିଲକୁ ଆଉ ୨ ବର୍ଷ ଆଗକୁ ବଢାଇ ଏକ ବଡ ଡିଲ କରିଛନ୍ତି । ଏଣୁ ୟୁରୋପୀୟ ଫୁଟବଲକୁ ରୋନାଲ୍ଡଙ୍କ ପ୍ରତ୍ୟାବର୍ତ୍ତନର ଅଟକଳ ଉପରେ ଫୁଲଷ୍ଟପ ଲାଗିଯାଇଛି । କ୍ରିଷ୍ଟିୟାନୋ ରୋନାଲ୍ଡୋ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସ ରେ ସାଉଦୀ ପ୍ରୋ ଲିଗରେ ଅଲ-ନାସର କ୍ଲବ ସହ ତାଙ୍କ ରାଜିନାମା ଆଉ ଦୁଇ ବର୍ଷ ସମ୍ପ୍ରସାରଣ କରିଥିବା ସୂଚିତ କରିଛନ୍ତି । ସେ ଲେଖିଛନ୍ତି ଯେ 'ଏକ ନୂଆ ଅଧ୍ୟାୟ ଆରମ୍ଭ ହେଲା । ସେହି ନିଶା, ସେହି ସ୍ୱପ୍ନ । ଆସନ୍ତୁ ମିଳିମିଶି ଇତିହାସ ରଚିବା' । ଅନ୍ୟପଟେ ଅଲ-ନାସର କ୍ଲବ କହିଛି ଯେ ରୋନାଲ୍ଡୋଙ୍କ ସହିତ ରାଜିନାମା ୨୦୨୭ ପର୍ଯ୍ୟନ୍ତ ବଢାଇ




ଦିଆଯାଇଛି । ଏଥିରେ ଫ୍ୟାନସଙ୍କ ମନରେ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ଅଲ-ନାସର କ୍ଲବ ସହିତ ରାଜିନାମା ଆଗକୁ ବଢ଼ିବା ଯୋଗୁ ରୋନାଲ୍ଡୋଙ୍କୁ ଆଗାମୀ ୨ ବର୍ଷ ପର୍ଯ୍ୟନ୍ତ କେତେ ଦେୟ ଓ କେଉଁ କେଉଁ ସୁବିଧା ସବୁ ମିଳିବ? ତେବେ ଆସନ୍ତୁ ଜାଣିବା ନୂଆ ରାଜିନାମାରୁ ରୋନାଲ୍ଡୋଙ୍କୁ ମିଳିବ କ'ଣ? ଟାସ୍କ ସ୍ପୋର୍ଟସ୍ ଅନୁସାରେ ଅଲ-ନାସର ସହିତ ରାଜିନାମା ଆଗକୁ ବଢ଼ିବା ଯୋଗୁ ରୋନାଲ୍ଡୋଙ୍କୁ ପ୍ରତିବର୍ଷ ୧୭୮ ମିଲିନୟ ପାଉଣ୍ଡ (ପାଖାପାଖି ୨୦୦୦ କୋଟି ଟଙ୍କା) ମିଳିବ । ଏହା ସହିତ ଫୁଟବଲରଙ୍କୁ ଅନ୍ୟ ଭତ୍ତା ସବୁ ମଧ୍ୟ ମିଳିବ । ଏଥିରେ ଯଦି ଅଲ-ନାସର କ୍ଲବ ଟାଇଟଲ ଟ୍ରଫି ଜିତେ ତେବେ ରୋନାଲ୍ଡୋଙ୍କୁ ଅଲଗା ୮ ମିଲିୟନ ପ୍ରଦାନ କରାଯିବ । ଏହା ଛଡା ସାଇନିଂ ଏମାଉଣ୍ଟ ରୂପେ ରୋନାଲ୍ଡୋଙ୍କୁ ୨୪.୫ ମିଲିୟନ ପ୍ରଦାନ କରାଯିବ । ସେହିପରି କ୍ଲବ ତାଙ୍କ ପ୍ରାଇଭେଟ ଜେଟ୍ ଖର୍ଚ୍ଚ ମଧ୍ୟ ବହନ କରିବ । ଉଲ୍ଲେଖଯୋଗ୍ୟ ଯେ ପର୍ତ୍ତୁଗାଲ ଫୁଟବଲର ରୋନାଲ୍ଡୋଙ୍କ ପ୍ରଦର୍ଶନ ଅଲ-ନାସର କ୍ଲବ ପାଇଁ ଉଲ୍ଲେଖନୀୟ ରହିଛି । ସେ ଏହି କ୍ଲବ ପାଇଁ ଟପ ସ୍କୋରର ମଧ୍ୟ । ସେ କ୍ଲବରେ ଖେଳିବା କାଳରେ ମୋଟ ୨୫ଟି ଗୋଲ ସ୍କୋର କରିଛନ୍ତି । ହେଲେ ଅଲ-ନାସର କ୍ଲବ ଏପର୍ଯ୍ୟନ୍ତ ସାଉଦୀ ପ୍ରୋ ଲିଗ ଟାଇଟଲ ଜିତି ନାହିଁ । ତେବେ ଫ୍ୟାନ୍ସ ଆଶା କରୁଛନ୍ତି ଏଥର ରୋନାଲ୍ଡୋ ନିଶ୍ଚିତ ରୂପେ ଟିମକୁ ଚାମ୍ପିଅନ କରିବେ ।

## ପାୱାର ଗ୍ରିଡ ଆନ୍ତଃ କ୍ଷତ୍ରୀୟ ଚେସ୍ ମହିଳା ବର୍ଗରେ କମଲେଶ ଭୋରାନି ଚାମ୍ପିଅନ

ଭୁବନେଶ୍ୱର, ୨୭।୬ (ସବ୍ୟୁ) : ସ୍ଥାନୀୟ ମେ ଫେୟାର କନ୍‌ଭେନସନ ହଲ ପରିସରରେ ପାୱାର ଗ୍ରିଡ ଓଡ଼ିଶା ପରି ଯୋଜନା ଆନୁକୂଲ୍ୟରେ ଅନୁଷ୍ଠିତ ଆନ୍ତଃ କ୍ଷତ୍ରୀୟ ଚେସ୍ ପ୍ରତିଯୋଗିତାର ମହିଳା ବର୍ଗରେ କମଲେଶ ଭୋରାନି ଚାମ୍ପିଅନ ହୋଇଛନ୍ତି । ପ୍ରତିଯୋଗିତାର ଦ୍ୱିତୀୟ ଦିବସରେ ମହିଳା ବର୍ଗର ସମସ୍ତ ୫ ରାଉଣ୍ଡ ଖେଳ ଅନୁଷ୍ଠିତ ହୋଇଥିଲା । ୫ ରାଉଣ୍ଡରୁ କେନ୍ଦ୍ରୀୟ ବିଦ୍ୟାଳୟ ଗୁରୁଗାଓଁର କମଲେଶ ଭୋରାନି ୫ ପଏଣ୍ଟ ସଂଗ୍ରହ କରି ଚାମ୍ପିଅନ ହୋଇଛନ୍ତି । ୪ ପଏଣ୍ଟ ସହ ହିମାଂଶି ଏବଂ ସାହିସ୍ତା ହନିଫ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ମନିସା ସିଂ, ତନୁଜା ମୋଦି, ତରଣ୍ୟା ଅମ୍ରାତି, ଚରଣପ୍ରୀତ କୌର, ନିଶା ଶେଖର, ଚୌଧୁରୀ ପ୍ରଣାଳୀ ପାଣ୍ଡୁରଙ୍ଗା ଏବଂ ସଗିନା ଜୈନ ୩ ପଏଣ୍ଟ ଲେଖାଏଁ ସଂଗ୍ରହ କରି ଯଥାକ୍ରମେ ୪ଥରୁ ୧୦ ସ୍ଥାନ ଅଧିକାର କରିଛନ୍ତି ।

ପୁରୁଷ ବର୍ଗର ୫ ରାଉଣ୍ଡରୁ ୪.୫ ପଏଣ୍ଟ ସହ ଗୌରଭ କୁମାର ଏବଂ କନ୍ଦ୍ରେଶ ରବିନ୍ଦ୍ର କଟୱାଲ ମିଳିତ ଭାବେ ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ୪ ପଏଣ୍ଟ ସହ ଗୌହର ଅହମ୍ମଦ ମୀର, ଅବିନାଶ କୁମାର, ନାଗପ୍ରଭା କଲ୍ୟାଣ କୁମାର, ଜେ କଟେଶ୍ୱର ରାଓ ଏବଂ ଲୁଟ୍‌ଫର ରହମାନ ମିଳିତ ଭାବେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି । ଶନିବାର ପୁରୁଷ ବର୍ଗର ଅବଶିଷ୍ଟ ଦୁଇ ରାଉଣ୍ଡ ଖେଳ ଅନୁଷ୍ଠିତ ହେବା ସହ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ । ଉକ୍ତ ପ୍ରତିଯୋଗିତାକୁ ଅନ୍ତର୍ଜାତୀୟ ଆର୍ବିଟର ସନ୍ତୋଷ କୁମାର ମହାପାତ୍ର, ସୁରେଶ ଚନ୍ଦ୍ର ସାହୁ ଏବଂ ତାପସ କୁମାର ମହାନ୍ତି ପରିଚାଳନା କରୁଛନ୍ତି ।

## ବ୍ରାଡମ୍ୟାନଙ୍କ ରେକର୍ଡ ଭାଙ୍ଗିବା ପାଇଁ ୧୮୩ରନ୍ ପଛରେ ଜୈସୱାଲ

ଲୀଡ୍ସ,,୨୭ ।୬(ଏଜେନ୍ସି): ଆଣ୍ଡରସନ-ତେନ୍ଦୁଲକର ଟ୍ରଫିର ପ୍ରଥମ ମୁକାବିଲାରେ ଭାରତ ପରାଜିତ ହୋଇଛି । ଏହି ମ୍ୟାଚରେ ଯଶସ୍ୱୀ ଜୈସୱାଲ ଶତକ ହାସଲ କରିଥିଲେ । ସେ ଚଳିତ ଶୃଙ୍ଖଳରେ ୧୮୩ ରନ ସଂଗ୍ରହ କଲେ ମହାନ ବ୍ୟାଟ୍ସମ୍ୟାନ ଡନ ବ୍ରାଡମ୍ୟାନଙ୍କ ରେକର୍ଡ ଭଙ୍ଗ କରିବେ । ସେ ଟେଷ୍ଟ ପଦାର୍ପଣ ପରଠାରୁ ୧୧ ଇନିଂସରେ ୮୧୭ ରନ ସଂଗ୍ରହ କରିଛନ୍ତି । ଇଂଲଣ୍ଡ ବିପକ୍ଷରେ ଦ୍ରୁତ ୧୦୦୦ ରନ ସଂଗ୍ରହ କରିବା ରେକର୍ଡ ଏବେ ବି ବ୍ରାଡମ୍ୟାନଙ୍କ ନାମରେ ରହିଛି । ସେ ୧୩ଟି ଇନିଂସରେ ଏହି ଉପଲବ୍ଧି ହାସଲ କରିଥିଲେ ।

ପ୍ରଥମ ଟେଷ୍ଟରେ ଭାରତର ଟପ ଅର୍ଡର ଭଲ ବ୍ୟାଟିଂ ପ୍ରଦର୍ଶନ କରି ସୁବିଧାଜନକ ସ୍ଥିତିରେ ପହଞ୍ଚାଇଥିଲେ । ତେବେ ନିମ୍ନ ଭାଗରେ ଖରାପ ବ୍ୟାଟିଂ, ବିଶୃଙ୍ଖଳିତ ଫିଲ୍ଡିଂ ଓ ବୋଲରଙ୍କ ନୈରାଶ୍ୟଜନକ ପ୍ରଦର୍ଶନ ଯୋଗୁ ପରାଜିତ ହୋଇଥିଲା । ରିଷଭ ପନ୍ତ ଉଭୟ ଇନିଂସରେ ଶତକ ହାସଲ କରିଥିବା ବେଳେ ଜୈସୱାଲ, ଶୁଭମନ ଗିଲ, କେଏଲ ରାହୁଲ ଶତକ ହାସଲ କରିଥିଲେ ।

# ଭାରତରେ ୨୦୨୯ ବିଶ୍ୱ ପୋଲିସ, ଅଗ୍ନିଶମ କ୍ରୀଡା

ନୂଆଦିଲ୍ଲୀ,୨୭ ।୬(ଏଜେନ୍ସି): ଭାରତରେ ୨୦୨୯ରେ ବିଶ୍ୱ ପୋଲିସ୍ ଓ ଅଗ୍ନିଶମ କ୍ରୀଡା ଆୟୋଜିତ ହେବାର ବାଟ ଫିଟିଛି । ଏହାକୁ ପ୍ରତ୍ୟେକ ନାଗରିକଙ୍କ ପାଇଁ ଅତ୍ୟନ୍ତ ଗର୍ବର ମୁହୂର୍ତ୍ତ ବୋଲି କହିଛନ୍ତି କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ । ଏହି କାର୍ଯ୍ୟକ୍ରମର ଆୟୋଜନ ପାଇଁ ସମ୍ମାନଜନକ ନିଲାମ ଡାକ ଭାରତ ଜିତିବା ହେଉଛି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ନିର୍ମିତ ଆମର ବିଶାଳ କ୍ରୀଡ଼ା ଭିତ୍ତିଭୂମିର ଏକ ବିଶ୍ୱସ୍ତରୀୟ ସ୍ୱିକୃତୀ ।

ଅହମ୍ମଦାବାଦକୁ ଏହି କାର୍ଯ୍ୟକ୍ରମର ସ୍ଥାନ ଭାବରେ ଚୟନ କରାଯିବା ଏକ କ୍ରୀଡ଼ା ଗନ୍ତବ୍ୟସ୍ଥଳ ଭାବରେ ସହରର ବର୍ଦ୍ଧିତ ପ୍ରତିଷ୍ଠାର ଏକ ପ୍ରମାଣ କେନ୍ଦ୍ର । ସ୍ୱରାଷ୍ଟ୍ର ତଥା ସମବାୟ ମନ୍ତ୍ରୀ ଅମିତ ଶାହ ୨୦୨୯ ମସିହାର ସମ୍ମାନଜନକ ବିଶ୍ୱ ପୋଲିସ ଏବଂ ଅଗ୍ନିଶମ କ୍ରୀଡା ପାଇଁ ଆୟୋଜକ ଦେଶ ଭାବେ ଭାରତ ମନୋନୀତ ହୋଇଥିବାରୁ ଖୁସି ବ୍ୟକ୍ତ କରି ଏହାକୁ ପ୍ରତ୍ୟେକ ନାଗରିକଙ୍କ ପାଇଁ ଏକ ଗର୍ବର ମୁହୂର୍ତ୍ତ ବୋଲି କହିଛନ୍ତି ।

୧୯୮୫ ମସିହାରୁ ପ୍ରତି ଦୁଇ ବର୍ଷରେ ଥରେ ବିଶ୍ୱ ପୋଲିସ ଏବଂ ଅଗ୍ନିଶମ କ୍ରୀଡ଼ାର ଆୟୋଜନ କରାଯାଉଛି । ଖେଳ ଆରମ୍ଭ ହେବା ପରଠାରୁ ଏପର୍ଯ୍ୟନ୍ତ ଏହାର ୨୦ଟି ସଂସ୍କରଣ ଅନୁଷ୍ଠିତ ହୋଇଛି । (ଆମେରିକା-୮ ଥର, କାନାଡା-୫ ଥର,ୟୁରୋପ-୪ ଥର, ବ୍ରିଟେନ-୨ ଥର ଏବଂ ଚୀନ୍-ଥରେ) । ଏହି ଖେଳଗୁଡ଼ିକ ପୋଲିସ୍/ଅଗ୍ନିଶମ/ଚିକିତ୍ସା/ଜରୁରୀକାଳୀନ/ ବିପର୍ଯ୍ୟୟ ସେବାର କାର୍ଯ୍ୟରତ ଏବଂ ଅବସରପ୍ରାପ୍ତ କର୍ମଚାରୀ ଏବଂ ପ୍ରଥମ ପ୍ରତିକ୍ରିୟାଶୀଳଙ୍କ ପାଇଁ ଉନ୍ମୁକ୍ତ । ଭାରତୀୟ ପୋଲିସ୍ ଦଳ ପ୍ରଥମେ ୨୦୦୭ ରେ ଆଡିଲେଡ୍ ବିଶ୍ୱ ପୋଲିସ୍ ଏବଂ ଅଗ୍ନିଶମ କ୍ରୀଡାରେ ଏହି ଖେଳରେ ଅଂଶଗ୍ରହଣ କରିଥିଲେ । ଶେଷ (୨୦ ତମ ସଂସ୍କରଣ) ବିଶ୍ୱ ପୋଲିସ ଏବଂ ଅଗ୍ନିଶମ କ୍ରୀଡା ଜୁଲାଇ ୨୬ ରୁ ଅଗଷ୍ଟ ୬,୨୦୨୩ ମଧ୍ୟରେ କାନାଡାର ୱିନିପେଗରେ ଅନୁଷ୍ଠିତ ହୋଇଥିଲା, ଯେଉଁଠାରେ ୧୩୩ ଜଣ ଭାରତୀୟ ପୋଲିସ କ୍ରୀଡ଼ାବିତ ରେକର୍ଡ ୩୪୩ ପଦକ ଜିତିଥିଲେ । ୨୦୦୭ ରେ ଅଂଶଗ୍ରହଣ କରିବା ପରଠାରୁ, ଭାରତୀୟ ପୋଲିସ ଦଳ ଖେଳର ୮ ଟି ସଂସ୍କରଣରେ ୧୪୦୦ ରୁ ଅଧିକ ପଦକ ଜିତିଛନ୍ତି । ବିଶ୍ୱ ପୋଲିସ୍ ଏବଂ ଅଗ୍ନିଶମ କ୍ରୀଡା ପାଇଁ ଭାରତୀୟ ଦଳ ସେହି ବର୍ଷ ଅନୁଷ୍ଠିତ ବାର୍ଷିକ ଅଖିଳ ଭାରତୀୟ ପୋଲିସ୍ କ୍ରୀଡାରେ ଖେଳାଳିଙ୍କ ପ୍ରଦର୍ଶନ ଆଧାରରେ ଚୟନ କରାଯାଏ । ଦେଶରେ ପୋଲିସ୍ କ୍ରୀଡ଼ାର ଆୟୋଜନ ପାଇଁ ପରିଚାଳନା ସଂସ୍ଥା ଅଖିଳ ଭାରତୀୟ ପୋଲିସ୍ କ୍ରୀଡା ନିୟନ୍ତ୍ରଣ ବୋର୍ଡ, ଯେଉଁଥିରେ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ୍ ବାହିନୀ (ସିଏପିଏଫ), ରାଜ୍ୟ ପୋଲିସ୍ ବାହିନୀ ଏବଂ ଅନ୍ୟାନ୍ୟ ସୁରକ୍ଷା ଏଜେନ୍ସିଗୁଡ଼ିକର ୫୩ ଜଣ ସଦସ୍ୟ ସଂଗଠନ ଅଛନ୍ତି, ପ୍ରତିବର୍ଷ ୪୦ ଟି ବାର୍ଷିକ ପୋଲିସ୍ କ୍ରୀଡା ଆୟୋଜନ କରନ୍ତି ସେହି ବର୍ଷ ସର୍ବଭାରତୀୟ ପୋଲିସ୍ କ୍ରୀଡା ସମୟରେ ବିଭିନ୍ନ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ବିଜେତାଙ୍କୁ ବିଶ୍ୱ ପୋଲିସ୍ ଏବଂ ଅଗ୍ନିଶମ କ୍ରୀଡା ଲାଗି ଭାରତୀୟ ଦଳ ପାଇଁ ମନୋନୀତ କରାଯାଏ ।

# ବାନ୍ଧବୀଙ୍କୁ ହୋଟେଲ ରୁମ୍‌କୁ ଆଣୁଥିଲେ ଧାୱନ

ନୂଆଦିଲ୍ଲୀ, ୨୭।୬ (ଏଜେନ୍ସି) : ଟିମ୍ ଇଣ୍ଡିଆର ପୂର୍ବତନ ଖେଳାଳି ଶିଖର ଧାୱନ ସର୍ବଦା ଜୀବନକୁ ଉପଭୋଗ କରିବାକୁ ଭଲପାଆନ୍ତି । ପଡ଼ିଆ ଭିତରେ ହେଉ କି ବାହାରେ ସେ ସବୁବେଳେ ହସ ମଜାରେ ଜୀବନ କାଟନ୍ତି । ଭାରତୀୟ ଦଳର ଏହି ପୂର୍ବତନ ଓପନର ଏବେ ନିଜ ସମ୍ପର୍କରେ ଏକ ସାଙ୍ଘାତିକ ଘଟଣାର ଖୁଲାସା କରିଛନ୍ତି । ୨୦୦୬ ମସିହାର ଏହି ଘଟଣାକୁ ସେ ପରିପ୍ରକାଶ କରିଛନ୍ତି । ଭାରତୀୟ -ଏ ଦଳର ଅଷ୍ଟ୍ରେଲିଆ ଗସ୍ତ ସମୟର କଥାକୁ ସେ ମନେପକାଇଛନ୍ତି । ସେଠାରେ ଜଣେ ଯୁବତୀଙ୍କୁ ଧାୱନ ପ୍ରେମ କରୁଥିଲେ । ପରବର୍ତ୍ତୀ ଅବସ୍ଥାରେ ସେ ତାଙ୍କୁ ନିଜ ହୋଟେଲ ରୁମ୍‌କୁ ଗୁପ୍ତ ଭାବେ ଆଣୁଥିଲେ । ଏହି ଟୁର୍ ବେଳେ ଧାୱନ ଭାରତୀୟ ଦିନିକିଆ ଦଳର ରୋହିତ ଶର୍ମାଙ୍କ ସହ ରୁମ୍ ସେୟାର କରୁଥିଲେ । ବାନ୍ଧବୀଙ୍କୁ ହୋଟେଲ ରୁମ୍‌କୁ ଆଣୁଥିବାବେଳେ ରୋହିତଙ୍କ ପ୍ରତିକ୍ରିୟା କ'ଣ ଥିଲା ତା'ର ଖୁଲାସା କରିଛନ୍ତି ଧାୱନ । ଅଷ୍ଟ୍ରେଲୀୟ ଯୁବତୀଙ୍କ ସହ ଧାୱନ ପ୍ରେମ ସମ୍ପର୍କ ଦଳର ସବୁ ଖେଳାଳିଙ୍କ ଭିତରେ ଭାଇରାଲ ହୋଇଥିଲା ।



ଧାୱନ ନିଜର ଅଟୋ ବାୟୋଗ୍ରାଫିରେ କହିଛନ୍ତି, ସେ ଯୁବତୀ ଖୁବ ସୁନ୍ଦର ଥିଲେ । ହଠାତ ତାଙ୍କ ସହ ମୋର ଭଲପାଇବା ଆରମ୍ଭ ହୋଇଥିଲା । ମୁଁ ଭାବିନେଇଥିଲି ଯେ ସେ କେବଳ ମୋ ପାଇଁ ଏବଂ ମୁଁ ତାଙ୍କୁ ବିବାହ କରିବି । ମୁଁ ଟୁର୍ ଆରମ୍ଭରେ ଅର୍ଦ୍ଧଶତକ ହାସଲ କରୁଥିଲି । ମୋର ଗସ୍ତ ବେଶ୍ ଚମତ୍କାର ରହିଥିଲା । ପ୍ରତିଟି ମ୍ୟାଚ୍ ପରେ ମୁଁ ତାଙ୍କୁ ଦେଖାକରିବାକୁ ଯାଉଥିଲି । ଏହାପରେ ମୁଁ ତାଙ୍କୁ ହୋଟେଲ ରୁମ୍‌କୁ ଆଣିବା ଆରମ୍ଭ କରିଥିଲି । ରୋହିତ ଶର୍ମାଙ୍କ ସହ ମୁଁ ରୁମ୍ ସେୟାର କରୁଥିଲି । ରୋହିତ କହୁଥିଲେ, କ'ଣ ତୁମେ ମୋତେ ରୁମ୍‌ରେ ଶୋଇବାକୁ ଦେବନାହିଁ?

ଗୋଟିଏ ସନ୍ଧ୍ୟାରେ ବାନ୍ଧବୀଙ୍କ ସହ ଡିନର ପାଇଁ ଯାଇଥିଲି । ଏହି ସମୟରେ ମୋ ସହ ତାଙ୍କର ଉପସ୍ଥିତି ଦଳ ଭିତରେ ନିଆଁ ଭଳି ବ୍ୟାପିଯାଇଥିଲା । ଆମେ ହାତ ଧରାଧରି ହୋଇ ହୋଟେଲ ଲବିରେ ଚାଲୁଥିଲାବେଳେ ଜଣେ ଜାତୀୟ ଚୟନକର୍ତ୍ତାଙ୍କ ନଜର ଆମ ଉପରେ ପଡ଼ିଥିଲା । ତାଙ୍କୁ ଦେଖି ଆମେ ପରସ୍ପରର ହାତ ଛାଡ଼ି ନଥିଲୁ । କାରଣ ମୁଁ ଜାଣିଥିଲି ଯେ କୌଣସି ଭୁଲ କରିନାହିଁ । ଅଷ୍ଟ୍ରେଲିଆ ଟୁର୍‌ରେ ଯଦି ମୁଁ ସ୍ଥିର ପ୍ରଦର୍ଶନ କରିଥାନ୍ତି, ତେବେ ଜାତୀୟ ଦଳରେ ଚୟନ ନିଶ୍ଚିତ ଥିଲା । କିନ୍ତୁ ପ୍ରଦର୍ଶନ ସେତେଟା ଭଲ ନଥିଲା । ଭାରତ ପାଇଁ ଧାୱନ ୩୪ ଟେଷ୍ଟ, ୧୬୭ ଦିନିକିଆ ଏବଂ ୬୮ଟି ଟି-୨୦ ମ୍ୟାଚ୍ ଖେଳିଛନ୍ତି ।

ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ବନ୍ଧୁ ମାନେ ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ / ଇମେଲ୍ classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ରେ ଯୋଗାଯୋଗ କରନ୍ତୁ ।

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି